# ଧରିତ୍ରୀ DHARITRI

ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୧୮/୨୦୨୩ (୧୮ ପୃଷ୍ଠା) | Bhubaneswar, Wednesday, October 18/2023 | Page 18 | ₹ 7.00

୪୯ଶ ଭାଗ ୩୨୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 324 | ମୂଲ୍ୟ ₹୭/-





KP GROUP
Quality Since 1965
KAMLA PASAND
SILVER COATED ELAICHI
KAMLA PASAND
Anokha Swad
KP GROUP
Quality Since 1965
Anokha Swad
THIS CONTAINS SODIUM SACCHARIN (INS 954) or SUCRALOSE (INS 955) and NEOTAME (INS 961)
NOT RECOMMENDED FOR CHILDREN, NO SUGAR ADDED IN THE PRODUCT.
CONTAINS ARTIFICIAL SWEETENER AND FOR CALORIE CONSCIOUS.
Watch at:
You Tube

# ଧରିତ୍ରୀ DHARITRI

ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୧୮/୨୦୨୩ | Bhubaneswar, Wednesday, October 18/2023 | ପୃଷ୍ଠା-୧




**କିଶୋର ଜେନା ସମ୍ବର୍ଦ୍ଧିତ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜାଭେଲିନ ଥ୍ରୋୟର କିଶୋର ଜେନାଙ୍କୁ ଦେଢ଼ କୋଟି ଟଙ୍କା ପୁରସ୍କାର ସହ ସମ୍ବର୍ଦ୍ଧିତ କରିଛନ୍ତି।

୧୬

୧୩

**ବିବାହ ଶାଢ଼ି ପିନ୍ଧି ପୁରସ୍କାର ଗ୍ରହଣ କଲେ**

ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ ଜାତୀୟ ପୁରସ୍କାର ଗ୍ରହଣ କରିବା ସମୟରେ ନିଜ ବିବାହ ଶାଢ଼ି ପିନ୍ଧିଥିବା ଦେଖିବାକୁ ମିଳିଛି।



# ବିଶ୍ୱକପରେ ଆଉ ଏକ ବିପର୍ଯ୍ୟୟ

## ଦକ୍ଷିଣ ଆଫ୍ରିକାକୁ ହରାଇଲା ନେଦରଲାଣ୍ଡ୍ସ

**ଧର୍ମଶାଳା, ୧୭।୧୦**

ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଦ୍ୱିତୀୟ ବିପର୍ଯ୍ୟୟ ଘଟାଇଛି ନେଦରଲାଣ୍ଡ୍ସ। ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଏହି ଦଳ ଅପେକ୍ଷାକୃତ ଶକ୍ତିଶାଳୀ ଦକ୍ଷିଣ ଆଫ୍ରିକାକୁ ୩୮ ରନରେ ପରାସ୍ତ କରିଛି। ବର୍ଷା ଯୋଗୁ ବିଳମ୍ବରେ ଖେଳ ଆରମ୍ଭ ହେବାରୁ ମ୍ୟାଚକୁ ୪୩ ଓଭର ବିଶିଷ୍ଟ କରାଯାଇଥିଲା। ଏହାପରେ ପିଚ୍ ବିଶେଷକରି ବୋଲରଙ୍କୁ ସହାୟକ ହୋଇଥିଲା। ଅଧିନାୟକ ସ୍କଟ ଏଡ୍‌ୱାର୍ଡ୍ସଙ୍କ ଅର୍ଦ୍ଧଶତକ ସହାୟତାରେ ନେଦରଲାଣ୍ଡ୍ସ ନିର୍ଦ୍ଧାରିତ ୪୩ ଓଭରରେ ୮ ଉଇକେଟ ହରାଇ ୨୪୫ ରନ କରିଥିଲା। ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ଦକ୍ଷିଣ ଆଫ୍ରିକା ଚାପ ସ୍ଥିତିରୁ ମୁକୁଳି ନ ପାରି ୪୨.୫ ଓଭରରେ ୨୦୭ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା। ଏହା ପୂର୍ବରୁ ଗତ ୧୫ ତାରିଖରେ ଦିଲ୍ଲୀରେ ଅନୁଷ୍ଠିତ ମ୍ୟାଚରେ ଡିଫେଣ୍ଡିଂ ଚାମ୍ପିୟନ ଇଂଲଣ୍ଡକୁ ହରାଇ ବିପର୍ଯ୍ୟୟ ଘଟାଇଥିଲା ଆଫଗାନିସ୍ତାନ। ଏବେ ନେଦରଲାଣ୍ଡ୍ସ ଦ୍ୱିତୀୟ ଦଳଭାବେ ଉଚ୍ଚ ର୍‍ୟାଙ୍କପ୍ରାପ୍ତ ଦଳ ବିପକ୍ଷରେ ନିଜର ଦକ୍ଷତା ଦେଖାଇଛି। ଆଇସିସି ଟୁର୍ନାମେଣ୍ଟରେ ☞ପୃଷ୍ଠା-୨



ଉଇକେଟ୍ ନେବା ପରେ ରୋଏଲଫ ଭାନ୍ ଡର୍ ମେରୱେ।

# ସମଲିଙ୍ଗୀ ବିବାହକୁ ସୁପ୍ରିମକୋର୍ଟଙ୍କ ନା

**ସୁପ୍ରିମକୋର୍ଟର ୫ ଜଣିଆ ସାମ୍ବିଧାନିକ ପୀଠ ମଙ୍ଗଳବାର ସମଲିଙ୍ଗୀ ବିବାହକୁ ସ୍ୱତନ୍ତ୍ର ବିବାହ ଆଇନ ଅଧୀନରେ ଆଇନଗତ ସ୍ୱୀକୃତି ଦେବାକୁ ମନାକରିଦେଇଛନ୍ତି। ଏପରି ମିଳନକୁ ବୈଧ କରିବା ସକାଶେ ଆଇନରେ ପରିବର୍ତ୍ତନ ପାଇଁ ପାର୍ଲାମେଣ୍ଟ ନିଷ୍ପତ୍ତି ନେଇପାରିବ ବୋଲି ସ୍ପଷ୍ଟ କରିଛନ୍ତି। ତେବେ ଅସ୍ୱାଭାବିକ ବା ଅପ୍ରାକୃତିକ ଯୌନ ସମ୍ପର୍କ ରକ୍ଷାକାରୀ ବ୍ୟକ୍ତିମାନଙ୍କ ସୁରକ୍ଷା ଅଧିକାରଗୁଡ଼ିକୁ ପୀଠ ସ୍ୱୀକୃତି ପ୍ରଦାନ କରିଛନ୍ତି।**

**ନୂଆଦିଲ୍ଲୀ, ୧୭।୧୦**

ବିନା ବିବାହରେ ଏକତ୍ର ରହି ସମ୍ପର୍କ ରଖୁଥିବା ସମଲିଙ୍ଗୀମାନେ ଯେପରି ଭେଦଭାବର ଶିକାର ନ ହେବେ, ସେଥିଲାଗି ଜନସାଧାରଣଙ୍କୁ ସଚେତନ କରାଯିବା ଉପରେ ଶୀର୍ଷ ଅଦାଲତ ଗୁରୁତ୍ୱାରୋପ କରିଛନ୍ତି। ସୁପ୍ରିମକୋର୍ଟ ୪ଟି ପୃଥକ୍ ରାୟ ଦେଇଥିବାବେଳେ ବିବାହ ପାଇଁ କୌଣସି 'ଅଯୋଗ୍ୟ ଅଧିକାର ନାହିଁ' ଏବଂ ସମଲିଙ୍ଗୀ ଯୋଡ଼ି ଏହାକୁ ସମ୍ବିଧାନ ପ୍ରଦତ୍ତ ଏକ ମୌଳିକ ଅଧିକାର ରୂପେ ଦାବି କରିପାରିବେ ନାହିଁ ବୋଲି କହିଛନ୍ତି। ସମଲିଙ୍ଗୀ ବିବାହକୁ ଆଇନଗତ ସ୍ୱୀକୃତି ପ୍ରଦାନ ସକାଶେ ☞ପୃଷ୍ଠା-୨

## ସମଲିଙ୍ଗୀ ମିଳନକୁ ବୈଧ କରିବା ସକାଶେ ଆଇନରେ ପରିବର୍ତ୍ତନ କରିପାରିବ ପାର୍ଲାମେଣ୍ଟ: ସାମ୍ବିଧାନିକ ପୀଠ



ସାମ୍ବିଧାନିକ ପୀଠର ୫ ବିଚାରପତି ହେଲେ (ବାମରୁ) ଜଷ୍ଟିସ ହିମା କୋହଲି, ଜଷ୍ଟିସ ସଞ୍ଜୟ କେ. କୌଲ, ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ ଏସ୍. ରବୀନ୍ଦ୍ର ଭଟ୍ଟ ଓ ଜଷ୍ଟିସ ପି.ଏସ୍. ନରସିଂହ।

## ୩୪ ଦେଶରେ ସମଲିଙ୍ଗୀ ବିବାହ ବୈଧ

ସୁପ୍ରିମକୋର୍ଟଙ୍କ ୫ ଜଣିଆ ସାମ୍ବିଧାନିକ ପୀଠ ମଙ୍ଗଳବାର ସମଲିଙ୍ଗୀ ବିବାହକୁ ଆଇନଗତ ସ୍ୱୀକୃତି ଦେବାକୁ ମନାକରିଛନ୍ତି। କିନ୍ତୁ ଏହା ପୂର୍ବରୁ ବିଶ୍ୱର ୩୪ ଦେଶରେ ସମଲିଙ୍ଗୀ ଯୋଡ଼ି ଆଇନଗତ ଭାବେ ବିବାହ କରିଆସୁଛନ୍ତି। ଏହାକୁ ସଦ୍ୟ ବୈଧ ମାନ୍ୟତା ଦେଇଥିବା ଦେଶ ହେଉଛି ଆଣ୍ଡୋରା। ସେହିପରି ୩୫ତମ ରାଷ୍ଟ୍ର ଭାବେ ଏଷ୍ଟୋନିଆରେ ଆସନ୍ତା ବର୍ଷରୁ ସମଲିଙ୍ଗୀ ବିବାହ ଆଇନଗତ ବୈଧତା ଲାଭ କରିବାକୁ ଯାଉଛି। ଆର୍ଜେଣ୍ଟିନା ୨୦୧୦ରେ ସମଲିଙ୍ଗୀ ବିବାହକୁ ଆଇନଗତ ସ୍ୱୀକୃତି ଦେଇଥିବାବେଳେ ଅଷ୍ଟ୍ରେଲିଆ (୨୦୧୭), ଜର୍ମାନୀ (୨୦୧୭), ମେକ୍ସିକୋ (୨୦୧୦), ବ୍ରିଟେନ୍ (୨୦୧୪), ସ୍କଟଲାଣ୍ଡ (୨୦୧୪), ନର୍ଦନ ଆୟର୍ଲାଣ୍ଡ (୨୦୨୦)ରେ ଏହାକୁ ବୈଧ କରିଛି। ଆମେରିକାରେ ୨୦୧୫ ଜୁଲାଇ ୯ରୁ ସମଲିଙ୍ଗୀ ଯୋଡ଼ି ବିପରୀତ ଲିଙ୍ଗୀଙ୍କ ଭଳି ବିବାହ ପାଇଁ ଆଇନଗତ ସ୍ୱୀକୃତି ପାଇଆସୁଛନ୍ତି।

## ୩୫ ଦେଶରେ ସିଭିଲ ୟୁନିୟନ୍

୩୫ ଦେଶରେ ସିଭିଲ ୟୁନିୟନ୍ ବା ପଞ୍ଜୀକୃତ ସମ୍ପର୍କକୁ ଆଇନଗତ ସ୍ୱୀକୃତି ଦିଆଯାଇଛି। ସିଭିଲ ପାର୍ଟନରଶିପ୍ କୁହାଯାଉଥିବା ସିଭିଲ ୟୁନିୟନ୍ ହେଉଛି ବିବାହ ସଦୃଶ ଏକ ଆଇନଗତ ସ୍ୱୀକୃତିପ୍ରାପ୍ତ ବ୍ୟବସ୍ଥା। ଏହା ମୁଖ୍ୟତଃ ସମଲିଙ୍ଗୀ ଦମ୍ପତିଙ୍କୁ ଆଇନଗତ ସ୍ୱୀକୃତି ପ୍ରଦାନ ନିମନ୍ତେ ଉଦ୍ଦିଷ୍ଟ। ସିଭିଲ ୟୁନିୟନ୍ ବଳରେ ଦୁଇଜଣ ବ୍ୟକ୍ତି ଆଇନତଃ ସମ୍ପର୍କ ରଖିପାରିବେ। କିନ୍ତୁ ବିପରୀତ ଲିଙ୍ଗୀ ଦମ୍ପତିଙ୍କ ବିବାହ ଭଳି ଅଧିକାର ପାଇବେ ନାହିଁ। ଡେନ୍‌ମାର୍କ ହେଉଛି ପ୍ରଥମ ଦେଶ, ଯେଉଁଠି ସମଲିଙ୍ଗୀ ଯୋଡ଼ିଙ୍କୁ ୧୯୮୯ରେ ଏକାଠି ରହିବାକୁ ବୈଧ ଅନୁମତି ପ୍ରଦାନ କରାଯାଇଥିଲା। ସେହିପରି ବ୍ରାଜିଲରେ ୨୦୦୨ରୁ ସମଲିଙ୍ଗୀ ଯୋଡ଼ି ସିଭିଲ ୟୁନିୟନ୍ ଅଧିକାର ଉପଭୋଗ କରିଆସୁଛନ୍ତି। ଆଣ୍ଡୋରା (୨୦୧୪), ଚିଲି (୨୦୧୫), ଏଷ୍ଟୋନିଆ (୨୦୧୬) ଏବଂ ସ୍ଲୋଭେନିଆ ୨୦୧୭ରେ ଏହି ବ୍ୟବସ୍ଥାକୁ ସ୍ୱୀକୃତି ଦେଇଥିବାବେଳେ ଜାପାନର କେତେକ ପୌରପାଳିକାରେ ୨୦୨୧ ପୂର୍ବରୁ ସିଭିଲ ୟୁନିୟନ୍‌କୁ ଆଇନତଃ ମାନ୍ୟତା ପ୍ରଦାନ କରାଯାଇଛି।

## ୨୯ରୁ ଭୁବନେଶ୍ୱରରୁ ଗୁଆହାଟୀକୁ ଉଡ଼ିବ ବିମାନ

**ଭୁବନେଶ୍ୱର, ୧୭।୧୦ (ଅସମାପିକା ସାହୁ)**

ଭୁବନେଶ୍ୱରରୁ ଗୁହାହାଟୀକୁ ଆସନ୍ତା ୨୯ ତାରିଖରୁ ବିମାନ ଚଳାଚଳ ଆରମ୍ଭ ହେବ। ଇଣ୍ଡିଗୋ ଏୟାରଲାଇନ୍ସ ପ୍ରତିଦିନ ଭୁବନେଶ୍ୱର-ଗୁହାହାଟୀ ମଧ୍ୟରେ ବିମାନ ଚଳାଚଳ କରାଇବ। ଭୁବନେଶ୍ୱରରୁ ଗୁହାହାଟୀ ମାତ୍ର ଦେଢ଼ଘଣ୍ଟା ଲାଗିବ। ପ୍ରତିଦିନ ଏହା ଅପରାହ୍ନ ୧ଟା ୨୫ରୁ ଭୁବନେଶ୍ୱରରୁ ଛାଡ଼ିବ ଓ ୨ଟା ୫୫ରେ ଗୁହାହାଟୀରେ ପହଞ୍ଚିବ। ସେହିପରି ଏହା ଗୁହାହାଟୀରୁ ଅପରାହ୍ନ ୩ଟା ୫୦ରେ ବାହାରି ୫ଟା ୨୦ରେ ଭୁବନେଶ୍ୱରରେ ପହଞ୍ଚିବ। ଏହି ବିମାନସେବା ଆରମ୍ଭ ହେଲେ ଆକାଶମାର୍ଗରେ ଓଡ଼ିଶା ଉତ୍ତର-ପୂର୍ବାଞ୍ଚଳ ସହ ଯୋଡ଼ିହେବ। ଫଳରେ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟକୁ ଯାତାୟାତ ସମୟ କମିବ। ଏଠାରେ ଉଲ୍ଲେଖଯୋଗ୍ୟ, ୨୧ତମ ସ୍ଥାନ ଭାବେ ଭୁବନେଶ୍ୱରରୁ ଗୁହାହାଟୀକୁ ବିମାନ ଚଳାଚଳ କରିବ। ଆଗାମୀ ଦିନରେ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଜମ୍ମୁ, ଚଣ୍ଡିଗଡ଼ ଓ ସୁରଟକୁ ବିମାନ ଚଳାଚଳ ପାଇଁ ଯୋଜନା ରହିଥିବା ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ ସୂଚନା ଦେଇଛନ୍ତି।

**ଆଜିର ସମ୍ପାଦକୀୟ**

କୋରାପୁଟ କଫି


DSPL-292




OIPR-04011/13/0100/2324

**ଆଜିର ମନ୍ତବ୍ୟ**

"ଭାରତ ଏଭଳି ଏକ ରାଷ୍ଟ୍ର ରୂପେ ଉଭା ହୋଇଛି, ଯାହା ବିଶ୍ୱର ବିରୋଧାଭାସ ମଧ୍ୟରେ ଉଚ୍ଚତର ଆତ୍ମବିଶ୍ୱାସ ଜନ୍ମାଇବାକୁ ସମର୍ଥ।
–ଏସ୍. ଜୟଶଙ୍କର, ବହିର୍ବ୍ୟାପାର ମନ୍ତ୍ରୀ



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଡାବୁ ଥିଲେ ବାବୁ
ଡାବୁ ସରିଗଲେ କାବୁ।**

ସାଧାରଣତଃ ପାଖରେ ଟଙ୍କା ପଇସା ଥିଲେ ସମସ୍ତେ ବାବୁ ବାବୁ କହି ସଲାମି ଦେଇଥାନ୍ତି ଏବଂ ବେଳ ଅବେଳରେ ତଥା ଦରକାର ପଡ଼ିଲେ ଗୋଡ଼ ତଳେ ମଧ୍ୟ ପଡ଼ିଯାଇଥାନ୍ତି। ତେବେ ହାତରୁ ଟଙ୍କା ସରିଗଲେ କେହି କାହାକୁ ନ ଚିହ୍ନିଲା ପରି ଦୂରରୁ ଦେଖି ମୁହଁ ବୁଲାଇଦେଇଥାନ୍ତି। ଏହାହିଁ ଦୁନିଆର ରୀତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଡାଆଣୀ,
ଆଖି ପକେଇ ଗଲାଣି।**

ଜଣେ ଜଣେ ସ୍ତ୍ରୀଲୋକ ଅଛନ୍ତି ଯାହାଙ୍କ ନଜର ବା ଦୃଷ୍ଟି ପଡ଼ିଲେ ଛୋଟ ଛୋଟ ପିଲାଙ୍କ ଦେହ ଖରାପ ହେବା ସହ ଦେହ ଶୁଖିଯାଉଥିବାର ଦେଖିବାକୁ ମିଳିଥାଏ। ଏଭଳି ସ୍ତ୍ରୀଲୋକଙ୍କୁ ସାଧାରଣତଃ ଡାଆଣୀର ଆଖ୍ୟା ଦିଆଯାଉଥିବା ବେଳେ ଏହାକୁ ଲକ୍ଷ୍ୟକରି ଏପରି କୁହାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




ପ୍ରଥମ ପୃଷ୍ଠାରୁ...

## ସମଲିଙ୍ଗୀ ବିବାହକୁ...

ସୁପ୍ରିମକୋର୍ଟ ସମେତ ଦେଶର ବିଭିନ୍ନ ହାଇକୋର୍ଟରେ ମୋଟ ୨୧ଟି ପିଟିଶନ ଦାଖଲ ହୋଇଥିଲା। ସର୍ବୋଚ୍ଚ ଅଦାଲତ ସବୁ ଆବେଦନକୁ ନିଜ ପାଖକୁ ସ୍ଥାନାନ୍ତର କରି ସେଗୁଡ଼ିକର ଶୁଣାଣି କରିଥିଲେ। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ସାମ୍ବିଧାନିକ ପୀଠରେ ଥିବା ଅନ୍ୟ ୪ ବିଚାରପତି ହେଲେ ଜଷ୍ଟିସ୍ ସଞ୍ଜୟ କିଷାନ୍ କୌଲ, ଏସ୍. ରବୀନ୍ଦ୍ର ଭଟ୍ଟ, ହିମା କୋହଲି ଏବଂ ପି.ଏସ୍. ନରସିଂହ। ପୀଠ ମୁଖ୍ୟ ପ୍ରସଙ୍ଗ ଉପରେ ସର୍ବସମ୍ମତ ରାୟ ପ୍ରକାଶ କରି କହିଛନ୍ତି, ସମଲିଙ୍ଗୀ ବିବାହକୁ ସ୍ୱତନ୍ତ୍ର ବିବାହ ଆଇନ ଅଧୀନରେ ସୁପ୍ରିମକୋର୍ଟ ଆଇନଗତ ବୈଧତା ପ୍ରଦାନ କରିପାରିବେ ନାହିଁ। ଏହି ଦାୟିତ୍ୱ ପାର୍ଲାମେଣ୍ଟ ସମ୍ପାଦନ କରିପାରେ। ତେବେ ଜଷ୍ଟିସ୍ ଭଟ୍ଟ, କୋହଲି ଓ ନରସିଂହ କେତେକ ନିର୍ଦ୍ଦିଷ୍ଟ ଆଇନଗତ ଦିଗ ଉପରେ ଦୁଇଟି ପୃଥକ୍ ରାୟ ଦେଇ ସିଜେଆଇ ଏବଂ ଜଷ୍ଟିସ୍ କୌଲଙ୍କଠାରୁ ଭିନ୍ନମତ ପୋଷଣ କରିଛନ୍ତି।

ସେମ୍ ସେକ୍ସ ମ୍ୟାରେଜ୍‌ର ଆଇନଗତ ବୈଧତା ପାଇଁ ଦାଖଲ ପିଟିଶନଗୁଡ଼ିକ ଏକ ସହରୀ ସମ୍ଭ୍ରାନ୍ତ ବିଚାରଧାରାର ପ୍ରତିଫଳନ ବୋଲି କେନ୍ଦ୍ର ସରକାର ବାଢ଼ିଥିବା ଯୁକ୍ତିକୁ ସିଜେଆଇ ଚନ୍ଦ୍ରଚୂଡ଼ ସମାଲୋଚନା କରି କହିଥିଲେ, କ୍ୱିର୍‌ନେସ୍ (ଯୌନ ବିଲକ୍ଷଣତା) ଏକ ସହରୀ କିମ୍ବା ସମ୍ଭ୍ରାନ୍ତ ବିଚାରଧାରା ଅଥବା ବୈଶିଷ୍ଟ୍ୟ ନୁହେଁ। ଅପ୍ରାକୃତିକ ଯୌନ ସମ୍ପର୍କ ରକ୍ଷାକାରୀ (କ୍ୱିର୍) ଦମ୍ପତିଙ୍କ ପାଇଁ ପୋଷ୍ୟଗ୍ରହଣ ସମ୍ପର୍କିତ ଆଇନ ଲାଗୁ ହେବ ନାହିଁ। କାରଣ ଏଭଳି ନିୟମଗୁଡ଼ିକରେ କ୍ୱିର୍‌ମାନଙ୍କ ପ୍ରତି ବୈଷମ୍ୟଭାବ ରହିଛି। ଦମ୍ପତି ରୂପେ ପୌଷ୍ୟ ଗ୍ରହଣ କରିବା ଅଧିକାର ସେମାନଙ୍କର ନାହିଁ। ସିଜେଆଇଙ୍କ ମତରେ ଅସହମତି ପ୍ରକାଶ କରି ଜଷ୍ଟିସ୍ ଭଟ୍ଟ କହିଥିଲେ, କ୍ୱିର୍ ଦମ୍ପତିଙ୍କୁ ପୌଷ୍ୟଗ୍ରହଣ ଅନୁମତି ମିଳୁ ନ ଥିବା ଦିଗକୁ କେବଳ ଦେଖି ଏହି ନିୟମଗୁଡ଼ିକୁ ଅବୈଧ କୁହାଯାଇପାରିବ ନାହିଁ।

୨୦୧୮ରେ ସୁପ୍ରିମକୋର୍ଟ ଏକ ଐତିହାସିକ ରାୟରେ ସମଲିଙ୍ଗୀ ସମ୍ପର୍କକୁ ଅପରାଧମୁକ୍ତ କରିଥିଲେ। ଏହି ଆଇନଗତ ଲଢ଼େଇରେ ଜିତିଥିବା ଏଲ୍‌ଜିବିଟିକ୍ୟୁଏଆଇ++ ବ୍ୟକ୍ତିମାନେ ସମଲିଙ୍ଗୀ ବିବାହ ଏବଂ ତଦ୍ ପରବର୍ତ୍ତୀ ସମୟରେ ପୋଷ୍ୟଗ୍ରହଣ, ସ୍କୁଲରେ ପିଲାର ନାମଲେଖା, ବ୍ୟାଙ୍କ ଆକାଉଣ୍ଟ ଖୋଲିବା, ଉତ୍ତରାଧିକାରୀ ସୂତ୍ର ଓ ବୀମା ସୁବିଧା ପ୍ରଦାନ ସକାଶେ ସେମାନଙ୍କୁ ମାତାପିତା ରୂପେ ପଞ୍ଜୀକରଣ କରାଯାଉ ବୋଲି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ସୁପ୍ରିମକୋର୍ଟ ଏସବୁ ନିଷ୍ପତ୍ତି ପାର୍ଲାମେଣ୍ଟ ଉପରେ ଛାଡ଼ିଦେଇଛନ୍ତି। ସିଜେଆଇ କହିଥିଲେ, ଅଦାଲତ ଆଇନ ପ୍ରଣୟନ କରିପାରିବେ ନାହିଁ। କେବଳ ଆଇନର ବ୍ୟାଖ୍ୟା କରିପାରିବେ। ସ୍ପେଶାଲ ମ୍ୟାରେଜ୍ ଆକ୍ଟରେ ପରିବର୍ତ୍ତନ ଆଣିବା ସଂସଦର ଦାୟିତ୍ୱ। ସିଜେଆଇ ଏବଂ ଜଷ୍ଟିସ୍ କୌଲଙ୍କ ମତ ସହିତ ସହମତି ପ୍ରକାଶ କରି ଜଷ୍ଟିସ୍ ଭଟ୍ଟ କହିଥିଲେ, ସମ୍ବିଧାନ ବିବାହକୁ ମୌଳିକ ଅଧିକାର ରୂପେ ମାନ୍ୟତା ଦେଇନାହିଁ। ଏହି ପରିପ୍ରେକ୍ଷୀରେ ସିଜେଆଇ ଚନ୍ଦ୍ରଚୂଡ଼ କହିଥିଲେ, ଉକ୍ତ ପ୍ରସଙ୍ଗରେ ୪ଟି ରାୟ ଦିଆଯାଇଛି। ଗୋଟିଏ ତାଙ୍କର ଏବଂ ଅନ୍ୟ ୩ଟି ଜଷ୍ଟିସ୍ କୌଲ, ଭଟ୍ଟ ଓ ନରସିଂହ ଦେଇଛନ୍ତି। କ୍ୱିର୍ ସମୁଦାୟ ବିରୋଧରେ ଯେପରି ଭେଦଭାବ କରା ନ ଯିବ, ତାହା କେନ୍ଦ୍ର, ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ସୁନିଶ୍ଚିତ କରିବେ ବୋଲି ସିଜେଆଇ ନିର୍ଦ୍ଦେଶ ଦେଇଥିଲେ। ଜଷ୍ଟିସ୍ କୌଲ କହିଥିଲେ, କ୍ୱିର୍ ଯୋଡ଼ିଙ୍କୁ କେତେକ ନିର୍ଦ୍ଦିଷ୍ଟ ଅଧିକାର ପ୍ରଦାନ ସମ୍ପର୍କିତ ସିଜେଆଇଙ୍କ ମତ ସହ ସେ ଏକମତ। ସମଲିଙ୍ଗୀ ଓ ବିପରୀତ ଲିଙ୍ଗୀ ମିଳନକୁ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ରୂପେ ଦେଖାଯିବା ଜରୁରୀ। ସମଲିଙ୍ଗୀ ମିଳନ ହେଉଛି ବିବାହ ସମାନତା ଦିଗରେ ଏକ ପଦକ୍ଷେପ।

ସିଜେଆଇ ରାୟର ମୂଳଭାଗ ଶୁଣାଇବାବେଳେ କେନ୍ଦ୍ର, ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ସରକାରମାନଙ୍କୁ କ୍ୱିର୍ ବ୍ୟକ୍ତିଙ୍କ ଅଧିକାର ସମ୍ପର୍କରେ ଜନସଚେତନା ସୃଷ୍ଟି ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଭଳି ଯୋଡ଼ିଙ୍କ ସମ୍ପର୍କକୁ ନେଇ ସେମାନଙ୍କ ବିରୋଧରେ ଏଫ୍‌ଆଇଆର୍ କରିବା ପୂର୍ବରୁ ପ୍ରାଥମିକ ତଦନ୍ତ କରିବା ପାଇଁ ପୋଲିସକୁ ସିଜେଆଇ ନିର୍ଦ୍ଦେଶ ଦେଇଥିଲେ। ସିଜେଆଇ ଆହୁରି କହିଥିଲେ, ବିବାହକୁ ଏକ ସ୍ଥିର ଓ ଅପରିବର୍ତ୍ତନୀୟ ଅନୁଷ୍ଠାନ କହିବା ଭୁଲ୍ ହେବ। ଜଣେ ଜୀବନସାଥୀଙ୍କୁ ଚୟନ କରିବା ସାମର୍ଥ୍ୟ ସମ୍ବିଧାନର ଅନୁଚ୍ଛେଦ ୨୧ ଅଧୀନରେ ଜୀବନ ଧାରଣ ଓ ସ୍ୱାଧୀନତା ଅଧିକାର ଅନ୍ତର୍ଗତ। ତେଣୁ ସମଲିଙ୍ଗୀମାନଙ୍କ ମିଳନ ବା ସାଥୀ ବାଛିବା ଅଧିକାରକୁ ସ୍ୱୀକୃତି ନ ଦେଲେ ସେମାନଙ୍କ ପ୍ରତି ଭେଦଭାବ ହେବ। କ୍ୱିର୍‌ଙ୍କ ସମେତ ସମସ୍ତ ବ୍ୟକ୍ତିଙ୍କ ନିଜ ନିଜ ଜୀବନର ନୈତିକ ଗୁଣବତ୍ତା ଉପରେ ବିଚାର ଅଧିକାର ରହିଛି।

ଜଷ୍ଟିସ୍ ଭଟ୍ଟ ନିଜ ରାୟରେ କହିଥିଲେ, କ୍ୱିର୍ ବ୍ୟକ୍ତିମାନଙ୍କର ସାଥୀ ଚୟନ ଅଧିକାର ରହିଛି। ସେମାନଙ୍କ ସମ୍ପର୍କର ପରିଣାମସ୍ୱରୂପ ଅଧିକାରଗୁଡ଼ିକୁ ସ୍ୱୀକୃତି ଦେବା ପାଇଁ ରାଷ୍ଟ୍ରକୁ ବାଧ୍ୟ କରାଯାଇପାରିବ ନାହିଁ। ସେମାନେ ବିନା କୌଣସି ପ୍ରତିବନ୍ଧକ ଓ ବାଧାରେ ଏକାଠି ବସବାସ କରିପାରିବେ। ଜଷ୍ଟିସ୍ ନରସିଂହ ନିଜ ରାୟରେ କହିଥିଲେ, ବିବାହ ପାଇଁ କୌଣସି 'ଅଯୋଗ୍ୟ ଅଧିକାର ନାହିଁ'।

ପ୍ରକାଶ ଯେ, ଗତ ଏପ୍ରିଲ ୧୮ରେ ଏହି ପ୍ରସଙ୍ଗରେ ବିଚାର ଆରମ୍ଭ ହୋଇଥିଲା। ୧୦ ଦିନର ମାରାଥନ୍ ଶୁଣାଣି ପରେ ଗତ ମେ' ୧୧ରେ ସାମ୍ବିଧାନିକ ପୀଠ ରାୟ ସଂରକ୍ଷିତ ରଖିଥିଲେ। ଶୁଣାଣି ବେଳେ ସୁପ୍ରିମକୋର୍ଟରେ କେନ୍ଦ୍ର ସରକାର ଯୁକ୍ତି ବାଢ଼ିଥିଲେ, ସମଲିଙ୍ଗୀ ବିବାହ ସପକ୍ଷରେ ଅଦାଲତ କୌଣସି ସାମ୍ବିଧାନିକ ଘୋଷଣା କଲେ ତାହା ଅନୁଚିତ ହେବ। କାରଣ ଏଥିରୁ ସୃଷ୍ଟି ହେବାକୁ ଥିବା ଅଡୁଆକୁ ଅଦାଲତ ଦେଖି ଓ ବୁଝିପାରିବେ ନାହିଁ।

## ବିଶ୍ୱକପରେ ଆଉ...

ଦକ୍ଷିଣ ଆଫ୍ରିକାକୁ ନେଦରଲାଣ୍ଡ୍ସ ହରାଇବା ଏହା ନୂଆ ନୁହେଁ। ୨୦୨୨ ଟି୨୦ ବିଶ୍ୱକପରେ ମଧ୍ୟ ଏହି ଦଳ ବିପର୍ଯ୍ୟୟ ସୃଷ୍ଟି କରିଥିଲା ଏବଂ ଦକ୍ଷିଣ ଆଫ୍ରିକାକୁ ବିଦାୟ ପଥ ଦେଖାଇଥିଲା। ଚଳିତ ବିଶ୍ୱକପରେ ୩ ମ୍ୟାଚରୁ ଦକ୍ଷିଣ ଆଫ୍ରିକାର ଏହା ପ୍ରଥମ ପରାଜୟ। ପ୍ରଥମ ୨ ମ୍ୟାଚରେ ଏହି ଦଳ ଯଥାକ୍ରମେ ଶ୍ରୀଲଙ୍କା ଓ ଅଷ୍ଟ୍ରେଲିଆକୁ ପରାସ୍ତ କରିଥିଲା। ସେହିପରି ନେଦରଲାଣ୍ଡ୍ସ ୩ ମ୍ୟାଚରୁ ଏଠାରେ ପ୍ରଥମ ବିଜୟ ସ୍ୱାଦ ଚାଖିଛି। ପ୍ରଥମ ଦୁଇ ମ୍ୟାଚରେ ପାକିସ୍ତାନ ଓ ନ୍ୟୁଜିଲାଣ୍ଡଠାରୁ ହାରିଯାଇଥିଲା।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା ଦକ୍ଷିଣ ଆଫ୍ରିକା। ଅଧିନାୟକଙ୍କ ନିଷ୍ପତ୍ତିକୁ ଉଚିତ ସାବ୍ୟସ୍ତ କରି ଦକ୍ଷିଣ ଆଫ୍ରିକା ବୋଲରମାନେ ୫୦ ରନ ମଧ୍ୟରେ ନେଦରଲାଣ୍ଡ୍ସର ୪ଟି ଉଇକେଟ ପକାଇ ଦେଇଥିଲେ। ମିଡିଲ ଅର୍ଡରରେ ଅଧିନାୟକ ସ୍କଟ ଏଡ୍‌ୱାର୍ଡ୍ସ ଅର୍ଦ୍ଧଶତକ ହାସଲ କରି ଅପରାଜିତ ରହିବାରୁ ଏହି ଦଳ ଏକ ସମ୍ମାନଜନକ ସ୍କୋର କରି ପାରିଥିଲା। ଏଡ୍‌ୱାର୍ଡ୍ସ ୬୯ ବଲ୍‌ରୁ ୭୮ (୧୦ ଚୌକା, ୧ ଛକା) ରନକରି ଅପରାଜିତ ରହିଥିଲେ। ଶେଷ ଭାଗରେ ରୋଏଲଫ ଭାନ୍ ଡର୍ ମେରୱେ ୧୯ ବଲ୍‌ରୁ ୨୯ ଓ ଆର୍ଯ୍ୟନ ଦତ୍ତ ୯ ବଲ୍‌ରୁ ୨୩* ରନ କରିବାରୁ ନେଦରଲାଣ୍ଡ୍ସ ନିର୍ଦ୍ଧାରିତ ୪୩ ଓଭରରେ ୨୪୫/୮ କରିବାକୁ ସକ୍ଷମ ହୋଇଥିଲା। ଦକ୍ଷିଣ ଆଫ୍ରିକା ବୋଲରମାନେ ଅତିରିକ୍ତଭାବେ ୩୨ ରନ ବ୍ୟୟ କରିଥିଲେ। ଏହା ମଧ୍ୟରେ ୨୧ଟି ୱାଇଡ୍, ୧୦ ଲେଗ୍‌ବାଇ ଓ ୧ ନୋ-ବଲ୍ ସାମିଲ ଥିଲା। ଲୁନ୍‌ଗି ଏନ୍‌ଗିଡି, ମାର୍କୋ ଜାନସେନ ଓ କାଗିସୋ ରାବାଡ଼ା ୨ଟି ଲେଖାଏ ଏବଂ ଗେରାଲ୍ଡ କୋଏଜି ଓ କେଶବ ମହାରାଜ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ବିଜୟ ଲକ୍ଷ୍ୟ ବଡ଼ ନ ଥିଲେ ମଧ୍ୟ ଦକ୍ଷିଣ ଆଫ୍ରିକା ୪୪ ରନ ମଧ୍ୟରେ ଟପ୍ ଅର୍ଡରର ୪ ବ୍ୟାଟରଙ୍କୁ ହରାଇ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଫର୍ମରେ ଥିବା ୩ ଖେଳାଳି କ୍ୱିଣ୍ଟନ ଡି'କକ୍ ୨୦, ରସି ଭାନ୍ ଡର୍ ଡୁସେନ ୪, ଏଡେନ ମାରକ୍ରମ ୧ ଏବଂ ଅଧିନାୟକ ଟେମ୍ବା ବଭୁମା ୧୬ ରନକରି ପ୍ୟାଭିଲିୟନ ଫେରିବାରୁ ଏହି ଦଳ ବ୍ୟାକ୍‌ଫୁଟ୍‌କୁ ଚାଲି ଯାଇଥିଲା। ନେଦରଲାଣ୍ଡ୍ସ ବୋଲର ଭାନ୍ ଡର୍ ମେରୱେ, କଲିନ ଆକରମାନ ଓ ପଲ୍ ଭାନ୍ ମିକେରେନ ଏହି ବିପର୍ଯ୍ୟୟ ଘଟାଇଥିଲେ। ଡେଭିଡ ମିଲର ଓ ହେନରିଚ କ୍ଲାସେନ ସତର୍କତାର ସହ ବ୍ୟାଟିଂ କରି ଇନିଂସ ସମ୍ଭାଳିଥିଲେ। ତେବେ ୫ମ ଉଇକେଟରେ ୪୫ ରନର ଭାଗୀଦାରି ପରେ କ୍ଲାସେନଙ୍କୁ ଆଉଟ କରି ଲୋଗାନ ଭାନ୍ ବିକ୍ ନେଦରଲାଣ୍ଡ୍ସକୁ ବ୍ରେକ୍ ଥ୍ରୁ ଦେଇଥିଲେ। ମାର୍କୋ ଜାନସେନ ମଧ୍ୟ ମାତ୍ର ୯ ରନକରି ମିକେରେନଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଦକ୍ଷିଣ ଆଫ୍ରିକାର ଶେଷ ଆଶା ଡେଭିଡ ମିଲର ଏକାକୀ ବେଶ୍ କିଛି ସମୟ ଲଢ଼େଇ କରିଥିଲେ ହେଁ ତାହା ଦଳକୁ ପରାଜୟରୁ ରକ୍ଷା କରିବାକୁ ପର୍ଯ୍ୟାପ୍ତ ହୋଇ ନ ଥିଲା। ଦଳୀୟ ସ୍କୋର ୩୧ ଓଭରରେ ୧୪୫ ଥିବାବେଳେ ସେ ଭାନ୍ ବିକ୍‌ଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇଯାଇଥିଲେ। ୫୨ଟି ବଲ୍‌ର ସମ୍ମୁଖୀନ ହୋଇଥିବା ମିଲର ୪ ଚୌକା ଓ ୧ ଛକା ସହାୟତାରେ ଦଳ ପକ୍ଷରୁ ସର୍ବାଧିକ ୪୩ ରନ ସ୍କୋର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ନେଦରଲାଣ୍ଡ୍ସ ୪୩ ଓଭରରେ ୨୪୫/୮ (ସ୍କଟ ଏଡ୍‌ୱାର୍ଡ୍ସ-୭୮, ଲୁନ୍‌ଗି ଏନଗିଡି-୨/୫୭, ମାର୍କୋ ଜାନସେନ-୨/୨୭, କାଗିସୋ ରାବାଡ଼ା-୨/୫୬, ଗେରାଲ୍ଡ କୋଏଜି-୧/୫୭, କେଶବ ମହାରାଜ-୧/୩୮)। ଦକ୍ଷିଣ ଆଫ୍ରିକା ୪୨.୫ ଓଭରରେ ୨୦୭/ଅଲ୍‌ଆଉଟ (ଡେଭିଡ ମିଲର-୪୩, କେଶବ ମହାରାଜ-୪୦, ଲୋଗାନ ଭାନ୍ ବିକ୍-୩/୬୦, ଭାନ୍ ଡର୍ ମେରୱେ-୨/୩୪, ପଲ୍ ଭାନ୍ ମିକେରେନ-୨/୪୦, ବାସ ଡି ଲିଡ୍ସ-୨/୩୬, କଲିନ ଆକରମାନ-୧/୧୬)

# ୨୦୩୫ ସୁଦ୍ଧା ଭାରତୀୟ ଅନ୍ତରୀକ୍ଷ ଷ୍ଟେଶନ

## ୨୦୪୦ ବେଳକୁ ଚନ୍ଦ୍ରରେ ପହଞ୍ଚିବେ ପ୍ରଥମ ଭାରତୀୟ

**ନୂଆଦିଲ୍ଲୀ,୧୭।୧୦**

୨୦୩୫ ସୁଦ୍ଧା ଭାରତୀୟ ଅନ୍ତରୀକ୍ଷ ଷ୍ଟେଶନ ସ୍ଥାପନ ଲକ୍ଷ୍ୟ ଦିଗରେ କାର୍ଯ୍ୟ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ମହାକାଶ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ୨୦୪୦ ସୁଦ୍ଧା ଚନ୍ଦ୍ରରେ ପ୍ରଥମ ଭାରତୀୟ ପହଞ୍ଚାଇବା ପାଇଁ ସେ କହିଛନ୍ତି। ଭାରତର ଗଗନୟାନ ମିଶନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅବଗତ ହେବା ଏବଂ ଦେଶର ଭବିଷ୍ୟତ ମହାକାଶ ଆବିଷ୍କାର ଅଭିଯାନ ନେଇ ଲକ୍ଷ୍ୟଧାର୍ଯ୍ୟ କରିବାକୁ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ମହାକାଶ ବିଭାଗର ଉଚ୍ଚସ୍ତରୀୟ ବୈଠକ ବସିଥିଲା। ଉକ୍ତ ବୈଠକରେ ମହାକାଶ ବିଭାଗ ଗଗନୟାନ ମିଶନ ସମ୍ପର୍କିତ ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲା, ଯେଉଁଥିରେ ବିଭିନ୍ନ ବିକଶିତ ପ୍ରଯୁକ୍ତି ଯଥା ହ୍ୟୁମ୍ୟାନ-ରେଟେଡ୍ ଲଞ୍ଚ ଭେହିକିଲ(ଏଚ୍‌ଏଲ୍‌ଭିଏମ୍‌୩) ଏବଂ ସିଷ୍ଟମ୍ କ୍ୱାଲିଫିକେଶନ ରହିଛି। ମହାକାଶକୁ ମାନବ ପ୍ରେରଣ ପୂର୍ବରୁ ୩ଟି ମାନବବିହୀନ ମିଶନ ସମେତ ମୋଟ ୨୦ଟି ବଡ଼ ପରୀକ୍ଷା କରାଯିବାର ଯୋଜନା ରହିଛି। କ୍ରିଉ ଏସ୍କେପ୍ ସିଷ୍ଟମ୍ ଟେଷ୍ଟ ଭେହିକିଲ୍‌ର ପ୍ରଥମ ପରୀକ୍ଷାମୂଳକ ଉଡ଼ାଣ ଅକ୍ଟୋବର ୨୧ରେ କରିବାକୁ ସ୍ଥିର ହୋଇଛି। ୨୦୨୫ ସୁଦ୍ଧା ଗଗନୟାନ ଜରିଆରେ ଭାରତ ମହାକାଶକୁ ମାନବ ପଠାଇବା ଲକ୍ଷ୍ୟ ରଖିଥିବାବେଳେ ଏଥିପାଇଁ ମିଶନ କେତେଦୂର ପ୍ରସ୍ତୁତ ହୋଇଛି ତାହାର ମୂଲ୍ୟାୟନ ବୈଠକରେ କରାଯାଇଥିଲା। ନିକଟରେ ଚନ୍ଦ୍ରୟାନ-୩ ଏବଂ ଆଦିତ୍ୟ-ଏଲ୍‌୧ ମିଶନ ସମେତ ଭାରତୀୟ ମହାକାଶ କାର୍ଯ୍ୟକ୍ରମର ସଫଳତା ଆଧାରରେ ୨୦୩୫ ସୁଦ୍ଧା ଭାରତୀୟ ଅନ୍ତରୀକ୍ଷ ଷ୍ଟେଶନ ଏବଂ ୨୦୪୦ ସୁଦ୍ଧା ଚନ୍ଦ୍ରରେ ପ୍ରଥମ ଭାରତୀୟଙ୍କୁ ପହଞ୍ଚାଇବା ଭାରତର ନୂଆ ଲକ୍ଷ୍ୟ ହେବା ଉଚିତ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

# ବାଣ କାରଖାନାରେ ବିସ୍ଫୋରଣ: ୧୪ ମୃତ

**ଚେନ୍ନାଇ,୧୭।୧୦**

ତାମିଲନାଡୁର ଶିବକାଶୀରେ ଥିବା ୨ଟି ବାଣ କାରଖାନାରେ ମଙ୍ଗଳବାର ବିସ୍ଫୋରଣ ଘଟି ୯ ମହିଳାଙ୍କ ସମେତ ୧୪ ଜଣ ପ୍ରାଣ ହରାଇଛନ୍ତି। ନମୁନା ପରୀକ୍ଷା ବେଳେ ବିସ୍ଫୋରଣ ଘଟିଥିଲା। ଉକ୍ତ କାରଖାନାର ବୈଧ ଲାଇସେନ୍ସ ରହିଥିବା ପୋଲିସ କହିଛି। ବିସ୍ଫୋରଣର କାରଣ ସମ୍ପର୍କରେ ତଦନ୍ତ ଜାରି ରହିଛି। ବିସ୍ଫୋରଣଜନିତ ମୃତ୍ୟୁକୁ ନେଇ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୩ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଯୋଗାଇଦେବାକୁ ଘୋଷଣା କରିଛନ୍ତି। ଗତ ୯ ତାରିଖରେ ତାମିଲନାଡୁର ଆରିୟାଲୁର ଜିଲାରେ ଏକ ବାଣ କାରଖାନାରେ ବିସ୍ଫୋରଣ ଘଟି ୯ ଜଣଙ୍କ ମୃତ୍ୟୁ ହୋଇଥିଲା। ଆଗକୁ ଦୀପାବଳି ଥିବାରୁ ବାଣ କାରଖାନା ଗୁଡ଼ିକରେ ଉତ୍ପାଦନ ବୃଦ୍ଧି ପାଇଛି।

# ଚନ୍ଦ୍ରୟାନ-୩ ଭଳି ସଫଳତା ସବୁ ଶ୍ରେଣୀର ପିଲାଙ୍କ ପର୍ଯ୍ୟନ୍ତ ପହଞ୍ଚାଯାଉ: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୧୭।୧୦(ସୁନିତ୍ ମିଶ୍ର)**



ଚନ୍ଦ୍ରୟାନ-୩ ଭଳି ସଫଳତାକୁ ସବୁ ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କ ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ଉଦ୍ୟମ ହେଉ। ଏନ୍‌ସିଇଆର୍‌ଟି, ସିବିଏସ୍‌ଇ ସହ ଅନ୍ୟ ରାଜ୍ୟ ବୋର୍ଡ ମଧ୍ୟ ଏଥିପାଇଁ ସହଯୋଗୀ ହେବା ଦରକାର ବୋଲି ମଙ୍ଗଳବାର 'ଅପନା ଚନ୍ଦ୍ରୟାନ' ୱେବପୋର୍ଟାଲ ଏବଂ ସ୍ପେଶାଲ୍ ମଡ୍ୟୁଲର ଶୁଭାରମ୍ଭ କରିବା ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଚନ୍ଦ୍ରୟାନର ସଫଳତାକୁ ନେଇ ପୁସ୍ତକ ପ୍ରସ୍ତୁତ ଓ ସ୍ପେଶାଲ୍ ମଡ୍ୟୁଲର ଶୁଭାରମ୍ଭ ପାଇଁ ଏନ୍‌ସିଇଆର୍‌ଟିକୁ ଧର୍ମେନ୍ଦ୍ର ଅଭିନନ୍ଦନ ଜଣାଇଛନ୍ତି।

ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ଚନ୍ଦ୍ରୟାନ-୩ ମିଶନର ସଫଳତା ଏକବିଂଶ ଶତାବ୍ଦୀର ଗୌରବ ମଧ୍ୟରୁ ଏକ ବଡ଼ ଉପଲବ୍ଧି। ବିଫଳତା ହିଁ ମଣିଷକୁ ସଫଳତା ଦିଏ। ବିଫଳତାରୁ ହିଁ ପ୍ରେରଣା ମିଳେ। ଏହି କାର୍ଯ୍ୟକ୍ରମକୁ ନେଇ ଚନ୍ଦ୍ରୟାନ-୩ ଦ୍ୱାରା ପିଲାଙ୍କ ମଧ୍ୟରେ ଚନ୍ଦ୍ରୟାନର ବ୍ୟାପକତାକୁ ଜାଣିବା ସହ ସେମାନଙ୍କ ବୈଜ୍ଞାନିକ ହେବା ପାଇଁ ଆଗ୍ରହ ବଢ଼ିବ। ଚନ୍ଦ୍ରୟାନ ମିଶନକୁ ନେଇ ଏନ୍‌ସିଇଆରଟି ଦ୍ୱାରା ୧୦ଟି ପୁସ୍ତକ ପ୍ରସ୍ତୁତ ହୋଇଛି। ପ୍ରାରମ୍ଭିକରୁ ମାଧ୍ୟମିକ, ଉଚ୍ଚ ମାଧ୍ୟମିକ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ପଢ଼ାଯିବାର ବ୍ୟବସ୍ଥା ହୋଇଛି। ଏହି ବିଷୟବସ୍ତୁ କେବଳ ଦେଶରେ ଥିବା ୨୬ କୋଟି ସ୍କୁଲ ପିଲାଙ୍କ ପାଖରେ ନୁହେଁ ବରଂ ସବୁ ଛାତ୍ରୀଛାତ୍ରଙ୍କ ପାଖରେ ପହଞ୍ଚାଇବା ଦରକାର। କେବଳ ଚନ୍ଦ୍ରୟାନ-୩ ନୁହେଁ ଦେଶର ଅନ୍ୟ ଉପଲବ୍ଧି ତଥା ମହିଳା ସଶକ୍ତୀକରଣ, କୋଭିଡ୍ ପରିଚାଳନା, ଜି-୨୦ ସଫଳତା, ଭାରତ ବିଶ୍ୱର ପଞ୍ଚମ ଅର୍ଥନୀତି ହେବାର ଯାତ୍ରା ଭଳି ଅନ୍ୟ ବିଷୟରେ ମଧ୍ୟ ମଡ୍ୟୁଲ୍ ପ୍ରସ୍ତୁତ କରିବାକୁ ଧର୍ମେନ୍ଦ୍ର କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଇସ୍ରୋ ଚେୟାରମ୍ୟାନ ଏସ୍. ସୋମନାଥ ମଧ୍ୟ ଉପସ୍ଥିତ ରହି ଅଭିଭାଷଣ ପ୍ରଦାନ କରିଛନ୍ତି। ଚନ୍ଦ୍ରୟାନ ଉପରେ ଆୟୋଜିତ ପ୍ରଦର୍ଶନୀକୁ ବୁଲିବା ସହ ଛାତ୍ରୀଛାତ୍ରଙ୍କ ଦକ୍ଷତାକୁ କେନ୍ଦ୍ରମନ୍ତ୍ରୀ ପ୍ରଶଂସା କରିଛନ୍ତି।

# ଶିଶୁକନ୍ୟାକୁ ହତ୍ୟା, ମା' ଗିରଫ

**କ.ନୂଆଗାଁ/ବାଲିଗୁଡ଼ା,୧୭।୧୦
(କାଳୀ ପ୍ରସାଦ ତ୍ରିପାଠୀ/ସଞ୍ଜୟ କୁମାର ପାଣିଗ୍ରାହୀ)**

ଜଣେ ମା' ନିଜର ୪ ବର୍ଷର ଶିଶୁକନ୍ୟାକୁ ହତ୍ୟା କରି ଜଙ୍ଗଲରେ ପୋତିଦେଇଛନ୍ତି। କନ୍ଧମାଳ ଜିଲା ସାରଙ୍ଗଡ ଥାନା ଅନ୍ତର୍ଗତ ଗୁଟିଙ୍ଗିଆ ଗ୍ରାମରେ ଏଭଳି ଏକ ହୃଦୟ ବିଦାରକ ଘଟଣା ଘଟିଛି। ସାରଙ୍ଗଗଡ ପୋଲିସ ମଙ୍ଗଳବାର ମାଟିତଳୁ ଶିଶୁର ମୃତଦେହ ବାହାର କରି ହତ୍ୟାକାରୀ ମା'ଙ୍କୁ ଗିରଫ କରିଛି। ସେ ହେଲେ ଗୁଟିଙ୍ଗିଆ ଗ୍ରାମର ରାକେଶ ଦଣ୍ଡିଆଙ୍କ ସ୍ତ୍ରୀ ପଦ୍ମିନୀ। ତାଙ୍କର ମାନସିକ ସ୍ଥିତି ଠିକ୍ ନଥିଲା ବୋଲି ପ୍ରାଥମିକ ତଦନ୍ତ ପରେ ପୋଲିସ କହିଛି।

ଗୁଟିଙ୍ଗିଆ ଗ୍ରାମର ରାକେଶ ଦଣ୍ଡିଆ ୫ ବର୍ଷ ପୂର୍ବେ ସେହି ଗାଁର ପଦ୍ମିନୀ ଦଣ୍ଡିଆଙ୍କୁ ବିବାହ କରିଥିଲେ। ସେମାନଙ୍କ ଏକ ଶିଶୁକନ୍ୟା ଜନ୍ମ ହୋଇଥିଲା। ଝିଅ ସୁରେଖା ସହ ଦମ୍ପତିଙ୍କ ସଂସାର ବେଶ ଖୁସିରେ ଚାଲିଥିଲା। ପରେ କୌଣସି କାରଣରୁ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିପାଇଁ ପଦ୍ମିନୀ ସ୍ୱାମୀଙ୍କୁ ଛାଡ଼ି ୪ ବର୍ଷ ହେବ ଝିଅ ସହିତ ଅଲଗା ରହୁଥିଲେ। ଗତ ଶନିବାର କୌଣସି କାରଣରୁ ପଦ୍ମିନୀ ସୁରେଖାଙ୍କୁ ହତ୍ୟା କରି ଗାଁ ନିକଟସ୍ଥ ବାଡ଼ିମୁଣ୍ଡା ଜଙ୍ଗଲରେ ପୋତିଦେଇଥିଲେ। ଶନିବାର ନିଜ ନାତୁଣୀ ନିଖୋଜ ହୋଇଥିବା ନେଇ ଅଜା ବିପିନି ବେହେରା ସାରଙ୍ଗଗଡ଼ ଥାନାରେ ଏତଲା ଦେଇଥିଲେ। ପୋଲିସ ଖୋଜାଖୋଜି ଚଳାଇଥିବାବେଳେ ଶିଶୁକନ୍ୟାଙ୍କୁ ମାରି ପୋତାଯାଇଥିବା କୌଣସି ସୂତ୍ରରୁ ଖବରପାଇଥିଲା। ଏହାପରେ ପୋଲିସ ମଙ୍ଗଳବାର ବାଡ଼ିମୁଣ୍ଡା ଜଙ୍ଗଲରୁ ମାଟିତଳୁ ସୁରେଖାଙ୍କ ମୃତଦେହ ବାହାର କରି ବ୍ୟବଚ୍ଛେଦ ପାଇଁ ପଠେଇଛି। ଏ ନେଇ ପୋଲିସ ନଂ. ୧୨୬/୨୩ରେ ମାମଲା ରୁଜୁକରିଛି। ଘଟଣାସ୍ଥଳକୁ ସାଇଣ୍ଟିଫିକ ଟିମ୍ ଯାଇ ତଦନ୍ତ ଚଳାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଦୈହିକ ଦୁର୍ବଳତା ସାଙ୍ଗକୁ ଧୈର୍ଯ୍ୟହରା ଓ ନୈରାଶ୍ୟ ଯୋଗୁ ବ୍ୟସ୍ତ ରହିବେ। ଉପସ୍ଥିତି ବୁଦ୍ଧି ଓ କୌଶଳପୂର୍ଣ୍ଣ ବ୍ୟବହାର ଅନ୍ୟମାନଙ୍କୁ ଆପଣାର କରିବାରେ ସାହାଯ୍ୟ କରିବ। ଉତ୍ତମ ବୁଝାମଣା ହେତୁ ପାରିବାରିକ ଜୀବନରେ ଶାନ୍ତି ଅବ୍ୟାହତ ରହିବ। ରଖିଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବାରୁ ଦୁଃଖ ପ୍ରକାଶ କରିବେ।

**ବୃଷ**
ବିଭିନ୍ନ ସମସ୍ୟା ଜାଲରେ ଛନ୍ଦିହୋଇ ମନୋବଳ ଭାଙ୍ଗିଲା ଭଳି ଅନୁଭବ କରିବେ। କର୍ମକ୍ଷେତ୍ରରେ ଅଟକି ରହିଥିବା କାମର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ଭଲରେ ଚାଲିବ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ପରିବହନରେ କ୍ଷତି କିମ୍ବା ସମସ୍ୟାର ଆଶଙ୍କା ରହିଛି।

**ମିଥୁନ**
ସାହାଯ୍ୟ ସହଯୋଗ ଲାଭକରି ବିଭିନ୍ନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟିହେବ। ପରିବାର ଭିତରେ ସମ୍ପର୍କ ହାନି ଫଳରେ ଚିନ୍ତା ପ୍ରକଟ କରି ପାରନ୍ତି। ସଙ୍ଗଠନ, ରାଜନୀତି କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ନିଜ ନିଜର କର୍ମକ୍ଷେତ୍ରରେ ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ।

**କର୍କଟ**
ବିଶେଷ ଖର୍ଚ୍ଚାନ୍ତ ଓ ପରିଶ୍ରମ କରିବା କାରଣରୁ ଟେନ୍‌ସନ କିଛି ମାତ୍ରାରେ ଲାଗି ରହିବ। ସମସ୍ୟା ସମାଧାନ ହେବାରେ କୌଣସି ନୀଚ ଜାତିର ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିବେ। ସଭାସମିତିରେ କାହା କଥା ସହ ଅନ୍ୟ କାହାର କଥା ମିଶିବ ନାହିଁ, ଫଳରେ ତର୍କ ବିତର୍କ ଲାଗିପାରେ। ବନ୍ଧୁଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବାରୁ ଖୁସି ହେବେ।

**ସିଂହ**
ନିକଟ ଅତୀତରେ ସୃଷ୍ଟି ହୋଇଥିବା ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ। ଆର୍ଥିକ ଦିଗରୁ ଉପକୃତ ହେବେ, କିନ୍ତୁ ପୂର୍ଣ୍ଣ ଆବଶ୍ୟକତା ଅପୂରଣୀୟ ରହିବ। ପାରସ୍ପରିକ ସହଯୋଗ ପାରିବାରିକ ଜୀବନକୁ ରସାଣିତ ଓ ମଧୁମୟ କରିବାରେ ସହାୟକ ହେବ। ମାତ୍ର କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ।

**କନ୍ୟା**
ବନ୍ଧୁଙ୍କ ଦ୍ୱାରା କର୍ମକ୍ଷେତ୍ରରୁ ହଠାତ୍ କୌଣସି ମିଥ୍ୟା ଗୁଜବ ମନକୁ ଚହଲାଇ ଦେବ। କୌଣସି ସମ୍ପର୍କୀୟ ବନ୍ଧୁଙ୍କୁ ଅର୍ଥ କିମ୍ବା ଅଳଙ୍କାର ଦେବା ନେବାକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ। ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା କାରଣରୁ ସାମୟିକ ଚିନ୍ତା କରିପାରନ୍ତି।

**ତୁଳା**
ଆଜି ଆକସ୍ମିକ ଭାବରେ ନୂତନ ବନ୍ଧୁ ସମ୍ପର୍କ ସ୍ଥାପିତ ହୋଇପାରେ। ଜଣେ ପଡ଼ୋଶୀ କିମ୍ବା ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। ଧର୍ମକାର୍ଯ୍ୟ କିମ୍ବା ଆନୁଷ୍ଠାନ ପାଇଁ ସତ୍‌ସଙ୍ଗୀଙ୍କ ପ୍ରେରଣା ମିଳିପାରେ। ପିଲାଙ୍କ ଆଚରଣରେ ଅସନ୍ତୋଷ ବ୍ୟକ୍ତକରି ମନେ ମନେ ବିରକ୍ତ ହେବେ।

**ବିଛା**
ଯାହା ମନରେ ଆଶାବାନ୍ଧି ବସିଛନ୍ତି ଆଜି ତାହା ଅବଶ୍ୟ ପାଇବେ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବା ସକାଶେ ଦିନଟି ବହୁତ ଭଲ। କଳା, ସାହିତ୍ୟ, ସାମ୍ବାଦିକତା, ସଭା ସମିତି ଓ ମନୋରଞ୍ଜନରେ ଆଗ୍ରହୀ ହେବେ। ସାଧାରଣ କଥାକୁ କେନ୍ଦ୍ରକରି ଅପରାହ୍ନରେ ଟେନ୍‌ସନ ବଢ଼ିପାରେ।

**ଧନୁ**
ବହୁ ଦିନରୁ ଚିନ୍ତା କରିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବା ସକାଶେ ମନ ବଳାଇପାରନ୍ତି। ଯେଉଁ କଥା ପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। କିଛି ସମୟ ପୂର୍ବରୁ ଅପେକ୍ଷା କରିବାକୁ କହିଥିବା ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ପାଇ ବ୍ୟସ୍ତ ହୋଇ ପଡ଼ିବେ। ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନାହିଁ।

**ମକର**
ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ହଠାତ୍ ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି। ନିକଟ ସମ୍ପର୍କୀୟମାନେ କାଳେ ଦେବାକୁ ପଡ଼ିବ, ଏହି କାରଣରୁ ପାଖ ମାଡ଼ିବେ ନାହିଁ। ପରିହାସଯୁକ୍ତ କଥା କର୍ମକ୍ଷେତ୍ରରେ ସମସ୍ୟା ସୃଷ୍ଟି କରିବାରେ ସାହାଯ୍ୟ କରିବ। ପାରିବାରିକ ସମସ୍ୟାରେ ଅସୁବିଧାର ସମ୍ମୁଖୀନ ହେବେ।

**କୁମ୍ଭ**
କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ, ଯାହାକି ହେବା ଜିନିଷ ହୋଇପାରିବ ନାହିଁ। ପରିବାର ମଧ୍ୟରେ ଛୋଟ କଥାକୁ ଧରି ବସନ୍ତୁ ନାହିଁ, ସମସ୍ୟା ସୃଷ୍ଟି କରିବ। ଆଜିର ପ୍ରତ୍ୟୁଷ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ। ସଚେତନତା ଅଭାବରୁ ପୁରାତନ ରୋଗପୀଡ଼ାରୁ ବିଶେଷ କଷ୍ଟ ପାଇବେ।

**ମୀନ**
ଆଜି କର୍ମକ୍ଷେତ୍ରରୁ ଫେରିବା ବେଳକୁ ଘରର ଅଶାନ୍ତ ପରିବେଶ ଶାନ୍ତ ପଡ଼ିଯାଇଥିବ। ବାଟରେ ବନ୍ଧୁଙ୍କୁ ଭେଟି ଆଗାମୀ କାଲିର ଯୋଜନା ପ୍ରସ୍ତୁତ କରିପାରନ୍ତି। ଅର୍ଥ ଆଦାୟରେ ସକ୍ଷମ ହେବେ କିନ୍ତୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବ୍ୟବସାୟରେ ଲାଭ ମିଳିବ ଏବଂ କୌଣସି ଅନ୍ୟ ଏକ ଉଦ୍ଦେଶ୍ୟରେ ସେହି ଟଙ୍କାକୁ ବିନିଯୋଗ କରିପାରନ୍ତି।

ଆଜି ଗର୍ଭଣା ସଂକ୍ରାନ୍ତି, ଆଶ୍ୱିନ ଶୁକ୍ଳ ଚତୁର୍ଥୀ ବୁଧବାର, ଅକ୍ଟୋବର ୧୮ ତାରିଖ। ରାଶି ନକ୍ଷତ୍ର –ଅନୁରାଧା/ବିଛା, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫।୪୫ ଗତେ, ଘ.୦୮।୦୪ ମଧ୍ୟେ, ଘ.୧୦।୨୨ ଗତେ, ଘ.୧୧।୨୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧।୩୧ ଗତେ, ଘ.୧୨।୫୮ ମଧ୍ୟେ ରାହୁକାଳ।

# ଗାଁରେ ଡିଜିଟାଲ ଭିତ୍ତିଭୂମିର ବିକାଶ ହେବ: ମୁଖ୍ୟମନ୍ତ୍ରୀ




## ଆମ ଓଡ଼ିଶା ନବୀନ ଓଡ଼ିଶା: ୩ ଜିଲାରେ ଶୁଭାରମ୍ଭ

- ମୟୂରଭଞ୍ଜର ୩୦୮୧ ପ୍ରକଳ୍ପ ପାଇଁ ୧୧୧.୫୦ କୋଟି ଟଙ୍କା ମଞ୍ଜୁର
- ବରଗଡ଼ର ୩୧୩୫ ପ୍ରକଳ୍ପ ନିମନ୍ତେ ୧୨୬.୫୦ କୋଟି
- ଦେବଗଡ଼ର ୯୯୧ ପ୍ରକଳ୍ପ ଲାଗି ୩୫ କୋଟି ମଞ୍ଜୁର
- ରୂପାନ୍ତର ଆଜି ଲୋକଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି: ୫-ଟି ସଚିବ

ଭୁବନେଶ୍ୱର,୧୭।୧୦(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମର ତୃତୀୟ ଦିନରେ ମୟୂରଭଞ୍ଜ, ବରଗଡ଼ ଓ ଦେବଗଡ଼ ଜିଲାରେ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ଆଭାସୀ ଜରିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଗ୍ରାମାଞ୍ଚଳର ସର୍ବବିଧ ଉନ୍ନତି ବିଶେଷକରି ଡିଜିଟାଲ ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହି ଅବସରରେ ମୟୂରଭଞ୍ଜ ଜିଲାର ୫ଟି ନିର୍ବାଚନମଣ୍ଡଳୀକୁ ୧୧୧ କୋଟି ୫୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ସେହି ନିର୍ବାଚନମଣ୍ଡଳୀଗୁଡ଼ିକ ହେଲା ବଡ଼ସାହି, ବାଙ୍ଗିରିପୋଷି, ବାରିପଦା, ମୋରଡ଼ା ଏବଂ ଉଦଳା। ଏହିସବୁ ନିର୍ବାଚନମଣ୍ଡଳୀର ୨୨୩ ପଞ୍ଚାୟତରେ ୩,୦୮୧ଟି ପ୍ରକଳ୍ପ ହେବ। ସେହିପରି ବରଗଡ଼ ଜିଲାର ୫ଟି ନିର୍ବାଚନମଣ୍ଡଳୀ ପାଇଁ ୧୨୬ କୋଟି ୫୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଏହି ନିର୍ବାଚନମଣ୍ଡଳୀଗୁଡ଼ିକ ହେଲା ଅତାବିରା, ବିଜେପୁର, ବରଗଡ଼, ପଦ୍ମପୁର ଓ ଭଟଲି। ଏଥିରେ ୨୫୩ ଗ୍ରାମପଞ୍ଚାୟତରେ ୩,୧୩୫ ପ୍ରକଳ୍ପ କରାଯିବ। ସେହିପରି ଦେବଗଡ଼ ଜିଲାର ଗୋଟିଏ ନିର୍ବାଚନମଣ୍ଡଳୀ ପାଇଁ ୩୫ କୋଟି ଟଙ୍କା ଅନୁମୋଦନ କରାଯାଇଛି। ଏଥିରେ ୭୦ଟି ଗ୍ରାମପଞ୍ଚାୟତରେ ୯୯୧ ପ୍ରକଳ୍ପ କାର୍ଯ୍ୟକାରୀ ହେବ।

ଏହି କାର୍ଯ୍ୟକ୍ରମରେ ପ୍ରତି ଗାଁରେ ଜଗନ୍ନାଥ ସଂସ୍କୃତିର ପ୍ରସାର, ପୂଜାସ୍ଥଳୀର ବିକାଶ ଜରିଆରେ ଓଡ଼ିଶାର ସଂସ୍କୃତିର ମୂଳଭିତ୍ତିକୁ ସୁଦୃଢ଼ କରାଯିବା ସହିତ ଡିଜିଟାଲ ଭିତ୍ତିଭୂମିର ବିକାଶ କରାଯିବ ବୋଲି କୁହାଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା ହେଉଛି ଜଗନ୍ନାଥଙ୍କ ଭୂମି। ଜାତି, ଧର୍ମ, ସମ୍ପ୍ରଦାୟ ନିର୍ବିଶେଷରେ ଏହା ସମସ୍ତଙ୍କୁ ନିଜର କରିପାରିଛି। ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ପ୍ରତି ଗାଁରେ ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ କରାଯିବ। ଗାଁରେ ଇଣ୍ଟରନେଟ୍ ସଂଯୋଗ ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି କାର୍ଯ୍ୟକ୍ରମ ପାଇଁ ମୟୂରଭଞ୍ଜ ଜିଲାର ୫ଟି, ବରଗଡ ଜିଲାର ୫ଟି ଓ ଦେବଗଡ଼ ଜିଲାର ଗୋଟିଏ ନିର୍ବାଚନମଣ୍ଡଳୀରେ ଆୟୋଜିତ କାର୍ଯ୍ୟକ୍ରମରେ ବିପୁଳ ଜନସମାଗମ ହୋଇଥିଲା। ୫-ଟି ସଚିବ ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମକୁ ସଂଯୋଜନା କରି ରୂପାନ୍ତର କାର୍ଯ୍ୟ ଲୋକଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ମନ୍ତ୍ରୀ ରୀତା ସାହୁ, ସାଂସଦ ମମତା ମହନ୍ତ, ବିଧାୟକ ରାଜକିଶୋର ଦାସ, ବିଧାୟକ ସ୍ନେହାଙ୍ଗିନୀ ଛୁରିଆ, ବିଧାୟକ ଦେବେଶ ଆଚାର୍ଯ୍ୟ, ବିଧାୟକ ବର୍ଷା ସିଂ ବରିହା, ଜିଲା ପରିଷଦ ସଭାପତି, ସଦସ୍ୟଗଣ, ସ୍ଥାନୀୟ ସରପଞ୍ଚ ପ୍ରମୁଖ ଆଭାସି ମାଧ୍ୟମରେ ଆଲୋଚନାରେ ଭାଗ ନେଇ ଗାଁ ଗାଁରେ ବିକାଶର ନୂଆ ଯୁଗ ଆସିଛି ବୋଲି ମତପ୍ରକାଶ କରିଥିଲେ। ୫-ଟି ସଚିବଙ୍କ ଗସ୍ତ ଯୋଗୁ ଜିଲା ସ୍ତରରେ ବିକାଶ ତ୍ୱରାନ୍ୱିତ ହେବା ସହ ଅନେକ ସମସ୍ୟା ଦୂର ହୋଇଛି ବୋଲି ସେମାନେ କହିଛନ୍ତି । ମୁଖ୍ୟମନ୍ତ୍ରୀ ବିଭିନ୍ନ ଅଞ୍ଚଳ ପାଇଁ ଯେଉଁ ଯେଉଁ ପ୍ରକଳ୍ପସବୁ ମଞ୍ଜୁର କରିଛନ୍ତି, ସେ ସମ୍ପର୍କରେ ପାଣ୍ଡିଆନ ସୂଚନା ଦେଇଛନ୍ତି। ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଲୋକଙ୍କ ପ୍ରସ୍ତାବିତ ପ୍ରକଳ୍ପ ଓ ଆବଶ୍ୟକତାକୁ ଦେଖି ମୁଖ୍ୟମନ୍ତ୍ରୀ ଅର୍ଥ ମଞ୍ଜୁର କରିଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା କାର୍ଯ୍ୟକ୍ରମରେ ସବୁ ଜିଲା ପାଇଁ ଅର୍ଥ ମଞ୍ଜୁର କରିଛନ୍ତି। ମୟୂରଭଞ୍ଜ ଜିଲାର ବାରିପଦା ସହରର ରିଙ୍ଗ୍ ରୋଡ୍ ତଥା ବନ୍ୟା ନିୟନ୍ତ୍ରଣ ବନ୍ଧ ପାଇଁ ୧୫୪.୧୨ କୋଟି, ବାରିପଦା ଏମ୍‌ପିସି କଲେଜର ଉନ୍ନତୀକରଣ ପାଇଁ ୧.୫୦ କୋଟି ଟଙ୍କା, ମାଣତ୍ରୀଠାରେ ବାବା କଖାରୁଆ ବୈଦ୍ୟନାଥ ଶିବ ମନ୍ଦିରର ଉନ୍ନତୀକରଣ ପାଇଁ ୧ କୋଟି, ବାରିପଦାରୁ ପ୍ରତାପପୁର ବଡ଼ସାହି ଦେଇ ମାଣତ୍ରୀ ପର୍ଯ୍ୟନ୍ତ ରାସ୍ତାର ଉନ୍ନତୀକରଣ ପାଇଁ ୩୭.୦୪ କୋଟି, ବେତନଟୀ-ବଡ଼ସାହି ରାସ୍ତାର ଉନ୍ନତୀକରଣ ପାଇଁ ୧୯.୪୪ କୋଟି ମଞ୍ଜୁର କରାଯାଇଛି। ଜିଲାର ୫ଟି ପ୍ରକଳ୍ପ ପାଇଁ ୨୧୩.୧୦ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି ବୋଲି ପାଣ୍ଡିଆନ ସୂଚନା ଦେଇଛନ୍ତି।

ସେହିପରି ବରଗଡ଼ ଜିଲାରେ ଡୁରୁଙ୍ଗା ବୈଷ୍ଣୋଦେବୀ ମନ୍ଦିର ପାଇଁ ୧.୩୬ କୋଟି, ବରଗଡ଼ ମହିଳା କଲେଜ ପାଇଁ ୧.୨୫ କୋଟି, ବରଗଡ଼ ପଞ୍ଚାୟତ କଲେଜ ପାଇଁ ୧.୨୫ କୋଟି, ସରଣ୍ଡା ବିଶେଶ୍ୱର ମନ୍ଦିର ପାଇଁ ୨.୬୦ କୋଟି, ପପଙ୍ଗା ପାହାଡ଼ ପର୍ଯ୍ୟଟନ କେନ୍ଦ୍ର ପାଇଁ ୧.୮୦ କୋଟି, ଅତାବିରା ରାମଚଣ୍ଡୀ ମନ୍ଦିର ପାଇଁ ୧.୪୦ କୋଟି, ଲରମ୍ବା କଲେଜ ପାଇଁ ୧.୨୫ କୋଟିକୁ ମିଶାଇ ମୋଟ ୭ଟି ପ୍ରକଳ୍ପ ପାଇଁ ୧୦.୯୧ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି ବୋଲି ପାଣ୍ଡିଆନ ସୂଚନା ଦେଇଛନ୍ତି। ସେହିପରି ଦେବଗଡ଼ ଜିଲାରେ ଗୋହିରା ଡ୍ୟାମ୍ କେନାଲ ଲାଇନିଂ ପାଇଁ ୧୭.୬୮ କୋଟି, ତିଲେଇବଣି ହକି ଟ୍ରେନିଂ ସେଣ୍ଟରରେ ସିନ୍ଥେଟିକ ଟର୍ଫ ପାଇଁ ୧୨ କୋଟି ଟଙ୍କା, ଝାଡ଼େଶ୍ୱର ମନ୍ଦିରର ବିକାଶ ପାଇଁ ୩.୧୦ କୋଟି, ଦେବଗଡ଼ ମଡେଲ ଡିଗ୍ରୀ କଲେଜ ପାଇଁ ୧.୨୫ କୋଟି, ଦେବଗଡ଼ କଲେଜ ପାଇଁ ୧ କୋଟି, ପ୍ରଧାନପାଟ ଜଳପ୍ରପାତ ପର୍ଯ୍ୟଟନ ବିକାଶ ପାଇଁ ୦.୯୨ କୋଟି, କୁରୁଡକୋଟ ଜଳପ୍ରପାତ ପର୍ଯ୍ୟଟନ ବିକାଶ ପାଇଁ ୦.୭୫ କୋଟି, ଦେଓଝରଣ ଜଳପ୍ରପାତ ପର୍ଯ୍ୟଟନ ବିକାଶ ପାଇଁ ୦.୭୭ କୋଟି, ଗୋହିରା ନିକଟରେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ୦.୬୨ କୋଟି, ରିଆମାଳ ଯୋଗୀହୁଲି ପର୍ଯ୍ୟଟନ କ୍ଷେତ୍ର ପାଇଁ ୦.୬ କୋଟି ଏବଂ ରିଆମାଳ ଭିତରପଡ଼ାଠାରେ ଡୋକ୍ରା କାରିଗରମାନଙ୍କ ପାଇଁ କମନ ଫ୍ୟାସିଲିଟି ସେଣ୍ଟର ବିକାଶ ପାଇଁ ୦.୪୦ କୋଟି ଟଙ୍କାକୁ ମିଶାଇ ମୋଟ ୧୧ ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ୩୯ କୋଟି ୯ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। କାର୍ଯ୍ୟକ୍ରମରେ ୩ଟି ଜିଲାର ଜିଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁନିଆର ଆବଶ୍ୟକତାକୁ ବୁଝିଲେ ସ୍କିଲ୍ ଦୂରତାକୁ ହ୍ରାସ କରିପାରିବା: ଧର୍ମେନ୍ଦ୍ର




ଭୁବନେଶ୍ୱର, ୧୭।୧୦(ସୁନିତ୍ ମିଶ୍ର)

ବଜାରର ଆବଶ୍ୟକତା ଏବଂ ଭିତ୍ତିଭୂମିର ବିକାଶ ପାଇଁ ଦରକାର ଥିବା ଦକ୍ଷତା ଉପରେ ମ୍ୟାପିଂ ହେବା ଦରକାର। ଦୁନିଆର ଆବଶ୍ୟକତାକୁ ବୁଝିଲେ ହିଁ ଆମେ ସ୍କିଲ୍ ଦୂରତାକୁ ହ୍ରାସ କରିପାରିବା ବୋଲି ମଙ୍ଗଳବାର ନୂଆଦିଲ୍ଲୀଠାରେ 'ଇଣ୍ଡିଆ ସ୍କିଲ୍ ୨୦୨୩-୨୪'ର ଶୁଭାରମ୍ଭ କରିବା ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆହ୍ୱାନ କରିଛନ୍ତି। ସେହିପରି ସ୍କିଲ୍ ପ୍ରତିଯୋଗିତାରେ ୨୫ ଲକ୍ଷ ଲୋକଙ୍କୁ ଯୋଡ଼ିବା ପାଇଁ ଧର୍ମେନ୍ଦ୍ର ଆହ୍ୱାନ କରିଛନ୍ତି।

ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ୨୦୨୪ ସୁଦ୍ଧା ବିକଶିତ ଭାରତ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇଛନ୍ତି। ଭାରତକୁ ବିକଶିତ କରିବାକୁ ହେଲେ ସମସ୍ତଙ୍କୁ ସ୍କିଲ୍‌ଡ କରିବାକୁ ହେବ। ଭାରତ ହେଉଛି ଯୁବଶକ୍ତିର ଦେଶ। ଯୁବବର୍ଗଙ୍କୁ ସ୍କିଲ୍‌ଡ ନ କଲେ ବିକଶିତ ଭାରତର ଲକ୍ଷ୍ୟ ପୂରଣ ହୋଇପାରିବ ନାହିଁ। ତେଣୁ ଶିଳ୍ପ, ଶିକ୍ଷାନୁଷ୍ଠାନ ସହ ମିଳିତ ଭାବେ ସମସ୍ତଙ୍କ ସାମର୍ଥ୍ୟକୁ ଜନଆନ୍ଦୋଳନରେ ପରିଣତ କରିବାକୁ ହେବ। ଦେଶରେ ବେରୋଜଗାରୀ ହ୍ରାସ ପାଇଛି। ଭାରତରେ ୨୦୧୭ରେ ବେରୋଜଗାରୀ ହାର ୬ ପ୍ରତିଶତ ଥିବାବେଳେ ୨୦୨୨-୨୩ରେ ଏହା ୩.୨ ପ୍ରତିଶତରେ ପହଞ୍ଚିଛି। କ୍ରମାଗତ ଭାବେ କର୍ମକ୍ଷେତ୍ରରେ ମହିଳାଙ୍କ ଅଂଶଗ୍ରହଣ ବଢୁଛି। ସମସ୍ତଙ୍କୁ ବିଶେଷ ଭାବେ କର୍ମ କ୍ଷେତ୍ରରେ ଥିବା ସବୁ ଗ୍ରୁପର ଲୋକଙ୍କୁ ସ୍କିଲିଂ, ରି-ସ୍କିଲିଂ ଏବଂ ଅପ୍ ସ୍କିଲିଂ କରାଇବାକୁ ପଡ଼ିବ। ଭାରତର ହସ୍ତତନ୍ତ, ବୟନ ଶିଳ୍ପ ଦୁନିଆର କେଉଁ ସ୍ଥାନରେ ମିଳେନାହିଁ। ଏହା ହିଁ ଆମ ଭାରତର ଦକ୍ଷତା। ବିଶ୍ୱ ଏବେ ଭାରତକୁ ଅନୁସରଣ କରୁଛି। ଆମ ଦେଶରେ ପୁସ୍ତକର ମହତ୍ତ୍ୱ ଅଧିକ। ତେବେ ଡିଗ୍ରୀ ଅପେକ୍ଷା ଅଧିକ ସାମର୍ଥ୍ୟ ଉପରେ ଗୁରୁତ୍ୱ ଦେବା ଦରକାର। ଦେଶର ଛାତ୍ରୀଛାତ୍ରମାନେ ବିଶେଷ ପାଠ୍ୟକ୍ରମକୁ ଆପଣାଇବାରେ ଆଗକୁ ବଢୁଛନ୍ତି। ସମସ୍ତଙ୍କ ମଧ୍ୟରେ କିଛି ନା କିଛି ରୁଚି ଅଛି। ପିଲାଙ୍କ ରୁଚି ଅନୁସାରେ ପାଠ ପଢ଼ାଇବା ଉପରେ ଜାତୀୟ ଶିକ୍ଷା ନୀତିରେ ପ୍ରାଧାନ୍ୟ ଦିଆଯାଇଛି ବୋଲି ସେ କହିଛନ୍ତି। ଏହି ଅବସରରେ ୱାର୍ଲଡ ସ୍କିଲ୍ସ ୨୦୨୨ର ବିଜେତାଙ୍କୁ ସମ୍ବର୍ଦ୍ଧିତ କରିବା ସହ କେନ୍ଦ୍ରମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି।

# ନାବାଳିକାଙ୍କୁ ନିର୍ଯାତନା, ଏଏସ୍‌ଆଇ ଗିରଫ

ରାଇରଙ୍ଗପୁର,୧୭।୧୦
(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ଯାମଦା ଥାନାର ଏଏସ୍‌ଆଇ ଆନନ୍ଦ ମାଝି ଜଣେ ନାବାଳିକାଙ୍କୁ ନିର୍ଯାତନା ଦେଇ ଗିରଫ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁଯାୟୀ, ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ପରେ ଏଏସ୍‌ଆଇ ମାଝି ଜଣେ ନାବାଳିକାଙ୍କୁ ଘରକୁ ଆଣି ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ପରବର୍ତ୍ତୀ ସମୟରେ ସେ ନିର୍ଯାତନା ଦେଉଥିବା ନେଇ ନାବାଳିକାଙ୍କ ପିଉସୀ ଯାମଦା ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ପକ୍‌ସୋ ଆକ୍ଟରେ ଏକ ମାମଲା(ନଂ.୮୩/୨୩) ରୁଜୁ କରି ଏଏସ୍‌ଆଇ ମାଝିଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରିଛି। ବାରିପଦାସ୍ଥିତ ପକ୍‌ସୋ କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ସୂଚନା ମିଳିଛି।

# ୨୦ରେ ଲଘୁଚାପ: ୨୩ରୁ ୨୭ ଉପକୂଳରେ ବର୍ଷା

ଭୁବନେଶ୍ୱର,୧୭।୧୦(ଅନିଲ ଦାସ)

ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଏବଂ ଆଣ୍ଡାମାନ ଉପକୂଳରେ ମଙ୍ଗଳବାର ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଆସନ୍ତା ୨୦ ତାରିଖ ବେଳକୁ ଏହା ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି। ଏହା ଅଧିକ ଘନୀଭୂତ ହୋଇ ୨୩ ତାରିଖ ବେଳକୁ ଡିପ୍ରେସନ(ଅବପାତ) ଓ ୨୪ରେ ଏହା ଡିପ୍ ଡିପ୍ରେସନ (ଗଭୀର ଅବପାତ)ରେ ପରିଣତ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ତେବେ ଲଘୁଚାପ ସାମୁଦ୍ରିକ ଝଡ଼ ରୂପ ନେବ କି ନାହିଁ ତାହା ୨୦ ତାରିଖ ବେଳକୁ ସ୍ପଷ୍ଟ ହେବ। ସମ୍ଭାବ୍ୟ ଲଘୁଚାପ ଓଡ଼ିଶା ଉପକୂଳ ଦେଇ ପଶ୍ଚିମବଙ୍ଗର ସୁନ୍ଦରବନରେ ସ୍ଥଳଭାଗ ଛୁଇଁବ ବୋଲି ଅନୁମାନ କରାଯାଇଛି। ଲଘୁଚାପ ଅବପାତରେ ପରିଣତ ହେବା ପରେ ଉପକୂଳରେ ଘଣ୍ଟାକୁ ୪୦ରୁ ୬୦ କି.ମି. ବେଗରେ ପବନ ବହିବ। ବେଳେ ବେଳେ ଏହା ୮୦ କିଲୋମିଟରକୁ ମଧ୍ୟ ଛୁଇଁପାରେ। ଲଘୁଚାପ ଯୋଗୁ ଉପକୂଳ ଓଡ଼ିଶାରେ ଅକ୍ଟୋବର ୨୩ରୁ ୨୭ ମଧ୍ୟରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ। ବିଶେଷ କରି କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଖୋର୍ଦ୍ଧା, ପୁରୀ, ଗଞ୍ଜାମ, କନ୍ଧମାଳ, ନୟାଗଡ଼, ମୟୂରଭଞ୍ଜ, ଢେଙ୍କାନାଳ ଜିଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ।

## ୩ ଜିଲାରେ ହେଲାନି ସ୍ୱାଭାବିକ ମୌସୁମୀ ବର୍ଷା

ଦକ୍ଷିଣ-ପଶ୍ଚିମ ମୌସୁମୀ ଅକ୍ଟୋବର ୧୩ରୁ ରାଜ୍ୟରୁ ବାହୁଡ଼ି ଯାଇଛି। ହେଲେ ଚଳିତ ବର୍ଷ ରାଜ୍ୟର ୨୭ ଜିଲାରେ ମୌସୁମୀ ବର୍ଷା ସ୍ୱାଭାବିକ ହୋଇଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଜୁନ୍ ପହିଲାରୁ ମୌସୁମୀ ବିଦାୟ ନେବା ପର୍ଯ୍ୟନ୍ତ (ଅକ୍ଟୋବର ୧୩) ରାଜ୍ୟରେ ସ୍ୱାଭାବିକ ଭାବେ ୧୨୧୫.୩ ମିଲିମିଟର ହେବାକୁ ଥିବାବେଳେ ୧୧୮୮.୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ୩୦ ଜିଲାରୁ ଝାରସୁଗୁଡ଼ାରେ ୨୨ ପ୍ରତିଶତ, ବୌଦ୍ଧରେ ୨୧ ଏବଂ ଢେଙ୍କାନାଳରେ ୨୦ ପ୍ରତିଶତ ଅଧିକ ବର୍ଷା ହୋଇଛି। ତେବେ ଏହି ସମୟରେ ୩ ଜିଲା ନବରଙ୍ଗପୁରରେ ୨୪ ପ୍ରତିଶତ, କେନ୍ଦ୍ରାପଡ଼ାରେ ୨୪ ଏବଂ ପୁରୀ ଜିଲାରେ ୨୦ ପ୍ରତିଶତ କମ୍ ବର୍ଷା ହୋଇଛି। ଚଳିତ ବର୍ଷ ମୌସୁମୀ ୧୦ ଦିନ ବିଳମ୍ବରେ ରାଜ୍ୟକୁ ପ୍ରବେଶ କରିଥିଲା। ଲଗାତର ଲଘୁଚାପ ଯୋଗୁ ସେପ୍ଟେମ୍ବରରେ ମୌସୁମୀ ବର୍ଷା ଅଧିକ ହୋଇଛି। ଜୁନ୍‌ରେ ୭୮ ପ୍ରତିଶତ ବର୍ଷା ହୋଇଥିବା ବେଳେ ଜୁଲାଇରେ ୯୪, ଅଗଷ୍ଟରେ ୮୨ ଏବଂ ସେପ୍ଟେମ୍ବରରେ ୧୪୧ ପ୍ରତିଶତ ବର୍ଷା ହୋଇଛି।

# 'ସର୍ଭେରେ ଲଟକିଛି ୧୭ ରେଳପ୍ରକଳ୍ପ'ର ସ୍ପଷ୍ଟୀକରଣ

ଭୁବନେଶ୍ୱର, ୧୭।୧୦ (ବ୍ୟୁରୋ)

'ଧରିତ୍ରୀ'ର ୧୬।୧୦।୨୦୨୩ ସଂସ୍କରଣରେ ପ୍ରକାଶିତ 'ସର୍ଭେରେ ଲଟକିଛି ୧୭ ପ୍ରକଳ୍ପ' ଶୀର୍ଷକ ଖବରରେ କେତେକ ତଥ୍ୟରେ ଭୁଲ ରହିଥିବାନେଇ ପୂର୍ବତଟ ରେଳପଥ ପକ୍ଷରୁ ଏକ ସ୍ପଷ୍ଟୀକରଣ ଦିଆଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି, ଯାଜପୁର-କେନ୍ଦୁଝର ରୋଡ୍ ଷ୍ଟେଶନଠାରୁ ଧାମରା ଭାୟା ଯାଜପୁର ଏବଂ ଭଦ୍ରକ ଜିଲାର ଆରଡି ରେଳପଥର ଚୂଡ଼ାନ୍ତ ସର୍ଭେ ଗତ ସେପ୍ଟେମ୍ବର ୧୧ ତାରିଖରେ ଶେଷ ହୋଇଛି। ଏହା ଏବେ ନିର୍ମାଣାଧୀନ ରହିଛି। ତେଣୁ ଏହା କହିବା ଠିକ୍ ହେବ ନାହିଁ ଯେ, ସମ୍ପୃକ୍ତ ପ୍ରକଳ୍ପ ଅସମ୍ପୂର୍ଣ୍ଣ ସର୍ଭେ କାର୍ଯ୍ୟ ଯୋଗୁ ଅଟକି ରହିଛି। ଜୁନାଗଡ଼-ନବରଙ୍ଗପୁର ୧୧୮ କି.ମି. ରେଳପଥ ସର୍ଭେକାର୍ଯ୍ୟ ଅଟକି ରହିଛି ବୋଲି ଯାହା ପ୍ରକାଶ କରାଯାଇଛି, ବାସ୍ତବରେ ପୂର୍ବତଟ ରେଳପଥ ଦ୍ୱାରା ଏହାର ସର୍ଭେକାର୍ଯ୍ୟ ଶେଷ ହୋଇଛି। ଏପରି କି ଏହାର ସବିଶେଷ ପ୍ରକଳ୍ପ ରିପୋର୍ଟ(ଡିପିଆର୍) ୨୦୨୨ ଅକ୍ଟୋବର ୧୭ରେ ପ୍ରଦାନ କରାଯାଇଛି। ସେହିପରି ୧୨୫ କି.ମି. ଦୀର୍ଘ ମାଲକାନଗିରି-ଭଦ୍ରାଚଳମ(ପଣ୍ଡୁରାଙ୍ଗପୁରମ୍) ନୂଆ ଲାଇନ୍‌ର ଚୂଡ଼ାନ୍ତ ସର୍ଭେ ମଧ୍ୟ ସରିଛି। ଏସଂକ୍ରାନ୍ତ ରିପୋର୍ଟ ମଧ୍ୟ ଗତବର୍ଷ ଅକ୍ଟୋବର ୧୭ତାରିଖରେ ପ୍ରଦାନ କରାଯାଇଛି। ଅନୁରୂପ ଭାବେ ୫୮ କି.ମି. ଲମ୍ବ ଶାଶୁବୋହୂମାଳି-ସିଙ୍ଗୁମାଳି-କୁତ୍ରୁମାଳି ବକ୍ସାଇଟ ମାଇନ୍ସଠାରୁ ଟିକିରି ରେଳଷ୍ଟେଶନ ପର୍ଯ୍ୟନ୍ତ ରେଳପଥର ସର୍ଭେ କାର୍ଯ୍ୟ ଶେଷ ହୋଇଥିବାବେଳେ ୨୦୨୩ ଜୁଲାଇ ୧ତାରିଖରେ ଡିପିଆର ପ୍ରଦାନ କରାଯାଇଛି। ୭୯କି.ମି. ଦୈର୍ଘ୍ୟ ବିଶିଷ୍ଟ ନୂଆପଡ଼ା-ଗୁଣୁପୁରରୁ ଥେରୁବାଲି ରେଳପଥର ଡିପିଆର୍ ମଧ୍ୟ ୨୦୨୧ ଡିସେମ୍ବର ୧୫ରେ ପ୍ରଦାନ କରାଯାଇଛି। ୨୮୨କି.ମି. ଲମ୍ବ ତାଳଚେର-ଗୋପାଳପୁର ରେଳପଥର କ୍ଷେତ୍ର ସର୍ଭେ ମଧ୍ୟ ଶେଷ ହୋଇଛି। ହେଲେ ଏହାର ଡିପିଆର୍ ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଛି। ୧୦୦କି.ମି. ବଲାଙ୍ଗୀର-ନୂଆପଡ଼ା ରୋଡ୍ ଭାୟା ପାଟଣାଗଡ଼ ସର୍ଭେ କାର୍ଯ୍ୟ ଶେଷ ହୋଇଛି। ଏହାର ଡିପିଆର ମଧ୍ୟ ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଛି। ସେହିଭଳି ୩୩ କି.ମି. ଲମ୍ବ ପୁରୀ-କୋଣାର୍କ ରୁଟ୍‌ର କ୍ଷେତ୍ର ସର୍ଭେ ସରିଥିବାବେଳେ ଡିପିଆର ରିପୋର୍ଟ ଖୁବ୍‌ଶୀଘ୍ର ରେଳ ବୋର୍ଡକୁ ପ୍ରଦାନ କରାଯିବ। ୮ କି.ମି. ଲମ୍ବ ଦୈତାରି ଷ୍ଟେଶନରୁ ବାଲି ପର୍ବତ ଲୁହାପଥର ଖଣି ରୁଟ୍‌ର କ୍ଷେତ୍ର ସର୍ଭେ ସରିଥିବାବେଳେ ଡିପିଆର୍ ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଛି।

ସେହିଭଳି ଯେଉଁ ପ୍ରକଳ୍ପରଗୁଡ଼ିକ ଅସମ୍ପୂର୍ଣ୍ଣ ସର୍ଭେ ଯୋଗୁ ବନ୍ଦ ହୋଇପଡ଼ିଛି ବୋଲି ଉଲ୍ଲେଖ ରହିଛି ସେଗୁଡ଼ିକ ବିଭିନ୍ନ କାରଣରୁ ମନ୍ଥର ଗତିରେ ଚାଲିଛି। ସେଗୁଡ଼ିକର ବାସ୍ତବ ସ୍ଥିତି ହେଲା ୨୭୦ କି.ମି. ରାଇପୁରରୁ ଜବଲ୍‌ପୁର ରୁଟ୍‌ର ନୂଆ ଲାଇନ୍ ପାଇଁ ସର୍ଭେ କରାଯାଇ ନାହିଁ। ରାଇପୁର-ସମ୍ବଲପୁରର ଚୂଡ଼ାନ୍ତ ଲୋକେଶନ ସର୍ଭେ ପାଇଁ ଚଳିତବର୍ଷ ଫେବୃୟାରୀ ୨୮ତାରିଖରେ ମଞ୍ଜୁର ହୋଇଥିଲା। ହେଲେ ଏହାର କ୍ଷେତ୍ର ସର୍ଭେ କାର୍ଯ୍ୟ ଜାରି ରହିଛି। ୧୪୨ କି.ମି. ଲମ୍ବ ବରଗଡ଼ରୁ ନୂଆପଡ଼ା ରୁଟ୍ ଫିଲ୍ଡ ସର୍ଭେ ଶେଷ ହୋଇଛି। ପରବର୍ତ୍ତୀ କାର୍ଯ୍ୟ ପାଇଁ ଡିପିଆର ପ୍ରଦାନ କରାଯାଇଛି। ୧୬୦ କି.ମି. ଲମ୍ବ ବାରକୋଟରୁ ଝାରସୁଗୁଡ଼ାର ଚୂଡ଼ାନ୍ତ ସର୍ଭେ ଚଳିତ ବର୍ଷ ଅଗଷ୍ଟ ୪ତାରିଖରେ ମଞ୍ଜୁର ହୋଇଥିଲ। ଏହାର ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି। ୨୪୦ କି.ମି. ଲମ୍ବ ବିଶିଷ୍ଟ ଜଗନ୍ନାଥପୁର-ରେଢ଼ାଖୋଲ ନୂଆ ରେଳପଥ ଲାଇନର କାର୍ଯ୍ୟ ଓଆର୍‌ଆଇଡିଏଲ୍‌କୁ ପ୍ରଦାନ କରାଯିବା ସହ ଡିପିଆର୍ ମଧ୍ୟ ଦାଖଲ ହୋଇଛି। ୨୫୪ କି.ମି. ଦୈର୍ଘ୍ୟ ଏମ୍‌ସିଆର୍‌ଏଲ୍ ନୂଆ କରିଡର ଫେଜ୍-୧ ଅନୁଗୋଳରୁ ବଳରାମ(୧୪କି.ମି.) କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଏହାର ଚୂଡ଼ାନ୍ତ ଦୋହରୀକରଣ ସର୍ଭେ ଚାଲିଛି। ଏମ୍‌ସିଆର୍‌ଏଲ୍‌ଫେଜ୍-୨ ବଳରାମ-କୁଟାଗଡ଼ିଆ(ତେଣ୍ଟୁଲୋଇ)-ଜରପଡ଼ା(୫୪କି.ମି)ର ଚୂଡ଼ାନ୍ତ ଲୋକେଶନ ସର୍ଭେ ଗତ ଜୁନ୍ ୧୮ରେ ମଞ୍ଜୁର ହୋଇଛି। ଏହାର ଡିପିଆର୍ ଖୁବ୍‌ଶୀଘ୍ର ପ୍ରଦାନ କରାଯିବ।

ପ୍ରକାଶିତ ଖବରର ଶେଷ ପାରାରେ ଉଲ୍ଲେଖ ଥିବା ଅର୍ଥ ପରିମାଣ ମଞ୍ଜୁର ଅର୍ଥ ନୁହେଁ, ବରଂ ତାହା ପ୍ରକଳ୍ପ ଆକଳନ ଅର୍ଥ(ଏଷ୍ଟିମେଟେଡ୍ କଷ୍ଟ)। ଗତ ୨ବର୍ଷ ହେଲା ଖୋର୍ଦ୍ଧା-ବଲାଙ୍ଗୀର ନୂଆ ରେଳପଥ ପ୍ରକଳ୍ପ କାର୍ଯ୍ୟ ପାଇଁ ରାଜ୍ୟ ସରକାର ଦେଇଥିବା ଜମି ଏବଂ ଜଙ୍ଗଲ ଅନୁମତି ଯୋଗୁ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ୨୦୨୨-୨୩ ଏବଂ ୨୦୨୩-୨୪ର ଅଦ୍ୟାବଧି ପର୍ଯ୍ୟନ୍ତ ୩୭.୨୯ କି.ମି. ଲମ୍ବ ରେଳପଥ କାର୍ଯ୍ୟକ୍ଷମ ହୋଇଛି। ଏଥିସହିତ ଆଉ ୮୩ କି.ମି. ନିର୍ମାଣ ଶେଷ ପର୍ଯ୍ୟାୟରେ ରହିଛି। ଚଳିତ ଆର୍ଥିକ ବର୍ଷରେ ଏହା କାର୍ଯ୍ୟକ୍ଷମ ହେବ ବୋଲି ଲକ୍ଷ୍ୟ ରଖାଯାଇଛି। ମୋଟ ଉପରେ ୧୪୨.୩ କି.ମି. ଦୈର୍ଘ୍ୟ ରେଳପଥ କାର୍ଯ୍ୟକ୍ଷମ ହୋଇଛି। ତେଣୁ ଉପରଲିଖିତ ତଥ୍ୟ ଅନୁଯାୟୀ ଓଡ଼ିଶାରେ ରେଳ ଭିତ୍ତିଭୂମି କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି।



କୌଣସି ଏକ ବିଶେଷ ମତବାଦ ସତ୍ୟ ନୁହେଁ କି ମିଥ୍ୟା ନୁହେଁ। ତାହା କେବଳ ଜୀବନ ଯାତ୍ରା ପକ୍ଷରେ ସୁବିଧାଜନକ ବା ଅସୁବିଧାଜନକ। କାରଣ ସେହି ମତବାଦକୁ କାଳ ସୃଷ୍ଟି କରିଛି ଏବଂ ସେହି କାଳ ମଧ୍ୟରେ ହିଁ ତା'ର ଫଳ ଓ ମୂଲ୍ୟ ନଷ୍ଟ ହୋଇଯାଏ। ମତବାଦର ଊର୍ଦ୍ଧ୍ୱକୁ ଉଠିଯାଅ। ଚିରନ୍ତନ ସତ୍ୟକୁ ଅନୁସନ୍ଧାନ କର। **-ଶ୍ରୀଅରବିନ୍ଦ**



# କୋରାପୁଟ କଫି

କୋରାପୁଟ ଏକ ଆଦିବାସୀ ଅଧ୍ୟୁଷିତ ଜିଲା। ବହୁ ଲୋକଙ୍କ ଧାରଣା ଯେ, ଏହା ଏକ ଅନଗ୍ରସର ଅଞ୍ଚଳ। କିନ୍ତୁ ଯେଉଁମାନେ କୋରାପୁଟ ଯାଇଛନ୍ତି ସମସ୍ତେ ଜାଣନ୍ତି ଯେ, ପ୍ରାକୃତିକ ସୌନ୍ଦର୍ଯ୍ୟ ସହ କୋରାପୁଟରେ ଅନେକ ଆଧୁନିକ ଶିଳ୍ପ ଏବଂ କୃଷି କ୍ଷେତ୍ରରେ କାର୍ଯ୍ୟ କରାଯାଉଛି। ଏଠାରେ ଅନେକ ପ୍ରତିଷ୍ଠାନ ଗଢ଼ିଉଠିଛି ଯାହାକି ଏହି ଅଞ୍ଚଳର ମାନକୁ ଜାତୀୟ ସ୍ତରକୁ ନେଇପାରିଛନ୍ତି। ଏବେ ବୈଶ୍ୱିକ କଫି ମାନଚିତ୍ରରେ କୋରାପୁଟ ସ୍ଥାନ ପାଇପାରିଛି। ନିକଟରେ ବେଙ୍ଗାଲୁରୁରେ ଅନୁଷ୍ଠିତ ୫ମ ବିଶ୍ୱ କଫି ସମ୍ମିଳନୀରେ କୋରାପୁଟ ଉତ୍ପାଦିତ କଫି ୩ଟି ପୁରସ୍କାର ଲାଭ କରିଛି। ସେଠାରେ ଉତ୍ପାଦିତ ଗୋଟିଏ କିସମ(କୃତି କଫିର 'କିନ୍ଦିରିଗୁଡ଼ା ନେଚୁରାଲ୍ସ'୨୦୨୨-୨୩ ବ୍ୟାଚ୍)କୁ ସର୍ବୋତ୍କୃଷ୍ଟ ନେଚୁରାଲ କଫି ପୁରସ୍କାର ମିଳିଥିବାବେଳେ ଆଉ ଗୋଟିକୁ ସେମି ଓ୍ୱାଶ୍‌ଡ ବର୍ଗରେ ସବୁଠୁ ଭଲ ଓ ଅନ୍ୟ ଏକ କିସମକୁ ଓ୍ୱାଶ୍‌ଡ ବର୍ଗରେ ୫ମ ସ୍ଥାନ ମିଳିଥିବା କଫି ବୋର୍ଡ ପକ୍ଷରୁ ପ୍ରକାଶ କରାଯାଇଛି। କୋରାପୁଟ ଜିଲାର ପ୍ରାକୃତିକ ପରିବେଶରେ ଚାଷ କରାଯାଉଥିବା ସବୁଠୁ ପୁରାତନ କିସମର କଫି ଏବେ ବିଶ୍ୱ କଫି ପ୍ରତିଯୋଗିତାରେ ନିଜକୁ ଉତ୍କୃଷ୍ଟ ବୋଲି ସାବ୍ୟସ୍ତ କରିପାରିଛି। ଉଲ୍ଲେଖନୀୟ ଯେ, କୋରାପୁଟ କଫି ଚାଷର ଇତିହାସ ବହୁ ପୁରୁଣା। ପ୍ରଥମେ ଜୟପୁର ମହାରାଜା ରାଜବାହାଦୁର ରାମଚନ୍ଦ୍ର ଦେଓ ୧୯୩୦ରେ ଏହି ଚାଷ ଆରମ୍ଭ କରିଥିଲେ। ଜୟପୁର ଜମିଦାରି ଉଚ୍ଛେଦ ହେବା ପରେ ଏହା ପ୍ରାୟ ବନ୍ଦ ହୋଇଯାଇଥିଲା। ପରେ ୨୦୧୭ରେ ଜିଲା ପ୍ରଶାସନ କଫି ଡେଭଲପମେଣ୍ଟ ଟ୍ରଷ୍ଟ ଗଠନ କରି କୋରାପୁଟକୁ କଫି କେନ୍ଦ୍ର କରିବାକୁ ପ୍ରୟାସ ଜାରି ରଖିଛି। ଏବେ କୋରାପୁଟରେ ପାଖାପାଖି ୪ହଜାର ହେକ୍ଟର ଜମିରେ କଫି ଚାଷ କରାଯାଉଛି। ଏକ ସରକାରୀ ଅନୁଧ୍ୟାନରୁ ଜଣାପଡ଼ିଛି ,ଏହି ଜିଲାରେ ୧.୪୬ ଲକ୍ଷ ହେକ୍ଟର ଜମି କଫି ଚାଷ ପାଇଁ ଅନୁକୂଳ। ରାଜ୍ୟ ସରକାର ଚଳିତ ବର୍ଷ କଫି ମିଶନ ଘୋଷଣା କରିବା ପରେ କୃଷି ବିଭାଗ କଫିଚାଷକୁ ରାୟଗଡ଼ା, ଗଜପତି, କଳାହାଣ୍ଡି, କନ୍ଧମାଳ ଓ କେନ୍ଦୁଝରକୁ ବିସ୍ତାରକରି ଆଗାମୀ ୫ ବର୍ଷ ମଧ୍ୟରେ ଉତ୍ପାଦନ ୧୦ ଗୁଣ ବୃଦ୍ଧି କରିବାକୁ ଯୋଜନା କରିଛନ୍ତି। ପ୍ରଥମେ କେବଳ ଆଦିବାସୀମାନେ ଏହି ଚାଷ କରୁଥିଲେ ଓ ଏବେ ଅଣ ଆଦିବାସୀମାନେ ଏଥିରେ ସାମିଲ ହୋଇଛନ୍ତି। କୋରାପୁଟ ଉତ୍ପାଦିତ କଫିକୁ ଆନ୍ଧ୍ର ବ୍ୟବସାୟୀ କିଣିନେଇ ତାହାକୁ 'ଆର୍‌କୁ' କଫି ନାମରେ ଦେଶବ୍ୟାପୀ ବିକୁଥିବା ଅନେକେ ଜାଣିଥିବେ। ତେବେ ଟ୍ରାଇବାଲ ଡେଭଲପ୍‌ମେଣ୍ଟ କୋ-ଅପରେଟିଭ କର୍ପୋରେଶନ ଅଫ୍ ଓଡ଼ିଶା ଲିମିଟେଡ୍(ଟିଡିସିସିଓଏଲ୍) କଫି ପ୍ରୋସେସିଂ କରି ତାହାକୁ କୋରାପୁଟ କଫି ବ୍ରାଣ୍ଡରେ ବିକ୍ରି କରୁଛି। ଏହା ଅନେକ ଶହ ପରିବାରର ଜୀବିକାର ମାଧ୍ୟମ ହୋଇଛି।

**କୋରାପୁଟ କଫିର ବଜାର ଏବେ ପୁରୀ ଓ ଭୁବନେଶ୍ୱରରେ ସୀମିତ ଥିବା ଜଣାଯାଏ। ଏହାର ପ୍ରସାର ଗୋଟିଏ କମ୍ପାନୀକୁ ଦେବା ପରିବର୍ତ୍ତେ ସେଥିରେ ପ୍ରତିଯୋଗିତାମୂଳକ ବ୍ୟବସାୟକୁ ରାଜ୍ୟ ସରକାର ପ୍ରୋତ୍ସାହନ ଦେବା ଉଚିତ।**

କଫି ଉତ୍ପାଦନରେ ବିଶ୍ୱରେ ଷଷ୍ଠ ସ୍ଥାନରେ ଅଛି ଭାରତ। କଫି ଉତ୍ପାଦନ ଓ ଏହାର ବଜାର ଅଭିବୃଦ୍ଧି ଲାଗି କଫି ବୋର୍ଡ ଅଫ୍ ଇଣ୍ଡିଆ ପ୍ରୟାସ ଜାରି ରଖିଛି। ଭାରତରେ ମୋଟ କଫି ଉତ୍ପାଦନର ୯୦% କର୍ଣ୍ଣାଟକ ଓ କେରଳରେ, ୫% ତାମିଲନାଡୁରେ ଏବଂ ଅବଶିଷ୍ଟ ଆନ୍ଧ୍ରପ୍ରଦେଶ ଓ ଓଡ଼ିଶା ଆଦି ରାଜ୍ୟରେ ହେଉଛି। ଭାରତରେ ଯୁବବର୍ଗଙ୍କ ମଧ୍ୟରେ କଫିର ଆଦର ବଢୁଥିବାରୁ ଏହାର ବଜାର ବୃଦ୍ଧି ପାଉଛି। କାଫେ ସଂସ୍କୃତି ମଧ୍ୟ ସମୟ ସହ ତାଳଦେଇ ଆଗକୁ ବଢୁଛି। ସାଧାରଣ ଲୋକେ ମଧ୍ୟ ଚା' ବଦଳରେ କଫିର ସ୍ୱାଦ ଜାଣିଲେଣି । ନୂତନ ଯୁଗର କଫି ଚେନ୍ ବଜାରରେ ପ୍ରବେଶକରି ସେମାନଙ୍କ ସ୍ଥିତି ବଢ଼ାଇବାରେ ଲାଗିଛନ୍ତି। ଏହି କାଫେ ବିପ୍ଳବରେ ଚେନ୍ ଦୋକାନ ଭାବେ ବାରିଷ୍ଟା,କାଫେ କଫି ଡେ,କୁମ୍ଭାକୋନମ୍, ବ୍ରୁବେଣୀ ଭଳି କେତୋଟି ନାମ ଭାରତ ବ୍ୟାପୀ ସୁପରିଚିତ ହୋଇସାରିଲାଣି। ଏତଦ୍‌ବ୍ୟତୀତ ଆମେରିକାର କଫି ଚେନ୍ ଷ୍ଟାର୍ ବକ୍ ୨୦୧୨ରେ ଭାରତରେ ପ୍ରବେଶ କରିବା ପରେ ଏବେ ଦେଶର ୪୪ ସହରରେ ୩୬୦ ଷ୍ଟୋର ଖୋଲି ସାରିଲାଣି। ତେବେ ଓଡ଼ିଶାରେ ଉତ୍ପାଦିତ କୋରାପୁଟ କଫିକୁ ଜାତୀୟ ସ୍ୱୀକୃତି ମିଳିବା ପରେ ଏହାର ଉତ୍ପାଦନ ବୃଦ୍ଧି ଓ ବଜାରୀକରଣ ଆର୍ଥିକ ଦୃଷ୍ଟିକୋଣରୁ ଲାଭବାନ୍ ହୋଇପାରେ। ଏଣୁ କଫି ମିଶନର ଲକ୍ଷ୍ୟ ହାସଲ ପାଇଁ ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ଚାଷ କ୍ଷେତ୍ରରେ ଗବେଷଣା ଓ ଆଧୁନିକ ପଦ୍ଧତିକୁ ଗୁରୁତ୍ୱ ଦେଲେ ଓଡ଼ିଶା କଫି ଉତ୍ପାଦନରେ ଅଗ୍ରଣୀ ରାଜ୍ୟ ହୋଇପାରନ୍ତା। କଫି ଚାଷକୁ ୬ଜିଲାରେ ବ୍ୟାପକ କରାଗଲେ ତାହା ଚାଷୀଙ୍କୁ ସ୍ଥାୟୀ ଜୀବିକା ଯୋଗାଇଦେବ। କିନ୍ତୁ ଦୁଃଖର ବିଷୟ କେତେଜଣ ଅମଲାତନ୍ତ୍ରୀଙ୍କ ମସୁଧା ଯୋଗୁ ଓଡ଼ିଶାର କଫି ବ୍ୟବସାୟ ସମ୍ପୂର୍ଣ୍ଣ ଭାବେ ଟାଟା କମ୍ପାନୀକୁ ଧରାଇ ଦିଆଯାଇଛି, ଯାହାକି ଭବିଷ୍ୟତରେ ସାଧାରଣ ଚାଷୀଙ୍କୁ କ୍ଷତି ପହଞ୍ଚାଇପାରେ। କୋରାପୁଟ କଫିର ବଜାର ଏବେ ପୁରୀ ଓ ଭୁବନେଶ୍ୱରରେ ସୀମିତ ଥିବା ଜଣାଯାଏ। ଏହାର ପ୍ରସାର ଗୋଟିଏ କମ୍ପାନୀକୁ ଦେବା ପରିବର୍ତ୍ତେ ସେଥିରେ ପ୍ରତିଯୋଗିତାମୂଳକ ବ୍ୟବସାୟକୁ ରାଜ୍ୟ ସରକାର ପ୍ରୋତ୍ସାହନ ଦେବା ଉଚିତ।

# ରୋଜଗାର ମେଳା ଓ ବେରୋଜଗାରି



ଶୈଳେନ୍ଦ୍ର ଦ୍ୱିବେଦୀ

ନିକଟରେ (ସେପ୍ଟେମ୍ବର ୨୩, ୨୦୨୩) ଦେଶବ୍ୟାପୀ (୪୬ ସ୍ଥାନରେ) ଅନୁଷ୍ଠିତ ହୋଇଥିବା 'ପ୍ରତୀୟମାନ' ବା 'ଭର୍ଚୁଆଲ' ରୋଜଗାର ମେଳାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୫୧,୦୦୦ ଯୁବତୀଯୁବକଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ଏଇଠି କହିରଖେ, ଏସବୁ ନିଯୁକ୍ତି ସହ ସାମିଲ ବେଶ୍ କିଛି ସରକାରୀ ବିଭାଗ କେନ୍ଦ୍ର, ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ। ଏଣେ ସରକାରୀ ବିଭାଗଗୁଡ଼ିକ ମଧ୍ୟରେ ରହିଛି ଡାକ ବିଭାଗ, ଅଡିଟ୍ ଓ ଆକାଉଣ୍ଟସ, ରାଜସ୍ୱ , ଉଚ୍ଚଶିକ୍ଷା, ଆଣବିକ ଶକ୍ତି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ପ୍ରତିରକ୍ଷା ପରି ବିଭାଗ। ସରକାରଙ୍କ ତରଫରୁ କୁହାଯାଇଛି, ୨୦୨୨ରୁ ଆରମ୍ଭ ହୋଇଥିବା ରୋଜଗାର ମେଳା ଆମ ଅର୍ଥନୈତିକ ଅଭିବୃଦ୍ଧି ଏବଂ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟିକୁନେଇ ରହିଥିବା ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନ ଓ ପ୍ରତିବଦ୍ଧତାକୁ ଇଙ୍ଗିତ କରୁଛି। ଏହା ବାଦ୍ ଦେଶର ସର୍ବାଙ୍ଗୀନ ଉନ୍ନତିରେ ଯୁବପିଢ଼ିକୁ ଆଗକୁ ନେବାକୁ ପ୍ରୋତ୍ସାହିତ କରୁଛି। ଜଣାପଡ଼ିଛି, ନୂତନ ଭାବେ ଯୋଗଦେବାକୁ ଥିବା ପ୍ରାର୍ଥୀମାନେ କର୍ମଯୋଗୀ ପ୍ରାରମ୍ଭ ଇ-ପୋର୍ଟାଲ ମାଧ୍ୟମରେ ୬୮୦ କିସମର ଇ - ଲର୍ଣ୍ଣିଂ କୋର୍ସ କରିବାର ସୁଯୋଗ ପାଇବେ। ଭଲ କଥା। ସତସତିକା ପ୍ରଗତି ହେଉ ବା ନ ହେଉ, ଗତ କେତେ ବର୍ଷ ଧରି ଭାରତର ଇ-ପ୍ରଗତି/ଡି-ପ୍ରଗତି ବା ଡିଜିଟାଲ ପ୍ରଗତି ବାରି ହୋଇପଡୁଛି।

ସରକାରୀ ସୂତ୍ର ଅନୁସାରେ ଗତ ଅକ୍ଟୋବର ୨୦୨୨ରୁ ଏ ପର୍ଯ୍ୟନ୍ତ ୫.୫ ଲକ୍ଷ ଯୁବତୀଯୁବକଙ୍କୁ ନିଯୁକ୍ତିପତ୍ର ଦିଆସରିଲାଣି ଏବଂ ଏହି କାର୍ଯ୍ୟକ୍ରମରେ ଅନ୍ତତଃ ୧୦ ଲକ୍ଷ ନିଯୁକ୍ତି ଦେବାପାଇଁ ଯୋଜନା ରହିଛି। ପାଠକେ, ଏଇଠି କହିରଖେ ଯେ ନିକଟରେ ଆମ ପ୍ରଧାନମନ୍ତ୍ରୀ ଖୋଦ୍ ସ୍ପଷ୍ଟ କରିଛନ୍ତି- କେବଳ ଗତ ୫ ବର୍ଷ ଭିତରେ ୧୩.୫୦ କୋଟି ଭାରତୀୟ ଦାରିଦ୍ର୍ୟ ସୀମାରେଖାରୁ ଉପରକୁ ଉଠିବା ପାଇଁ ସମର୍ଥ ହୋଇଛନ୍ତି (ନୀତି ଆୟୋଗ ରିପୋର୍ଟ ଆଧାରରେ)। ନିକଟରେ ସେ ଏକଥା ମଧ୍ୟ କହିଛନ୍ତି, ଯେତେବେଳେ ସକାରାତ୍ମକ ଭାବନା ନେଇ କୌଣସି ନିଷ୍ପତ୍ତି ନିଆଯାଏ, ଅର୍ଥାତ୍ ଏହା ପଛରେ ନିହିତ ଉଦ୍ଦେଶ୍ୟ ସକାରାତ୍ମକ ରହିଥାଏ ଏବଂ ତାହା ଶୃଙ୍ଖଳା ଓ ସଂହତିର ସହ ସମ୍ପନ୍ନ ହୁଏ ସେତେବେଳେ ସମ୍ପୂର୍ଣ୍ଣ ବାତାବରଣରେ ରଚନାତ୍ମକ ତରଙ୍ଗ ଭରପୂର ହୋଇଯାଏ। ସେ କହିଛନ୍ତି, ଅମୃତ କାଳର ପ୍ରଥମ ବର୍ଷରେ ଦାରିଦ୍ର୍ୟ ହ୍ରାସ ପାଇବା ସହ ସମୃଦ୍ଧି ବୃଦ୍ଧି ପାଇବା ଖୁବ୍ ଭଲ ଖବର। ପ୍ରକୃତରେ ଶୁଣିବାକୁ କେତେ ଭଲ ନ ଲାଗୁଛି!

ପାଠକମାନଙ୍କ ପାଇଁ ଉଲ୍ଲେଖ କରୁଛି ଯେ ନୀତି



ଆୟୋଗ ତଥ୍ୟ ମୁତାବକ ଦେଶରେ ଗତ ୯ ବର୍ଷ ଭିତରେ ଆୟକରଦାତାଙ୍କ ସଂଖ୍ୟା କ୍ରମଶଃ ବଢୁଛି। ୨୦୧୪ରେ ହାରାହାରି ଆୟକରଦାତାଙ୍କ ବାର୍ଷିକ ଆୟ ୪ଲକ୍ଷ ଟଙ୍କା ଥିଲା, ଯାହା ୨୦୨୩ରେ ବୃଦ୍ଧିପାଇଛି ୧୩ ଲକ୍ଷ ଟଙ୍କାକୁ। ଅର୍ଥାତ୍ ଆୟ ବି ଭଲ ବଢୁଛି। ପ୍ରଧାନମନ୍ତ୍ରୀ ଏକଥା ବି କହିଛନ୍ତି, ତମାମ ଦେଶବାସୀ ଅଧିକରୁ ଅଧିକ ସରକାରଙ୍କ ଉପରେ ଭରସା ରଖିଛନ୍ତି। ତେଣୁ ଦେଶର ବିକାଶ ପାଇଁ ଆଗକୁ ବାହାରି ସେମାନେ ଅଧିକରୁ ଅଧିକ କର ଦେବାପାଇଁ ପ୍ରସ୍ତୁତ ଅଛନ୍ତି। ତାହା ହିଁ କାରଣ ଭାରତୀୟ ଅର୍ଥନୀତି ଯାହା ୨୦୧୪ ପୂର୍ବରୁ ୧୦ ନମ୍ବରରେ ଥିଲା ଏବେ ୫ ନମ୍ବରରେ ରହିଛି। ସ୍କାମ୍‌ର ସମୟ ଆଉ ନାହିଁ। ଦୁର୍ନୀତିର ଆପାତତଃ ଅନ୍ତ ଘଟିଛି। ଏବେ ଯାହା ଗରିବ ଲୋକଙ୍କର ପ୍ରାପ୍ୟ ତାହା ସିଧାସଳଖ ଯାଉଛି ଲୋକଙ୍କ ଆକାଉଣ୍ଟକୁ।

ପାଠକେ, ପ୍ରାୟ ନିକଟରେ ଅଜିମ ପ୍ରେମ୍‌ଜୀ ବିଶ୍ୱବିଦ୍ୟାଳୟ ତରଫରୁ କରାଯାଇଥିବା ଏକ ଅଧ୍ୟୟନ ଅନୁସାରେ ୨୦୨୧-୨୨ରେ ଶିକ୍ଷିତ ଯୁବତୀଯୁବକଙ୍କ ମଧ୍ୟରେ ଭାରତରେ ବେରୋଜଗାରି ରେକର୍ଡ ଛୁଇଁଥିଲା। 'ଷ୍ଟେଟ୍ ଅଫ୍ ଓ୍ୱାର୍କିଂ ଇଣ୍ଡିଆ , ୨୦୨୩' ଅନୁସାରେ ୪୨ ପ୍ରତିଶତ ଭାରତୀୟ ସ୍ନାତକ (୨୫ ବର୍ଷ ବୟସ ତଳେ) ବେରୋଜଗାରିକୁ ସାମ୍ନା କରୁଥିଲେ। ଯଦିଓ ମହାମାରୀ ପରେ ଅନେକ କ୍ଷେତ୍ରରେ ସ୍ଥିତି ସୁଧୁରିଛି ତଥାପି ଆଗକୁ ରହିଛି ଅନେକ ଅନ୍ଧାର। ଭାରତରେ ବେରୋଜଗାରିଙ୍କ ସଂଖ୍ୟା ବଢୁଛି , ତେବେ ତା' ସହ ବୈଷମ୍ୟର ସ୍ଥିତି ଅଧିକ ଚିନ୍ତାଜନକ। ସମୃଦ୍ଧି ଭେଦିଛି ଖୁବ୍ କମ୍ ଲୋକଙ୍କୁ , ଯେଉଁମାନେ ଶିଡ଼ିର ଉପର ପାହାଚରେ ଅଛନ୍ତି। ଅନୁସୂଚିତ ଜନଜାତିଙ୍କ ମଧ୍ୟରୁ ୨୨ ପ୍ରତିଶତ କର୍ମକ୍ଷେତ୍ରରୁ ନିୟମିତ ବେତନ ପାଉଥିବା ବେଳେ ଅନ୍ୟମାନଙ୍କ ତୁଳନାରେ ସେଇମାନେ ହିଁ ଅଧିକ ନିଯୁକ୍ତ ଅଣସଙ୍ଗଠିତ କ୍ଷେତ୍ରଗୁଡ଼ିକରେ, ଯେଉଁଠି ନିୟମିତ ମଜୁରି/ଦରମା, ଛୁଟି, ବୀମା ଏବଂ ସ୍ୱାସ୍ଥ୍ୟ ସେବା ଇତ୍ୟାଦି ସୁବିଧା ସୁଯୋଗ ନାହିଁ। ଉଦ୍ୟୋକ୍ତାମାନଙ୍କ ସଂଖ୍ୟା ଦେଶରେ ତ ବଢୁଛି, କିନ୍ତୁ ଉଭୟ ଅନୁସୂଚିତ ଜାତି ଓ ଜନଜାତିଙ୍କ ମଧ୍ୟରେ ଉଦ୍ୟୋଗୀ ସଂଖ୍ୟା ଯଥେଷ୍ଟ କମ୍। ୨୦ରୁ ଅଧିକ କର୍ମଚାରୀ ରଖିଥିବା ଉଦ୍ୟୋଗପତିମାନେ କଦାଚିତ ଏଇ ବର୍ଗମାନଙ୍କ ଭିତରୁ ଆସିଛନ୍ତି। ମହିଳାମାନଙ୍କ ନିଯୁକ୍ତିକୁ ନେଇ ବୈଷମ୍ୟ ହ୍ରାସ ପାଉଥିଲେ ହେଁ ଏହା ଆଦୌ ସନ୍ତୋଷଜନକ ନୁହେଁ। ପୁରୁଷମାନେ ଯାହା ରୋଜଗାର କରନ୍ତି ମହିଳାମାନେ ପାଆନ୍ତି ତା'ର ୭୬ ପ୍ରତିଶତ। କେବଳ ସେତିକି ନୁହେଁ, ସର୍ବାଧିକ ମହିଳା ନିଯୁକ୍ତି ଅଣସଙ୍ଗଠିତ କ୍ଷେତ୍ରଗୁଡ଼ିକରେ ଓ ଗ୍ରାମାଞ୍ଚଳରେ ଯେଉଁଠି ଲିଙ୍ଗଗତ ହିଂସା ସମ୍ଭାବନା ଅଧିକ।

ରିପୋର୍ଟ ଉଲ୍ଲେଖ କରିଛି, ଅଧିକ ଅର୍ଥନୈତିକ ଅଭିବୃଦ୍ଧି ହାର ହାସଲ କରିବା ସହ ନିଯୁକ୍ତି ସୁଯୋଗ ବଢ଼ିବାର ସମାନୁପାତିକ ସମ୍ପର୍କ ନାହିଁ। ୨୦୦୪-୧୯ ଭିତରେ ନିଯୁକ୍ତି ସୁଯୋଗ ଖାସ୍ କରି ସୁହାଉଛି ପାରିବା ଲୋକଙ୍କୁ। କରୋନା ପରବର୍ତ୍ତୀ ସମୟରେ ନିଯୁକ୍ତି ସୁଯୋଗ ବଢ଼ିଛି, ଯାହା ୨୫ ବର୍ଷ ବୟସ ତଳେ ରହିଥିବା ସ୍ନାତକମାନଙ୍କ ଭିତରୁ ୪୨ ପ୍ରତିଶତଙ୍କୁ ତଥାପି ବେରୋଜଗାର ରଖିଥିବା ବେଳେ ମୋଟାମୋଟି ୧୫ପ୍ରତିଶତ ସ୍ନାତକଙ୍କୁ ବେକାରି ଭେଟି ଦେଇଛି। ଚିନ୍ତାଜନକ ହେଉଛି ବର୍ତ୍ତମାନ ସମୟରେ ଭାରତରେ ବି ଜାତି, ଲିଙ୍ଗ ଏବଂ ଧର୍ମ ସହ ଯୋଡ଼ିହୋଇ ରହିଛି ନିଯୁକ୍ତି ସୁଯୋଗ। ଅନ୍ୟପକ୍ଷରେ ରିପୋର୍ଟ ଦର୍ଶାଇଛି ୨୦୦୪-୧୮ ଭିତରେ ଅସ୍ଥାୟୀ ନିଯୁକ୍ତି ବଢ଼ିଛି। ଏକଥା ଯଦିଓ ନୁହେଁ ଯେ ଯାହା ବାପାଙ୍କ ଜୀବନରେ ଘଟିଛି (ଅସ୍ଥାୟୀ ନିଯୁକ୍ତିରେ) ତା' ପୁଅ ବି ସମାନ ନିଯୁକ୍ତିରେ, ସମାନ ଅଧ ସ୍ୱପ୍ନରେ ସନ୍ତୁଷ୍ଟ ହେବ, କିନ୍ତୁ ଏତେ ବେଶି ସୁଯୋଗ ବି କାହିଁ ମୋଦିଙ୍କ ନୂତନ ଭାରତରେ, ଯେଉଁଠି ଦିନରେ ୨/୩ ଘଣ୍ଟା ପକୁଡ଼ି ବିକୁଥିବା ପିଲାଟିର ରୋଜଗାର ହିସାବ ରଖିବା ପାଇଁ ପରିସଂଖ୍ୟାନବିତ୍ ପରିଶ୍ରମ କରୁଛନ୍ତି ! ଜଣାପଡ଼ିଛି ବୟସ ବଢ଼ିବା ସଙ୍ଗେ ସଙ୍ଗେ ସ୍ନାତକମାନଙ୍କ ନିଯୁକ୍ତି ସମ୍ଭାବନା ଅବଶ୍ୟ ବଢୁଛି, ତେବେ ତାହା ସ୍ଥାୟୀ ନିଯୁକ୍ତି ନୁହେଁ। ରିପୋର୍ଟରେ ଉଲ୍ଲେଖ ରହିଛି, ଦିନକୁ ଦିନ ଅଧିକ ଲୋକେ ଚାଷରୁ ମୁହଁ ଭାଙ୍ଗି ନେଉଛନ୍ତି। ଆପଣ ଚିନ୍ତା କରିପାରନ୍ତି।

ମୋ-୯୪୩୭୧୩୭୦୬୦
sailendradwivedi@gmail.com

# ଖାଉଣିଆ



ଦ୍ୱିତୀ ଚନ୍ଦ୍ର ସାହୁ

ସାମ୍ନାରେ ଥିବ କଞ୍ଚା ଆମ୍ବ। ତାକୁ ଲାଗି ରହିଥିବ ଲୁଣ, ଲଙ୍କାଗୁଣ୍ଡ ଓ ଛୁରି। ଆପଣ ଦେଖୁ ଦେଖୁ ଖାଇବାକୁ ବ୍ୟାକୁଳ ହେବେ ନିଶ୍ଚିତ। ଆମ୍ବକୁ ତୁରନ୍ତ କାଟି ଲୁଣ ଲଙ୍କାରେ ବୁଡାଇ ପାକୁଳି କରିଚାଲିବେ ଓ ସ୍ୱାଦକୁ ଅନୁଭବ କରିବେ। ହଁ ଆଜ୍ଞା, ଏତିକି ପଢୁ ପଢୁ ଆପଣଙ୍କର ପାଟିରେ ଲାଳ ଭରି ଯାଇଥିବ ନିଶ୍ଚିତ। ତାକୁ ତୁରନ୍ତ ଗିଳି ପକାନ୍ତୁ। ନ ହେଲେ ପାଟି ଦେଇ କାଳେ ବାହାରକୁ ବୋହିଯାଇପାରେ ! ନିଜ ପସନ୍ଦର ଖାଦ୍ୟ ଖାଇବାକୁ କାହାକୁ ଭଲ ନ ଲାଗେ। ମିଳୁଛି ଯଦି ଅପେକ୍ଷା ନ କରି ସଭିଏଁ ଖାଇ ଚାଲିବେ। ପେଟ ଭରି ଗିଳିବାକୁ ତର ସହିବନି। ସେଥିପାଇଁ ତ ଭୋଜି ହେଉ କି ପାର୍ଟିରେ ଟିକେ ଅଧିକ ଖାଇବାକୁ ଇଚ୍ଛା ହୁଏ। ଅଧିକାଂଶ ଲୋକଙ୍କର ଖାଦ୍ୟରେ ରୁଚି ରହିଛି। ସେଥିରୁ ଆଉ କିଛି ଅଛନ୍ତି ପେଟୁ ବା ଖାଉଣିଆ ଗୋଷ୍ଠୀର। ତେବେ ମନପସନ୍ଦର ଖାଇବା ମିଳିଲେ ବି କେତେ ଖାଇବେ ଆପଣ ? ଅତି ବେଶିରେ ସାଧାରଣ ଦିନଠାରୁ ସାମାନ୍ୟ ଅଧିକ ଖାଇବେ। ତା'ଠାରୁ ବେଶି ଅଧିକ ଖାଇବାକୁ ରୁଚିବନି। ଅଧିକା ଭୋଜନ ବଦହଜମି ହେବ। ଡାକ୍ତରଖାନାକୁ ଯିବାକୁ ପଡିବ। କିନ୍ତୁ ଏଠି ଆମେ ଯେଉଁ ଖାଦ୍ୟର କଥା କହୁଛୁ ତାହା ଯେତେ ଖାଇଲେ ବି କିଛି ହେବନି। ରଙ୍କଠାରୁ ଧନୀ, ଧନୀଠାରୁ ମାନି ସମସ୍ତଙ୍କର ତା' ପ୍ରତି ପ୍ରବଳ ଲୋଭ! ଯେତେ ଅଧିକା ଦେବେ ସେତେ ସେତେ ଖାଇବେ ପଛେ ମନା କରିବେନି କେହି।

ଏଇ ଖାଦ୍ୟ ଖାଉଣିଆଙ୍କ ବିଶେଷ ପସନ୍ଦର। ପେଟ ଭରିବା ଲାଗି ଏମିତିଆ ଖାଦ୍ୟ ଅବଶ୍ୟ ଖିଆଯାଏନି। ମନ ଓ ହୃଦୟ ଭରିବା ଲାଗି ଖିଆଯାଏ। ହେଲେ ମନ କୋଉଠି କେବେ ଭରେ ଯେ ଖାଇବା ଛାଡି ହୁଏ ! ସମୟ ଅନୁଯାୟୀ ନିର୍ଦ୍ଦିଷ୍ଟ ଧରଣର ଖାଦ୍ୟ ଖାଇବାର ଏକ ଅଲିଖିତ ନିୟମ ଅଛି। ଅଥଚ ଖାଉଣିଆମାନେ ଏଇ ଅପୂର୍ବ ଖାଦ୍ୟକୁ ଖାଇବା ଲାଗି ବେଳକାଳ ଦେଖନ୍ତିନି। ଠିଆ ହୋଇ, ବସି ବସି, ଘରେ, ବାହାରେ, ଦିନରେ ଓ ରାତିରେ ସବୁଠି ସବୁସ୍ଥିତିରେ ଖାଉଣିଆମାନେ ସହଜରେ ଖାଇପାରନ୍ତି। ଅବସ୍ଥା ଭିତରେ ବ୍ୟବସ୍ଥା କରିପାରନ୍ତି। ଭଲକୁ ଭେଲ ଓ ଖରାପକୁ ଗେଲ କରିପାରନ୍ତି। କିଛି ନିର୍ଦ୍ଦିଷ୍ଟ ଜାତୀୟ ଲୋକଙ୍କୁ ଖାଉଣିଆ ବୋଲି ସାଧାରଣରେ ଗଣା ଯାଉଥିଲେ ବି ଏହି ତାଲିକା ଏବେ ବହୁତ ଲମ୍ବା। ଭାରତରେ ଏମିତି ଖାଉଣିଆଙ୍କ ସଂଖ୍ୟା ପ୍ରବଳ ବେଗରେ ଓ ପ୍ରବଳ ସଂଖ୍ୟାରେ ବଢୁଥିବାରୁ ବିଶ୍ୱରେ ଦୁର୍ନୀତି ଦେଶ କ୍ରମରେ ଆମ ଦେଶ ୮୬ତମ ସ୍ଥାନରେ। ଭିନ୍ନ ଭିନ୍ନ ମାର୍ଗରେ ଖାଉଣିଆମାନେ ସହଜରେ ଲାଞ୍ଚ ଖାଇପାରନ୍ତି। ଲାଞ୍ଚ ଖାଇବା ରୋକିବାକୁ ବହୁ ସଂସ୍ଥା ରହିଥିଲେ ବି ଦେଶରୁ ଦୁର୍ନୀତିକୁ ହଟାଯାଇ ପାରୁନି। ଖାଉଣିଆମାନେ ଅର୍ଥ ଖାଇବା ଲାଗି ବହୁ ଉପାୟ ଅବଲମ୍ବନ କରନ୍ତି। ସହଜିଆ କାମକୁ ଜାଣିଶୁଣି ଅଧିକ ଜଟିଳ କରିଦିଅନ୍ତି। ସେଥିରୁ ମୁକୁଳିବା ଲାଗି ଶରଣାଗତଙ୍କ ତଣ୍ଟିକୁ ଧରି ଖାଉଣିଆମାନେ ଶୋଷି ଚାଲନ୍ତି । ଆଉ କିଛି ମୂଳରୁ ସର୍ବସ୍ୱାହା କରିବାରେ ପାରିବାର। ଭାରି ଦମ୍ଭର ସହ ସବୁ ଚଳୁ କରିପାରନ୍ତି ଅକ୍ଳେଶରେ। ଅନୁଦାନକୁ ଏମିତି ବାଗରେ ବ୍ୟୟ କରିବେ ଯେମିତି ସବୁକିଛି ଠିକ୍‌ଠାକ୍ ଥିବ। ମାତ୍ର ଭିତରେ ଫମ୍ପା ହୋଇ ସାରିଥିବ। କୋଉଠି ସ୍ତର ସ୍ତର ଦେଇ ଏସବୁ ହୁଏ। ଭାଗବଣ୍ଟା ବି ଠିକ୍‌ଠାକ୍ ଭାବେ ହେବା ଜରୁରୀ, ଯାହାର ଯେତିକି ପ୍ରାପ୍ୟ ସେଇ ପରିମାଣରେ ତା' ନିକଟରେ ଠିକ୍ ସମୟରେ ପହଞ୍ଚିବା ଦରକାର। ନ ହେଲେ କାମ ହାସଲର ଗତି ବିଗିଡ଼ି ଯାଇପାରେ।



ସବୁ କ୍ଷେତ୍ରରେ ଏବଂ ସବୁ ସ୍ତରରେ ଏମିତି ଖାଉଣିଆ ଅଛନ୍ତି ବୋଲି ଗୋଟେ ବିଧିବଦ୍ଧ ଧାରଣା ହୋଇଗଲାଣି ସମସ୍ତଙ୍କର। ଅବଶ୍ୟ ତାରି ଭିତରେ କିଛି ଭଲ ଲୋକ ଅଛନ୍ତି ବୋଲି ଏଇ ନେଣଦେଣ, ଠକାମି ଆଦି କଲାବେଳେ ବହୁ ସର୍ତ୍ତକତା ଅବଲମ୍ବନ କରିବାକୁ ପଡେ। ସେଇ ଭଲ ଲୋକଟି ପ୍ରତି ବାକି ଖାଉଣିଆଙ୍କ ପ୍ରବଳ ଭୟ ଥାଏ। ସବୁ ଖାଉଣିଆମାନେ ନିଜକୁ ଧୂର୍ତ୍ତ ଓ ଚାଲକି ବୋଲି ଭାବନ୍ତି ସତ। ସ୍ୱଚ୍ଛତାର ବେଶି ଜୟଗାନ କରନ୍ତି। ନିଜକୁ ଅଧିକ ସାଧୁ ବୋଲି ପ୍ରକାଶ କରିବାରେ କୁଣ୍ଠା କରନ୍ତିନି। ଏମିତିକି ଦୁର୍ନୀତିକୁ ନେଇ ଲମ୍ବାଚୌଡା ସୁନ୍ଦର ଭାଷଣ ବି ଝାଡିପାରନ୍ତି। ନିଜକୁ ଜଣେ ଦକ୍ଷ ଓ ଅତ୍ୟନ୍ତ ସଚ୍ଚୋଟ ବୋଲି ଅଭିହିତ କରିଥାନ୍ତି କଥାରେ କଥାରେ। କିନ୍ତୁ ସେମାନଙ୍କ ସମସ୍ତ କାରନାମାକୁ ପାଖାପାଖି ଲୋକ ବେଶ୍ ଜାଣନ୍ତି। ବିଶେଷତଃ ନିଜର ବିଶ୍ୱସ୍ତ ଅଧସ୍ତନ ବା ଅନୁଗାମୀମାନେ ହିଁ ଖାଉଣିଆଙ୍କ ଗୁମରକୁ ଧୀରେ ଖୋଲି ଦେଇଥାନ୍ତି। ସବୁକିଛି ଠିକ୍‌ଠାକ୍ ଥିଲେ ଗାଡି ଆରାମରେ ଗଡିଚାଲେ। ଅସାଧୁ ମେଣ୍ଟ ଭିତରେ ସାମାନ୍ୟ ଓଲମବିଲମ ହେଲେ ଅସନ୍ତୁଷ୍ଟ ବର୍ଗ ଅଡୁଆ ସୂତାର ଗଣ୍ଠିକୁ ଖୋଲି ଦିଅନ୍ତି ପ୍ରକାଶ୍ୟରେ। ସେଇଠୁ ଆରମ୍ଭ ହୁଏ ଅଧଃପତନ ଖାଉଣିଆଙ୍କର।

ଏଇକ୍ରମରେ ଥୋକାଏ ଅଧସ୍ତନ ବି ଖାଉଣିଆଙ୍କ ସହ ଜଡିତ ହୋଇ ଭୟରେ ସବୁବେଳେ ଛନଛନ ହୋଇ ରହନ୍ତି। କ'ଣ କିଛି ଘଟିଗଲେ ଚଡକ ବି ସେମାନଙ୍କ ମୁଣ୍ଡରେ ପଡିପାରେ ଏକଥା ନିଶ୍ଚିତ ଥାଆନ୍ତି। ତଥାପି ସ୍ୱଭାବକୁ ଛାଡିପାରନ୍ତିନି। ମୋହରେ ଉବୁଟୁବୁ ହେଉଥାନ୍ତି। ବାକି କିଛି ଲୋକ ସମୟ ସବୁକିଛି ଠିକ୍ କରିଦେବ ଭାବି ଚୁପ ରହନ୍ତି। ଅନେକଙ୍କୁ ଅଧା ନଈରେ ବୁଡିବାକୁ ହୁଏ। ସମୟ ସୁଅରେ ଅନେକ ଖସି ଯାଆନ୍ତି ନିଜ ଭାଗ୍ୟର ଜୋରରେ। ଅଥଚ ଭଗବାନଙ୍କ ଦରବାରରୁ ମୁକୁଳି ପାରନ୍ତିନି ସେମାନେ। ବ୍ୟକ୍ତିଗତ ଜୀବନରେ ସବୁଥାଇ ବଞ୍ଚିବା ଲାଗି ଦହଗଞ୍ଜ ହୁଅନ୍ତି। ରୋଗ, କ୍ଳେଶ ଓ ଯନ୍ତ୍ରଣା ଭିତରେ ଛଟପଟ ହୁଅନ୍ତି। ଖାଉଣିଆମାନେ ହେଜନ୍ତୁ- ସତରେ ସମୟ ବଡ ବଳବାନ! ଆପଣମାନେ ଯେଉଁ ଯେଉଁ ମାର୍ଗରେ ଖାଇବା ଅଭ୍ୟାସ କରିଛନ୍ତି ସମୟ ଆସିଲେ ସେଥି ଭିତରୁ କୋଉ ମାର୍ଗରେ ଆପଣଙ୍କ ତଣ୍ଟି ଏମିତି ଚିପି ହୋଇଯିବ ଯେ ମୁକୁଳିବା ଲାଗି ଛଟପଟ ହେଉଥିବେ ଅଥଚ କେହି ସହାୟତା କରିବାକୁ ଆସିବେନି। ଏମିତିକି ବିଶ୍ୱସ୍ତ ବୋଲାଉଥିବା ଅଧସ୍ତନ ମୁହଁକୁ ଚାହିଁବେନି। ଆପେ ବଞ୍ଚିଲେ ବାପର ନାଁ ନ୍ୟାୟରେ କରଛଡା ହୋଇଯିବେ କିଛି ନ ଜାଣିବା ପଣରେ। ମଧୁମେହ ରୋଗୀ ଖାଇବା ଲାଳସାରେ ନିଜର ଅବସ୍ଥା ଜାଣି ବି ସୁବିଧା ସୁଯୋଗ ମିଳିଲେ ପାଟିରେ ମିଠା ପୂରେଇଦିଏ ଏବଂ ପଛରେ ବହୁତ ଭୋଗିବା ଭଳି ଖାଉଣିଆଙ୍କ ଏଇ ନିଆରା ବଦଭ୍ୟାସ ନିଜକୁ ସହଜରେ ସଙ୍କଟ ଭିତରକୁ ଟାଣିନିଏ। କାରଣ ଅତି ହେଲେ ପରା ଇତି ହୁଏ। ସୁତରାଂ ଖାଉଣିଆ ସାବଧାନ! ବେଳ ଥାଉ ଥାଉ ସୁଧୁରିଯାଅ!

**ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡା**
**ମୋ:୯୪୩୭୯୦୯୬୭୧**

## ଏଇ ଭାରତରେ

ପରିବାର ଚଳାଇବା ଲାଗି ପିତାଙ୍କ ସହ ମାଛ ବିକୁଥିବା ଝିଅଟିଏ ବିଶ୍ୱର ସବୁଠୁ ଉଚ୍ଚ ରାସ୍ତାର ଲକ୍ଷ୍ୟ ସ୍ଥଳରେ ପହଞ୍ଚି ରେକର୍ଡ କରିଛନ୍ତି। ଛାପ୍ରା ଜିଲା ବାସିନ୍ଦା ସବିତା ମାହାତୋ ସମୁଦ୍ର ପତ୍ତନରୁ ୧୯,୦୦୦ ଫୁଟ ଉଚ୍ଚରେ ଥିବା ଲଦାଖର ଉମଲିଙ୍ଗ ଲା ପାସ୍‌ରେ ସାଇକେଲରେ ପହଞ୍ଚିଛନ୍ତି। ଏହା ପୃଥିବୀର ଉଚ୍ଚତମ ରାସ୍ତା। ସେ ମାଛ ବିକିବା ସମୟରେ ଖେଳିବାକୁ ଚାହିଁଥିଲେ ଓ ଜାତୀୟସ୍ତରର ଭଲିବଲ ଖେଳାଳି ହୋଇପାରିଥିଲେ। ପରେ ସେ ଉମଲିଙ୍ଗ ଲା ପାସ୍‌ରେ ପହଞ୍ଚିବା ଲାଗି ଲକ୍ଷ୍ୟରଖି ଅଭ୍ୟାସ ଆରମ୍ଭ କରିଥିଲେ। ସେ ସାଇକେଲରେ ଦିଲ୍ଲୀରୁ ଉମଲିଙ୍ଗ ଲା ପାସ୍‌ରେ ପହଞ୍ଚିବାରେ ପ୍ରଥମ ମହିଳା ହୋଇପାରିଛନ୍ତି। ମନାଲିଠାରୁ ସେ ପାଦରେ ଚାଲି ୫୭୦ କି.ମି. ଅତିକ୍ରମ କରି ଉମଲିଙ୍ଗ ଲାରେ ବି ପହଞ୍ଚିପାରିଛନ୍ତି। ଏଥିପାଇଁ ତାଙ୍କୁ ୧୮ ଦିନ ସମୟ ଲାଗିଥିଲା। ପ୍ରତିଦିନ ସେ ୪୦-୪୫ କିଲୋମିଟର ଚାଲୁଥିଲେ। ଏହା ବ୍ୟତୀତ ସବିତା ସାଇକେଲରେ ଉଚ୍ଚସ୍ଥାନରେ ଥିବା ୩୩,୦୦୦ କି.ମି ରାସ୍ତା ଅତିକ୍ରମ କରିବା ସହ ୧୨ଟି ପାହାଡ଼ ଚଢିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧୮ ଅକ୍ଟୋବର ୧୯୯୮**

- ଭାରତର ପ୍ରମୁଖ ତୀରନ୍ଦାଜ ଲିମ୍ବାରାମଙ୍କୁ ରାଜସ୍ଥାନ ସରକାର ପକ୍ଷରୁ ଖେଳରତ୍ନ ପୁରସ୍କାର ପ୍ରଦାନ।
- କେତେକ ଅଜ୍ଞାତ ବନ୍ଧୁକଧାରୀ ମଣିପୁର ରାଜ୍ୟ ପରିବହନ ନିଗମର ଏକ ଟ୍ରକ ଉପରେ ଆକ୍ରମଣ କରିବା ଦ୍ୱାରା ମଣିପୁର ରାଇଫଲ ବାହିନୀର ଜଣେ ଯବାନ ଓ ଜଣେ ମହିଳାଙ୍କ ସମେତ ୧୧ ନିହତ।
- ଶ୍ରୀନଗରର ଯୋର୍ଶମାଥ ଅଞ୍ଚଳରେ ଏକ ବିଶାଳ ବରଫ ଖଣ୍ଡ ଗଡ଼ିଆସିବା ଫଳରେ ସୀମାନ୍ତ ସଡ଼କ ସଙ୍ଗଠନର ୧୫ ଜଣ ଶ୍ରମିକଙ୍କ ମୃତ୍ୟୁ।
- ବାଂଲାଦେଶର ପ୍ରମୁଖ ବିରୋଧୀଦଳ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି (ବିଏନ୍‌ପି) ମୁଖ୍ୟ ଭାବେ ପୂର୍ବତନ ପ୍ରଧାନମନ୍ତ୍ରୀ ଖାଲେଦା ଜିଆ ପୁନଃ ନିର୍ବାଚିତ।

## ଚିରନ୍ତନୀ

ସବୁ ଅରଗଳ ଆଜି କରିଦିଅ ବନ୍ଦ,
ଏକାକୀ ଏ କକ୍ଷେ ମୁହିଁ ରହିଥିବି ଅନ୍ଧ
ଏକା ଘୋର ଅନ୍ଧକାରେ
ପଖାଳେଁ ଲୋତକ ଧାରେ
ସବୁ ମୋର ସକରୁଣ ଆଶା ନିରାନନ୍ଦ
ଲୁଚାଇବି ହୃଦତଳେ ବେଦନାର ଛନ୍ଦ।
-(ବନ୍ଦୀର ବିଳାପ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 2 | | 9 | 1 | | | 3 |
| | | | | 3 | 4 | | | |
| | | | 6 | | 7 | | | |
| | 8 | 9 | 3 | 2 | | 1 | | |
| 5 | | 7 | | | | | | |
| | | | | | | | 3 | |
| | | | 8 | 1 | | 9 | | |
| 8 | | | | | | | | 5 |
| 7 | 5 | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 1 | 9 | 5 | 2 | 4 | 7 | 6 |
| 4 | 5 | 9 | 7 | 8 | 6 | 3 | 2 | 1 |
| 7 | 6 | 2 | 4 | 1 | 3 | 5 | 8 | 9 |
| 9 | 3 | 5 | 8 | 2 | 7 | 1 | 6 | 4 |
| 2 | 4 | 6 | 1 | 9 | 5 | 7 | 3 | 8 |
| 8 | 1 | 7 | 6 | 3 | 4 | 9 | 5 | 2 |
| 1 | 2 | 3 | 5 | 6 | 9 | 8 | 4 | 7 |
| 5 | 7 | 8 | 2 | 4 | 1 | 6 | 9 | 3 |
| 6 | 9 | 4 | 3 | 7 | 8 | 2 | 1 | 5 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଦାଦାବଟିକୁ ପ୍ରଶ୍ରୟ ନାହିଁ

ମହାଶୟ,

ପୂଜାପାର୍ବଣ ସମୟରେ ଗାଡ଼ି ମାଲିକମାନଙ୍କଠାରୁ ବେଆଇନ ଭାବରେ ଦାଦାବଟି ଆଦାୟ କରିବା ଏକ ଜଘନ୍ୟ ଅପରାଧ । ରାଜ୍ୟର ବିଭିନ୍ନ ବସ୍‌ଷ୍ଟାଣ୍ଡରେ ଅପରାଧୀମାନେ ଧମକଚମକ ଦେଇ ବଟି ଆଦାୟ କରୁଛନ୍ତି । ପୂର୍ବରୁ ବରମୁଣ୍ଡା ବସ୍ ଷ୍ଟାଣ୍ଡରେ ବିପୁଳ ପରିମାଣରେ ବଟି ଆଦାୟ କରାଯାଉଥିଲା , ଯାହା ଏବେ କିଛିଟା ପରିମାଣରେ କମିଛି । ପୋଲିସ ପ୍ରଶାସନ ଜାଣିଛି ବଟି କିଏ ଆଦାୟ କରୁଛି, କେମିତି କରୁଛି । ଏହି ସମୟରେ ପୋଲିସ ସଜାଗ ରହି ଏହିପରି ଅପରାଧୀମାନଙ୍କୁ ସାବାଡ଼ କରିବା ଉଚିତ । ବଟି ଆଦାୟ ଏକ ଜଘନ୍ୟ ଅପରାଧ, ଯେଉଁଠି ବି ଏହା ଘଟୁଛି ତୁରନ୍ତ ପୋଲିସକୁ ସୂଚାଇଲେ ଏମାନେ କାର୍ଯ୍ୟାନୁଷ୍ଠାନ ନେବେ ।

**-ସତ୍ୟସିଂହ ଶତପଥୀ, ହାଉସିଂବୋର୍ଡ କଲୋନୀ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଭିତ୍ତିଭୂମି ନିର୍ମାଣ କ୍ଷେତ୍ରକୁ ଗୁରୁତ୍ୱ

## ୨୦୩୦ ସୁଦ୍ଧା ୧୪୩ ଲକ୍ଷ କୋଟି ବ୍ୟୟ କରିବ ଭାରତ

ଭୁବନେଶ୍ୱର,୧୭।୧୦(ଅଭୟ ଦାଶ)

ଦେଶର ଭିତ୍ତିଭୂମି ବିକାଶ ନିମନ୍ତେ କେନ୍ଦ୍ର ସରକାର (ଭାରତ) ଆସନ୍ତା ୭ ବର୍ଷ ମଧ୍ୟରେ ପ୍ରାୟ ୧୪୩ ଲକ୍ଷ କୋଟି ଟଙ୍କା ବ୍ୟୟ (ଖର୍ଚ୍ଚ) କରିବ ବୋଲି ରେଟିଂ ଏଜେନ୍ସି କ୍ରିସିଲ ଏକ ରିର୍ପୋଟରେ ବିସ୍ତୃତ ଭାବେ ଉଲ୍ଲେଖ କରିଛି। ଏପରିକି ମଙ୍ଗଳବାର ରେଟିଂ ଏଜେନ୍ସି କ୍ରିସିଲର ରିପୋର୍ଟ ଅନୁଯାୟୀ ଆର୍ଥିକ ବର୍ଷ ୨୦୨୩-୨୪ ରୁ ୨୦୨୯-୩୦ ମଧ୍ୟରେ ଭାରତ ପାଖପାଖି ୧୪୩ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିବ ବୋଲି ଏଜେନ୍ସି ଉକ୍ତ ଆକଳନ କରିବା ସହ କହିଛି ଯେ, ଏହି ରାଶି ଗତ ୭ ବର୍ଷ (ଆର୍ଥିକ ବର୍ଷ ୨୦୧୬-୧୭ରୁ ୨୦୨୨-୨୩) ମଧ୍ୟରେ ଖର୍ଚ୍ଚ କରାଯାଇଥିବା ୬୭ଲକ୍ଷ କୋଟି ଟଙ୍କା ତୁଳନାରେ ଦୁଇ ଗୁଣାରୁ ଅଧିକ ହେବ ବୋଲି କୁହାଯାଇଛି। ଏପରିକି ସମୀକ୍ଷାଧୀନ ଅବଧି ମଧ୍ୟରେ ମୋଟ ୩୬.୬ ଲକ୍ଷ କୋଟି ଟଙ୍କା କେବଳ ସବୁଜ ପ୍ରକଳ୍ପରେ ଖର୍ଚ୍ଚ କରାଯିବାକୁ ଥିବାବେଳେ ଯାହା ୨୦୧୭-୨୩ ମଧ୍ୟରେ ହୋଇଥିବା ବ୍ୟୟର ୫ଗୁଣାରୁ ବି ଅଧିକ ହେବ ବୋଲି କ୍ରିସିଲ ତା'ର 'ଇନ୍‌ଫ୍ରାଷ୍ଟ୍ରକ୍ଚର ଇୟର ବୁକ୍ ୨୦୨୩'ରେ ବିସ୍ତୃତ ଭାବେ ଉଲ୍ଲେଖ କରିଛି। ସେହିଭଳି ଭାରତର ଭିତ୍ତିଭୂମି ବିକାଶ ଖର୍ଚ୍ଚ ୨୦୧୭-୨୦୨୩ ଆର୍ଥିକ ବର୍ଷଗୁଡିକ ତୁଳନାରେ ୨୦୨୪-୩୦ ଆର୍ଥିକ ବର୍ଷ ମଧ୍ୟରେ ଦୁଇ ଗୁଣା ହୋଇ ୧୪୩ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଯିବ। ଏ ସମ୍ପର୍କରେ କ୍ରିସିଲ ଲମିଟେଡର ଏମ୍‌ଡି ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମୀଷ ମେହେଟ୍ଟା କହିଛନ୍ତି, ଆମର ଆକଳନ ଅନୁଯାୟୀ ଆର୍ଥିକବର୍ଷ ୨୦୩୦-୩୧ ପର୍ଯ୍ୟନ୍ତ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ହାରାହାରି ୬.୭% ହାରରେ ବୃଦ୍ଧି ଘଟିବ। ବିଶେଷକରି ଏହା ଏକ ଦ୍ରୁତ ବୃଦ୍ଧି ପାଉଥିବା ଦେଶ ହୋଇଥିବାବେଳେ ଖୁବଶୀଘ୍ର ସବୁଠୁ ବଡ଼ ଅର୍ଥ ବ୍ୟବସ୍ଥାରେ ପରିଣତ ହୋଇଯିବ। ସେହିପରି ଆର୍ଥିକବର୍ଷ ୨୦୩୦-୩୧ ପର୍ଯ୍ୟନ୍ତ ପ୍ରତି ବ୍ୟକ୍ତି ଆୟ ବର୍ତ୍ତମାନର ୨୫୦୦ ଡଲାରରୁ ବଢ଼ି ୪୫୦୦ ଡଲାରକୁ ପହଞ୍ଚିବ। ଫଳରେ ଭାରତ ଏକ ମଧ୍ୟମ ଆୟକାରୀ ଦେଶରେ ପରିଣତ ହେବ। ଅପରପକ୍ଷରେ ମେହେଟ୍ଟା କହିଛନ୍ତି, ନୀତିଗତ ହସ୍ତକ୍ଷେପ ଓ ଅନୁକୂଳ ନିବେଶ ପରିବେଶ ସହଯୋଗରେ ଏହା ସମ୍ଭବ ହେବ। ଏପରିକି ସବୁକ୍ଷେତ୍ରରେ 'କ୍ରିସିଲ ଇନ୍‌ଫ୍ରାଇନଭେକ୍ସ' ସ୍କୋରରେ ବୃଦ୍ଧି ହୋଇଛି, କ୍ରିସିଲ ଇନଫ୍ରାଷ୍ଟ୍ରକ୍ଚର ଇୟରବୁକ୍ ୨୦୨୩ରେ ଏକ ନୂଆ ଜାତୀୟ ସୂଚକାଙ୍କ 'କ୍ରିସିଲ ଇନଫ୍ରାଇନଭେକ୍ସ'କୁ ସାମିଲ କରିଛନ୍ତି। ଯାହା ଭିତ୍ତିଭୂମି ବିକାଶ ଉପରେ କେନ୍ଦ୍ରିତ ରହିଛି, ମେହେଟ୍ଟା କହିଛନ୍ତି ଯେ ସଡକ ଓ ରାଜମାର୍ଗ, ବିଦ୍ୟୁତ ଟ୍ରାନ୍ସମିଶନ, ରିନେଓ୍ୱେଲ ଏନର୍ଜୀ ଓ ବନ୍ଦର କ୍ଷେତ୍ରର ମୋଟ ସ୍କୋର ୧୦ରେ ୭ରୁ ଅଧିକ ରହିଛି, ଯାହା ଗତ କିଛି ବର୍ଷରେ ହୋଇଥିବା ସୁଧାର ଓ ବୃଦ୍ଧିର ଗତିକୁ ଦର୍ଶାଉଛି।

ରେଟିଂ ଏଜେନ୍ସି କହିଛି, ଭିତ୍ତିଭୂମି ବିକାଶର ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରକଳ୍ପଗୁଡ଼ିକ ହାରାହାରି ଆକାରରେ ବୃଦ୍ଧି ହେବ ଓ ଏଥିରେ ବହୁ ସଂଖ୍ୟାରେ ବିଶାଳ ପ୍ରକଳ୍ପ ସବୁ ଯୋଡ଼ି ହେବେ।



# ଶେୟାର ବଜାର କାରବାରରେ ଉତ୍ସାହ

ଭୁବନେଶ୍ୱର,୧୭।୧୦

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ)ର ସେନ୍‌ସେକ୍ସ ୨୬୧ (୨୬୧.୧୬) ପଏଣ୍ଟ ବୃଦ୍ଧି ଘଟି ୬୬,୪୨୮ (୬୬,୪୨୮.୦୯) ଅଙ୍କରେ କାରବାର ବନ୍ଦ ରହିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୮୦ (୭୯.୭୫) ପଏଣ୍ଟ ବଢ଼ି ୧୯,୮୧୧ (୧୯,୮୧୧.୫୦) ଅଙ୍କରେ କାରବାର ବନ୍ଦ ରହିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ବୃଦ୍ଧି ଘଟିଥିଲବେଳେ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଥିଲା। ବିଶେଷ କରି ସେକ୍ଟୋରାଲ ଇଣ୍ଡେକ୍ସର କାରବାରରେ ମଧ୍ୟ ପରିବର୍ତ୍ତନ ଘଟିଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
ଘରୋଇ ଡ୍ରାଇଭର ଦରକାର।
ଯୋଗାଯୋଗ:
9437300994

APPOINTMENT
Urgently Required
Female Trained Qualified
Nurse cum Attendant
24 hour Service in
Bhubaneswar.
Contact:9937203178

WANTED
ଧରିତ୍ରୀ DHARITRI Oriya daily
is looking for
CIRCULATION MANAGERS
Roles and Responsibilities:-
- Lead and own all market related needs of the company - Distributor, Agents, and Retailers.
- Work with the circulation team of Company and Distributor to achieve company objectives.
- Action all the market related plans with respect to distribution and visibility of our brands.
- Competitive tracking and analysis to identify and pursue target accounts.
- Work with ad sales and marketing team to create and package to drive circulation.
- Achieve sales targets for bulk sales.

Requirements:-
- 5-6 years sales experience in frontline sales in print media.
- Ability to develop custom marketing proposals and ideas.
- Proficiency in MS-Office.

Apply immediately to :
recruitment@dharitri.com
Attractive salary commensurate with experience

# ତନିସ୍କର ସ୍ୱତନ୍ତ୍ର ପୂଜା କଲେକ୍ସନ



ଭୁବନେଶ୍ୱର,୧୭।୧୦

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ତନିସ୍କ ପକ୍ଷରୁ ଚଳିତ ବର୍ଷ ପାର୍ବଣ ଉପଲକ୍ଷେ ସ୍ୱତନ୍ତ୍ର ପୂଜା କଲେକ୍ସନ 'ଏଶାନି'କୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରାଯାଇଛି। ବିଶେଷକରି ପ୍ରତି ଓଡ଼ିଆ ନାରୀଙ୍କ ମଧ୍ୟରେ ରହିଥିବା ଶକ୍ତିର ଭାବନାକୁ ମା' ଦୁର୍ଗାଙ୍କ ବିଭିନ୍ନ ଅବତାର ମାଧ୍ୟମରେ ଉପସ୍ଥାପନ କରିବା ପାଇଁ ତନିସ୍କର ଉକ୍ତ କଲେକ୍ସନ ଏକ ସମର୍ପଣ ବୋଲି କୁହାଯାଇଛି। 'ଏଶାନି' କଲେକସ୍ନ ଝୁଲଣ ଗୋସ୍ୱାମୀ, ସାହାନା ବାଜପେୟୀ, ପାରୋମିତା ବାନାର୍ଜୀ ଏବଂ ମିମି ଚକ୍ରବର୍ତ୍ତୀଙ୍କ ଭଳି ଦୃଢ଼ ମହିଳାଙ୍କ ପ୍ରେରଣାଦାୟୀ କାହାଣୀକୁ ସମ୍ମାନିତ କରୁଛି। ସେହିପରି ଉକ୍ତ କଲେକ୍ସନ ସୁନା ଗହଣାର ଏକ ବ୍ୟାପକ ରେଞ୍ଜ୍, ଯାହାକି କାରିଗରମାନଙ୍କ ଦ୍ୱାରା ଅତି ନିଖୁଣ ଭାବେ ପ୍ରସ୍ତୁତ ହୋଇଛି। ଏପରିକି ଫ୍ଲୋରାଲ ମୋଟିଭ୍ ସହ ଚୋକର ଆଦି ରହିଛି, ଯାହାକି ପେଣ୍ଡାଲଗୁଡ଼ିକର ଭାବପୂର୍ଣ୍ଣ ବିବରଣୀ ପ୍ରଦାନ କରୁଛି। ଉଲ୍ଲେଖଯୋଗ୍ୟ, ଆଡ୍‌ଜଷ୍ଟେବଲ ଟାଇ-ହାର, ମୋଡା ହୋଇଥିବା ତା'ର ଷ୍ଟ୍ରାପ ଏବଂ ସୂକ୍ଷ୍ମ ଷ୍ଟାମ୍ପରେ ପ୍ରସ୍ତୁତ କାନଫୁଲ ଏବଂ ଅତି ସୁନ୍ଦର ଡିଜାଇନ୍ ଚୁଡ଼ି ଆଦି ଉକ୍ତ କଲେକ୍ସନରେ ସାମିଲ ରହିଛି। ବିଶେଷକରି ପରମ୍ପରା, ଚିତ୍ରକଳା ଏବଂ ନବସୃଜନକୁ ମିଶାଇ ପ୍ରସ୍ତୁତ 'ଏଶାନି' କଲେକ୍ସନ ଓଡ଼ିଶାର ସମସ୍ତ ତନିସ୍କ ଷ୍ଟୋରରେ ଉପଲବ୍ଧ। ଚଳିତ ବର୍ଷର ପାର୍ବଣ ଉପଲକ୍ଷେ ତନିସ୍କ ମଧ୍ୟ ଆକର୍ଷଣୀୟ ଅଫର ଆଣିଛି, ଯାହାକି ପାର୍ବଣ ଖୁସିକୁ ଆହୁରି ବଢ଼ାଇବ। ଗ୍ରାହକ ସୁନା ଗହଣାର ଗଢ଼ା ମଜୁରି ଏବଂ ହୀରା ଗହଣା ମୂଲ୍ୟ ଉପରେ ୨୦% ପର୍ଯ୍ୟନ୍ତ ରିହାତି ପାଇବେ। ଏହି ଅଫର ସୀମିତ ସମୟ ପାଇଁ ବୈଧ ବୋଲି ତନିସ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ଏଓଜିବିଓର ୪ର୍ଥ ଦ୍ୱିବାର୍ଷିକ ସାଧାରଣ ସଭା

ଭୁବନେଶ୍ୱର,୧୭।୧୦

ଆସୋସିଏଶନ୍ ଅଫ୍ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଅଫିସର୍ସ (ଏଓଜିବିଓ) ସଂଘର ୪ର୍ଥ ଦ୍ୱିବାର୍ଷିକ ସାଧାରଣ ସଭା ଭୁବନେଶ୍ୱରର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଏଆଇଆର୍‌ଆର୍‌ବିଇଏର ସେକ୍ରେଟାରି ଜେନେରାଲ ଭେଙ୍କଟେଶ୍ୱର ରେଡ୍ଡି, ଏନ୍‌ଏଫ୍‌ଆର୍‌ଆର୍‌ବିଓର ସେକ୍ରେଟାରି ସଏଦ୍ ଖାନ୍ ଏବଂ ସିଆଇଟିୟୁର ସଭାପତି ଜନାର୍ଦ୍ଦନ ପତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

ଏହି ପରିପ୍ରେକ୍ଷୀରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ (ଓଜିବି)ର ଅଧ୍ୟକ୍ଷ ରିଷି ସିଂ ବର୍ତ୍ତମାନ ସମୟରେ ଓଜିବିର ଆର୍ଥିକ ସ୍ଥିତି ଉପରେ ବିସ୍ତୃତ ଆଲୋକପାତ କରିବା ସହ ବ୍ୟାଙ୍କର ଉନ୍ନତି ତଥା ଓଡ଼ିଶାର ଜନସାଧାରଣଙ୍କ ଆର୍ଥିକ ଉନ୍ନତି ଆଣିବା ପାଇଁ କାର୍ଯ୍ୟ କରିବାକୁ କର୍ମଚାରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ସେହିଭଳି କର୍ମଚାରୀଙ୍କୁ ସମସ୍ତ ସୁବିଧା ସୁଯୋଗ ଠିକ୍ ସମୟରେ ବ୍ୟାଙ୍କ ପକ୍ଷରୁ ପ୍ରଦାନ କରାଯିବାର ପ୍ରତିଶ୍ରୁତି ମଧ୍ୟ ସିଂ ଦେଇଥିଲେ। ସେହିଭଳି ସଂଘର ସଭାପତି ଅସିତ୍ କୁମାର ଖଣ୍ଡାଇ ଉକ୍ତ ସଭା ପରିଚାଳନା କରିଥିଲାବେଳେ ସମ୍ପାଦକ ସତ୍ୟବ୍ରତ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଅପରପକ୍ଷରେ ସମ୍ପାଦକ ନନ୍ଦ ସଂଘର ଦ୍ୱିବାର୍ଷିକ ରିପୋର୍ଟ ପ୍ରଦାନ କରିଥିଲାବେଳେ ଆସୋସିଏଶନ୍‌ର ବହୁ କର୍ମକର୍ତ୍ତା ଉକ୍ତ ରିପୋର୍ଟ ଉପରେ ବିସ୍ତୃତ ଆଲୋଚନା କରିଥିଲେ।

ସେହିପରି ଓଜିବିର ମହାପ୍ରବନ୍ଧକ ଶ୍ୱେତବ କୁମାର ଉପସ୍ଥିତ ରହି ବ୍ୟାଙ୍କର ଉନ୍ନତିରେ କାମ କରିବାକୁ କର୍ମଚାରୀମାନଙ୍କୁ ପ୍ରେରଣା ଦେଇଥିଲାବେଳେ ମହାପ୍ରବନ୍ଧକ ତୃପ୍ତି ରଞ୍ଜନ ସ୍ୱାଇଁ କର୍ମଚାରୀମାନଙ୍କୁ ଉତ୍ସାହିତ କରିଥିଲେ।

ଏହି ପରିପ୍ରେକ୍ଷୀରେ ଏନ୍‌ଏଫ୍‌ଆର୍‌ଆର୍‌ବିଓର ଜଏଣ୍ଟ ସେକ୍ରେଟାରି ମହେଶ୍ୱର ମହାରଣା, ଏଓଜିବିଇଏଫ୍‌ର ସଭାପତି ଅକ୍ଷୟ କୁମାର ସାହୁ, ସାଧାରଣ ସମ୍ପାଦକ ପୁଲିନ୍ ମିଶ୍ର, ବିଇଏଫ୍‌ଆଇର ସଭାପତି ପ୍ରକାଶ ଚନ୍ଦ୍ର ରାଏ, ସାଧାରଣ ସମ୍ପାଦକ ତ୍ରିନାଥ ସାହୁ ପ୍ରମୁଖ ଉକ୍ତ ସଭାରେ ଅଂଶଗ୍ରହଣ କରିଥିଲେ। ପରିଶେଷରେ ସଂଘ ପକ୍ଷରୁ ପ୍ରଦୀପ ଷଡ଼ଙ୍ଗୀ, ପ୍ରଫୁଲ୍ଲ କୁମାର ଭଞ୍ଜ, ନୀଳକଣ୍ଠ ବିଶ୍ୱାଳ, ମନୋଜ କୁମାର ମହାନ୍ତି, ଶ୍ୟାମ ସୁନ୍ଦର ଦାସ, ବିପିନ ବିହାରୀ ଦାସ, ବେବିନା ଶତପଥୀ ଓ ନିମନ୍ତ୍ରିତ ଅନ୍ୟ ସଙ୍ଗଠନର କର୍ମକର୍ତ୍ତାଙ୍କୁ ସମ୍ମାନିତ କରାଯାଇଥିଲା।

ସଭା ଶେଷରେ ନୂତନ କର୍ମକର୍ତ୍ତା ପାଇଁ ନିର୍ବାଚନ କରାଯାଇଥିଲା। ଉକ୍ତ ନିର୍ବାଚନରେ ମୁଖ୍ୟ ଉପଦେଷ୍ଟା ସତ୍ୟବ୍ରତ ନନ୍ଦ, ସଭାପତି ଅସିତ୍ କୁମାର ଖଣ୍ଡାଇ, କାର୍ଯ୍ୟକାରୀ ସଭାପତି ମାନଭଞ୍ଜନ ମିଶ୍ର, ସମ୍ପାଦକ ସାଗର ଗୁରୁ, ସହ ସମ୍ପାଦକ ସବ୍ୟସାଚୀ ମୁଦୁଲି, କୋଷାଧ୍ୟକ୍ଷ ପ୍ରଭଞ୍ଜନ ରାଉତଙ୍କ ସମେତ ଖଇଲି ଦାସ ଓମେନ୍ ସେଲ୍ ଆବାହକ ରୂପେ ନିର୍ବାଚିତ ହୋଇଥିଲେ।

# କାରବାର ବଢ଼ାଉଛି କାରିଗରଙ୍କ କାରୁକାର୍ଯ୍ୟ



ଭୁବନେଶ୍ୱର,୧୭।୧୦

ପାର୍ବଣ ଆସୁଥିବାରୁ ସପରିବାର ପ୍ରଦର୍ଶନୀ ବୁଲିବା ସହିତ ଘର ପାଇଁ ଆବଶ୍ୟକ ଘରକରଣା ସାମଗ୍ରୀର କ୍ରୟ କରୁଛନ୍ତି ବୋଲି ଓଡ଼ିଶା ଖଦି ଓ ଗ୍ରାମ୍ୟ ଶିଳ୍ପ ବୋର୍ଡ ପରିସରରେ ଆୟୋଜିତ ବାଣିଜ୍ୟ ମେଳାର ବ୍ୟବସାୟୀମାନେ ଏଭଳି କିଛି ମତ ପ୍ରକାଶ କରିଛନ୍ତି। ଖଦି, ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀ ସାଙ୍ଗକୁ କାରିଗରଙ୍କ ଦ୍ୱାରା କାରୁକାର୍ଯ୍ୟ ହୋଇଥିବା ବିଭିନ୍ନ ଘରକରଣା ସାମଗ୍ରୀର କାରବାର ବେଶ୍ ଉତ୍ସାହଜନକ ରହିଛି। ଏପରିକି କାରିଗରଙ୍କ କାରୁକାର୍ଯ୍ୟ ସାମଗ୍ରୀ କାରବାର ବଢ଼ାଉଛି ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ସେହିଭଳି ଉକ୍ତ ମେଳାରେ ବିଭିନ୍ନ ପ୍ରକାରର ଘରସଜ୍ଜା ସାମଗ୍ରୀ ସହିତ ସୁନ୍ଦର ସୁନ୍ଦର ଶାଢ଼ି, ଡ୍ରେସ, କପଡା ଆଦି ଉପଲବ୍ଧ ରହିଥିବାବେଳେ ମହିଳା, ଏସ୍‌ସି ଏବଂ ଏସ୍‌ଟି କାରିଗରମାନଙ୍କ ଦ୍ୱାରା ନିର୍ମିତ ଖଦି, ହସ୍ତତନ୍ତ ଓ ହସ୍ତଶିଳ୍ପର ସୁନ୍ଦର ସୁନ୍ଦର ସାମଗ୍ରୀ ଉଭୟ ପ୍ରଦର୍ଶନୀ ଓ ବିକ୍ରି ପାଇଁ ଏଭଳି ଏକ ମେଳାର ଆୟୋଜନ ମିଳିତ ଭାବେ କରାଯାଇଛି। ଭୁବନେଶ୍ୱରର ଖାରବେଳ ନଗରସ୍ଥିତ ଓଡ଼ିଶା ଖଦି ଓ ଗ୍ରାମ୍ୟ ଶିଳ୍ପ ବୋର୍ଡଠାରେ ଭୁବନେଶ୍ୱର ବାଣିଜ୍ୟ ମେଳା ନିକଟରେ ଅନୁଷ୍ଠିତ ହୋଇଯାଇଛି। ଓଡିଶା ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ମୁଖ୍ୟ ସଚିବ ଶାଶ୍ୱତ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉକ୍ତ ମେଳାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଓଡ଼ିଶା ଖଦି ଓ ଗ୍ରାମ୍ୟ ଶିଳ୍ପ ବୋର୍ଡର ସଚିବ ସୁଦାମ ଚରଣ ମଣ୍ଡଳ, ଏମ୍‌ଏସ୍‌ଏମ୍‌ଇ ଡିଏଫ୍‌ଓ କଟକର ମୁଖ୍ୟ ତଥା ଯୁଗ୍ମ ନିର୍ଦ୍ଦେଶକ ପି.କେ. ଗୁପ୍ତା, କଟକ ବୈଶାଖୀ ବାଣିଜ୍ୟ ମେଳାର ମୁଖ୍ୟ ପୋଷାକ ତଥା ରୁଚି ଉଦ୍ୟୋଗର ଏମ୍‌ଡି ଡ. ଶରତ କୁମାର ସାହୁ ଏବଂ ଆୟୋଜକ ସଞ୍ଜୀବ ବେହେରା, ଦିଲୀପ ସାହୁ, ରମେଶ ସାହୁ ଓ କଟକ ବୈଶାଖୀ ବାଣିଜ୍ୟ ମେଳାର ସଂଯୋଜକ ଦେବୀ ପ୍ରସାଦ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଏହି ମେଳା ଚଳିତ ମାସ ୨୨ ତାରିଖ ପର୍ଯ୍ୟନ୍ତ ଖୋଲା ରହିବ ବୋଲି ଆୟୋଜକଙ୍କ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

# ସାମ୍‌ସଙ୍ଗ ଗାଲାକ୍ସିର ନୂତନ ଉତ୍ପାଦ

ଭୁବନେଶ୍ୱର,୧୭।୧୦

ଭାରତର ସର୍ବବୃହତ୍ ଇଲେକ୍‌ଟ୍ରୋନିକ୍ସ କମ୍ପାନୀ ସାମ୍‌ସଙ୍ଗର ବହୁ ପ୍ରତୀକ୍ଷିତ ତଥା ନୂତନ ଉତ୍ପାଦ 'ସାମ୍‌ସଙ୍ଗ ଗାଲାକ୍ସି ଜେଡ୍ ଫ୍ଲିପ୍ ୫'କୁ ନିକଟରେ ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ବିଶେଷକରି ଗ୍ରାହକମାନଙ୍କ ପାଇଁ ଉକ୍ତ ମଡେଲ ୟେଲୋ କଲରରେ ଉପଲବ୍ଧ ହେଉଥିବାବେଳେ ସାମ୍‌ସଙ୍ଗର ଏହା ୫ମ ଜେନେରେଶନ ଫୋଲ୍‌ଡେବଲ୍ ସ୍ମାର୍ଟଫୋନ୍ ଭାବେ ପାର୍ବଣ ବଜାରରେ ଶୁଭାରମ୍ଭ ହୋଇଯାଇଛି। ଏପରିକି ଏହା ଗ୍ରାହକମାନଙ୍କୁ ଅନେକ ବିକଳ୍ପ ପ୍ରଦାନ କରୁଥିବାବେଳେ ସାମ୍‌ସଙ୍ଗର ଅତୁଳନୀୟ ପକେଟେବଲ୍ ଡିଭାଇସ୍‌କୁ ଚଳିତ ପାର୍ବଣ ଋତୁରେ ପାଇପାରିବେ। ସେହିଭଳି ସାମ୍‌ସଙ୍ଗ ଗାଲାକ୍ସି ଜେଡ୍ ଫ୍ଲିପ୍ ୫କୁ ଭାରତରେ ମିଣ୍ଟି, ଗ୍ରାଫାଇଟ୍, କ୍ରିମ୍ ଓ ଲାଭେଣ୍ଡର ଆଦି ରଙ୍ଗ(କଲର)ରେ ଡିଜାଇନ କରାଯାଇଛି। ବିଶେଷକରି ରି ଫ୍ରେସିଂ ନ୍ୟୁ ୟେଲୋର ଯୋଗ ସହିତ ସାମ୍‌ସଙ୍ଗ ଗାଲାକ୍ସି ଜେଡ୍ ଫ୍ଲିପ ୫ ଗ୍ରାହକମାନଙ୍କର ବର୍ତ୍ତମାନ ଅଧିକ କଲରର ପସନ୍ଦ ରହିଛି, ସେହିପରି ପାର୍ବଣ ଉତ୍ସାହକୁ ଦୃଷ୍ଟିରେ ରଖି ସାମ୍‌ସଙ୍ଗ ସମସ୍ତ ଗାଲାକ୍ସି ଜେଡ୍ ଫ୍ଲିପ ୫ ଭାରିଆଣ୍ଟର ସୀମିତ ଅବଧି ଆକର୍ଷଣୀୟ ଅଫର ପ୍ରଦାନ କରୁଛି।

ପୂର୍ବ ତଟ ରେଳପଥ
Tender No.: 32-KUR-TRD-OT-2023-24,
ତାରିଖ: 10.10.2023
କାର୍ଯ୍ୟର ନାମ : ପାରାଦ୍ୱୀପଠାରେ, ଡିପୋଜିଟ୍ ଟର୍ମିସ୍‌ରେ, ମେସର୍ସ ପାରାଦୀପ ପୋର୍ଟ ଟ୍ରଷ୍ଟର ଜାତୀୟ ରାଜପଥ ଠାରୁ ବ୍ରିଜ୍ ନଂ ୪ ଠାରେ ଅତିରିକ୍ତ ପୋର୍ଟ ସଂଯୋଗୀକରଣର ଏକ ଅଂଶ ଭାବରେ, ପାରାଦୀପ ଠାରେ ୨ୟ ପ୍ରସ୍ଥାନ ରାସ୍ତା ସହ ଫ୍ଲାଏଓଭରର ନିର୍ମାଣ ସମ୍ବନ୍ଧିତ OHE ରୂପାନ୍ତରଣ କାର୍ଯ୍ୟ ସମ୍ପାଦନ।
ବିଜ୍ଞାପିତ ମୂଲ୍ୟ : ₹ 38,61,081.55
EMD : ₹ 77,200/-
କାର୍ଯ୍ୟ ସମାପ୍ତିର ଅବଧି : 180 (ଏକ ଶହ ଅଶୀ) ଦିନ
ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ :
ତା.01.11.2023 ରିଖ 1300 ଘଟିକାରେ।
ଟେଣ୍ଡର କାଗଜାତ୍ ସହିତ ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ।
ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ (TRD)
ଖୋର୍ଦ୍ଧା ରୋଡ
PR-666/O/23-24

REQUIREMENT OF BUILDING/HOUSE FOR THE PURPOSE OF DEFENCE ESTATES OFFICE, ODISHA CIRCLE, BHUBANESWAR

Please refer this office advertisement dated 14.10.2023 published in "Times of India" and "Dharitri" for office accommodation of DEO, Odisha Circle, Bhubaneswar, the following amendments made as under follows:

FOR:-
Defence Estates Office, Bhubaneswar requires accommodation approximately floor area measuring 450 Sq. Mtr. or 4843 Sq.Ft. on rental basis for a period of 3 years w.e.f. 28th December, 2023 in Bhubaneswar for the purpose of office accommodation.

READ:-
Defence Estates Office, Bhubaneswar requires accommodation approximately plinth area measuring 6500 Sq.Ft. on rental basis for a period of 5 years w.e.f. 01st January, 2024 in Bhubaneswar for the purpose of office accommodation.

The rest will remain unchanged.

The interested property owners will submit their property details with valid ownership documents in the following address on or before 15th November 2023.

The Defence Estates Officer,
Govt. of India, Ministry of Defence,
Defence Estates Office, Odisha Circle
163, Prachi Enclave, Chandrasekharpur,
Bhubaneswar, Odisha - 751016
Tele: 06742747631, 345, E-mail- deobhub-stats@nic.in

# ବଜାରରେ 'ଭିଡା ଭି ୧ ପ୍ରୋ'



କଟକ,୧୭।୧୦

ଦେଶର ପ୍ରମୁଖ ବୈଦ୍ୟୁତିକ ଯାନ (ଇଲେକ୍ଟ୍ରି ଭେଇକିଲ୍‌ସ ବା ଇଭି) ତଥା ହିରୋ ମୋଟକର୍ପ ଲିମିଟେଡର ଅଗ୍ରଣୀ ବ୍ରାଣ୍ଡ ଭିଡାର ନୂତନ ମଡେଲ 'ଭିଡା ଭି ୧ ପ୍ରୋ'ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ରାଣ୍ଡର ସ୍ୱୀକୃତିପ୍ରାପ୍ତ ଡିଲର ଜେଏମ୍‌ଜି ଅଟୋମୋବାଇଲ୍ସ କଟକ ପକ୍ଷରୁ ମଙ୍ଗଳବାର ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବ ଆୟୋଜନ କରାଯାଇଥିଲା। ଏହି ଅବସରରେ ଜେଏମ୍‌ଜି ଅଟୋମୋବାଇଲ୍ସ ଏମ୍‌ଡି ପ୍ରଦୀପ୍ତ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ 'ଭିଡା ଭି ୧ ପ୍ରୋ'ର ଅନାବରଣ ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରିଥିଲେ। ବିଶେଷକରି ଏହି ଇଭି ଯାନରେ ଅତ୍ୟାଧୁନିକ ସୁବିଧା ସହ ଅନେକ ଫିଚର ସଂଯୋଗ କରାଯାଇଛି। ଏପରିକି ୫ଟି ଆକର୍ଷଣୀୟ ରଙ୍ଗ (କଲର)ରେ ଉପଲବ୍ଧ ହେଉଥିବା ଏହି ମେଡଲର ବଜାର ମୂଲ୍ୟ ୧,୪୫,୯୦୦ ଟଙ୍କା ରହିଛି। ଏ ସମ୍ପର୍କରେ ଜେଏମ୍‌ଜି ଅଟୋମୋବାଇଲ୍ସ ଏମ୍‌ଡି ପ୍ରଦୀପ୍ତ ଅଗ୍ରୱାଲ କହିଛନ୍ତି, ହିରୋ କମ୍ପାନୀର ଅଗ୍ରଣୀ ଇଭି ବ୍ରାଣ୍ଡ ଭିଡାକୁ ମଡେଲ୍‌କୁ କଟକ ସମେତ ଓଡ଼ିଶା ବଜାରରେ ପ୍ରବେଶ କରାଇ ଆମେ ବେଶ୍ ଉତ୍ସାହିତ ଅଛୁ।

झारखण्ड सरकार
ग्रामीण कार्य विभाग मुख्य अभियंता का कार्यालय
102, द्वितीय तल्ला, अभियंत्रण भवन, कचहरी रोड, राँची

ई–अल्पकालीन पुनर्निविदा आमंत्रण सूचना

ई–अल्पकालीन पुनर्निविदा संख्या:- 239/RII/2023-24/RWD/LOHARDAGA दिनांक :- 16.10.2023
मुख्य अभियंता, ग्रामीण कार्य विभाग, झारखण्ड, राँची द्वारा निम्न विवरण के अनुसार e-procurement पद्धति से पैकेज के रूप में निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या/पैकेज संख्या | कार्य का नाम | प्राक्कलित राशि (रूपये में) अंक में | अक्षर में | कार्य समाप्ति की अवधि | टेण्डर कॉल नं0 |
|---|---|---|---|---|---|---|
| 1. | RWD/ LOHARDAGA/ 13 /SRPKG-03/ 2022-23 | (i) आर0ई0ओ0 रोड माराडीह से ढोवा मोड़ तक पथ का विशेष मरम्मति कार्य (लं– 3.200 कि0मी0)<br>(ii) पी0एम0जी0एस0वाई0 रोड मन्हो से बिजली ऑफिस तक पथ का विशेष मरम्मति कार्य (लं– 2.850 कि0मी0)<br>(iii) जीमा से चटकपुर तक पथ का विशेष मरम्मति कार्य (लं– 2.710 कि0मी0)<br>(iv) महुवा टोली से कुजरा तक पथ का विशेष मरम्मति कार्य (लं– 2.900 कि0मी0)<br>(v) हिरही (हर्रा टोली) से लोहरदगा कुडू मेन रोड से हिरही पाड़ा टोली तक पथ का विशेष मरम्मति कार्य (लं– 2.600 कि0मी0)<br>(vi) डी0ए0भी0 स्कूल जुरिया से पुरनाडीह सेमर टोली तक पथ का विशेष मरम्मति कार्य (लं– 2.350 कि0मी0) | 6,46,01,499.00 | छः करोड़ छियालीस लाख एक हजार चार सौ निनानवे रू0 मात्र | 09 माह | तृतीय |

2.वेबसाईट में निविदा प्रकाशन की तिथि:– 20.10.2023
3.ई–निविदा प्राप्ति की अंतिम तिथि एवं समय:– 01.11.2023 अपराह्न 5.00 बजे तक।
4.निविदा खोलने की तिथि एवं समय:– 02.11.2023 अपराह्न 3.30 बजे।
5.निविदा आमंत्रित करने वाले पदाधिकारी का नाम एवं पता:– मुख्य अभियंता, ग्रामीण कार्य विभाग, 102, द्वितीय तल्ला, अभियंत्रण भवन, कचहरी चौक, राँची, झारखण्ड, पिन– 834001
6.ई–निविदा प्रकोष्ठ का दूरभाष सं0– 0651–2913010
विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।
नोडल पदाधिकारी
ई–प्रोक्युर्मन्ट सेल
PR309305 (Rural Work Department)23-24*D

OFFICE OF DISTRICT MANAGER
ODISHA STATE CIVIL SUPPLIES CORPORATION LTD. (OSCSC Ltd.)
SAMBALPUR
Phone: 9438200058, District Website: www.sambalpur.nic.in
Tender No.4071/4072 Dt. 16.10.2023
District Manager, Odisha State Civil Supplies Corporation Ltd., SAMBALPUR invites tenders in Double cover System through ONLINE MODE ONLY for the works below:

| | | |
|---|---|---|
| 1 | Name of the work | Selection and appointment of Level-II Transport Contractor for transportation of foodgrains from RRCs to Retail Centers (FPS) of SMC and Maneswar Block |
| 2 | Availability of bid document in the portal | From 17.10.2023 |
| 3 | Last date / time for receipt of bids in the portal | Dt.30.10.2023 upto 5.00 P.M. |
| 4 | Date / time of opening of technical bid | Dt.31.10.2023 at 11.00 A.M. |
| 5 | Name and address of the Officer Inviting Tender | District Manager, OSCSC Ltd., SAMBALPUR |

Tender documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.
Sd./- District Manager
OSCSC Ltd., SAMBALPUR

**'ଡିଜେ ମ୍ୟୁଜିକ ସମ୍ପୂର୍ଣ୍ଣ ନିଷିଦ୍ଧ ହେଉ'**

ଭୁବନେଶ୍ୱର,(ଅନୁରାଧା ମହାରଣା): ଡିଜେ ମ୍ୟୁଜିକର ଅତି ଉଚ୍ଚ ଓ ବିକଟାଳ ଶବ୍ଦରେ ହୃଦଘାତ, ମସ୍ତିଷ୍କାଘାତ ଓ ସେଥିରେ ବ୍ୟବହୃତ ଲେଜର ଆଲୋକରେ ଦୃଷ୍ଟିଶକ୍ତି ହରାଇବା ଭଳି ଘଟଣା ଘଟୁଛି। ତେଣୁ ଡିଜେ ମ୍ୟୁଜିକକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ପାଇଁ ମଙ୍ଗଳବାର ସ୍ଥାନୀୟ ଏକ ହେଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ 'ଆମ ସ୍ୱର' ପକ୍ଷରୁ ଦାବି କରାଯାଇଛି। ଐତିହାସିକ ଡ. ଅମିୟ କୁମାର ମହାନ୍ତି, ସଙ୍ଗଠକ ଦେବ ପ୍ରସାଦ ପରିଜା, ସମାଜସେବୀ ଅନୁରାଧା ଦାଶ, ସାହିତ୍ୟିକା ମଧୁଲିତା ପରିଡା ପ୍ରମୁଖ ଯୋଗ ଦେଇ ଏ ବାବଦରେ ମତ ରଖିଥିଲେ। ଏହି କ୍ରମରେ ଆମ ସ୍ୱର ପକ୍ଷରୁ ଭୁବନେଶ୍ୱର ପୋଲିସ ଆୟୁକ୍ତ ଓ ପ୍ରଶାସନକୁ ସ୍ମାରକପତ୍ର ଦିଆଯାଇଛି।

# ମା' ଆଗରେ ପୁଅର ଜୀବନଗଲା

## ସ୍କୁଟି ପଛକୁ ଧକ୍କାଦେଲା ତେଲ ଟ୍ୟାଙ୍କର

- ଡ୍ରାଇଭର, ହେଲ୍‌ପର ଅଟକ
- ହମ୍ପ ନିର୍ମାଣ ଦାବିରେ ରାସ୍ତାରୋକୋ

ଖୋର୍ଦ୍ଧା,୧୭।୧୦(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଭାଲିଆବାଡ଼ି ଛକରେ ମଙ୍ଗଳବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦ୍ରୁତଗତିରେ ଆସୁଥିବା ଏକ ତେଲ ଟ୍ୟାଙ୍କର ସ୍କୁଟି ପଛକୁ ଧକ୍କା ଦେବାରୁ ମା' ଗୁରୁତର ଆହତ ହୋଇଥିବା ବେଳେ ୫ ବର୍ଷୀୟ ପୁଅର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଗୁରୁତର ମା' ହେଲେ ଟାଉନ ଥାନା ଅଧୀନ ଗାନ୍ଧିପଡ଼ିଆର ବୈଜୟନ୍ତୀ ଦାସ। ମୃତ ପୁଅ ହେଲେ ବିନାୟକ(୫)। ତେବେ ଗୁରୁତର ଅବସ୍ଥାରେ ବୈଜୟନ୍ତୀଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ଘରୋଇ


ମୃତ ବିନାୟକ (ଫାଇଲ ଫଟୋ)।


ଗୁରୁତର ବୈଜୟନ୍ତୀ ଦାସ।

ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ହମ୍ପସ ନିର୍ମାଣ ଦାବିରେ ଉତ୍ତ୍ୟକ୍ତ ଲୋକେ ପ୍ରାୟ ଅଢ଼େଇ ଘଣ୍ଟା ରାସ୍ତାରୋକା କରିଥିଲେ।

ସୂଚନା ମୁତାବକ, ବିଡିଏ କଲୋନୀସ୍ଥିତ ଏକ ଘରୋଇ ଇଂଲିଶ୍ ମିଡିୟମ ସ୍କୁଲରେ ବିନାୟକ ଏଲ୍‌କେଜିରେ ପଢ଼ନ୍ତି। ମଙ୍ଗଳବାର ପରୀକ୍ଷା ଥିଲା। ପୂର୍ବାହ୍ନ ୧୦ଟାରେ ପରୀକ୍ଷା ସରିବା ପରେ ବୈଜୟନ୍ତୀ ସ୍କୁଟିରେ ପୁଅ ବିନାୟକଙ୍କୁ ଧରି ଘରକୁ ଫେରୁଥିଲେ। ଏହି ସମୟରେ ପଛପଟୁ ଆସୁଥିବା ଏକ ତେଲ ଟ୍ୟାଙ୍କର (ଓଡି ୦୪-ଏମ-୮୧୦୬) ଭାଲିଆବାଡ଼ି ଛକ ନିକଟରେ ଧକ୍କା ଦେଇ ସ୍କୁଟିକୁ କିଛିବାଟ ଘୋଷାରି ନେଇଥିଲା। ଫଳରେ ବୈଜୟନ୍ତୀ ରାସ୍ତାପାର୍ଶ୍ୱକୁ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ। ପୁଅ ବିନାୟକ ରାସ୍ତା ଉପରେ ପଡ଼ିଯାଇଥିବା ବେଳେ ଟ୍ୟାଙ୍କର ଚକା ପେଟ ଉପରେ ମାଡ଼ିଯାଇଥିଲା। ବୈଜୟନ୍ତୀଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ରୁଣ୍ଡ ହୋଇଯାଇଥିଲେ। ସ୍କୁଲ କର୍ତ୍ତୃପକ୍ଷ ଏବଂ ଲୋକେ ମା' ପୁଅଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଖୋର୍ଦ୍ଧା ମେଡିକାଲ ପଠାଇଥିଲେ। ବୈଜୟନ୍ତୀଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ବିନାୟକଙ୍କ ମୃତଦେହ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ଦୁର୍ଘଟଣା ପରେ ଟ୍ୟାଙ୍କର ଚାଳକ ଖସିଯିବାକୁ ଉଦ୍ୟମ କରିବାବେଳେ ସ୍ଥାନୀୟ ଯୁବକ ବାଇକ୍‌ରେ ପିଛାକରି ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ଅଟକାଇଥିଲେ। ଟ୍ୟାଙ୍କର, ଡ୍ରାଇଭର, ହେଲ୍‌ପରଙ୍କୁ ଟାଉନ ପୋଲିସ ଜିମା ଦେଇଥିଲେ। ଦୁର୍ଘଟଣାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ହମ୍ପସ ନିର୍ମାଣ ଦାବିରେ ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଥିଲେ। ଫଳରେ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ରାଜପଥକୁ ସଂଯୋଗ କରୁଥିବା ଏହି ବାଇପାସ୍ ରାସ୍ତାରେ ଯାନବାହନ ଚଳାଚଳ ଠପ୍ ହୋଇଯାଇଥିଲା। ଏଥିଯୋଗୁ ସହରରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥିଲା। ଖବରପାଇ ଅତିରିକ୍ତ ଏସ୍‌ପି କିଶୋର ଚନ୍ଦ୍ର ମୁଣ୍ଡ, ସଦର ଏସ୍‌ଡିପିଓ ଦିଲୀପ ଦାସ, ଟାଉନ ଥାନାଧିକାରୀ ତାରିକ୍ ଅହମ୍ମଦ ପ୍ରମୁଖ ଫୋର୍ସ ସହ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସତ୍ତ୍ୱେ ସେମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ପରେ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ତହସିଲଦାର ବିଭାସ ପାଣିଗ୍ରାହୀ ଏବଂ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରମୁଖ ପହଞ୍ଚି ଭାଲିଆବାଡ଼ି ଛକରେ ହମ୍ପସ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେବା ପରେ ପ୍ରାୟ ଅଢେଇ ଘଣ୍ଟା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଏଥିସହିତ ଯାନବାହନ ଗତି କମାଇବା ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ପୋଲିସ ପକ୍ଷରୁ ବ୍ୟାରିକେଡ୍ ଦିଆଯାଇଛି।

## ସଂକ୍ଷେପରେ

### ସାରଙ୍ଗଧର ଦାସଙ୍କ ଉପରେ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀ

**ଭୁବନେଶ୍ୱର,୧୭।୧୦(ଶର୍ମିଷ୍ଠା ପାଣିଗ୍ରାହୀ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମଙ୍ଗଳବାର ରାଜ୍ୟ ଗ୍ରନ୍ଥାଗାରରେ ବିଶିଷ୍ଟ କୃଷି ବୈଜ୍ଞାନିକ, ପ୍ରବୀଣ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ବିଧାୟକ, ଏମ୍‌ପି ଏବଂ ପ୍ରଜାମଣ୍ଡଳ ସଙ୍ଗଠକ ଗଡ଼ଜାତଗାନ୍ଧୀ ସାରଙ୍ଗଧର ଦାସଙ୍କ ଉପରେ ଏକ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏ ଉକ୍ତ ବୈଠକରେ ଅଧ୍ୟକ୍ଷତା କରି ପାଠିକପାଠକାମାନେ କିପରି ଗଡ଼ଜାତ ଗାନ୍ଧୀ ସାରଙ୍ଗଧରଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜ ଜୀବନରେ ଉନ୍ନତି କରି ସଫଳତାର ଶୀର୍ଷରେ ପହଞ୍ଚି ପାରିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ପୂର୍ବତନ ଭାରପ୍ରାପ୍ତ ଅଧିକାରୀ ଲକ୍ଷ୍ମୀଧର ବେହେରା ଏହି ଅବସରରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗଡ଼ଜାତ ଗାନ୍ଧୀଙ୍କ ଜୀବନୀ ଓ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ବିଭାଗୀୟ ଯୁଗ୍ମ ଶାସନ ସଚିବ ଅତସୀ ଦାସ କାର୍ଯ୍ୟକ୍ରମରେ ସଂଯୋଜନା କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଗ୍ରନ୍ଥାଗାରିକା ସଂଘମିତ୍ରା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ମତ୍ସ୍ୟ, ପଶୁସମ୍ପଦ ବିଭାଗ ପକ୍ଷରୁ ଚାଷୀ ପ୍ରଶିକ୍ଷଣ

**ବାଲିପାଟଣା,୧୭।୧୦(ଅଭିମନ୍ୟୁ ନାୟକ):** କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଚାଷୀଙ୍କ ପାଇଁ ବିଭିନ୍ନ ପ୍ରକାର ଯୋଜନା ପ୍ରଣୟନ କରାଯାଉଥିବାବେଳେ ଓଡ଼ିଶାରେ ଉପଯୁକ୍ତ ଜ୍ଞାନକୌଶଳ ଅଭାବରୁ ଉନ୍ନତମାନର ଚାଷ କରିବା ସମ୍ଭବ ହେଉନାହିଁ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ ପକ୍ଷରୁ ଚାଷୀଙ୍କୁ ନେଇ ଏକ ପ୍ରଶିକ୍ଷଣ ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ଲକ ଉନ୍ନୟନ ଅଧିକାରୀ ଆଦିକନ୍ଦ ବେହେରା ଯୋଗଦେଇ ଚାଷୀଙ୍କୁ ମତ୍ସ୍ୟ ପାଳନ ଓ ଗୋ ପାଳନ ସମ୍ପର୍କରେ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ପ୍ରାଣୀସମ୍ପଦ ଅଧିକାରୀ ଦୃମନ ବେହେରା, ଅତିରିକ୍ତ ପଶୁ ସମ୍ପଦ ଅଧିକାରୀ ପ୍ରିତମ ପ୍ରୀତିମାନ ପଣ୍ଡା, ଅତିରିକ୍ତ ମତ୍ସ୍ୟ ସମ୍ପଦ ଅଧିକାରୀ ପ୍ରତାପ ଚନ୍ଦ୍ର ଦାଶ, ଭିଏସ୍ (ଏମ୍‌ଏମ୍‌ୟୁ) ମୋନାଲିସା ସେନାପତି, ବନମାଳୀପୁର ଭିଏସ୍ ଶାଶ୍ୱତ ପ୍ରଧାନ, ବାଲିପାଟଣା ମତ୍ସ୍ୟ ସମ୍ପଦ ଅଧିକାରୀ ସୁଶ୍ରୀ ରତ୍ନ ମଞ୍ଜରୀ ସେନାପତି, ଆତ୍ମା ଅଧ୍ୟକ୍ଷ ଶରତଚନ୍ଦ୍ର ତ୍ରିପାଠୀଙ୍କ ସହିତ ସ୍ଥାନୀୟ ସରପଞ୍ଚ ଓ ସମିତି ସଭ୍ୟ ଯୋଗଦେଇଥିଲେ। ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ପଣ୍ଡା ଯୋଗଦେଇ ଗୋ-ଚାଷୀଙ୍କୁ ରାଜ୍ୟ ସରକାରଙ୍କ ନୂତନ ଯୋଜନା ସମ୍ପର୍କରେ ଅବଗତ କରିଥିଲେ। କାର୍ଯ୍ୟକ୍ରମର ସଫଳତାରେ ବ୍ଲକ ପ୍ରୋଜେକ୍ଟ କୋ-ଅର୍ଡିନେଟର ଦିବ୍ୟ ରଞ୍ଜନ ମହାପାତ୍ର ଓ ବିପିଏମ୍ ରାଜଲକ୍ଷ୍ମୀ ପଣ୍ଡା ସହଯୋଗ କରିଥିଲେ। ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗରୁ ପ୍ରାୟ ୮୦ ଜଣ ଚାଷୀ ଯୋଗ ଦେଇଥିଲେ।

## ଜ୍ଞାନବିଜ୍ଞାନ ମେଳାରେ ୨୨୮ ପ୍ରକଳ୍ପ ପ୍ରଦର୍ଶିତ

ବାଲିଅନ୍ତା,୧୭।୧୦(ନୀଳମାଧବ ସାହୁ)

ବାଲିଅନ୍ତା ବ୍ଲକ ଅଲାରପୁର ରଙ୍ଗାଜାରସ୍ଥିତ ମା' ଜାଗୁଳାଇ ସରସ୍ୱତୀ ଶିଶୁ ମନ୍ଦିରରେ ମଙ୍ଗଳବାର ବାର୍ଷିକ ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମେଳାରେ ୧୨ଟି ଶ୍ରେଣୀର ଛାତ୍ରୀଛାତ୍ର ଭାଗନେଇ ବିଜ୍ଞାନ ଓ ପରିବେଶ ସମ୍ପର୍କିତ ୨୨୮ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ମୁଖ୍ୟ ଅତିଥି ରୂପେ ଶିକ୍ଷାବିତ୍ ନାରାୟଣ ବେହେରା ଯୋଗଦେଇ ଭଲ ପାଠ ପଢ଼ିବା ସହିତ ବିଜ୍ଞାନମେଳାରେ ଅଂଶଗ୍ରହଣ କଲେ ନିଜର ଜ୍ଞାନ ବୃଦ୍ଧି ହୋଇଥାଏ ବୋଲି ମତପୋଷଣ କରିଥିଲେ। ଅନ୍ୟତମ ଅତିଥି ରୂପେ ବିଜ୍ଞାନ ଶିକ୍ଷୟିତ୍ରୀ କିରଣବାଳା ବେହେରା ଯୋଗଦେଇ ବିଜ୍ଞାନର ଅଗ୍ରଗତି ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଶ୍ରୀକାନ୍ତ ଶେଖର ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ଲକ୍ଷ୍ମୀପ୍ରିୟା ମିଶ୍ର, ଜାନକୀ ମହାପାତ୍ର ଓ ଶ୍ରୀକାନ୍ତ ଦାସଙ୍କ ସମେତ ସମସ୍ତ ଗରୁମା ଗୁରୁଜୀ ପରିଚାଳନାରେ ସହଯୋଗ କରିଥିଲେ।



ଭୁବନେଶ୍ୱରସ୍ଥିତ ପୋଲିସ ଭବନଠାରେ ମଙ୍ଗଳବାର ଆୟୋଜିତ ଜାତୀୟ ସଡ଼କ ସୁରକ୍ଷା କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବର ଉଦ୍‌ଘାଟନୀ ଅବସରରେ ମନ୍ତ୍ରୀ ଟୁକୁନି ସାହୁ ଏବଂ ଅନ୍ୟ ଅତିଥିମାନେ।

## ଡିସେମ୍ବର ୧୨ରେ ଜାତୀୟ ସଡ଼କ ସୁରକ୍ଷା କ୍ଷୁଦ୍ର ଚଳଚ୍ଚିତ୍ର ପୁରସ୍କାର

### ଆବେଦନ ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର,୧୭।୧୦ (ଶର୍ମିଷ୍ଠା ପାଣିଗ୍ରାହୀ)

ଜାତୀୟ ସଡ଼କ ସୁରକ୍ଷା କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବ-୨୦୨୩ ପାଇଁ କ୍ଷୁଦ୍ର ଚଳଚ୍ଚିତ୍ର ଦାଖଲ ପ୍ରକ୍ରିୟା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ପ୍ରବେଶ ଦାଖଲର ଶେଷ ତାରିଖ ନଭେମ୍ବର ୧୭ ରହିଛି। ପୋଲିସ ଭବନଠାରେ ଏହି ଉତ୍ସବର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡିଜିପି ସୁନୀଲ ବଂଶଲ, ପୂର୍ବତନ ପରିବହନ କମିଶନର ଅମିତାଭ ଠାକୁର ଉପସ୍ଥିତ ଥିଲେ। ଅଭିନେତ୍ରୀ ଅର୍ଚ୍ଚିତା ସାହୁ, ଆଇପିଏସ୍ ଅଧିକାରୀ ଅରୁଣ ବୋଥ୍ରା, ଭିନ୍ନକ୍ଷମ ଅଧିକାରୀ କାର୍ଯ୍ୟକର୍ତ୍ତା ଜିତେନ୍ଦ୍ର ବିଶ୍ୱାଳ, ଅଭିନେତା ତଥା ଓଏଫ୍‌ଡିସି ଅଧ୍ୟକ୍ଷ କୁନା ତ୍ରିପାଠୀ, ହେଲମେଟ୍ ମ୍ୟାନ୍ ଅଫ୍ ଇଣ୍ଡିଆ ରାଘବେନ୍ଦ୍ର କୁମାର, ଅଭିନେତା ସବ୍ୟସାଚୀ ମିଶ୍ର, ଦି ନ୍ୟୁ ଇଣ୍ଡିଆନ ଏକ୍ସପ୍ରେସର ରେସିଡେଣ୍ଟ ଏଡିଟର୍ ଶିବ ମହାନ୍ତି, ଅଭିନେତା ସିଦ୍ଧାନ୍ତ ମହାପାତ୍ର, ବକୁଲ ଫାଉଣ୍ଡେଶନର ପ୍ରତିଷ୍ଠାତା ସୁଜିତ ମହାପାତ୍ର, ସାମାଜିକ କର୍ମୀ ସ୍ନେହା ମିଶ୍ର, ଅଭିନେତ୍ରୀ ସୋଫିଆ ଆଲାମ, ସିନେ ସମୀକ୍ଷକ ସୂର୍ଯ୍ୟ ଦେଓ, ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ପ୍ରମୁଖ ଏହାର ଜୁରି ସଦସ୍ୟ ରହିଛନ୍ତି। ଡିସେମ୍ବର ୧ରେ ବ୍ରହ୍ମପୁର, ୪ରେ ସମ୍ବଲପୁର ଏବଂ ୭ରେ ଅନୁଗୁଳଠାରେ ଫିଲ୍ମ ସ୍କ୍ରିନିଂ ଆୟୋଜନ କରାଯିବ। ଉତ୍ସବର ଗ୍ରାଣ୍ଡ ଫିନାଲେ ଓ ପୁରସ୍କାର ବିତରଣ ଉତ୍ସବ ଡିସେମ୍ବର ୧୨ରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ।

## ବକେୟା ଟଙ୍କା ପାଇଁ ଯୁବକଙ୍କୁ ଅପହରଣ

### ତଦନ୍ତ ପରେ ଜଣାପଡ଼ିଲା ଘଟଣା ପଛର ସତ

ଭୁବନେଶ୍ୱର,୧୭।୧୦(ସତ୍ୟଜିତ୍ ରାଉତ)

ଭୁବନେଶ୍ୱରର ରସୁଲଗଡ଼ସ୍ଥିତ ଏସ୍‌ପ୍ଲାନେଡ୍ ମଲ୍ ସାମ୍ନାରୁ ଜଣେ ଯୁବକଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ଅପହରଣ କରିନିଆଯାଇଥିବା ଅଭିଯୋଗ ହୋଇଛି। ଅପହୃତ ଯୁବକ ହେଲେ କେନ୍ଦୁଝର ଜିଲା ଘଷିପୁରା ଥାନା ଅଞ୍ଚଳର ପ୍ରିୟବ୍ରତ ସାହୁ (୨୮)। ଏ ସଂକ୍ରାନ୍ତରେ ପ୍ରିୟବ୍ରତଙ୍କ ସାଙ୍ଗ ଲୋକନାଥ ସାହୁ ଶହୀଦନଗର ପୋଲିସର ସହଯୋଗ ଲୋଡ଼ିଛନ୍ତି। ଲୋକନାଥଙ୍କ କହିବା ଅନୁଯାୟୀ, ସେ ଓ ତାଙ୍କ ସାଙ୍ଗ ଏସ୍‌ପ୍ଲାନେଡ୍ ମଲ୍‌କୁ ବୁଲିବାକୁ ଯାଇଥିଲେ। ସନ୍ଧ୍ୟା ପ୍ରାୟ ୬ଟା ୩୦ ବେଳେ ମଲ୍ ସାମ୍ନାରେ ଉଭୟ ଛିଡ଼ା ହୋଇଥିଲେ। ଲୋକନାଥ ଅନ୍ୟମନସ୍କ ଥିବାବେଳେ ପ୍ରିୟବ୍ରତଙ୍କୁ ଏକ ଧଳା ରଙ୍ଗର କାର୍‌ରେ କେତେଜଣ ଯୁବକ ବଳପୂର୍ବକ ଉଠାଇ ନେଇଥିଲେ। ଲୋକନାଥ ଡାକ ପକାଇଥିଲେ ମଧ୍ୟ କାର୍‌ଟି ଦ୍ରୁତଗତିରେ


ପ୍ରିୟବ୍ରତ ସାହୁ

ଚାଲିଯାଇଥିଲା। ତେବେ ପରେ ଏନେଇ ପୋଲିସ ପ୍ରାଥମିକ ତଦନ୍ତ କରିବାରୁ ଘଟଣା ପଛର ଭିନ୍ନ ଏକ ଦିଗ ସାମ୍ନାକୁ ଆସିଛି। ପ୍ରିୟବ୍ରତ ଚାକିରି ଦେବାକୁ କହି ୨୦ ଲକ୍ଷ ଟଙ୍କା ନେଇ ଫେରାଉ ନ ଥିବାରୁ ତାଙ୍କୁ ଗାଡ଼କଣ ଅଞ୍ଚଳର କେଶବ ଦାସ ନାମକ ଯୁବକ ରାଗରେ ଉଠାଇ ନେଇଥିଲେ ବୋଲି ଜଣାପଡ଼ିଛି। ଏନେଇ ମଞ୍ଚେଶ୍ୱର ଥାନାରେ ଅଭିଯୋଗ ହେବା ସହ ବେଳେ ଆପୋଷ ବୁଝାମଣା ମଧ୍ୟ ହୋଇଥିଲା। ହେଲେ ଟଙ୍କା ଫେରାଉ ନ ଥିବାରୁ ୫ଦିନ ତଳେ କେଶବ ପ୍ରିୟବ୍ରତଙ୍କ ଘରକୁ ଯାଇଥିଲେ। ତେବେ ପ୍ରିୟବ୍ରତ ଏସ୍‌ପ୍ଲାନେଡ୍ ମଲ୍ ନିକଟରେ ଥିବା ସେ ଜାଣିବାକୁ ପାଇ ସେଠାକୁ ଆସିଥିଲେ। ତେବେ ଏହି ପୂରା ଘଟଣା ପୋଲିସ ଜାଣିବା ପରେ କେଶବଙ୍କ ସହ ଯୋଗାଯୋଗ କରି ପ୍ରିୟବ୍ରତଙ୍କୁ ଥାନାକୁ ଆଣିଛି। ଏପରିକି ପ୍ରିୟବ୍ରତଙ୍କ ବାପାଙ୍କୁ ମଧ୍ୟ ପୋଲିସ ଡକାଇ ପଠାଇଛି। ତେବେ ଖବର ଲେଖାହେବା ପର୍ଯ୍ୟନ୍ତ ଏହି ଘଟଣାରେ ଶହୀଦନଗର ଥାନାରେ କୌଣସି ଏତଲା ହୋଇ ନ ଥିବା ଜଣାପଡ଼ିଛି।

## ପ୍ରକୃତି ପରୀକ୍ଷା ପ୍ରଶିକ୍ଷଣ ଶିବିର

ବାରଙ୍ଗ,୧୭।୧୦(ଲିଙ୍ଗରାଜ ରାଉତ)

ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ଅଧୀନ ଶ୍ରୀଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟ ଓ କେନ୍ଦ୍ରୀୟ ଆୟୁର୍ବେଦ ଅନୁସନ୍ଧାନ ପରିଷଦର ମିଳିତ ଆନୁକୂଲ୍ୟରେ ପ୍ରକୃତି ପରୀକ୍ଷା ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ପ୍ରଫେସର ଦେବୀପ୍ରସାଦ ସାହୁ ଏହାକୁ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ୨ ଦିନିଆ ଏହି ପ୍ରଶିକ୍ଷଣ ଶିବିରରେ ଭୁବନେଶ୍ୱର କେନ୍ଦ୍ରୀୟ ଆୟୁର୍ବେଦ ଅନୁସନ୍ଧାନ ପରିଷଦର ଉପନିର୍ଦ୍ଦେଶକ ଡାକ୍ତର ଶାରଦା ହୋତା, ଆୟୁର୍ବେଦ ଚିକିତ୍ସାଳୟ ଅଧୀକ୍ଷକ ପ୍ରଫେସର ଦୁର୍ଗାପ୍ରସାଦ ଦାଶ ଅତିଥି ଭାବେ ଯୋଗଦେଇଥିଲେ। ପ୍ରତ୍ୟେକ ବ୍ୟକ୍ତି ନିଜର ପ୍ରକୃତି ଜାଣିବା ଦରକାର ଏବଂ ଏହାଦ୍ୱାରା ନିଜ ଶରୀର ପାଇଁ ଅନୁକୂଳ ଖାଦ୍ୟପେୟ ଓ ଚାଲିଚଳନ ସ୍ଥିର କରି ସୁସ୍ଥ ରହିପାରିବେ ବୋଲି ପ୍ରଫେସର ଦାଶ ମତବ୍ୟକ୍ତ କରିଥିଲେ।

## ଡିସେମ୍ବର ୬ରେ ପ୍ରସିଦ୍ଧ କାର୍ତ୍ତିକେଶ୍ୱର ଭସାଣି

ବାରଙ୍ଗ,୧୭।୧୦(ଲିଙ୍ଗରାଜ ରାଉତ)

ବାରଙ୍ଗର ପ୍ରସିଦ୍ଧ ପର୍ବ କାର୍ତ୍ତିକେଶ୍ୱର ପୂଜା ଓ ଭସାଣିକୁ ନେଇ ସୋମବାର ରାତିରେ କଟକ ଡିସିପିଙ୍କ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବାରଙ୍ଗର ବିଭିନ୍ନ ପୂଜାମଣ୍ଡପର ୪୫ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତାଙ୍କ ସହ ବାରଙ୍ଗ ଆଞ୍ଚଳିକ ଶାନ୍ତି କମିଟିର କର୍ମକର୍ତ୍ତା ଯୋଗଦେଇଥିଲେ। ଆଗାମୀ ଦିନରେ ହେବାକୁ ଥିବା କାର୍ତ୍ତିକେଶ୍ୱର ପୂଜା ଓ ଭସାଣିକୁ ସୁଚାରୁରୂପେ ସମ୍ପନ୍ନ କରିବା ନେଇ ଆଲୋଚନା ହୋଇଥିଲା। ତ୍ରିଶୂଳିଆ ନିକଟରେ ନେତାଜୀ ସୁଭାଷ ବୋଷ ସେତୁ କାର୍ଯ୍ୟକ୍ଷମ ହେବା ପରେ ବାରଙ୍ଗ ରାସ୍ତା ସବୁ ସମୟରେ ଚଳଚଞ୍ଚଳ ହୋଇଉଠିଛି। କାର୍ତ୍ତିକେଶ୍ୱର ଭସାଣି ସମୟରେ ପ୍ରସିଦ୍ଧ ବାଲିଯାତ୍ରା ରହୁଥିବାରୁ ଏବଂ ଏହି ସମୟରେ ବାରଙ୍ଗର ପ୍ରସିଦ୍ଧ ପର୍ବ କାର୍ତ୍ତିକେଶ୍ୱର ଭସାଣି ଯୋଗୁ ମୁଖ୍ୟରାସ୍ତା ଉପରକୁ ସବୁମେଢ ଆସିଥାଏ। ଫଳରେ ସାଧାରଣଲୋକେ ଯାତାୟାତରେ ବହୁ ଅସୁବିଧା ଭାଗିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଚଳିତବର୍ଷ ପୋଲିସ ପ୍ରଶାସନ ପକ୍ଷରୁ ଡକାଯାଇଥିବା ବୈଠକରେ କାର୍ତ୍ତିକେଶ୍ୱର ଭସାଣିକୁ ଡିସେମ୍ବର ୬ରେ କରିବାକୁ ସମସ୍ତ ପୂଜା କମିଟି ଓ ଶାନ୍ତି କମିଟିକୁ କଟକ ଡିସିପି ପିନାକ ମିଶ୍ର ଅନୁରୋଧ କରିଛନ୍ତି। ନଭେମ୍ବର ୨୭ରୁ କାର୍ତ୍ତିକେଶ୍ୱର ପୂଜାରମ୍ଭ ହୋଇ ଡିସେମ୍ବର ୬ରେ ଭସାଣି ହେବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ବାଙ୍କି ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ବାରଙ୍ଗ ଥାନାଧିକାରୀ ଆକାଶଚନ୍ଦ୍ର ରଣା, ଶାନ୍ତି କମିଟି ସଭାପତି ପ୍ରତାପଚନ୍ଦ୍ର ପାଣି, ସମ୍ପାଦକ ସୁରେଶ ମହାନ୍ତି, ଦାଢା ସରପଞ୍ଚ ଦିଲିପ ବେହେରାଙ୍କ ସମେତ ବିଭିନ୍ନ ଗ୍ରାମର ପୂଜା କମିଟି କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ୨୦୩୦ ସୁଦ୍ଧା ଅକ୍ଷୟ ଶକ୍ତି ବୃଦ୍ଧି ଉପରେ ଗୁରୁତ୍ୱ

### ପିଏଭିଜି କମିଟି ବୈଠକ

ଭୁବନେଶ୍ୱର,୧୭।୧୦(ଅନିଲ ଦାସ)

ଅକ୍ଷୟ ଶକ୍ତି ନୀତିକୁ ନିର୍ଦ୍ଧାରିତ ସମୟରେ କାର୍ଯ୍ୟକାରୀ କରିବା ଦରକାର । ୨୦୩୦ ସୁଦ୍ଧା ଅକ୍ଷୟ ଶକ୍ତି କ୍ଷମତା ରାଜ୍ୟରେ ବୃଦ୍ଧି କରିବା ଉପରେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଗୁରୁତ୍ୱ ଦେଇଛନ୍ତି। ମଙ୍ଗଳବାର ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅକ୍ଷୟ ଶକ୍ତି ନୀତି ଉପରେ ପଲିସି ଆଡ୍‌ଭୋକେସି ଏବଂ ଭିଜନ୍ ଗ୍ରୁପ୍(ପିଏଭିଜି) କମିଟି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି ।

ଏହି ବୈଠକରେ ଯୋଗଦେଇ ଗ୍ରୀଡ୍‌କୋର ଡାଇରେକ୍ଟର ଜି.ବି. ସ୍ୱାଇଁ ଓଡ଼ିଶାରେ ଅକ୍ଷୟ ଶକ୍ତି ପ୍ରକଳ୍ପ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ପ୍ରୋତ୍ସାହନ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିପାଇଁ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ କମିଟି ଯୋଗୁ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁଛି। ରାଜ୍ୟରେ ଅକ୍ଷୟ ଶକ୍ତି କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ ଗ୍ରୀଡ୍‌କୋ ନୋଡାଲ ଏଜେନ୍ସି ଭାବେ କାର୍ଯ୍ୟ କରୁଛି। ଏହାଛଡ଼ା ସିଙ୍ଗଲ ୱିଣ୍ଡୋ ସହ ଯୋଗାଯୋଗ ପାଇଁ ଏକ ଉତ୍ସର୍ଗୀକୃତ ୱେବ୍ ପୋର୍ଟାଲର ସୁବିଧା ରହିଛି ବୋଲି ସ୍ୱାଇଁ କହିଛନ୍ତି। ଆଲୋଚନା ବେଳେ କମିଟି ସଦସ୍ୟମାନେ ନିଜର ମତାମତ ପ୍ରଦାନ କରିଛନ୍ତି। ଏଥିସହିତ ବୈଠକରେ ଇଲେକ୍ଟ୍ରି ଭେହିକଲ(ଇଭି) ଚାର୍ଜିଂ ଭିତ୍ତିଭୂମି କରିବା ସହ ରାଜ୍ୟର ଇଭି ନୀତି ଓ ବାୟୁଶକ୍ତି ପାଇଁ ଭବିଷ୍ୟତ ଆକ୍ସନ ପ୍ଲାନ୍ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ରାଜ୍ୟ ସରକାର ବିଭିନ୍ନ ନୀତି ଉପରେ ପ୍ରମୁଖ ପରାମର୍ଶଦାତା ସହ ଥିଙ୍କ୍ ଟ୍ୟାଙ୍କ୍ ଭଳି ଦାୟିତ୍ୱ ତୁଲାଇବା ପାଇଁ ପିଏଭିଜି ଗଠନ କରିଛନ୍ତି। ଏଥିରେ ବିଭିନ୍ନ କ୍ଷେତ୍ରର ବ୍ୟକ୍ତିବିଶେଷଙ୍କୁ ସାମିଲ କରାଯାଇଛି। ନୂତନ କ୍ଷୟଶକ୍ତି ନୀତି ପ୍ରସ୍ତୁତ କରିବା ପାଇଁ ପିଏଭିଜି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଏହି ବୈଠକରେ ଉନ୍ନୟନ କମିଶନର ଅନୁ ଗର୍ଗ, ଅର୍ଥ ବିଭାଗ ପ୍ରମୁଖ ସଚିବ ବିଶାଳ ଦେବ, ସିଇଆରସିର ପୂର୍ବତନ ସଚିବ ଓ ଅଧ୍ୟକ୍ଷ ପି.କେ. ପୂଜାରୀ, ଆଇଆଇଟି ଦିଲ୍ଲୀର ପ୍ରଫେସର ସୁକୁମାର ମିଶ୍ର, ଆଇଆଇଟି କାନପୁର ପ୍ରଫେସର ଅନୁପ ସିଂଙ୍କ ସମେତ ବହୁ ଅଧିକାରୀ ଯୋଗ ଦେଇଥିଲେ।

## ଆନ୍ତଃ ମହାବିଦ୍ୟାଳୟ ଫୁଟବଲ ଟୁର୍ନାମେଣ୍ଟ

**ବାରଙ୍ଗ,୧୭।୧୦(ଲିଙ୍ଗରାଜ ରାଉତ)** ଉତ୍କଳ ବିଶ୍ୱବିଦ୍ୟାଳୟ ବିଜୁ ପଟ୍ଟନାୟକ କ୍ରୀଡ଼ା ପ୍ରାଙ୍ଗଣରେ ୨ଦିନ ଧରି ଚାଲିଥିବା ଉତ୍କଳ ବିଶ୍ୱବିଦ୍ୟାଳୟ ଆନ୍ତଃ ମହାବିଦ୍ୟାଳୟ ପୁରୁଷ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ମଙ୍ଗଳବାର ଫାଇନାଲ ମ୍ୟାଚରେ ପୁରୀ ଜିଲାର ଏସ୍‌ସିଏସ୍ କଲେଜ ଭୁବନେଶ୍ୱରର ଦେବରାୟ କଲେଜକୁ ୨-୦ ଗୋଲରେ ପରାସ୍ତ କରି ଜୋନ୍ ଚାମ୍ପିୟନ ହୋଇଛି। ଏଥିସହ ଉଭୟ ଦଳ ଆସନ୍ତା ୨୦ ତାରିଖରେ ହେବାକୁ ଥିବା ଆନ୍ତଃଜୋନ ପ୍ରତିଯୋଗିତାରେ ଭାଗ ନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଟୁର୍ନାମେଣ୍ଟକୁ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଉଦ୍‌ଘାଟନ କରିଥିବାବେଳେ ଉଦ୍‌ଯାପନୀ ଉତ୍ସବରେ କ୍ରୀଡ଼ା ପରିଷଦ ନିର୍ଦ୍ଦେଶକ ଡ. ବିଜୟ ସୁନ୍ଦରାୟ ଓ ଉପସଭାପତି ଡ. କୀର୍ତ୍ତି ରଞ୍ଜନ ମଲ୍ଲିକ ଅତିଥି ଭାବେ ଯୋଗଦେଇ ଉଭୟ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

## ମଧ୍ୟ ନିର୍ବାଚନମଣ୍ଡଳୀରେ 'ଜନ ସମ୍ପର୍କ ପଦଯାତ୍ରା' ଉଦ୍‌ଯାପିତ

### ନବୀନଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଲାଗି ସଂକଳ୍ପ ନିଆଯାଇଛି: ଅନନ୍ତ



ମଧ୍ୟ ନିର୍ବାଚନ ମଣ୍ଡଳୀରେ ବିଧାୟକ ଏବଂ ମେୟରଙ୍କ ଜନ ସମ୍ପର୍କ ପଦଯାତ୍ରା।

ଭୁବନେଶ୍ୱର, ୧୭।୧୦(ସୁନିତ୍ ମିଶ୍ର)

ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀର ୱାର୍ଡ-୪୭ରେ ବିଜେଡି ପକ୍ଷରୁ ମଙ୍ଗଳବାର 'ଜନ ସମ୍ପର୍କ ପଦଯାତ୍ରା'ର ଉଦ୍‌ଯାପନୀ ଦିବସ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଛି। ୱାର୍ଡ ନମ୍ବର ୪୭ର କର୍ପୋରେଟର ସମୀତା ମହାନ୍ତିଙ୍କ ସଂଯୋଜନାରେ ୟୁନିଟ୍-୮ ଗଜଲକ୍ଷ୍ମୀ ପଡ଼ିଆଠାରୁ ପଦଯାତ୍ରା ଆରମ୍ଭହୋଇ ୱାର୍ଡ ପରିକ୍ରମା କରି ଗୋପବନ୍ଧୁ ସ୍ମୃତି ସଂସଦ ନିକଟରେ ଶେଷ ହୋଇଛି। ପଦଯାତ୍ରାରେ ହଜାର ହଜାର ସଂଖ୍ୟାରେ ବିଜେଡି କର୍ମୀ ଓ ଜନସାଧାରଣ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ହେଉଥିବା ବିଭିନ୍ନ ଲୋକାଭିମୁଖୀ ଜନକଲ୍ୟାଣକାରୀ ଯୋଜନାର ସଫଳ ରୂପାୟନର ବାର୍ତ୍ତା ଘରେ ଘରେ ପହଞ୍ଚାଇଛନ୍ତି। ଏହାସହ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରି ଭାରତ ବର୍ଷରେ ନୂଆ ରେକର୍ଡ ସୃଷ୍ଟି କରିବା ପାଇଁ ଏହି ଅବସରରେ ସଂକଳ୍ପ ନିଆଯାଇଛି ବୋଲି ବିଧାୟକ ଅନନ୍ତ ନାରାୟଣ ଜେନା କହିଛନ୍ତି। ଏହି ଅବସରରେ ରାଜ୍ୟ ସଭା ଏମ୍‌ପି ସୁଲତା ଦେଓ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ବିଜେଡି ନେତ୍ରୀ ଶ୍ରୀମୟୀ ମିଶ୍ର, ଛାତ୍ର ବିଜେଡି ରାଜ୍ୟ କାର୍ଯ୍ୟକାରୀ ସଭାପତି ଅଭିନାସ ଠାକୁର, ସମାଜସେବୀ ସାରଦା ପ୍ରସନ୍ନ ମହାନ୍ତି ପ୍ରମୁଖ ପଦଯାତ୍ରାରେ ଯୋଗ ଦେଇଛନ୍ତି।

## କାରଗିଲ୍ ରୋଡ଼ରେ ଜନସମ୍ପର୍କ ପଦଯାତ୍ରା



ଏକାମ୍ର ନିର୍ବାଚନ ମଣ୍ଡଳୀରେ ମନ୍ତ୍ରୀ ଅଶୋକ ପଣ୍ଡା ଦଳୀୟ କର୍ମୀଙ୍କ ସହ ପଦଯାତ୍ରା କରୁଛନ୍ତି।

ପୁରୁଣା ଭୁବନେଶ୍ୱର,୧୭।୧୦ (ସୁବାସ ଚନ୍ଦ୍ର ପ୍ରଧାନ)

ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀ ୬୨ ନଂ. ୱାର୍ଡ କାରଗିଲ ବିଜୁ ଆଦର୍ଶ କଲୋନୀରେ ମଙ୍ଗଳବାର ଆୟୋଜିତ ଜନସମ୍ପର୍କ ପଦଯାତ୍ରାରେ ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ, ସ୍ଥାନୀୟ କର୍ପୋରେଟର ଚାରୁଲତା ସାମନ୍ତରାୟ ଏବଂ ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ସାମିଲ ହୋଇଥିଲେ। ପଦଯାତ୍ରା ସମୟରେ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନମଙ୍ଗଳକାରୀ ଯୋଜନା ସମ୍ପର୍କରେ ପଣ୍ଡା ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ଶିବ ପ୍ରସାଦ ବେହେରା, ସନ୍ତୋଷ ସିଂ, କେ. ଶାନ୍ତି, ଶିବ ନାରାୟଣ ରାୟ, ଅଜିତ୍ ବେହେରା, ଅଶିନୀ ସୁନ୍ଦରାୟ, ମୁଜାହିଦ ହୁସେନ, ରୁନୁ ଜେନା, ହୃଦୟ ବଲ୍ଲଭ ସାମନ୍ତରାୟ, ବିଜୁ ଯୁବ ଜନତା ଦଳ ଭୁବନେଶ୍ୱର ସଭାପତି ସମରେଶ ବେଉରା, ଏକାମ୍ର ଛାତ୍ର ସଭାପତି ଶିବ ପ୍ରସାଦ ମହାପାତ୍ର, ପୂର୍ଣ୍ଣେନ୍ଦୁ ପୂଜାପଣ୍ଡା, ମିକୁ ପ୍ରଧାନ, ସଙ୍କେତ ରାୟ, ଅଜୟ ହରିଚନ୍ଦନ, ଉଷା ମହାନ୍ତି, ଆନନ୍ଦଚନ୍ଦ୍ର ପରିଡ଼ା, ଛବି ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପିକ୍‌ଅପ୍ ଭ୍ୟାନ୍ ଜବତ, ୧୪ ଗୋରୁ ଉଦ୍ଧାର



ବେଗୁନିଆ,୧୭।୧୦(ହରପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବାଘମାରୀ ଥାନା ପୋଲିସ ମଙ୍ଗଳବାର ସକାଳେ ସିମୋର ଛକ ନିକଟରେ ଚଢ଼ାଉ କରି ଏକ ପିକ୍‌ଅପ୍ ଭ୍ୟାନ୍ ଜବତ କରିବା ସହ ୧୪ ଗୋରୁଙ୍କୁ ଉଦ୍ଧାର କରିଛି। ତେବେ ଚଢ଼ାଉ ସମୟରେ ଗାଡ଼ି ଚାଳକ ଓ ସହଯୋଗୀ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୭୭/୨୩) ରୁଜୁକରି ଅଧିକ ତଦନ୍ତ ଚଳାଇଛି। ସୂଚନା ମୁତାବକ, ଏହି ଥାନା ଅଧୀନ ସିମୋର-ବାଘମାରୀ ରାସ୍ତାରେ ଥାନା ଅଧିକାରୀ ଶମ୍ଭୁନାଥ ନାୟକ ଓ କର୍ମଚାରୀ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ସିମୋର ଛକ ନିକଟରେ ଓଡି ୦୨ଏବି-୧୧୮୬ ନମ୍ବରବିଶିଷ୍ଟ ଏକ ପିକ୍‌ଅପ୍ ଭ୍ୟାନ୍ ଯାଉଥିଲା। ପୋଲିସର ସନ୍ଦେହ ହେବାରୁ ଗାଡ଼ିକୁ ଅଟକାଇଥିଲା। ସେଥିରେ ଗୋରୁ ବୋଝେଇ ହୋଇଥିବା ପୋଲିସ ଦେଖିବାକୁ ପାଇଥିଲା। ସେହି ସମୟରେ ଡ୍ରାଇଭର ଓ ସହଯୋଗୀ ଗାଡ଼ି ଛାଡ଼ି ଚମ୍ପଟ ମାରିଥିଲେ। ଗୋରୁଙ୍କୁ ଉଦ୍ଧାର କରାଯାଇ ଖଣ୍ଡପଡ଼ାସ୍ଥିତ ଗୋଶାଳାରେ ଛଡ଼ାଯାଇଛି।

### ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନରେ ରକ୍ତଦାନ, ଫଳ ବଣ୍ଟନ

ଖୋର୍ଦ୍ଧା,୧୭।୧୦(ପ୍ରଭାତ ପାଣିଗ୍ରାହୀ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୮ତମ ଜନ୍ମଦିବସ ଅବସରରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଏକ ରକ୍ତଦାନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ମୋ ପରିବାର ସଂଯୋଜକ ଅରୂପ ପଟ୍ଟନାୟକ, ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନ୍‌ସିଂହ, ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ବିଜେଡି ଜିଲା ସଭାପତି ବିଭୁତି ବଳବନ୍ତରାୟ, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ବିଜୁ ମହିଳା ଜନତା ଦଳ ରାଜ୍ୟ ଉପସଭାପତି ବାସନ୍ତୀ ମହାପାତ୍ର, ପ୍ରକାଶ ସାମନ୍ତରାୟ, ଗୀତାଞ୍ଜଳୀ ପାଟ୍ଟଶାଣୀ, ପ୍ରଫୁଲ୍ଲ କୁମାର ଦଳାଇ, ଦିଲ୍ଲୀପ କୁମାର ହୋତା, ଅବ୍ୟକ୍ତ ହରିହର ଖାଡଙ୍ଗା, ନସିମ ଖାନ, ରୁଦ୍ରନାଥ ଦତ୍ତ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ମହାପ୍ରଭୁଙ୍କ ନିକଟରେ ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରିଥିଲେ । ମୋଟ ୭୮ୟୁନିଟ ରକ୍ତ ସଂଗ୍ରହ ହୋଇଛି । ଯୁବ ବିଜେଡି ଜିଲା ସଭାପତି ରାଜେଶ ପରିଡ଼ା ଓ ଛାତ୍ର ବିଜେଡି ସଭାପତି ବିଶ୍ୱଦୀପ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ଶିବିରରେ ସୁଚିସ୍ମିତା ବେହେରା, ଦେବୀପ୍ରସାଦ ଲେଙ୍କା, ବିଜୟଲକ୍ଷ୍ମୀ ଦାସ, ଅମିତ ମହାରଣା ପ୍ରମୁଖ ସହଯୋଗ କରିଥିଲେ। ଏଥିସହିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଛି।

# ସିସିଟିଭି ସର୍ଭେଲାନ୍ସରେ ରହିବ ପୂଜାମଣ୍ଡପ

ଖୋର୍ଦ୍ଧା,୧୭।୧୦(ପ୍ରଭାତ ପାଣିଗ୍ରାହୀ)



ବୈଠକରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ଦୁଇ ବିଧାୟକ ଏବଂ ଅନ୍ୟମାନେ।

ଜଗଜ୍ଜନନୀ ମା' ଦୁର୍ଗାଙ୍କ ଆବାହନ ପାଇଁ ଚଳଚଞ୍ଚଳ ହୋଇଉଠିଛି ଖୋର୍ଦ୍ଧା ସହର ଓ ଆଖପାଖ ଅଞ୍ଚଳ। ସଜେଇ ହେଉଛି ପୂଜାମଣ୍ଡପ। ଖୋର୍ଦ୍ଧା ସହରର ୯ଟି ସ୍ଥାନରେ ମା' ଦୁର୍ଗା ଓ ହରପାର୍ବତୀ ପୂଜା ପାଇବେ। ଏଥିସହିତ ୩୬ ମଣ୍ଡପରେ ପୂଜା ପାଇବେ ଗଜଲକ୍ଷ୍ମୀ। ଶୃଙ୍ଖଳିତ, ପ୍ଲାଷ୍ଟିକ୍, ପଲିଥିନ ମୁକ୍ତ ପୂଜା ଏବଂ ଭସାଣିରେ ଡିଜେ ପରିବର୍ତ୍ତେ ପାରମ୍ପରିକ ବାଦ୍ୟଯନ୍ତ୍ର ବ୍ୟବହାର ଲାଗି ଗୁରୁତ୍ୱ ଦିଆଯାଇଛି। ଦୁର୍ଗାପୂଜା, ଗଜଲକ୍ଷ୍ମୀ, ଭସାଣି ଓ ରାବଣପୋଡି ଆୟୋଜନ ପାଇଁ ଜିଲା ପ୍ରଶାସନ ଏବଂ ପୂଜା କମିଟିକୁ ନେଇ ମଙ୍ଗଳବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ହୋଇଛି।

ବୈଠକରେ ଟ୍ରାଫିକ ଓ ଭିଡ଼ ନିୟନ୍ତ୍ରଣ ଉପରେ ଆଲୋଚନା ହୋଇଥିଲା। ସହରର ଏକାଧିକ ଡ୍ରେନ୍ ମୁକୁଳା ପଡିଛି। ପୂଜା ସମୟରେ ଯେପରି କୌଣସି ଅଘଟଣ ନ ଘଟିବ, ତାହାକୁ ଦୃଷ୍ଟିରେ ରଖି ତୁରନ୍ତ ରାସ୍ତା ମରାମତି, ଡ୍ରେନ୍‌ରେ ସ୍ଲାବ୍ ପକାଇବା, ରାସ୍ତାର ଲାଇଟ ମରାମତି, ଅନାବଶ୍ୟକ ଗଛ କାଟିବା ପାଇଁ ଜିଲାପାଳ ପୌର ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୌର ପ୍ରଶାସନ ପକ୍ଷରୁ ସ୍ଥିରୀକୃତ ଅସ୍ଥାୟୀ ପୋଖରୀରେ ମୂର୍ତ୍ତି ବିସର୍ଜନ କରିବେ। କୌଣସି ମଣ୍ଡପରେ ଯେପରି ସର୍ଟସର୍କିଟଜନିତ ସମସ୍ୟା ନ ଉପୁଜିବ, ତାହା ଉପରେ ପୂଜା କମିଟି ଗୁରୁତ୍ୱ ଦେବେ। ପୂଜା ଆୟୋଜନ ଲାଗି କମିଟିଗୁଡ଼ିକ ସିଙ୍ଗଲ ୱିଣ୍ଡୋରେ ପୂଜା, ଲାଇଟ ଆଣ୍ଡ ସାଉଣ୍ଡ, ଭସାଣି, ସାଂସ୍କୃତିକ କାର୍ଯ୍ୟକ୍ରମ ଲାଗି ଉପଜିଲାପାଳଙ୍କ ନିକଟରେ ଆବେଦନ କରିବେ। ସୁରକ୍ଷା ଦୃଷ୍ଟିରୁ ସମସ୍ତ ମଣ୍ଡପରେ ସିସିଟିଭି

**ଜିଲା ପ୍ରଶାସନ ଓ ପୂଜା କମିଟି ପ୍ରସ୍ତୁତି ବୈଠକ**

- ୯ ମଣ୍ଡପରେ ଦୁର୍ଗା ଓ ହରପାର୍ବତୀ, ୩୬ ମଣ୍ଡପରେ ଗଜଲକ୍ଷ୍ମୀ ପୂଜାପାଇବେ
- ପ୍ଲାଷ୍ଟିକ ଓ ପଲିଥିନ ମୁକ୍ତ ପୂଜା, ସ୍ୱଚ୍ଛତାକୁ ଗୁରୁତ୍ୱ

ଲଗାଇବା ବ୍ୟବସ୍ଥା କରିବେ। ପୂଜା ମଣ୍ଡପ ନିକଟରେ ବିକ୍ରିହେବନି ଆମିଷ ଖାଦ୍ୟ। ବିଭିନ୍ନ ହୋଟେଲ, ଜଳଖିଆ ଦୋକାନ, ଫାଷ୍ଟଫୁଡ୍ ଦୋକାନରେ ଫୁଡ ଇନ୍‌ସ୍ପେକ୍ଟର ଖାଦ୍ୟର ମାନ ଯାଞ୍ଚ କରିବେ। ପୋଲିସ ପକ୍ଷରୁ ଟ୍ରାଫିକ୍ ଓ ଭିଡ଼ ନିୟନ୍ତ୍ରଣ କରାଯିବ। ରାବଣପୋଡ଼ି ଏବଂ ଭସାଣି ଉତ୍ସବ ସ୍ଥାନରେ 'ଆର୍ ଆଣ୍ଡ ବି' ପକ୍ଷରୁ ବ୍ୟାରିକେଡ୍ ବ୍ୟବସ୍ଥା କରାଯିବ। ଅଗ୍ନିଶମ ସେବା କେନ୍ଦ୍ର ଉଭୟ ସ୍ଥାନ ତଦାରଖ କରିବ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅସ୍ଥାୟୀ ମେଡିକାଲ କ୍ୟାମ୍ପ, ଆମ୍ବୁଲାନ୍ସ, ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାନୀୟଜଳ ବ୍ୟବସ୍ଥା କରାଯିବ। ବିଦ୍ୟୁତ୍ ବିଭାଗ ରାସ୍ତାରେ ଓହଳି ରହିଥିବା ତାର ସଜାଡିବା ସହ ଆବଶ୍ୟକ ମରାମତି କରିବ। ଚଳିତବର୍ଷ ନିର୍ଦ୍ଧାରିତ ସମୟରେ ଭସାଣି ସ୍ଥଳରେ ପହଞ୍ଚିବା, ସମୟାନୁବର୍ତ୍ତିତା, ଶୃଙ୍ଖଳିତ ପୂଜାମଣ୍ଡପ, ସାଜସଜ୍ଜା ଓ ଆକର୍ଷଣୀୟ ପ୍ରତିମୂର୍ତ୍ତି ଆଦିକୁ ଦୃଷ୍ଟିରେ ରଖି ପୂଜା କମିଟିକୁ ଜିଲା ପ୍ରଶାସନ ପକ୍ଷରୁ ସମ୍ମାନିତ କରାଯିବ। ବେଗୁନିଆ ବିଧାୟକ ତଥା ବ୍ୟବସାୟୀ ମହାସଂଘ ସଭାପତି ରାଜେନ୍ଦ୍ର ସାହୁ ସ୍ଥାନୀୟ ପ୍ରଶାସନ, ପୋଲିସ ସହ ସମନ୍ୱୟ ରଖି ପୂଜା ଆୟୋଜନ ପାଇଁ ପରାମର୍ଶ ଦେଇଥିଲେ। ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂ, ଖୋର୍ଦ୍ଧା ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ଅତିରିକ୍ତ ଏସ୍‌ପି ସୁରେନ୍ଦ୍ର ନାଥ ମୁର୍ମୁ, ପୌର କାର୍ଯ୍ୟନିର୍ବାହୀ ରିଜୱାନା କଅକବ, ତହସିଲଦାର ବିଭାସ ପାଣିଗ୍ରାହୀ, ବିଡିଓ କ୍ଷୀରାବ୍ଧିତନୟା ସାହୁ, ସଦର ଡିଏସ୍‌ପି ଦିଲୀପ କୁମାର ଦାସ, ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ମାନସ ରଞ୍ଜନ ନାୟକ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଏବଂ ପୂଜା କମିଟି ସଭାପତି ଓ ସମ୍ପାଦକମାନେ ଉପସ୍ଥିତ ଥିଲେ।

### ପୂଜା ବିଶେଷାଙ୍କ 'ଏଇ ସହକାର' ଉନ୍ମୋଚିତ

କୃଷ୍ଣପ୍ରସାଦ,୧୭।୧୦ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ମାନସିଂହ ସାହିତ୍ୟ ସଂସଦ ଆନୁକୂଲ୍ୟରେ କୃଷ୍ଣପ୍ରସାଦ ବ୍ଲକ ନନ୍ଦଳା ଠାରେ ପୂଜା ବିଶେଷାଙ୍କ 'ଏଇ ସହକାର' ପୁରୀ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନର ପୂର୍ବତନ ଅଧ୍ୟକ୍ଷ ଚଣ୍ଡେଶ୍ୱର ମହାପାତ୍ରଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ଲଳିତ କୁମାର ସ୍ୱାଇଁଙ୍କ ସମ୍ପାଦିତ ଏହି ପତ୍ରିକାରେ ରହିଛି ଅନୁଭବ ଓ ଅନ୍ୱେଷଣ ଧର୍ମୀ ପ୍ରବନ୍ଧ, ଗଳ୍ପ ଓ କବିତା। ବିଷ୍ଣୁପ୍ରସାଦ ଦଳେଇଙ୍କ ପୌରୋହିତ୍ୟରେ ମୁଖ୍ୟବକ୍ତା ଭାବେ ଗାଳ୍ପିକା ମୋନାଲିସା ମିଶ୍ର ଯୋଗଦେଇଥିବା ବେଳେ ଅତିଥିଭାବେ ସଞ୍ଜୁକ୍ତା ମିଶ୍ର ଯୋଗଦେଇ ପତ୍ରିକାର ସଫଳତା କାମନା କରିଥିଲେ। ଦାରିଙ୍ଗବାଡି ବିଡିଓ ଗଦାଧର ପାତ୍ର, ଉଚ୍ଚ ଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ସୁଶାନ୍ତ ଦାସ ଯୋଗଦେଇ ପତ୍ରିକାର ବିଭିନ୍ନ ବିଭାଗ ସମ୍ପର୍କରେ ଆଲୋକପାତ କରିଥିଲେ। ଡ.ଲକ୍ଷ୍ମୀ ନାରାୟଣ ଦାସ, ଉପଦେଷ୍ଟା ପ୍ରେମାନନ୍ଦ ବେହେରା, ପ୍ରମଣୀନ୍ଦ୍ର ମେହେର, ସରୋଜିନୀ ବରାଇ, ବନବିହାରୀ ପଟ୍ଟନାୟକ, ଫନି ମହାନ୍ତି, ଡା.ଦୀନବନ୍ଧୁ ସାହୁ, ବିଜୟ ମିଶ୍ର, ବନ୍ଦନା ପଣ୍ଡାଙ୍କ ସମେତ ବହୁ ବିଶିଷ୍ଟ ସାହିତ୍ୟିକ ଉପସ୍ଥିତ ଥିଲେ। ଅନୁଷ୍ଠାନର ସଭ୍ୟ ବିଦ୍ୟାଧର ଦଳବେହେରା ଧନ୍ୟବାଦ ଦେଇଥିଲେ।



ମା' ଉଗ୍ରତାରାଙ୍କ କୁଷ୍ମାଣ୍ଡା ବେଶ ।



ବନଦୁର୍ଗାଙ୍କ ଚନ୍ଦ୍ରଘଣ୍ଟା ବେଶ।

### ଚନ୍ଦ୍ରଘଣ୍ଟା ବେଶରେ ଦର୍ଶନ ଦେଲେ ବନଦୁର୍ଗା

ନିରାକାରପୁର,୧୭।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତସ୍ଥିତ ମା'ବନଦୁର୍ଗାଙ୍କ ପୀଠରେ ଶାରଦୀୟ ଷୋଡ଼ଶ ଦିନାତ୍ମକ ପୂଜାର ଦ୍ୱାଦଶ ଦିବସ ତଥା ନବରାତ୍ରର ତୃତୀୟ ଦିବସରେ ବନଦୁର୍ଗା ଚନ୍ଦ୍ରଘଣ୍ଟା ବେଶରେ ଦର୍ଶନ ଦେଇଛନ୍ତି। ମଙ୍ଗଳବାର ସକାଳେ ମଙ୍ଗଳ ଆଳତି, କଳସ ପୂଜା, ସୂର୍ଯ୍ୟ ପୂଜା, ପଞ୍ଚଦେବତା ପୂଜା, ଷୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡୀପାଠ, ଆଳତି, ଅଧରପଣା ଓ ମହାପ୍ରସାଦ ମା'ଙ୍କୁ ଅର୍ପଣପୂର୍ବକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ଡ.କୃପାସିନ୍ଧୁ ପଣ୍ଡା ଓ ପଣ୍ଡିତ ତପନ କୁମାର ମହାପାତ୍ର ପୂଜାର୍ଚ୍ଚନା କରିଥିଲେ।

### ମା'ଭଗବତୀଙ୍କ ଘଟଯାତ୍ରା



ଜଟଣୀ,୧୭।୧୦(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ହାଟବଜାର ଅଞ୍ଚଳରେ ବସବାସ କରୁଥିବା ମୋଚି ସମ୍ପ୍ରଦାୟ ପକ୍ଷରୁ ମା' ଭଗବତୀଙ୍କ ଘଟଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଧି ଅନୁଯାୟୀ ୩ ଦିନ ଧରି ଉକ୍ତ ସାହିରେ ବିରାଜିତ ମା'ଭଗବତୀଙ୍କ ଅସ୍ଥାୟୀ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ମଙ୍ଗଳବାର ଉଦ୍‌ଯାପନୀ ଦିବସରେ ସ୍ଥାନୀୟ ମୋଚିସାହିରୁ ମା'ଙ୍କ ବିରାଟ ଘଟ ଶୋଭାଯାତ୍ରା ବାହାରିଥିଲା। ଶ୍ରଦ୍ଧାଳୁମାନେ ସହର ପରିକ୍ରମା କରି ଲୋକୋ କଲୋନୀସ୍ଥ ମା' ଭଗବତୀଙ୍କ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିବା ସହିତ ଜଗତ କଲ୍ୟାଣ ପାଇଁ ପ୍ରାର୍ଥନା କରିଥିଲେ। ପ୍ରତିଦିନ ଶ୍ରଦ୍ଧାଳୁଙ୍କ ଲାଗି ସ୍ଥାନୀୟ ଅରୁଣଧତି କ୍ଲବ ପକ୍ଷରୁ ପ୍ରସାଦ ସେବନ ସହିତ ପ୍ରତିଷ୍ଠିତ କଳାକାରଙ୍କୁ ନେଇ ଭଜନ ପରିବେଷଣ କରାଯାଇଥିଲା। ଅରୁଣଧତି କ୍ଲବର ଏ. ଏଙ୍କେଟ ରାଓ, ଟି. ଜୟନ୍ତ, ଏନ୍. ରମେଶ, ଏନ୍. ରବି, ଡି. କାଳିଆ, ଟି. କାନକା ରାଓ, ଡି. ସତ୍ତୁବାବୁ, ଏନ୍. ଲଛନ ନାରାୟଣ, କେ. ମୋହନ, କେ. ଟୁଟୁ, ଏନ. ଗୋପାଳ, ଏନ୍. ଭୀମ, ଡି. ଜଗଦୀଶ, ଏନ୍. ରାଜେଶ, କେ. ଈଶ୍ୱର ରାଓ, ଏନ୍. ବୁଲୁ, ଏନ୍. ସୁରେଶ, ଟି. ସୁରେଶ, କେ. କିଶୋର, ଡି. ବବଲୁଙ୍କ ସମେତ ସାହିର ସମସ୍ତ ପରିବାର ସଦସ୍ୟ ସହଯୋଗ କରିଥିଲେ। ଶାନ୍ତିଶୃଙ୍ଖଳା ପାଇଁ ଜଟଣୀ ଥାନା ପକ୍ଷରୁ ପୋଲିସ ମୁତୟନ ହୋଇଥିଲେ।

**ପ୍ରଶାନ୍ତ ଓ ହରିହର ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟ**

### ଏସ୍‌ଏନ୍ କ୍ଲବ ହାଟବରଡ଼ି ବିଜୟୀ

ଟାଙ୍ଗୀ,୧୭।୧୦(ରଘୁନାଥ ସାହୁ)

ଟାଙ୍ଗୀ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଚିଲିକା ଷ୍ଟାଡିୟମଠାରେ ଚାଲିଥିବା ପ୍ରଶାନ୍ତ ଓ ହରିହର ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ(ମଙ୍ଗଳବାର)ରେ ଅରୁଗୁଳ ଫୁଟ୍‌ବଲ କ୍ଲବ ଓ ଏସ୍‌ଏନ୍ କ୍ଲବ ହାଟବରଡ଼ି ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ହାଟବରଡ଼ି ଟିମ୍‌ର ତୋଫାନ ନାୟକ ଗୋଟିଏ ଗୋଲ ଦେଇ ଦଳକୁ ବିଜୟୀ କରାଇଥିଲେ। ଅତିଥିଭାବେ ବରିଷ୍ଠ ଆଇନଜୀବୀ ଭାସ୍କର ଚନ୍ଦ୍ର ମହାନ୍ତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ମଣ୍ଟୁ ମିଶ୍ର, ନନ୍ଦକିଶୋର ସ୍ୱାଇଁ, ବିପିନ କୁମାର ସାମନ୍ତରାୟ ଓ କୃଷ୍ଣଚନ୍ଦ୍ର ବେହେରା ମ୍ୟାଚ୍ ପରିଚାଳନା କରିଥିଲେ। ସୁଶାନ୍ତ ବିଶ୍ୱାଳ, ପ୍ରଣୟ ପାଇକରାୟ, ସତ୍ୟରଞ୍ଜନ ଜେନା, ମୁନା ନାୟକ, ସମର ମାଝୀ, କାହ୍ନା ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ବୁଧବାର ତରତୁଆ କ୍ଲବ ଓ ଗୋପାଳପୁର ଫୁଟ୍‌ବଲ କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।



ଅତିଥିଙ୍କ ଗହଣରେ ଖେଳାଳି ଏବଂ ଅନ୍ୟମାନେ।

### ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ

ଟାଙ୍ଗୀ,୧୭।୧୦(ରଘୁନାଥ ସାହୁ)

ଟାଙ୍ଗୀ ଅଗ୍ନିଶମ ବିଭାଗ ପକ୍ଷରୁ ମଙ୍ଗଳବାର ବଳରାମ ଦେବ ବିଦ୍ୟାପୀଠ ପରିସରରେ ଫାୟାର ସେଫ୍ଟି ଓ ବିପର୍ଯ୍ୟୟ ପରିଚାଳନା ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଫାୟାର ଅଫିସର ମୋହନ ଦଳାଇଙ୍କ ନେତୃତ୍ୱରେ ଫାୟାରମ୍ୟାନ୍ ଉପସ୍ଥିତ ରହି ଘରେ ହଠାତ୍ ଗ୍ୟାସ୍ ସିଲିଣ୍ଡରରେ ନିଆଁ ଲାଗିଲେ ଓ ପ୍ରାକୃତିକ ବିପର୍ଯ୍ୟୟରୁ କିଭଳି ରକ୍ଷା ପାଇବା ସେ ସମ୍ପର୍କରେ ପ୍ରଶିକ୍ଷଣ ମାଧ୍ୟମରେ ସୂଚନା ଦେଇଥିଲେ। ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପ୍ରଧାନ ଶିକ୍ଷକ ବିଶ୍ୱଜିତ୍ ପଲାଇ ଓ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ତୃଣମୂଳ ସ୍ତରରେ ସଙ୍ଗଠନ ସୁଦୃଢ଼ କର

ଖୋର୍ଦ୍ଧା,୧୭।୧୦(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ତୋଟାପଡ଼ା ପଞ୍ଚାୟତ ଜରିପୁଟ ହନୁମାନ ମନ୍ଦିରଠାରେ ବିଜୁ ଜନତା ଦଳର ବନ୍ଧୁମିଳନ ତଥା ସାଙ୍ଗଠନିକ ବୈଠକ ରାଜ୍ୟ ବିଜୁ ମହିଳା ଜନତା ଦଳର ବରିଷ୍ଠ ଉପସଭାପତି ବାସନ୍ତୀ ମହାପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉକ୍ତ ପଞ୍ଚାୟତର ପ୍ରତ୍ୟେକ ୱାର୍ଡରୁ ପ୍ରାୟ ୨୦୦ କର୍ମୀ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନକଲ୍ୟାଣକାରୀ ଯୋଜନାର ବାର୍ତ୍ତା ସମସ୍ତ ଘରେ ପହଞ୍ଚାଇବା ସହ ଷଷ୍ଠଥର ପାଇଁ ତାଙ୍କୁ ମୁଖ୍ୟମନ୍ତ୍ରୀ ପଦରେ ଆସୀନ କରାଇବାକୁ ସମସ୍ତେ ତୃଣମୂଳ ସ୍ତରରେ ସଙ୍ଗଠିତ ଭାବେ ଉଦ୍ୟମ କରିବାକୁ ମହାପାତ୍ର ଉଦ୍‌ବୋଧନ ଦେଇଥିଲେ।



ବୈଠକରେ ରାଜ୍ୟ ବିଜୁ ମହିଳା ଜନତା ଦଳର ଉପସଭାପତି ବାସନ୍ତୀ ମହାପାତ୍ର ଏବଂ ଅନ୍ୟମାନେ।

# ତାରିଣୀ ବ୍ରତ, ସିନ୍ଦୂର ଖେଳ ମୁଖ୍ୟ ଆକର୍ଷଣ

ଖୋର୍ଦ୍ଧା,୧୭।୧୦(ପ୍ରଭାତ ପାଣିଗ୍ରାହୀ)




ଜଗଜ୍ଜନନୀ ମା' ଦୁର୍ଗାଙ୍କ ଆବାହନ ପାଇଁ ଚଳଚଞ୍ଚଳ ହୋଇଉଠିଛି ଖୋର୍ଦ୍ଧା ସହର। ବିଭିନ୍ନ ବ୍ୟବସାୟୀ ସଂଘ, କ୍ଲବ ପକ୍ଷରୁ ଧୁମ୍‌ଧାମରେ ଦୁର୍ଗାପୂଜା ପାଳନ ପାଇଁ ଆରମ୍ଭ ହୋଇଯାଇଛି ପ୍ରସ୍ତୁତି। ସମସ୍ତେ ନିଜ ନିଜ ତୋରଣକୁ ଅନ୍ୟଠୁ ଭିନ୍ନ ଓ ଆକର୍ଷଣୀୟ ଢଙ୍ଗରେ ପ୍ରସ୍ତୁତ କରୁଛନ୍ତି। ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପାଇଁ ଦିନରାତି ଲାଗିପଡ଼ିଛନ୍ତି କାରିଗର। ବିଭିନ୍ନ ରଙ୍ଗବେରଙ୍ଗ ଆଲୋକମାଳାରେ ଝଲସିବ ପୂଜାମଣ୍ଡପ। ୧୯୨୮ ମସିହାରେ ଓଡ଼ିଆ ଏବଂ ବଙ୍ଗାଳି ଅଫିସରମାନଙ୍କ ପ୍ରଚେଷ୍ଟାରେ ଖୋର୍ଦ୍ଧା କ୍ଲବ ପରିସରରେ ସାର୍ବଜନୀନ ଦୁର୍ଗାପୂଜା କମିଟି ଗଠନ କରାଯାଇ ମା'ଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ସେହି ସମୟରେ କ୍ଲବର ବିଭିନ୍ନ ସ୍ଥାନରେ ପୂଜା ଆୟୋଜନ କରାଯାଉଥିଲା। କୌଣସି ସ୍ଥାୟୀ ପୂଜାମଣ୍ଡପ ନ ଥିଲା। ୨୦୦୩ ମସିହାରେ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ବିଧାୟକ ପାଣ୍ଠିରୁ ୨୫ଲକ୍ଷ ଟଙ୍କା ବ୍ୟୟଅଟକଳରେ କ୍ଲବ ପରିସରରେ ସ୍ଥାୟୀ ମଣ୍ଡପ ସ୍ଥାପନ କରିଥିଲେ। ସେହିଦିନଠାରୁ ମଣ୍ଡପରେ ମା'ଙ୍କ ପୂଜା ହୋଇଆସୁଛି ବୋଲି କମିଟି ପକ୍ଷରୁ କୁହାଯାଇଛି। ଏଥର ୧୦ରୁ ୧୨ ଫୁଟ ଉଚ୍ଚର ମୂର୍ତ୍ତି ହେବାକୁ ଥିବା ବେଳେ ମା'ଙ୍କ ମୁକୁଟ ଏବଂ ହାର ରୁପାରେ ନିର୍ମିତ। ଷଷ୍ଠୀରେ ବିଲ୍ୱବରଣ ପରେ ମା'ଙ୍କ ପୂଜା ଆରମ୍ଭ ହୋଇଥାଏ। ଏଠାରେ ପାଣିକଖାରୁ ବଳି ଦିଆଯାଇଥାଏ। ସପ୍ତମୀଠାରୁ ନବମୀ ପର୍ଯ୍ୟନ୍ତ ବିଶେଷ ପୂଜା କରାଯାଇଥାଏ। ଦୁର୍ଗାପୂଜାର ମୁଖ୍ୟ ଆକର୍ଷଣ ହେଉଛି ୫ଶହରୁ ଊର୍ଦ୍ଧ୍ୱ ମହିଳା ତାରିଣୀ ବ୍ରତ ପାଳନ କରନ୍ତି। ମହିଳାଙ୍କ ହୁଳହୁଳି, ଜୟ ଜୟକାରରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥାଏ। ନବମୀରେ ମା'ଙ୍କ ନିକଟରେ ସିନ୍ଦୂର ଖେଳ ହୋଇଥାଏ। ଏଥିରେ ବଙ୍ଗୀୟ ମହିଳାମାନେ ଯୋଗଦେଇଥାନ୍ତି। ମା'ଙ୍କ ନିକଟରେ ୧୭ ପ୍ରକାର ମିଠା ଭୋଗ ଗୋଲାପ ଜାମୁନ, ପେଡ଼ା, ରସଗୋଲା, ଲଡ୍ଡୁ, ଛେନା, କୋରାଖଇ, ରସାବଳି, ଚମ୍‌ଚମ୍, ଛେନା, ରାମବିଳାସ, ଜିଲାପି, ଦହିବରା, ଲୁଣି ଓ ମିଠା ଖଜା, ବରଫି, ଗଜାମୁଗ ସାଲାଡ଼ ଆଦି ଭୋଗ କରାଯାଏ। ନବମୀ ରାତିରେ ସେରୁଆ ଅନ୍ନ ସହ ଡାଲମା, ଖିରି, ଶାଗ ଭୋଗ ଲାଗି କରାଯାଏ। ପ୍ରତିଦିନ ସକାଳେ ମା'ଙ୍କ ମଙ୍ଗଳ ଆଳତି, ବାଳଭୋଗ, ମଧ୍ୟାହ୍ନରେ ମା'ଙ୍କ ନିକଟରେ ଠୋଲାରେ ସେରୁଆ ଅନ୍ନ ଭୋଗ କରାଯାଏ। ସନ୍ଧ୍ୟାଆଳତି ସହ ରାତିରେ ଶୁଖିଲା ଭୋଗ ଅର୍ପଣ ପରେ ୧୦ଟା ସୁଦ୍ଧା ପହୁଡ଼ ନୀତି ସମ୍ପନ୍ନ ହୋଇଥାଏ। ଏନେଇ ପୂଜା କମିଟି ସଭାପତି ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର କହିଛନ୍ତି, ୧୯୧୬ ମସିହାରେ ଖୋର୍ଦ୍ଧା କ୍ଲବ ଗଠନ ହୋଇଥିଲା। ଶୈଳବାସିନୀ ଆମେଚର ଅଫିସର୍ସ କ୍ଲବରୁ ପରବର୍ତ୍ତୀ ପର୍ଯ୍ୟାୟରେ ଏହା ଖୋର୍ଦ୍ଧା କ୍ଲବ ଭାବେ ନାମିତ ହୋଇଥିବା କୁହାଯାଇଛି। ସାର୍ବଜନୀନ ପୂଜା କମିଟି ଦ୍ୱାରା ମା' ଦୁର୍ଗାଙ୍କ ପୂଜା ଆଡ଼ମ୍ବରରେ ପାଳିତ ହୋଇଥାଏ। ୫ ଦିନ ବ୍ୟାପୀ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥାଏ। କିଛିବର୍ଷ ହେବ ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଝାଙ୍କି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଆକର୍ଷଣୀୟ ତୋରଣ ସହ ଉଭୟପଟେ ଲାଇଟ ଗେଟ୍ ଶୋଭାପାଇବ ବୋଲି ସେ କହିଛନ୍ତି।



**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୧୭।୧୦।୨୦୨୩

| | |
|---|---|
| ୩.୮୩,୨୫୮ ଟଙ୍କା | |
| ସୁନା | ୧.୪୫୦ ଗ୍ରାମ୍ |
| ରୁପା | ୪୬.୩୮୦ ଗ୍ରାମ୍ |

## ସଂକ୍ଷେପରେ

### ରନ୍ଧନ ଗ୍ୟାସ୍ ଲିକ୍‌ରୁ ଅଗ୍ନିକାଣ୍ଡ

**ପୁରୀ, ୧୭।୧୦(ଅଜିତ୍ ମହାନ୍ତି):**

ବ୍ରହ୍ମଗିରି ରାସ୍ତାରେ ନିର୍ମାଣାଧୀନ ଶ୍ରୀସେତୁ ନିକଟସ୍ଥ ଜଣେ ବ୍ୟକ୍ତିଙ୍କ ଘରେ ମଙ୍ଗଳବାର ସନ୍ଧ୍ୟାରେ ନିଆଁ ଲାଗିଥିବା ଜଣାପଡିଛି। ରୋଷେଇ ଗ୍ୟାସ୍ ଟାଙ୍କିରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଶ୍ରୀସେତୁ ନିକଟରେ ରହୁଥିବା ହାଡିବନ୍ଧୁ ସାହୁଙ୍କ ସ୍ତ୍ରୀ ଗୀତାଞ୍ଜଳି ସାହୁଙ୍କ ଘର ସାମ୍ନାରେ ଏକ ଜଳଖିଆ ଦୋକାନ ରହିଛି। ସନ୍ଧ୍ୟାରେ ଜଳଖିଆ ପ୍ରସ୍ତୁତି ସମୟରେ ହଠାତ୍ ଗ୍ୟାସ୍ ଲିକ୍ ହୋଇ ନିଆଁ ଲାଗିଥିଲା। ପରେ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ଜଣାପଡ଼ିଛି।

### ଜାଗାବାଡ଼ିକୁ କେନ୍ଦ୍ର କରି ମହିଳାଙ୍କୁ ସଂଘବଦ୍ଧ ଆକ୍ରମଣ

**ନିମାପଡ଼ା, ୧୭।୧୦(ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ା ଥାନା ଅଧୀନ ଚଅଁରପଦା ପଞ୍ଚାୟତର କେଳବାରୀ ସାହି ଗ୍ରାମରେ ଜାଗାବାଡ଼ି ଓ ପାରିବାରିକ ବିବାଦକୁ କେନ୍ଦ୍ର କରି ଜଣେ ମହିଳାଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ୪ ଗଣ୍ଡଗୋଳକାରୀଙ୍କ ବିରୋଧରେ ୩୮୧/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଅହଲ୍ୟା ପ୍ରଧାନଙ୍କ ସ୍ୱାମୀ ଭୁବନାନନ୍ଦ ପ୍ରଧାନ ଘରେ ନ ଥିବାବେଳେ ପଡୋଶୀ ତାଙ୍କ ଜାଗାରେ ଜୋରଜବରଦସ୍ତ ବିଭିନ୍ନ କିସମର ଗଛ ଲଗାଇଥିଲେ। ଏଥିରେ ଅହଲ୍ୟା ପ୍ରତିବାଦ କରିବାରୁ ପଡୋଶୀ ରାଜକିଶୋର ରାଉତ, ତାଙ୍କ ପୁଅ ଅନିଲ ରାଉତ, ସୁନୀଲ ରାଉତ, ସୁଷମା ରାଉତ ପ୍ରମୁଖ ତାଙ୍କୁ ସଂଘବଦ୍ଧ ଭାବେ ମାଡ଼ ମାରି ଟଣାଓଟରା କରି ଦୁର୍ବ୍ୟବହାର ପ୍ରଦର୍ଶନ ସହ ଗାଳିଗୁଲଜ କରିଥିଲେ। ଏଥିସହ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଭୁବନାନନ୍ଦ ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି। ତୁରନ୍ତ ଗଣ୍ଡଗୋଳକାରୀଙ୍କୁ ଗିରଫ କରିବାକୁ ଅହଲ୍ୟା, ତାଙ୍କ ସ୍ୱାମୀ ଭୁବନାନନ୍ଦ ପୋଲିସ ନିକଟରେ ଦାବି କରିଛନ୍ତି।

### ପରିଚାଳନା କମିଟି ସଭାପତିଙ୍କ ମହାବିଦ୍ୟାଳୟ ପରିଦର୍ଶନ

**କାକଟପୁର, ୧୭।୧୦(ଶୁଭଦର୍ଶନ ମିଶ୍ର)**

କାକଟପୁର ଅଞ୍ଚଳର ସର୍ବପୁରାତନ ମଙ୍ଗଳା ମହାବିଦ୍ୟାଳୟକୁ ପରିଚାଳନା କମିଟିର ସଭାପତି ମଙ୍ଗଳବାର ଅଚାନକ ପରିଦର୍ଶନରେ ଆସି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପରିଚାଳନା କମିଟି ସଭାପତି ପ୍ରଫେସର ସୁଧୀର ଚନ୍ଦ୍ର ଭୂୟାଁ ମହାବିଦ୍ୟାଳୟରେ ସକାଳ ୮ଟାରେ ପହଞ୍ଚି ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଶ୍ରେଣୀ ଗୃହରେ ଶିକ୍ଷାଦାନର ତଦାରଖ କରିଥିଲେ। କେତେକ ଅଧ୍ୟାପକ ନିର୍ଘଣ୍ଟ ସମୟଠାରୁ ଡେରିରେ ଶ୍ରେଣୀ ଗୃହରେ ପ୍ରବେଶ କରୁଥିବା ଜାଣିବାକୁ ପାଇଥିଲେ। ଯୁକ୍ତ ୩ ଶେଷ ବର୍ଷର ନିର୍ଦ୍ଧାରିତ ପିରିୟଡରେ ଇଂଲିଶ୍, ଅର୍ଥନୀତି, ଇତିହାସ, ମନସ୍ତତ୍ତ୍ୱ ବିଜ୍ଞାନ, ପଦାର୍ଥ ବିଜ୍ଞାନ, ଉଦ୍ଭିଦ ବିଜ୍ଞାନ ଆଦି ଶ୍ରେଣୀ ଗୃହରେ ଛାତ୍ରୀଛାତ୍ର ନାହାନ୍ତି। ବିଭିନ୍ନ ବିଭାଗର ପ୍ରାକ୍ଟିକାଲ କ୍ଲାସ ହେଉନାହିଁ। କଲେଜ ଅଧ୍ୟକ୍ଷ ଡ. ଅଶୋକ ତ୍ରିପାଠୀ ଅନୁପସ୍ଥିତ ରହୁଛନ୍ତି। ସୂଚନାଥାଉ କି, ଏହି ମହାବିଦ୍ୟାଳୟରେ କେତେକ ଅଧ୍ୟାପକ କଲେଜରେ ବାଇଓମାଟ୍ରିକ୍ସ ଦେଇ କେତେକ ରେସିଡେନ୍ସିଆଲ କଲେଜ ଏବଂ କୋଚିଂସେଣ୍ଟରରେ ପାଠ ପଢାଉଥିବା ଓ ସେମାନେ ମହାବିଦ୍ୟାଳୟରେ ପ୍ରାୟତଃ ଅନୁପସ୍ଥିତ ରହୁଥିବା ବହୁ ପୂର୍ବରୁ ଅଭିଯୋଗ ହୋଇଆସୁଛି। ଏଥିନେଇ ଭୂୟାଁ ଅସନ୍ତୋଷ ପ୍ରକାଶ କରି ପରିଚାଳନା କମିଟି ମାଧ୍ୟମରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ପ୍ରକାଶ କରିଛନ୍ତି।

# ‘ଶିକ୍ଷାର ଘରୋଇକରଣ ଜାତୀୟ ସ୍ୱାର୍ଥ ବିରୋଧୀ’

**ଉଚ୍ଚଶିକ୍ଷା ସମସ୍ୟା ଓ ଆହ୍ୱାନ ଶୀର୍ଷକ ଆଲୋଚନା**

**ପୁରୀ, ୧୭।୧୦(ଅଜିତ୍ ମହାନ୍ତି):**

ତିନି ଦଶନ୍ଧି ମଧ୍ୟରେ ଶିକ୍ଷାର ବ୍ୟବସାୟୀକରଣ ଓ ଘରୋଇକରଣ ସ୍ରୋତ ଏତେ ପ୍ରଖର ଓ ଭୟଙ୍କର ଯେ ତାକୁ ରୋକିବାରେ ଜାତୀୟ ଶିକ୍ଷା ନୀତି ୨୦୨୦ ସମ୍ପୂର୍ଣ୍ଣ ଅସମର୍ଥ ବୋଲି ରେଭେନ୍ସା ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗର ପ୍ରଫେସର ସୁଦର୍ଶନ ମିଶ୍ର ମତ ପ୍ରକାଶ କରିଛନ୍ତି। ସୂରଜମଲ ସାହା ମହାବିଦ୍ୟାଳୟର ବିବିଧ ଦକ୍ଷତା ବିକାଶ ସମିତି ତରଫରୁ ଜାତୀୟ ଶିକ୍ଷାନୀତି ୨୦୨୦ରେ ଉଚ୍ଚଶିକ୍ଷା ସମସ୍ୟା ଓ ଆହ୍ୱାନ ଶୀର୍ଷକ ବିଷୟ ଉପରେ ନିଜର ଗବେଷଣାତ୍ମକ ଆଲୋଚନା ରଖି ପ୍ରଫେସର ମିଶ୍ର କହିଛନ୍ତି ଶିକ୍ଷାର ସମାନତା ବିନା ଗୁଣାତ୍ମକ ଶିକ୍ଷା ହାସଲ ସମ୍ଭବ ନୁହେଁ। ଏବେ ମଧ୍ୟ ଦଳିତ, ଆଦିବାସୀ ଓ ମହିଳାମାନେ ଉଚ୍ଚଶିକ୍ଷା ପ୍ରାପ୍ତି କ୍ଷେତ୍ରରେ ଜାତୀୟ ହାରଠାରୁ ବହୁ ପଛରେ ରହିଛନ୍ତି। ଦେଶର ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ମଧ୍ୟରୁ ପ୍ରାୟ ୭୦ ଭାଗ ଘରୋଇ ମାଲିକାନାଧୀନ। ସେସବୁ ଅନୁଷ୍ଠାନରେ ସାଧାରଣବର୍ଗର ପିଲାଟି ପଢ଼ିବାର ସୁଯୋଗ ପାଇନଥାଏ। ସାମାଜିକ ସମତା ଓ ବୌଦ୍ଧିକ ସ୍ୱାଧୀନତା ବିପନ୍ନ ହେଲେ ଜାତୀୟ ସ୍ୱାର୍ଥ ପରାହତ ହେବ ବୋଲି ସେ ମତ ଦେଇଛନ୍ତି। ଆଲୋଚନାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରି ପରିଚାଳନା କମିଟିର ସଭାପତି ପ୍ରଫେସର ଶଙ୍କର୍ଷଣ ଦାଶ କହିଛନ୍ତି, ଆମ ଦେଶର ଉଚ୍ଚ ଶିକ୍ଷାନୁଷ୍ଠାନ ବିଶ୍ୱସ୍ତରୀୟ ହେବାକୁ ହେଲେ ରାଷ୍ଟ୍ର ପ୍ରୋତ୍ସାହିତ ଶିକ୍ଷା ଉପରେ ଅଧିକ ଗୁରୁତ୍ୱ ଦେବାକୁ ହେବ। ମହାବିଦ୍ୟାଳୟର ଅଧ୍ୟକ୍ଷ ଆଲୋଚନାରେ ଭାଗ ନେଇ କହିଛନ୍ତି, ୧୯୬୮ ଜାତୀୟ ଶିକ୍ଷାନୀତି ପ୍ରଣୟନ ବେଳେ ଶିକ୍ଷା ପାଇଁ ଜାତୀୟ ଉତ୍ପାଦର ୬ ପ୍ରତିଶତ ବିନିଯୋଗ କରିବାକୁ କୋଠାରୀ କମିଶନଙ୍କ ସୁପାରିସ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପିକା ଡ. ମୀନାକ୍ଷୀ ମିଶ୍ର ବିଷୟବସ୍ତୁ ଉପରେ ପ୍ରାକ ସୂଚନା ଦେଇ କହିଛନ୍ତି ବିଜ୍ଞାନ ଓ ପ୍ରଯୁକ୍ତି ଶିକ୍ଷାର ବିକାଶ ବିନା ଦେଶର ଉନ୍ନୟନ ସମ୍ଭବ ନୁହେଁ। ଏଥିରେ ବୌଦ୍ଧିକ ବିକାଶ ସମିତିର ମୁଖ୍ୟ ଡ. ପ୍ରତିମା ମହାନ୍ତି, ସହଯୋଗୀ ସଦସ୍ୟ ଡ. ସୁଦର୍ଶନ ମହାନ୍ତି ଓ ରବୀନ୍ଦ୍ର ପ୍ରଧାନଙ୍କ ସହ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ବ୍ରହ୍ମାନନ୍ଦ ସାହୁ ତଥା ନାକ୍ ସଂଯୋଜକ ଡ. ଦିପ୍ତୀ ପ୍ରସାଦ ମହାନ୍ତି ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।




ଉଚ୍ଚଶିକ୍ଷା ସମସ୍ୟା ଓ ଆହ୍ୱାନ ଶୀର୍ଷକ ଆଲୋଚନାଚକ୍ରରେ ଯୋଗ ଦେଇଥିବା ବିଶିଷ୍ଟ ବ୍ୟକ୍ତି ବିଶେଷ ।



ବାଙ୍କୀ ମୁହାଣରେ ମା’ ଚଣ୍ଡୀଙ୍କ ଉଗ୍ରତାରା ବେଶ ।

## ଶିଶୁ ମହୋତ୍ସବ ‘ସୁରଭି’ ଓ ଓଡିଶା ମିଲେଟସ୍ ପ୍ରତିଯୋଗିତା

**କଣାସ, ୧୭।୧୦ (ବିଭୂତି ଭୂଷଣ ତ୍ରିପାଠୀ):**

କୋମଳମତୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲୁଚିରହିଥିବା ପ୍ରତିଭାର ଉନ୍ମୋଚନ ପାଇଁ ପିତାମାତା, ଶିକ୍ଷୟିତ୍ରୀଶିକ୍ଷକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଶିଶୁ ମହୋତ୍ସବ ସୁରଭି ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କ ବହୁବିଧ ପ୍ରତିଭାର ଉନ୍ମୋଚନ ହୋଇପାରୁଛି ବୋଲି କଣାସ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ‘ସୁରଭି’ ଓ ଓଡିଶା ମିଲେଟସ୍ ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିରୂପେ ଯୋଗଦେଇଥିବା କଣାସ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ମତପ୍ରକାଶ କରିଛନ୍ତି। ସ୍ଥାନୀୟ ଗଡ଼ବଡ଼ପୁଟ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାଧିକାରୀ ଭବମ୍ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେଶ ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବିଆର୍‌ସିସି ସୂର୍ଯ୍ୟନାରାୟଣ ନାୟକ, ସହଶିକ୍ଷାଧିକାରୀ ନାରାୟଣ ପ୍ରଧାନ, ସ୍ଥାନୀୟ ସିଆର୍‌ସିସି ଭୂପତି ଭୂଷଣ ତ୍ରିପାଠୀ, ପ୍ରଧାନ ଶିକ୍ଷକ ବିଜୟ କୁମାର ଜେନା, ରାଜକିଶୋର ଜେନା, ରମେଶ ଚନ୍ଦ୍ର ଦାସ, ଆଲମିନୀ ପ୍ରତିନିଧି ସଂଗ୍ରାମ ପାଲଟାସିଂହ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିରାଟ ବଳିଆରସିଂହ ଯୋଗଦେଇଥିଲେ। ମୋଟ ୨୭ଟି ବିଭାଗରେ ଅନୁଷ୍ଠିତ ପ୍ରତିଯୋଗିତାରେ କଣାସ ବ୍ଲକର ବିଭିନ୍ନ ବିଦ୍ୟାଳୟର ୫୬୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିବାବେଳେ ସେଥିମଧ୍ୟରୁ ୨୭ଜଣ ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ। ଅପରାହ୍ଣରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା।




‘ସୁରଭି’ ଓ ଓଡିଶା ମିଲେଟସ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ ।

## ସଂସ୍କୃତ ଭାଷା ଶିକ୍ଷଣ ବର୍ଗ ଉଦ୍‌ଯାପିତ

**ପୁରୀ, ୧୭।୧୦ (ଅଜିତ୍ ମହାନ୍ତି):**

ଶ୍ରୀବିହାରସ୍ଥିତ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ସାହିତ୍ୟ ବିଭାଗ ପକ୍ଷରୁ ଆୟୋଜିତ ସଂସ୍କୃତ ଭାଷା ଶିକ୍ଷଣ ବର୍ଗର ସମାପନ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଡ. ବସନ୍ତ କୁମାର ମିଶ୍ର ପୌରୋହିତ୍ୟ କରି ସଂସ୍କୃତ ଭାଷା ଶିଖିଲେ ସଂସ୍କୃତରେ ଥିବା ଶାସ୍ତ୍ରମାନଙ୍କୁ ବୁଝିବାକୁ ସହଜ ହେବ ବୋଲି ଦର୍ଶାଇଥିଲେ। ଉକ୍ତ ସଭାରେ ମୁଖ୍ୟବକ୍ତା ଭାବେ ବ୍ୟାକରଣ ବିଭାଗର ଅଧ୍ୟକ୍ଷ ଡ. ପ୍ରିୟବ୍ରତ ମିଶ୍ର ଯୋଗଦେଇ କହିଥିଲେ, ସଂସ୍କୃତ ଭାଷା ଶିକ୍ଷଣ ମାଧ୍ୟମରେ ସଂସ୍କୃତ ଶାସ୍ତ୍ରରେ ନିହିତ ଥିବା ଗବେଷଣାତତ୍ତ୍ୱଗୁଡିକ ଲୋକଲୋଚନକୁ ଆସିପାରିବ। ଯାହାଦ୍ୱାରା ସଂସ୍କୃତ ଭାଷା ଶିକ୍ଷଣ ବର୍ଗ ସଫଳ ହେବ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସ୍ନାତକୋତ୍ତର ବିଭାଗ ଅଧ୍ୟକ୍ଷ ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ଯୋଗଦେଇ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମସ୍ତ ଛାତ୍ରୀଛାତ୍ରମାନଙ୍କୁ ପ୍ରେରିତ କରିଥିଲେ। ୧୦ ଦିନ ଧରି ଚାଲିଥିବା ଏହି ସଂସ୍କୃତ ପ୍ରଶିକ୍ଷଣ ବର୍ଗକୁ ଡ. ଦେବାଶିଷ ତ୍ରିପାଠୀ, ଡ. ନୀଳାମ୍ବର ବାଗ, ଡ. ରାଜଶ୍ରୀ ଦାସ ପ୍ରମୁଖ ପରିଚାଳନା କରିଥିଲେ। ବର୍ଗାନୁଭବ କଥନ ପାଇଁ ଶ୍ୱେତାରାଣୀ ବାରିକ, ସାଧୁ ଅରୂପାନନ୍ଦ ଦାସ, ଶ୍ୱେତାବାଳା ମିଶ୍ର, ସଞ୍ଜୟ ମହାନ୍ତ ଏହି ବର୍ଗଦ୍ୱାରା ସେମାନେ ନିଜ ନିଜର ଦକ୍ଷତା ବିକାଶ କରିପାରିଛନ୍ତି ବୋଲି ମତ ରଖିଥିଲେ। ବର୍ଗଶିକ୍ଷିକା ଶ୍ୱେତାବାଳା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଂସ୍କୃତ ଭାଷା ସମ୍ବନ୍ଧିତ ଲଘୁନାଟିକା ‘ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ’ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ମଞ୍ଚସ୍ଥ କରାଯାଇଥିଲା। ପ୍ରାରମ୍ଭରେ ଚିନ୍ମୟୀ ଓ ବିଷ୍ଣୁପ୍ରିୟା ସଂସ୍କୃତ ସଂଗୀତ ଗାଇଥିବା ବେଳେ ସ୍ଥିତିପ୍ରଜ୍ଞା ଓ ସଞ୍ଜନା ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଡ. ରାଜଶ୍ରୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋପୀନାଥଦେବ ଡିଗ୍ରୀ କଲେଜ ପରିସରରେ କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତା

**ପୁରୀ, ୧୭।୧୦ (ଅଜିତ୍ ମହାନ୍ତି):**

ଓଡିଶା ସରକାରଙ୍କ ଉଚ୍ଚ ବିଭାଗ ନିର୍ଦ୍ଦେଶକ୍ରମେ ଗୋପୀନାଥଦେବ ଡିଗ୍ରୀ କଲେଜ ପରିସରରେ କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଦର୍ଶନ ମହାରଥୀ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ମହାବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଯୋଗଦାନ କରିଥିଲା ବେଳେ ବାଳିକା ବିଭାଗ କ୍ରୀଡାରେ ମାମାଲି ପ୍ରଧାନ ଓ ବାଳକ ବିଭାଗ କ୍ରୀଡାରେ ପ୍ରଦୀପ ମହାପାତ୍ର ଶ୍ରେଷ୍ଠ ପ୍ରତିଯୋଗୀ ଭାବେ କୃତିତ୍ୱ ହାସଲ କରିଛନ୍ତି। ସେହିପରି ସାଂସ୍କୃତିକ ବିଭାଗରେ ଶିଳା ବିଶ୍ୱାଳ ଶ୍ରେଷ୍ଠ ପ୍ରତିଯୋଗୀ ଭାବେ ବିବେଚିତ ହୋଇଛନ୍ତି। କ୍ରୀଡ଼ା ବିଭାଗର ଉପସଭାପତି ଭାସ୍କରଚନ୍ଦ୍ର ସାହୁ ଏବଂ ଅଧ୍ୟାପକ ରବି ନାରାୟଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତା ପରିଚାଳନାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ସହଯୋଗ କରିଥିଲେ।

## କାର୍ ଦୁର୍ଘଟଣାରେ ଯୁବକ ମୃତ

**କଣାସ, ୧୭।୧୦ (ବିଭୂତି ଭୂଷଣ ତ୍ରିପାଠୀ):**



ଦୁର୍ଘଟଣାଗ୍ରସ୍ତ କାର୍ ।

କଣାସ ଥାନା ଅନ୍ତର୍ଗତ ନୂଆଜଗନ୍ନାଥ ସଡ଼କର ବରୁଣଶଙ୍ଖ ନିକଟରେ ସୋମବାର ମଧ୍ୟରାତ୍ରରେ ସୁଜିକି ଅଲ୍‌ଟ୍ରା (ଓଆର୦୨ ବିଏଫ୍ ୯୯୮୦) ନୟନଯୋରୀ ମଧ୍ୟକୁ ଖସିପଡ଼ିବାରୁ ଡ୍ରାଇଭର ପୁରୁଷୋତ୍ତମ ତ୍ରିପାଠୀ (୩୮)ଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଖବରନେବାରେ ଜଣାପଡ଼ିଛି ଚନ୍ଦନପୁର ଥାନା ପାଟେଲି ଗ୍ରାମର ପୁରୁଷୋତ୍ତମ ତ୍ରିପାଠୀ ଘରୁ ନୟାଗଡ ଯାଉଥିବା ସମୟରେ କାର୍‌ଟି ବରୁଣଶଙ୍ଖ ନିକଟରେ ନୟନଯୋଡ଼ିକୁ ଖସିପଡ଼ିଥିଲା। ମଙ୍ଗଳବାର ସକାଳୁ କେତେଜଣ ଯୁବକ ମର୍ନିଂୱାକ୍ କରୁଥିବା ସମୟରେ କାର୍‌ଟି ନୟନଯୋରୀରେ ପଡିଥିବା ଦେଖି କଣାସ ଥାନା ଓ ଦମକଳ ବାହିନୀକୁ ଖବର ଦେଇଥିଲେ। ସଙ୍ଗେ ସଙ୍ଗେ କଣାସ ଦମକଳ ବାହିନୀର ଅଧିକାରୀ ସୁବାସ ପାତ୍ର କର୍ମଚାରୀମାନଙ୍କୁ ନେଇ ଘଟଣାସ୍ଥଳରେ ପହଞ୍ଚି କାର୍ ଭିତରୁ ଯୁବକଙ୍କ ମୃତଶରୀର ବାହାର କରି କଣାସ ଡାକ୍ତରଖାନାକୁ ଆଣିଥିଲେ। କଣାସ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଦେଇଛି।

## ବିଶ୍ୱ ଖାଦ୍ୟ ଦିବସ ପାଳିତ

**କଣାସ, ୧୭।୧୦ (ବିଭୂତି ଭୂଷଣ ତ୍ରିପାଠୀ):**

କଣାସ ବ୍ଲକର ବେଣାଗାଁ ଗ୍ରାମରେ ବିଶ୍ୱ ଖାଦ୍ୟ ଦିବସ ପାଳିତ ହୋଇଯାଇଛି। ଗ୍ରାମ କୃଷିବିକାଶ ପରିଷଦ, ପୁରୀ ଆନୁକୂଲ୍ୟରେ ଏହା ପାଳନ କରାଯାଇଥିଲା। କୃଷିବିତ୍ ଡ. ଭୁବନାନନ୍ଦ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବଂଶୀଧର ଷଡ଼ଙ୍ଗୀ, ପଞ୍ଚାୟତ ଶିଳ୍ପ ଅଧିକାରୀ ମାନସରଂଜନ ବାରିକ ଯୋଗଦେଇଥିଲେ। ଏହି ବୈଠକରେ ଅଞ୍ଚଳର ବହୁ ବୁଦ୍ଧିଜୀବୀ, କୃଷକ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ଯୋଗଦେଇଥିଲେ। ସଂସ୍ଥାର ଉପସଭାପତି ଜ୍ୟୋତ୍ସ୍ନାରାଣୀ ମହାପାତ୍ର, ନରେଶ ସ୍ୱାଇଁ, ରାଜେଶ୍ୱର ରେଡି, ସଂଯୁକ୍ତା ପାହାନ୍ତାସିଂହ, ନଗେନ୍ଦ୍ରନାଥ ସୁନ୍ଦରାୟ, ଜ୍ୟୋତିପ୍ରଭା ପାତ୍ର, ମିନତୀ ପଟ୍ଟନାୟକ, କାଳୁଚରଣ ପରିଡ଼ାଙ୍କୁ ଉଲ୍ଲେଖନୀୟ ଅବଦାନ ପାଇଁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତାପ କୁମାର ପାହାନ୍ତସିଂହ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମାଙ୍କଡ଼ର ଶୁଦ୍ଧିକ୍ରିୟା

**ସାକ୍ଷୀଗୋପାଳ, ୧୭।୧୦(ଭରତ ରାଉତ) :**

ମଣିଷ ଭଳି ମାଙ୍କଡ଼ର ହେଇଛି ଶବ ସତ୍କାର। ତାହା ପୁଣି ରୀତିନୀତି ଅନୁସାରେ। ମାଙ୍କଡ଼ମାନଙ୍କ ମଧ୍ୟରେ ସଂଘର୍ଷ ହେବାରୁ ଦୀର୍ଘଦିନ ଧରି ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଦାସ ବିଦ୍ୟାଧରପୁର ପଞ୍ଚାୟତର ଭୀମପୁର ପକ୍ଷୀମୁଣ୍ଡ ଗ୍ରାମରେ ରହିଆସୁଥିବା ଏକ ମାଙ୍କଡ଼ର ମୃତ୍ୟୁ ହୋଇଥିଲା। ଯେହେତୁ ମାଙ୍କଡଟିର ଭାବାବେଗ ସହ ଗାଁ ଲୋକେ ଜଡ଼ିତ ଥିଲେ, ତେଣୁ ତାର ମୃତ୍ୟୁ ପରେ ମୃତ ଶରୀରକୁ ଗାଁରେ ସମାଧି ଦିଆଯାଇଥିଲା। ପରେ ମାଙ୍କଡ଼ର ଶୁଦ୍ଧିକ୍ରିୟା କରାଯିବ ବୋଲି ଗ୍ରାମ ବୈଠକରେ ନିଷ୍ପତ୍ତି ହୋଇଥିଲା। ସେଥିପାଇଁ ଗ୍ରାମବାସୀ ଶୁଦ୍ଧିକ୍ରିୟା କରି ଆଖପାଖ ଗାଁ ଗୁଡ଼ିକରେ ଥିବା କୀର୍ତ୍ତନିଆ ଦଳଙ୍କୁ ଦଶଦିନ ଓ ଏଗାର ଦିନ ପାଇଁ ନିମନ୍ତ୍ରଣ କରିଥିଲେ। ଆଉ ଦଶକ୍ରିୟାରେ ଗାଁ ଲୋକ ଲଣ୍ଡା ହେବା ସହ ନାମ ସଂକୀର୍ତ୍ତନ ମଧ୍ୟ ହୋଇଥିଲା। ଶେଷରେ ଏଗାରଦିନ ହରିରାମ ଓ ହନୁମାନ ସଂକୀର୍ତ୍ତନ ସହ ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ ହୋଇଥିଲା।



ମାଙ୍କଡ଼ର ଏକାଦଶାହ କାର୍ଯ୍ୟକ୍ରମରେ ସାମିଲ ଗ୍ରାମବାସୀ ।

## ସେସୁ ମିଟର ରିଡିଂ ଓ ବିଲ୍ କଲେକ୍ସନ କର୍ମଚାରୀ ସଂଘର ବିକ୍ଷୋଭ

**ପୁରୀ, ୧୭।୧୦ (ଅଜିତ୍ ମହାନ୍ତି):**

ବିଭିନ୍ନ ସମସ୍ୟାକୁ ନେଇ ସେସୁ ମିଟର ରିଡିଂ ଓ ବିଲ୍ କଲେକ୍ସନ କର୍ମଚାରୀ ସଂଘ ପକ୍ଷରୁ ମଙ୍ଗଳବାର ଟିପିସିଓଡିଏଲ୍ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଓଡ଼ିଶା ଶ୍ରମ ଆଇନ ଅନୁଯାୟୀ ଦରମା ପ୍ରଦାନ, ଇପିଏଫ୍ ଡିପୋଜିଟ୍‌ରେ ଅସମାନତା ଦୂର କରିବା, ବକେୟା ତେଲ ଟଙ୍କା ପ୍ରଦାନ ଓ କର୍ମଚାରୀଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦେବା ଆଦି ଦାବିରେ ସଙ୍ଘ ତରଫରୁ ଧାରଣା ଦିଆଯାଇଥିଲା। ବରିଷ୍ଠ ଶ୍ରମିକ ନେତା ତଥା ସଙ୍ଘର ସଭାପତି ଶ୍ରୀକାନ୍ତ ପରିଜା, ଭୀମସେନ ସ୍ୱାଇଁ, ଷ୍ଟାଲିନ ପାଇକରାୟ, ପବିତ୍ର ମୋହନ ଦଳେଇ ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ପରେ କମ୍ପାନୀ ତରଫରୁ ଏଚ୍‌ଆର ସୁସ୍ମିତ୍ ସାହୁ ଓ ଡିଭିଜନ ମ୍ୟାନେଜର ସ୍ମୃତିରଞ୍ଜନ ସ୍ୱାଇଁ, ଭବାନୀ ମିଶ୍ର, କର୍ମଚାରୀ ସଂଘର ସଭାପତି ଶ୍ରୀକାନ୍ତ ପରିଜା, ସାଧାରଣ ସମ୍ପାଦକ ନୃସିଂହ ଚରଣ ଦାସ, କୋଷାଧ୍ୟକ୍ଷ ଶେଖ୍ ଆଜାଦ, ଶରତ ଜେନା, ଶେଷଦେବ ରାୟ, କାର୍ତ୍ତିକ ନାୟକ ଏକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ବୈଠକରେ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏପରିକି ହେଡ୍ କ୍ୱାର୍ଟର ଓ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରାଯାଇ ସମସ୍ୟାର ଶୀଘ୍ର ସମାଧାନ କରାଯିବ ବୋଲି କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ତେବେ ଯଦି ସମସ୍ୟା ଶୀଘ୍ର ସମାଧାନ କରାନଯାଏ ତେବେ ଜିଲାପାଳ ପୁରୀଙ୍କ ଅଫିସ ଘେରାଉ କରାଯିବ ବୋଲି ଶାନ୍ତନୁ ମିଶ୍ର, ଲୋକନାଥ ଗଡ଼ନାୟକ, ସୁଶାନ୍ତ ବେହେରା, ସୁନୀଲ ରଥ, ପୁରୁଷୋତ୍ତମ ମିଶ୍ର, ଧର୍ମେନ୍ଦ୍ର କୁଅଁର, ମାନସ ବରାଳ, ମହେଶ୍ୱର ସାହୁ, ଶୁଚିସ୍ମିତା ପଣ୍ଡା, ତପତି ବେହେରା, କଦାର ମାଠ ଆଦି କର୍ମଚାରୀମାନେ ଚେତାବନୀ ଦେଇଛନ୍ତି।



ପୁରୀ ଟିପିସିଓଡିଏଲ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରତ କର୍ମଚାରୀ ।

## ୨୧ରେ ବୋଷ ଛାତ୍ରସଂଘର ଶତବାର୍ଷିକୀ ପ୍ରସ୍ତୁତି

କଟକ,(କାର୍ତ୍ତିକ ସାହୁ): ଭୁବାନନ୍ଦ ଓଡ଼ିଶା ଯାନ୍ତ୍ରିକ ବିଦ୍ୟାଳୟରେ ଶତବାର୍ଷିକ ଉତ୍ସବ ପାଳନ ନିମନ୍ତେ ପୁରାତନ ଛାତ୍ର ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସେକ୍ରେଟାରୀ ଇଂ. କାମାକ୍ଷା ପ୍ରସାଦ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ୨୧ ତାରିଖରେ ଏକ ପ୍ରସ୍ତୁତି ବୈଠକ ହେବା ନିମନ୍ତେ ଆଲୋଚନା ହୋଇଥିଲା। ପ୍ରତ୍ୟେକ ବ୍ୟାଚ୍‌ରୁ ପୁରାତନ ଛାତ୍ରୀଛାତ୍ର ଯୋଗଦେବା ନିମନ୍ତେ ସହମତି ପ୍ରକାଶ ପାଇଥିଲା। ଶତବାର୍ଷିକ ଉତ୍ସବକୁ ସଫଳ କରିବା ପାଇଁ ସଂଘ ସଦସ୍ୟମାନେ ନିଜର ମତ ଉପସ୍ଥାପନ କରିଥିଲେ। ଉପସଭାପତି ଇଂ. ଶିଶିର କୁମାର ସାହୁ ଧନ୍ୟବାଦ ଦେଇଥିଲେ।











ଷୋଳପୂଜା ଅବସରରେ ମା’ କଟକଚଣ୍ଡୀଙ୍କ ହରଚଣ୍ଡୀ ବେଶ। । ମା’ ଗଡ଼ଚଣ୍ଡୀଙ୍କ ବଗଳା ବେଶ। । ମା’ ଝାଞ୍ଜିରୀମଙ୍ଗଳାଙ୍କ ଉଗ୍ରତାରା ବେଶ। । ମା’ ବାସନ୍ତୀ ଦୁର୍ଗାଙ୍କ ମାହେଶ୍ୱରୀ ବେଶ। । ପିଠାପୁରସ୍ଥିତ ମା’ ଧାକୁଲେଇଙ୍କ ଅନ୍ନପୂର୍ଣ୍ଣା ବେଶ। । ବଡ଼ୟା ଭଟ୍ଟାରିକାଙ୍କ ବନଦୁର୍ଗା ବେଶ। । ନୂଆପାଟଣା କଳାପାଟ ଠାକୁରାଣୀଙ୍କ ତ୍ରିପୁରା ସୁନ୍ଦରୀ ବେଶ।

### ସଂକ୍ଷେପରେ

## ଭତ୍ତା ଟଙ୍କା ବୃଦ୍ଧି ଦାବିରେ ବିକ୍ଷୋଭ

କଟକ,୧୭।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)

ବିଭିନ୍ନ ରାଜ୍ୟରେ ଭତ୍ତା ବାବଦକୁ ସର୍ବନିମ୍ନ ୨୦୦୦ ଟଙ୍କା ପ୍ରଦାନ କରାଯାଉଛି। ହେଲେ ଓଡ଼ିଶାରେ ୫୦୦ ଟଙ୍କା ଦିଆଯାଉଛି। ତେଣୁ ଅନ୍ୟ ରାଜ୍ୟ ଭଳି ଓଡ଼ିଶାରେ ସର୍ବନିମ୍ନ ଭତ୍ତା ୨୦୦୦ ଟଙ୍କା ବ୍ୟବସ୍ଥା କରିବା ଦାବିରେ ଓଡ଼ିଶା ଭତ୍ତା ବୃଦ୍ଧି ଅଭିଯାନ ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର କଟକ ମହାନଗର ନିଗମ(ସିଏମ୍‌ସି)ର ୫୧ ନମ୍ବର ୱାର୍ଡ ସାର୍ତ୍ତୋଳ କ୍ଲବ୍‌ଠାରେ ଥିବା ଭତ୍ତା ବଣ୍ଟନ କେନ୍ଦ୍ର ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ସଭାପତି ବୃନ୍ଦାବନ ଦାସ ଆଜାଦଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭବେଳେ ହାତରେ କଳାପଟି ବାନ୍ଧି ଭତ୍ତା ବୃଦ୍ଧି ସ୍ଲୋଗାନ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ମଞ୍ଜୁ ବିଶ୍ୱାଳ, ବେଣୁଧର ବେହେରା, ବାସନ୍ତି ମଲ୍ଲିକ, କବିତା ସ୍ୱାଇଁ, ଶିବ ପ୍ରସାଦ ସ୍ୱାଇଁ, ଗୀତା ପଟ୍ଟନାୟକ ଓ ମଧୁସ୍ମିତା ପଟ୍ଟନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ସଞ୍ଜୟ ଟିଉଟରିଆଲ ପ୍ରତିଷ୍ଠାତାଙ୍କ ପରଲୋକ

କଟକ,୧୭।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)

ସ୍ଥାନୀୟ ବିଜୁ ପଟ୍ଟନାୟକ ଛକସ୍ଥିତ ସଞ୍ଜୟ ଟିଉଟରିଆଲର ପ୍ରତିଷ୍ଠାତା ସଞ୍ଜୟ କୁମାର ସେଠୀ(୫୬)ଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ଧରି ଅସୁସ୍ଥ ହୋଇ ଘରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ବାପା ପୂର୍ଣ୍ଣଚନ୍ଦ୍ର ସେଠୀ, ମା’ ସାବିତ୍ରୀ ସେଠୀ, ଭାଇ ଅମିୟ କୁମାର ସେଠୀ, ବିନୟ ଭୂଷଣ ସେଠୀ, ଦିବ୍ୟ ପ୍ରକାଶ ସେଠୀଙ୍କ ସମେତ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ଚହଟାସ୍ଥିତ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ଭାଇ ଗତିକୃଷ୍ଣ ସେଠୀ ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ୧୯୯୫ରେ ସଞ୍ଜୟ ନିଜ ନାମରେ ଏକ ଟିଉଟରିଆଲ ଖୋଲିଥିଲେ। ଗରିବ, ମେଧାବୀ ଛାତ୍ରୀଛାତ୍ରଙ୍କୁ ଏଠାରେ ମାଗଣା ଶିକ୍ଷାଦାନ କରାଯାଉଛି। ଏଠାରୁ ଅଧ୍ୟୟନ କରି ବହୁ ଛାତ୍ରୀଛାତ୍ର ଦେଶବିଦେଶର ଚାକିରି କରିଛନ୍ତି।

# ୪ ସପ୍ତାହରେ ପ୍ରତିଜବାବ ଦାଖଲ ନିର୍ଦ୍ଦେଶ

**ଗଡ଼ଗଡ଼ିଆ ଘାଟ କଂକ୍ରିଟ ପାହାଚ ଧୋଇଯିବା ଘଟଣା**

**■ଏନ୍‌ଜିଟିରେ ଶୁଣାଣି**

କଟକ,୧୭।୧୦(କାର୍ତ୍ତିକ ସାହୁ)

ମହାନଦୀର ଗଡ଼ଗଡ଼ିଆ ଘାଟରେ ନିର୍ମିତ କଂକ୍ରିଟ ପାହାଚ ଧୋଇ ହୋଇଯିବା ମାମଲାର ଶୁଣାଣି ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ହୋଇଛି। ବିଚାରପତି ବି. ଅମିତ ସ୍ଥାଲେକର ଓ ବିଶେଷଜ୍ଞ ସଦସ୍ୟ ଡ. ଅରୁଣ କୁମାର ବର୍ମା ମାମଲାର ଶୁଣାଣି କରି ପ୍ରତିପକ୍ଷଙ୍କୁ ଆସନ୍ତା ୪ ସପ୍ତାହ ମଧ୍ୟରେ ପ୍ରତି ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଡିସେମ୍ବର ୪ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀ ଅନୁସାରେ, ମହାନଦୀ ପଠାର ସମସ୍ତ ୪୨୬ ଏକର ଜମି ଜଙ୍ଗଲ ବିଭାଗକୁ ଉନ୍ନୟନ ନିମନ୍ତେ ହସ୍ତାନ୍ତର କରିବାକୁ ଏନ୍‌ଜିଟି ପକ୍ଷରୁ କଟକ ଜିଲାପାଳ ଓ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେବାକୁ ପ୍ରାର୍ଥନା କରାଯାଇଛି। ଉକ୍ତ ଅଞ୍ଚଳରେ ଅସ୍ଥାୟୀ ନିର୍ମାଣ ବନ୍ଦ କରାଯିବା ସହ ଆବର୍ଜନାଗୁଡ଼ିକୁ ନଦୀଶଯ୍ୟାରୁ ଅନ୍ୟତ୍ର ସ୍ଥାନାନ୍ତର କରିବା ଓ ତତ୍ ସଂକ୍ରାନ୍ତୀୟ ଖର୍ଚ୍ଚ ନିର୍ମାଣ କରିଥିବା ସମ୍ପୃକ୍ତ ବିଭାଗ ବହନ କରୁ। ନଦୀଶଯ୍ୟାରୁ ସମସ୍ତ ଲୁହା ଖମ୍ବ, ମାଟି, ଅଳିଆ, ମୋରମ ହଟାଇବା ନିମନ୍ତେ ନିର୍ଦ୍ଦେଶ ଦେବାକୁ ପ୍ରାର୍ଥନା କରାଯାଇଛି। ଗଡ଼ଗଡ଼ିଆ ଘାଟଠାରୁ ଯୋବ୍ରା ପର୍ଯ୍ୟନ୍ତ ମହାନଦୀ କୂଳରୁ ବାଲି ସମ୍ପୂର୍ଣ୍ଣ ବାହାର କରାଯାଉ, ଯଦ୍ଦ୍ୱାରା ବନ୍ୟା ସମୟରେ ନଦୀଜଳ ବିନା ବାଧାରେ ଗତି କରିବ। ବାୟୁ ଓ ଜଳ ପ୍ରଦୂଷଣ ସହ ପରିବେଶର ଅସନ୍ତୁଳନ ସୃଷ୍ଟି ହେଉଥିବା ଅଞ୍ଚଳର ନିୟମିତ ତଦାରଖ କରିବା, ମାତାମଠ ଓ ହାଡ଼ିଆପଠାରେ ନିର୍ମିତ ସ୍ପର ୨୦୦ ମିଟରକୁ ହ୍ରାସ କରିବା, ନଦୀପଠାରେ ଜଙ୍ଗଲ ସୃଷ୍ଟି କରିବା, ତ୍ରୁଟିପୂର୍ଣ୍ଣ ନିର୍ମାଣ କରିଥିବା ବ୍ୟକ୍ତିଙ୍କ ଉପରେ ଜରିମାନା କରିବାକୁ ଏନ୍‌ଜିଟିରେ ଦାଖଲ ହୋଇଥିବା ପିଟିଶନ୍‌ରେ ଦର୍ଶାଯାଇଛି। ଆବେଦନକାରୀ ପ୍ରଦୀପ କୁମାର ପଟ୍ଟନାୟକଙ୍କ ପକ୍ଷରୁ ଆଗତ ଏହି ମାମଲାକୁ ଆଇନଜୀବୀ ଶିଶିର ଦାସ ପରିଚାଳନା କରୁଛନ୍ତି।

## ଖୁଣ୍ଟୁଣୀରେ ପହଞ୍ଚିଲା ବିଦ୍ୟୁତ୍‌ଚାଳିତ ଟ୍ରେଲର




ଖୁଣ୍ଟୁଣୀ,୧୭।୧୦(ସଚ୍ଚିଦାନନ୍ଦ ପଣ୍ଡା)

ଓଡ଼ିଶାରେ ବାୟୁ ପ୍ରଦୂଷଣ ରୋକିବା ଓ ପରିବେଶ ସୁରକ୍ଷାରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି ଏକଜିମ ଲଜିଷ୍ଟିକ କମ୍ପାନୀ। ଆଇପିଏଲ, ଟାଟା ଷ୍ଟିଲସ ଓ ଏକଜିମ ଲଜିଷ୍ଟିକ କମ୍ପାନୀର ମିଳିତ ଉଦ୍ୟମରେ ବିଦ୍ୟୁତ୍ ଚାଳିତ ଟ୍ରେଲର ପ୍ରସ୍ତୁତ କରାଯାଇଛି। ଏହି ଗାଡି ମଙ୍ଗଳବାର କଟକ ଜିଲା ଖୁଣ୍ଟୁଣୀଠାରେ ପହଞ୍ଚିଛି। ଏହାକୁ ପ୍ରଥମଥର ପାଇଁ ଓଡ଼ିଶାକୁ ଆଣିବାରେ ଏକଜିମ ଲଜିଷ୍ଟିକ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ହିମାଦ୍ରୀ କେଶରୀ ପଟ୍ଟନାୟକଙ୍କ ଅବଦାନ ରହିଛି। ଏହି ଗାଡି ଚାଳନା ଦ୍ୱାରା ବାୟୁ ପ୍ରଦୂଷଣ ହେବ ନାହିଁ ବୋଲି ଭୁବନେଶ୍ୱର ଏକଜିମ ଲଜିଷ୍ଟିକ କମ୍ପାନୀର ସିନିୟର ମ୍ୟାନେଜର ଭୁପେନ ମହାନ୍ତି ମଙ୍ଗଳବାର ଖୁଣ୍ଟୁଣୀଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଖବରଦାତାଙ୍କୁ ସୂଚନା ଦେଇଛନ୍ତି । ଏହି ଗାଡ଼ି କଳିଙ୍ଗ ନଗରରୁ ୫୫ ଟନ୍ କୋଇଲା ବୋଝେଇ କରି ଖୁଣ୍ଟୁଣୀ ଥାନାଞ୍ଚଳର ଏକ କାରଖାନାରେ ପହଞ୍ଚିଛି।




ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ କନ୍‌ଭେନ୍‌ସନ୍ ହଲ୍‌ରେ ମଙ୍ଗଳବାର ଆଡ୍‌ଭୋକେଟ୍ ବନୋଜ କୁମାର ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକରେ ଯୋଗଦେଇଥିବା ଅତିଥିମାନେ।

## ସିଏମସି ପକ୍ଷରୁ ଖୋଲିଲା ‘ସେଣ୍ଟର ଫର୍ ପର୍‌ଫର୍‌ମିଙ୍ଗ୍ ଆର୍ଟସ୍’

କଟକ,୧୭।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ କଳା ଓ ସଂସ୍କୃତିକୁ ଆୟୁଧ କରି ଜୀବିକାକୁ ଅଧିକ ଦୃଢୀଭୂତ କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ସିଏମ୍‌ସି ପକ୍ଷରୁ ମଙ୍ଗଳବାର ସେଣ୍ଟର ଫର୍ ପର୍‌ଫର୍‌ମିଙ୍ଗ୍ ଆର୍ଟସ୍ କାର୍ଯ୍ୟକ୍ଷମ ହୋଇଛି। ଏଥିପାଇଁ ୭୨ ଜଣ ଶିକ୍ଷାନବିସଙ୍କୁ ମନୋନୀତ କରାଯାଇ ଏକ ତାଲିମ କାର୍ଯ୍ୟକ୍ରମ କଳାବିକାଶ କେନ୍ଦ୍ରରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ସିଏମ୍‌ସି ମେୟର ସୁବାସ ସିଂ ଯୋଗଦେଇ ଶିକ୍ଷାନବିସମାନେ ଦିଆଯାଇଥିବା ସୁଯୋଗର ସଦୁପଯୋଗ କରି ଜାତୀୟ ସ୍ତରରେ ପ୍ରତିଷ୍ଠା ଅର୍ଜନ କରିବା ସହ ଆର୍ଥିକ କ୍ଷେତ୍ରକୁ ସୁଦୃଢ଼ କରିପାରିବେ ବୋଲି କହିଥିଲେ। ସେମାନଙ୍କୁ ସଙ୍ଗୀତ, ନୃତ୍ୟ, ବାଦ୍ୟ ଯନ୍ତ୍ର ଆଦି ଶିକ୍ଷା ପ୍ରଦାନ କରାଯିବ। ମନୋନୀତ ପ୍ରାଥମିକ ପର୍ଯ୍ୟାୟରେ ସପ୍ତାହକୁ ୪ ଦିନ କ୍ଲାସ୍ କରାଯିବାର ବ୍ୟବସ୍ଥା ହୋଇଛି। ଗତ ୯ ଓ ୧୦ ତାରିଖରେ ଶିକ୍ଷାନବିସ ମନୋନୟନ ପାଇଁ ସ୍କ୍ରିନିଂ ଟେଷ୍ଟ ହୋଇଥିଲା। ୬ରୁ ୨୦ ବର୍ଷ ବୟସର ୭୨ ଜଣଙ୍କୁ ତାଲିମ ନିମନ୍ତେ ମନୋନୀତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଡେପୁଟି ମେୟର ଦମୟନ୍ତୀ ମାଝି, ସିଏମ୍‌ସି କମିଶନର ନିଖିଲ ପଓ୍ୱନ କଲ୍ୟାଣ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ମୋନାଲିସା ଦାସ, ପ୍ରଳୟା ବେଉରା, କର୍ପୋରେଟର ଲିଜାରାଣୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

## ଜାଲ୍‌ନୋଟ୍ କାରବାର ଅଭିଯୋଗରେ ଜଣେ ଅଟକ

କଟକ ସଦର,୧୭।୧୦(ସୁଶାନ୍ତ କୁମାର ଜେନା)

ଜାଲ୍‌ନୋଟ୍ କାରବାର ଅଭିଯୋଗରେ କନ୍ଦରପୁର ପୋଲିସ ଜଣେ ବ୍ୟକ୍ତିଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ଅଟକ ରଖିଛି। ପରେ ତାଙ୍କୁ ଏକ ଗୁପ୍ତ ସ୍ଥାନରେ ରଖି ପଚରାଉଚରା କରାଯାଉଛି। ସମ୍ପୃକ୍ତ ବ୍ୟକ୍ତି ୮ ବର୍ଷ ତଳେ ଜାଲ୍ ନୋଟ୍ କାରବାର କରିବା ଘଟଣାରେ ଗିରଫ ହୋଇଥିଲେ। କଟକ-ପାରାଦୀପ ରାସ୍ତାର କମରପଦା ବଜାରରେ ମଙ୍ଗଳବାର ସନ୍ଧ୍ୟାରେ ଭିଡ଼ ହୋଇଥିବାବେଳେ ସମ୍ପୃକ୍ତ ବ୍ୟକ୍ତି ଜଣେ ବୃଦ୍ଧ ପରିବା ଦୋକାନୀଙ୍କୁ ୫୦୦ ଟଙ୍କିଆ ଜାଲ୍‌ନୋଟ୍ ଦେଇ କିଣାକିଣି କରିବା ପାଇଁ ଚାହିଁଥିଲେ। ହେଲେ ଏଥିରେ ଦୋକାନୀ ଜଣଙ୍କ ରାଜି ନ ହେବାରୁ ସମ୍ପୃକ୍ତ ବ୍ୟକ୍ତି ଅନ୍ୟ ଜଣଙ୍କ ପାଖକୁ ଯାଇଥିଲେ। ୫୦୦ ଟଙ୍କା ନୋଟ୍ ବଦଳରେ ୨ ଖଣ୍ଡ ୨୦୦ ଟଙ୍କିଆ ଓ ଗୋଟିଏ ୧୦୦ ଟଙ୍କିଆ ନୋଟ ଧରି ସେଠାରୁ ଚମ୍ପଟ ମାରିଥିଲ। ଏ ସମ୍ପର୍କରେ ବଜାରରେ ଥିବା ଅନ୍ୟ ଲୋକମାନେ ଜାଣିବା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ପିଛା କରି ଟୋଲ ଗେଟ୍ ନିକଟରେ ତାଙ୍କୁ କାବୁ କରିଥିଲେ।

# ୫୫ନଂ. ଜାତୀୟ ରାଜପଥ ମରଣଯନ୍ତା

**■ସ୍ଥିତି ଅନୁଧ୍ୟାନ କଲେ ଅଧିକାରୀ**

**■ରୂପଯାତ୍ରା ପୂର୍ବରୁ ମରାମତି ସାରିବାକୁ ପ୍ରତିଶ୍ରୁତି**

ଚୌଦ୍ୱାର,୧୭।୧୦(ଆଶୁତୋଷ ଦାସ)

୫୫ନଂ. ଜାତୀୟ ରାଜପଥର ମଙ୍ଗୁଳି ଛକଠାରୁ କଜଳଖଣା ପର୍ଯ୍ୟନ୍ତ ରାସ୍ତା ମରଣଯନ୍ତା ପାଲଟିଛି। ପ୍ରାୟ ୪ ବର୍ଷ ହେବ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଜାରି ରହିଛି। ହେଲେ ଜତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ(ଏନ୍‌ଏଚ୍‌ଏଆଇ), ଠିକାଦାରଙ୍କ ବେପରୁଆ ମନୋଭାବ ଯୋଗୁ କାର୍ଯ୍ୟ ଶେଷ ହୋଇପାରୁନାହିଁ। ଏଥିଯୋଗୁ ଅଧିକାଂଶ ସମୟ ଦୁର୍ଘଟଣା ଘଟୁଛି। ଆସନ୍ତା ୨୬ ତାରିଖରୁ ଚୌଦ୍ୱାରର ପ୍ରସିଦ୍ଧ ରୂପଯାତ୍ରା ଆରମ୍ଭ ହେବ। ଚୌଦ୍ୱାର ସହରର ବିଭିନ୍ନ ସ୍ଥାନରେ ହେବାକୁ ଥିବା ୪୩ଟି ମେଢ଼ ଭସାଣି ଶୋଭାଯାତ୍ରା ପାଇଁ ଏହି ରାସ୍ତାରେ ଯିବେ। ତେଣୁ ରାସ୍ତା ମରାମତି ପାଇଁ ପୌର ପ୍ରଶାସନ, କଟକ ଏମ୍‌ପି, ସ୍ଥାନୀୟ ବିଧାୟକ ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ଏନ୍‌ଏଚ୍‌ଏଆଇ ଅଧିକାରୀଙ୍କୁ ଅବଗତ କରାଯାଇଥିଲା। ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ ସୋମବାର ଏନ୍‌ଏଚ୍‌ଏଆଇ ଓଡ଼ିଶା ମୁଖ୍ୟ ଧୀରେନ୍ଦ୍ର ସିଂଙ୍କୁ ଭେଟି ରାସ୍ତା ମରାମତି ପାଇଁ କହିଥିଲେ। ମଙ୍ଗଳବାର ବିଭାଗୀୟ ଇଞ୍ଜିନିୟର ଅର୍ପିତ୍ ମାୟଭ, ଧୀରଜ ପାଣ୍ଡେ, ଠିକାସଂସ୍ଥା ଏମ୍‌ଏସ୍‌ଆଇଏଲ୍‌ର ଇଞ୍ଜିନିୟର ପାର୍ଥସାରଥୀ ପଣ୍ଡା ପ୍ରମୁଖ ଚୌଦ୍ୱାର ଅଞ୍ଚଳକୁ ଆସି ରାସ୍ତା କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଆସନ୍ତା ୨୫ ତାରିଖ ସୁଦ୍ଧା ସମସ୍ତ ସଂଯୋଗ ରାସ୍ତାକୁ ମରାମତି କରାଯାଇ ଯାତାୟତ ଉପଯୋଗୀ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ପରିଦର୍ଶନବେଳେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଚୌଦ୍ୱାର ଥାନା ଆଇଆଇସି ବିଶ୍ୱରଞ୍ଜନ ସାହୁ, ଏମ୍‌ପିଙ୍କ ପ୍ରତିନିଧି ପ୍ରେମଚାନ୍ଦ ନାୟକ, ବିଧାୟକଙ୍କ ପ୍ରତିନିଧି ବିଷ୍ଣୁଚରଣ ପରିଡ଼ା, କାଉନ୍‌ସିଲର ଆଶୁତୋଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ପରିମଳ ସମ୍ପର୍କିତ କର୍ମଶାଳା

କଟକ,୧୭।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ମହାନଗର ନିଗମ(ସିଏମ୍‌ସି) ଆନୁକୂଲ୍ୟରେ ମଙ୍ଗଳବାର ସିଡିଏସ୍ଥିତ ଏକ ହୋଟେଲରେ ରାଜ୍ୟସ୍ତରୀୟ ପରିମଳ ସଂକ୍ରାନ୍ତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସିଏମ୍‌ସି ମେୟର ସୁବାସ ସିଂ ଏହାକୁ ଉଦ୍‌ଘାଟନ କରି ଯାନ୍ତ୍ରିକ ଉପକରଣ ଉପଯୋଗିତା ଉପରେ ଆଲୋକପାତ କରିଥିଲେ। ଏଥିରେ ୨୧ଟି ସହରାଞ୍ଚଳ ସ୍ୱାୟତ୍ତ ଶାସନ ସଂସ୍ଥାର ୧୧୦ ଜଣ ପ୍ରତିନିଧି ଯୋଗଦେଇଥିଲେ। ବିଶେଷକରି ବ୍ୟକ୍ତିଗତ ସୁରକ୍ଷା ଉପକରଣର ଉପଯୋଗିତା ଓ ଯାନ୍ତ୍ରିକ ଉପକରଣର ବ୍ୟବହାର ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ସିଏମ୍‌ସି କମିଶନର ନିଖିଲ ପଓ୍ୱନ କଲ୍ୟାଣ, ଡେପୁଟି ମେୟର ଦମୟନ୍ତୀ ମାଝୀ, ଡେପୁଟି କମିଶନର (ପରିମଳ) ସଞ୍ଜୀବିତା ରାୟ, ଡେପୁଟି କମିଶନର ତଥା ବସ୍ତି ଉନ୍ନୟନ ଅଧିକାରୀ ଶ୍ୱେତପଦ୍ମା ଡି. ଶତପଥୀ, ସହକାରୀ କମିଶନର (ପରିମଳ) ତ୍ରିନାଥ ବେହେରା ଓ ତ୍ରିଶୂଳ ମାର୍ଦ୍ଦିଙ୍କ ସମେତ ସିଏମସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର ଉପସ୍ଥିତ ଥିଲେ ।

# ଓଟିଏମ୍ ଜମିରେ ପାଚେରି ନିର୍ମାଣ ଶିଳାନ୍ୟାସକୁ ନେଇ ଅସନ୍ତୋଷ

**ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କଲେ ବିଧାୟକ**

ଚୌଦ୍ୱାର,୧୭।୧୦(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ଅଧୀନ ୮ନଂ. ୱାର୍ଡସ୍ଥିତ ଓଟିଏମ୍ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ସୌଭିକ୍ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟରାସ୍ତାରୁ ବିଦ୍ୟାଳୟକୁ ସଂଯୋଗ କରୁଥିବା ୫୨ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ରାସ୍ତାର ଉଦ୍‌ଘାଟନ କରିଥିଲେ। ସେହିପରି ୫ଲକ୍ଷ ଟଙ୍କା ବ୍ୟୟରେ ବିଦ୍ୟାଳୟରେ ନିର୍ମାଣ ହେବାକୁ ଥିବା ସାଇକେଲ ଷ୍ଟାଣ୍ଡ, ପ୍ରାର୍ଥନା ମଞ୍ଚ, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ପାଣ୍ଠି ଦ୍ୱାରା ନିର୍ମାଣ ହେବାକୁ ଥିବା ରୋଷଶାଳା ଓ ଭୋଜନାଳୟର ଶିଳାନ୍ୟାସ ସହ ଓଟିଏମ୍ କଲୋନୀସ୍ଥିତ ଦୁର୍ଗାବଜାର ପ୍ରାଥମିକ ବିଦ୍ୟାଳୟର ନୂତନ ପାଚେରୀ ଉଦ୍‌ଘାଟନ କରିଥିଲେ। ଇତିମଧ୍ୟରେ ବିଦ୍ୟାଳୟ ସମ୍ମୁଖରେ ପୋତା ଯାଇଥିବା ଏକ ସିମେଣ୍ଟ ଖୁଣ୍ଟିକୁ ବିଧାୟକ ଶିଳାନ୍ୟାସ କରିବାକୁ ଯାଇ ଉପସ୍ଥିତ ଲୋକଙ୍କ ପ୍ରଶ୍ନର ଶୀକାର ହୋଇଥିଲେ। ଏହି ଖୁଣ୍ଟର ଶିଳାନ୍ୟାସ କ’ଣ ପାଇଁ କରାଯାଉଛି ବୋଲି ଉପସ୍ଥିତ ଲୋକେ ହଠାତ୍ ବୁଝିପାରି ନ ଥିଲେ। ଇଡ୍‌କୋ ତରଫରୁ ଅଧିଗ୍ରହଣ କରାଯାଇଥିବା ଓଟିଏମ୍ ଜମିରେ ପାଚେରି ନିର୍ମାଣ ଆରମ୍ଭ କରାଯିବ ବୋଲି ଜଣାପଡିବାରେ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧି ଓ ଲୋକମାନେ ଏସମ୍ପର୍କରେ ବିଧାୟକ ଏବଂ ଉପସ୍ଥିତ ଥିବା ଇଡ୍‌କୋ ଅଧିକାରୀଙ୍କୁ ପ୍ରଶ୍ନ ପଚାରିଥିଲେ। ରାଜ୍ୟ ସରକାର ଓଟିଏମ୍‌ର ଥିବା ୫୨୨ ଏକର ଜମିକୁ ନିଜ ଅକ୍ତିଆରକୁ ଆଣି ଇଡ୍‌କୋକୁ ୩୨୧ ଏକର ଜମି ହସ୍ତାନ୍ତର କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୨କୋଟି ଟଙ୍କା ବ୍ୟୟରେ ୩୨୧ ଏକର ଜମିରେ ପାଚେରୀ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଥିବା ବିଧାୟକ ବିଶ୍ୱାଳ ସୁଚନା ଦେଇଛନ୍ତି । ପାଚେରୀ ନିର୍ମାଣର ଶିଳାନ୍ୟାସ ପରେ ଓଟିଏମ୍ କଲୋନୀ ବାସିନ୍ଦା ବିସ୍ଥାପନ ଆଶଙ୍କାରେ ଚିନ୍ତାରେ ପଡିବା ସହିତ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ଏ ଦିଗରେ ମୁଖ୍ୟମନ୍ତ୍ରୀ ଚିନ୍ତା କରିବା ସହିତ କଲୋନୀ ବାସୀଙ୍କ ଥାଇଥାନ ନିମନ୍ତେ ବ୍ୟବସ୍ଥା କରିବାକୁ ପଦେକ୍ଷପ ନେବା ପାଇଁ ନିବେଦନ କରାଯିବ ବୋଲି ବିଧାୟକ କହିଛନ୍ତି । ଅନ୍ୟପକ୍ଷରେ ପାଚେରୀ ନିର୍ମାଣ ବାବଦରେ ପୌରପାଳିକା ପାଖରେ କୌଣସି ଖବର ନ ଥିବା ନେଇ ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ ଇଡ୍‌କୋ ଅଧିକାରୀ ଅରକ୍ଷିତ ମହାଲିକ୍‌ଙ୍କୁ ପ୍ରଶ୍ନ ପଚାରିଥିଲେ। ଏହାର ଉତ୍ତରରେ ଅରକ୍ଷିତ କହିଥିଲେ, ଯାହା ବୁଝିବାର ଅଛି ସରକାରୀ ସ୍ତରରେ ବୁଝନ୍ତୁ। ଏହି କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ବିଧାୟକଙ୍କ ପ୍ରତିନିଧି ବିଷ୍ଣୁ ଚରଣ ପରିଡ଼ା, ଯୁବନେତା ଅର୍ଜୁନ ପଣ୍ଡା, ସ୍ଥାନୀୟ କାଉନସିଲର ବିଜୟଲକ୍ଷ୍ମୀ ବେହେରାଙ୍କ ସମେତ ସମସ୍ତ କାଉନ୍‌ସିଲର ଓ ଜନସାଧାରଣ ଉପସ୍ଥିତ ଥିଲେ।



ଶିଳାନ୍ୟାସ, ଉଦ୍‌ଘାଟନ କାର୍ଯ୍ୟକ୍ରମରେ ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ସମେତ ଅନ୍ୟମାନେ।

# ନୂଆ ଚାନ୍ଦି ମେଢ଼ରେ ଝଲସିବେ ମା’




କଟକ,୧୭।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)

ଶାରଦୀୟ ପୂଜା ପାଇଁ ଚଳଚଞ୍ଚଳ ହୋଇଛି କଟକ ସହର। ବିଭିନ୍ନ ମଣ୍ଡପରେ ପୂଜା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପୂଜା ପାଇଁ କମିଟି କର୍ମକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ତେବେ ଏହି ପୂଜା ଦୌଡରେ ସାମିଲ ହୋଇଛି ମହମ୍ମଦିଆ ବଜାର ପୂଜା କମିଟି। ଏଥର ଦଶହରାରେ କଟକ ସହରରେ ୩ଟି ନୂଆ ଚାନ୍ଦି ମେଢ ଦେଖିବାକୁ ମିଳିବ। ସେଥିମଧ୍ୟରୁ ଗୋଟିଏ ହେଉଛି ମହମ୍ମଦିଆ ବଜାର ପୂଜା କମିଟି। ଦେଢ କୁଇଣ୍ଟାଲ ଚାନ୍ଦି ବ୍ୟବହାର କରାଯାଇ ସମ୍ପୂର୍ଣ୍ଣ ନୂଆ ଢାଞ୍ଚା ଏବଂ ଡିଜାଇନ୍‌ରେ ପ୍ରସ୍ତୁତ ହୋଇଥିବା ଏହି ମେଢ ଚଳିତବର୍ଷ ଦଶହରାର ମୁଖ୍ୟ ଆକର୍ଷଣ ସାଜିବ। ଏଥିପାଇଁ ଦେଢକୋଟି ଟଙ୍କା ଖର୍ଚ୍ଚ ହୋଇଥିବା କମିଟି କର୍ମକର୍ତ୍ତା କହିଛନ୍ତି। ପୂର୍ବରୁ ଉତ୍ତର ମହମ୍ମଦିଆ ବଜାର ଓ ଦକ୍ଷିଣ ମହମ୍ମଦିଆ ବଜାର ପୂଜା କମିଟି ପକ୍ଷରୁ ହର-ପାର୍ବତୀଙ୍କୁ ପୂଜା କରାଯାଉଥିଲା। ପରେ ଦୁଇଟି ସାହି ଏକାଠି ହୋଇ ମା’ ଦୁର୍ଗାଙ୍କ ପୂଜା ଆରମ୍ଭ କରିଥିଲେ। ଜରି ମେଢ଼ରେ ମା’ଦୁର୍ଗା ପୂଜା ପାଉଥିଲେ। ପୂଜା କମିଟି ପକ୍ଷରୁ ୨୦୧୬ରୁ ଚାନ୍ଦି ମେଢ଼ ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ହେଲେ କୋଭିଡ୍ କାରଣରୁ ନିର୍ମାଣ ପ୍ରକ୍ରିୟାରେ ବିଳମ୍ବ ହୋଇଥିଲା। ଚଳିତବର୍ଷ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ବୁଧବାର ଏହି ମେଢ ଉଦ୍‌ଘାଟନ ହେବାର କାର୍ଯ୍ୟକ୍ରମ ରହିଛି। ଆସନ୍ତାବର୍ଷ ଚାନ୍ଦିରେ ସିଂହାସନ ନିର୍ମାଣ କରାଯିବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ମିଳିଛି।





“କଟକରେ ଦଶହରା ଆସିଲେ ଚାନ୍ଦି ମେଢ଼ର କଥା ମନକୁ ଆସିଥାଏ। ଚାନ୍ଦି ମେଢ ସହ ସୁନାମୁକୁଟ ଦେଖିବା ପାଇଁ ବିଭିନ୍ନ ମଣ୍ଡପରେ ଲୋକଙ୍କ ଭିଡ ଲାଗିଥାଏ। ଏହାକୁ ଦୃଷ୍ଟିରେ ରଖି ମହମ୍ମଦିଆ ବଜାର ପୂଜା କମିଟି ପକ୍ଷରୁ ଚାନ୍ଦି ମେଢ ନିର୍ମାଣ କରାଯାଇଛି। ବୁଧବାର ଚାନ୍ଦି ମେଢ ଉଦ୍‌ଘାଟନ ଉପଲକ୍ଷେ କଟକ ମହାନଗର ପୂଜା କମିଟି ଅନ୍ତର୍ଗତ ସମସ୍ତ ପୂଜା ମଣ୍ଡପର ସଭାପତି, ସମ୍ପାଦକ, ଶାନ୍ତି କମିଟି କର୍ମକର୍ତ୍ତା, ଲୋକ ପ୍ରତିନିଧି, ବିଶିଷ୍ଟ ବ୍ୟକ୍ତିଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯିବ ।

**ଭାନୁ ପ୍ରତାପ ସାହୁ, ସଭାପତି**



“ଏହି ସାହିରେ ସୁନା କାରିଗରଙ୍କ ସଂଖ୍ୟା ଅଧିକ ରହିଛି। ତେଣୁ ଚାନ୍ଦି ମେଢ଼ ତିଆରି କରିବା ପାଇଁ ପୂର୍ବରୁ ପରିକଳ୍ପନା କରାଯାଇଥିଲା। ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଜୋର୍‌ସୋର୍‌ରେ ଆଗେଇ ଚାଲିଛି। ନବମୀରେ ୫୦୦ ଲୋକଙ୍କ ପାଇଁ ଅନ୍ନ ଭୋଗ ଓ ଦଶମୀରେ ୨୦୦୦ ଲୋକଙ୍କ ପାଇଁ ଦହିପଖାଳ ବ୍ୟବସ୍ଥା କରାଯିବ। ମହାଷ୍ଟମୀରେ ୮କୁଇଣ୍ଟାଲ ଲଡ୍ଡୁ ଭୋଗ କରାଯାଇ ବଣ୍ଟନ କରାଯିବ।

**ଲିଙ୍ଗରାଜ ବାରିକ, ସାଧାରଣ ସମ୍ପାଦକ**

ମହମ୍ମଦିଆ ବଜାର ପୂଜା କମିଟି

# ‘ପ୍ରତୀକ୍ଷା’କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର

## ନନ୍ ଫିଚର୍ ବର୍ଗରେ ‘ଦ ହିଲିଙ୍ଗ ଟଚ୍’ ପୁରସ୍କୃତ

ଭୁବନେଶ୍ୱର,୧୭।୧୦
(ଶର୍ମିଷ୍ଠା ପାଣିଗ୍ରାହୀ)





ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ଅନୁପମ ପଟ୍ଟନାୟକ ଏବଂ ଡ. ଶ୍ୱେତ କୁମାର ଦାଶ ପୁରସ୍କାର ଗ୍ରହଣ କରୁଛନ୍ତି। (ଫଟୋ– ଚମନ ଗୌତମ)

ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ଭାବେ ‘ପ୍ରତୀକ୍ଷା’କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ମିଳିଛି। ମଙ୍ଗଳବାର ଦିଲ୍ଲୀ ବିଜ୍ଞାନ ଭବନରେ ଆୟୋଜିତ ୬୯ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ଚଳଚ୍ଚିତ୍ର ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ପୁରସ୍କାର ବାବଦରେ ୧ଲକ୍ଷ ଟଙ୍କାର ଅର୍ଥରାଶି ଓ ମାନପତ୍ର ଦିଆଯାଇଛି। ଏହି ଅବସରରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ସିଂ ଠାକୁର ଉପସ୍ଥିତ ଥିଲେ। ଆଞ୍ଚଳିକ ଭାଷାର ଫିଚର୍ ଫିଲ୍ମ ବିଭାଗରେ ଏହି ଚଳଚ୍ଚିତ୍ରଟି ବିଚାରକଙ୍କ ଦ୍ୱାରା ମନୋନୀତ ହୋଇଥିଲା। ପୁରସ୍କାର ଗ୍ରହଣ ପରେ ଅନୁପମ କହିଛନ୍ତି, ବହୁତ ଖୁସି ଲାଗୁଛି। ପ୍ରତ୍ୟେକ ଫିଲ୍ମ ନିର୍ମାତାଙ୍କ ଗୋଟିଏ ସ୍ୱପ୍ନ ଥାଏ ଜାତୀୟ ପୁରସ୍କାର ଗ୍ରହଣ କରିବା। ଆଜି ସେ ସ୍ୱପ୍ନ ପୂରଣ ହୋଇଛି। ଓଡ଼ିଶାରେ ଯେଉଁ ଫିଲ୍ମ ନିର୍ମାତାମାନେ ଅଛନ୍ତି ସେମାନଙ୍କ ପାଇଁ ଏହା ଏକ ‘ବୁଷ୍ଟ’ ହେବ। ଆଗକୁ ଭଲ ଭଲ ସିନେମା କରିବି। ନିର୍ମାତାମାନେ ଭଲ ଷ୍ଟୋରି କରିପାରିଲେ ନିହାତି ସମସ୍ତେ ଏଭଳି ପୁରସ୍କାର ପାଇପାରିବେ।

ବାପା ଆଉ ପୁଅର ଏକ ନିଆରା ସମ୍ପର୍କ ଏହି ଫିଲ୍ମରେ ଦେଖିବାକୁ ମିଳିଥିଲା। ଏହି ଫିଲ୍ମ ଖୁବ୍ ପ୍ରଶଂସା ସାଉଣ୍ଟିଥିଲା। ଦର୍ଶକମାନେ ଏହାକୁ ବହୁତ ପସନ୍ଦ କରିଥିଲେ। ଅମିୟ ପ୍ରଡକ୍ସନ ପକ୍ଷରୁ ନିର୍ମିତ ଏହି ଫିଲ୍ମଟି କଥାକାର ଗୌରହରି ଦାସଙ୍କ ‘ବାପା’ ନାମକ ଏକ କ୍ଷୁଦ୍ରଗଳ୍ପ ଉପରେ ଆଧାରିତ। ଉକ୍ତ ଚଳଚ୍ଚିତ୍ରର ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ରୋଶନ ବିଶୋଇ। ବର୍ଷା ପଟ୍ଟନାୟକ ଏହାର କାର୍ଯ୍ୟନିର୍ବାହୀ ପ୍ରଯୋଜିକା ରହିଛନ୍ତି। ଦୀପନ୍ୱିତ ଦାଶମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ବର୍ଷା ପଟ୍ଟନାୟକ, ସିଦ୍ଧାନ୍ତ ମହାପାତ୍ର, ଶ୍ରୀଲା ତ୍ରିପାଠୀ, ଅବକାଶ ମିଶ୍ର, ସୁଶୀଲ ମିଶ୍ର ପ୍ରମୁଖ ଏଥିରେ ଅଭିନୟ କରିଛନ୍ତି। ଉକ୍ତ ଚଳଚ୍ଚିତ୍ର ୫୩ତମ ଇଣ୍ଟରନ୍ୟାଶନାଲ୍ ଫିଲ୍ମ ଫେଷ୍ଟିଭାଲ ଅଫ୍ ଇଣ୍ଡିଆ (ଆଇଏଫ୍ଏଫ୍ଆଇ)ର ଭାରତୀୟ ପାନୋରମା ବିଭାଗରେ ଏକମାତ୍ର ଓଡ଼ିଆ ଚଳଚ୍ଚିତ୍ର ଭାବେ ସ୍ଥାନ ପାଇଥିଲା। ସେହି ସମୟରେ ବଲିଉଡ୍ର ବିଶିଷ୍ଟ ଅଭିନେତା ଅନୁପମ ଖେର୍ ଏହି ଫିଲ୍ମ ଦେଖି ଭାବବିହ୍ୱଳ ହେବା ସହ ଏହାର ହିନ୍ଦୀ ରିମେକ୍ ଡେବ୍ୟୁ କରିବାକୁ ଘୋଷଣା କରିଥିଲେ। ଅନୁପମଙ୍କ ଏହି ସଫଳତା ପାଇଁ ଓଡ଼ିଆ ସିନେ ଜଗତରୁ ଶୁଭେଚ୍ଛାର ସୁଅ ଛୁଟିଛି। ସେହିପରି ୨୦୨୧ରେ ଡ. ଶ୍ୱେତ କୁମାର ଦାଶଙ୍କ ଦ୍ୱାରା ପ୍ରସ୍ତୁତ ଚଳଚ୍ଚିତ୍ର ‘ଦ ହିଲିଙ୍ଗ ଟଚ୍’ ମଧ୍ୟ ନନ୍ ଫିଚର୍ ଫିଲ୍ମ ବର୍ଗରେ ପୁରସ୍କୃତ ହୋଇଛି। ଡ. ଦାଶ ଏହି ପୁରସ୍କାର ଗ୍ରହଣ କରି କହିଛନ୍ତି, ଆଗକୁ ଆହୁରି ଭଲ ଫିଲ୍ମ କରିବାକୁ ଚେଷ୍ଟା କରିବି। ଏହି ପୁରସ୍କାର ଏକ ଚ୍ୟାଲେଞ୍ଜ ଆଣିଦେଲା। କରୋନା ସମୟରେ ସ୍ୱାମୀ ଆଇସିୟୁରେ ଚିକିତ୍ସିତ ହେଉଥିବା ବେଳେ ଫୋନ୍ ମାଧ୍ୟମରେ ସ୍ତ୍ରୀ କିଭଳି ତାଙ୍କ ମାନସିକ ଅବସାଦ ଦୂର କରିବା ସହ ତାଙ୍କୁ ମୃତ୍ୟୁମୁଖରୁ ଫେରାଇ ଆଣିଛନ୍ତି ତାହା ଏହି ଫିଲ୍ମରେ ଦର୍ଶାଯାଇଛି। ଅଭିନେତ୍ରୀ ଗାର୍ଗୀ ମହାନ୍ତି ଓ ଗଜେନ୍ଦ୍ର ପାଢ଼ୀ ଏହି ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ସୂର୍ଯ୍ୟକାନ୍ତ



@ ଦୀପକ



@ ସମ୍ପର୍କ



@ ସୁଜିତ୍



@ ବିଦେଶୀ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ଦଶହରାରେ ବନ୍ଦ ହେବନି ରାଜ୍ୟ ସଂଗ୍ରହାଳୟ

**ଭୁବନେଶ୍ୱର,୧୭।୧୦(ଶର୍ମିଷ୍ଠା ପାଣିଗ୍ରାହୀ):** ଦଶହରା ପାଇଁ ୪ ଦିନ ସରକାରୀ ଛୁଟି ଘୋଷଣା କରାଯାଇଛି। ଦଶହରା ଛୁଟିରେ ପୂର୍ବବର୍ଷ ଭଳି ରାଜ୍ୟ ସଂଗ୍ରହାଳୟ ବନ୍ଦ ରହିବ ନାହିଁ। ଚଳିତ ବର୍ଷ କେବଳ ଗୋଟିଏ ଦିନ ଅର୍ଥାତ ଦଶମୀ ଦିନ ବନ୍ଦ ରହିବା ସହିତ ଅନ୍ୟ ଦିନରେ ଖୋଲା ରହିବ। ଗତବର୍ଷ ଅନେକ ପର୍ଯ୍ୟଟକ ବା ଦର୍ଶକ ଦଶହରା ସମୟରେ ଆସିଥିବାବେଳେ ସଂଗ୍ରହାଳୟ ବନ୍ଦ ରହିଥିଲା ଏବଂ ନିରାଶ ହୋଇ ଫେରିଥିଲେ। ଏହାକୁ ଦୃଷ୍ଟିରେ ରଖି ସଂଗ୍ରହାଳୟ କର୍ତ୍ତୃପକ୍ଷ ଚଳିତ ବର୍ଷ ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ଏହିସମୟରେ ସମସ୍ତ କର୍ମଚାରୀ କାର୍ଯ୍ୟାଳୟରେ ଯୋଗଦେବେ। ଅନ୍ୟଦିନ ଭଳି କାର୍ଯ୍ୟ କରିବେ ଏବଂ ପରବର୍ତ୍ତୀ ସମୟରେ ଏହାର ପ୍ରତିବଦଳ ଛୁଟି ଦିଆଯିବ। ଦରଖାସ୍ତ ଜରିଆରେ ସମ୍ପୃକ୍ତ କର୍ମଚାରୀମାନେ ଛୁଟି ଆବେଦନ କରି ନେଇପାରିବେ ବୋଲି ସଂଗ୍ରହାଳୟ ପକ୍ଷରୁ ସୂଚନା ଦିଆଯାଇଛି।

### ବନ୍ଧୁକ, ଗୁଳି ଜବତ: ୨ ଗିରଫ





**କଟକ, ୧୭।୧୦ (କାର୍ତ୍ତିକ ସାହୁ):** ବେଆଇନ ବନ୍ଧୁକ କାରବାର ଅଭିଯୋଗରେ ଲାଲବାଗ ପୋଲିସ ୨ ଜଣଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଜଗତ୍‌ସିଂହପୁର ଟାଉନ ଥାନା ଅନ୍ତର୍ଗତ ଡିହସାହିର ରାଜା ଓରଫ ରଜତ ରାଉତ(୨୬), ତିର୍ତ୍ତୋଲ ଥାନା ଅନ୍ତର୍ଗତ କାତ୍ରା ଗ୍ରାମର ଶୁଭକାନ୍ତ ନାୟକ ଓରଫ ପାପି(୨୬)। ସେମାନଙ୍କଠାରୁ ୨ଟି ବନ୍ଧୁକ ଓ ୫ଟି ଗୁଳି ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ. ୨୭୯/୨୩) ରୁଜୁ ହୋଇଛି। ବେଲିଭ୍ୟୁ ଛକରେ ଅଭିଯୁକ୍ତମାନେ ଚୋରା ବନ୍ଧୁକ ବିକ୍ରି ଉଦ୍ଦେଶ୍ୟରେ ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। ଏହି ସମୟରେ ପୋଲିସ ସେଠାରେ ଚଢ଼ାଉ କରି ସେମାନଙ୍କୁ କାବୁ କରିଥିଲା।



ଭୁବନେଶ୍ୱର ଅର୍ବାନ ହାଟରେ ଆୟୋଜିତ ସ୍ୱତନ୍ତ୍ର ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳାର ଏକ ଷ୍ଟଲ୍‌ରେ ଅତିଥିମାନେ ବସ୍ତ୍ର ଦେଖୁଛନ୍ତି। (ଫଟୋ–ମନୋରଞ୍ଜନ)

## ସ୍ୱତନ୍ତ୍ର ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା ଉଦ୍‌ଘାଟିତ

ଭୁବନେଶ୍ୱର,୧୭।୧୦
(ଅନୁରାଧା ମହାରଣା)

**ଅର୍ବାନ ହାଟରେ ୩୧ ପର୍ଯ୍ୟନ୍ତ ଚାଲିବ**

ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ଅନୁମୋଦିତ ବାର୍ଷିକ ତାଲିକା ଆଧାରରେ ଚଳିତବର୍ଷ ସମ୍ବଲପୁରୀ ବସ୍ତ୍ରାଳୟ ଦ୍ୱାରା ଏକ ସ୍ୱତନ୍ତ୍ର ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳାର ଆୟୋଜନ କରାଯାଇଛି। ସ୍ଥାନୀୟ ଅର୍ବାନ ହାଟରେ ଏହି ମେଳା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ମେଳାରେ ରାଜ୍ୟର ବିଭିନ୍ନ ଜିଲାରେ ଥିବା ତନ୍ତବାୟ ସମିତି ଏସ୍ଏଚ୍‌ଜି ବୁଣାକାରମାନଙ୍କ ଦ୍ୱାରା ପ୍ରସ୍ତୁତ ଲୁଗାର ବିକ୍ରୟ ବୃଦ୍ଧି କରି ବୁଣାକାରଙ୍କୁ ନିୟମିତ କାମ ଯୋଗାଇଦେବା ଏହି ମେଳାର ଉଦ୍ଦେଶ୍ୟ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବୟନଶିଳ୍ପ ନିର୍ଦ୍ଦେଶକ ଶୋଭନ୍ କ୍ରିଷ୍ଣା ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଭୁବନେଶ୍ୱର ବୟନଶିଳ୍ପ ଯୁଗ୍ମ ନିର୍ଦ୍ଦେଶକ ଦେବଜିତ ନନ୍ଦି, ସମ୍ବଲପୁରୀ ବସ୍ତ୍ରାଳୟର ସଭାପତି ସମ୍ବିତ କୁମାର ଆଚାର୍ଯ୍ୟ ଓ ବାଣିଜ୍ୟ ଅଧିକାରୀ ହେମନ୍ତ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ମେଳାରେ ସମ୍ବଲପୁରୀ ବସ୍ତ୍ରାଳୟ ସହ ରାଜ୍ୟର ବରଗଡ, କଟକ, ସୋନପୁର, ଆଠଗଡ, ବାରିପଦା, ବାଲେଶ୍ୱର, ପାଟଣାଗଡ, ନୟାଗଡ, ଖୋର୍ଦ୍ଧା ଓ ବୌଦ୍ଧ ବୟନ ମଣ୍ଡଳରୁ ୩୩ଟି ତନ୍ତବାୟ ସମିତି ଏସ୍ଏଚ୍‌ଜିର ବୁଣାକାର ସେମାନଙ୍କ ଉତ୍ପାଦିତ ଲୁଗାର ପ୍ରଦର୍ଶନୀ ଓ ବିକ୍ରି ପାଇଁ ପହଞ୍ଚିଛନ୍ତି। ସେମାନଙ୍କୁ ୩୪ଟି ଦେୟମୁକ୍ତ ଷ୍ଟଲ ପ୍ରଦାନ କରାଯାଇଛି। ଏହି ମେଳା ଅକ୍ଟୋବର ୩୧ ପର୍ଯ୍ୟନ୍ତ ଚାଲିବ। ଏକାମ୍ର ହାଟରେ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗଙ୍କ ପ୍ରଚେଷ୍ଟାରେ ଚଳିତବର୍ଷ ଅକ୍ଟୋବର–୨୩ ସୁଦ୍ଧା ରାଜ୍ୟର ହସ୍ତତନ୍ତ ବୁଣାକାର ସଂସ୍ଥା ଓ ହସ୍ତଶିଳ୍ପ କାରିଗର ଭାଗ ନେଇ ଯଥାକ୍ରମେ ୨୭୮.୬୫ ଲକ୍ଷ ଓ ୧୨୫.୨୯ଲକ୍ଷ ମୋଟ ୪୦୩.୯୪ଲକ୍ଷର କାରବାର କରିପାରିଛନ୍ତ। ଏହାମଧ୍ୟରେ ଏକାମ୍ର ହାଟକୁ ୨ ଲକ୍ଷ ଲୋକ ଆଗମନ କରିଛନ୍ତି।

## ଜବତ ବାଣ ଓ ମଦ ଚୋରାଚାଲାଣ ଘଟଣା: କନ୍‌ଷ୍ଟେବଲ ନିଲମ୍ବିତ

ବେଗୁନିଆ,୧୭।୧୦(ହରପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ପରିସରରେ ଥିବା ଜବତ ବାଣ ଓ ମଦ ଚୋରାଚାଲାଣ ଘଟଣାରେ ଜଣେ କନ୍‌ଷ୍ଟେବଲ ନିଲମ୍ବିତ ହୋଇଛନ୍ତି। ସେ ହେଲେ ଏହି ଥାନାରେ କାର୍ଯ୍ୟରତ ସିଦ୍ଧେଶ୍ୱର ମହାପାତ୍ର। ଏନେଇ ଜିଲା ପୋଲିସ ମୁଖ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଘଟଣାରେ ମହାପାତ୍ର ଦୋଷ ସ୍ୱୀକାର କରିବା ସହ ଭୁଲ୍ ମାଗିଥିଲେ। ଏପରିକି ଆଉ କେବେ ଏଭଳି ଭୁଲ୍ କରିବେ ନାହିଁ ବୋଲି ଜନସାଧାରଣଙ୍କ ଆଗରେ କ୍ଷମା ମାଗୁଥିବା ଭିଡିଓ ଭାଇରାଲ ହୋଇଥିଲା। ଅନ୍ୟପକ୍ଷରେ ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି ଏସ୍‌ଡିପିଓ ଦିଲୀପ ଦାସ ସୂଚନା ଦେଇଛନ୍ତି। ସୂଚନାଥାଉ କି, ଏହି ଥାନା ଅଧୀନ କଣ୍ଟାବାଡ଼ସ୍ଥିତ ମୁକୁନ୍ଦପୁର ଗ୍ରାମର ବିଶ୍ୱନାଥ ମହାପାତ୍ରଙ୍କ ଘରେ ଗତ ଶନିବାର ପୋଲିସ ଚଢ଼ାଉ କରି ୧୨ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ବାଣ ଜବତ କରିଥିଲା। ସେହିଦିନ ଆଉ ଏକ ମାମଲାରେ ଦୁର୍ଘଟଣା ଘଟାଇଥିବା କାର୍‌ରୁ ପୋଲିସ ବିପୁଳ ପରିମାଣର ବିଦେଶୀ ମଦ ଜବତ କରିଥିଲା। ଜବତ ବାଣ ଓ ମଦ ଥାନା ପରିସରରେ ରହିଥିଲା। ତେବେ ବିଳମ୍ବିତ ରାତିରେ ଥାନା ପଛପଟ ଫାଟକ ଦେଇ ଜବତ ବାଣ ଓ ମଦ ଏକ ଭଡ଼ା କାର୍‌ରେ ଚୋରାଚାଲାଣ ବେଳେ ସରପଞ୍ଚ ସତ୍ୟନାରାୟଣ ପ୍ରଧାନ ଓ ସ୍ଥାନୀୟ ଲୋକେ ଉକ୍ତ ଗାଡ଼ିର ଡ୍ରାଇଭର ଓ ଜଣେ ହୋମଗାର୍ଡଙ୍କୁ ଧରି ଏସ୍‌ଡିପିଓଙ୍କ ଜିମା ଦେଇଥିଲେ।

## ବିଶ୍ୱ ଦକ୍ଷତା କେନ୍ଦ୍ର

## ଇଣ୍ଟର୍ନଶିପ୍‌ରେ ସିଙ୍ଗାପୁର ଗଲେ ୨୪ ଛାତ୍ରୀଛାତ୍ର

ଭୁବନେଶ୍ୱର, ୧୭।୧୦(ଅସମାପିକା ସାହୁ)



ଇଣ୍ଟର୍ନଶିପ୍ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀଛାତ୍ରମାନେ।

ବିଶ୍ୱ ଦକ୍ଷତା କେନ୍ଦ୍ରରେ ବିଭିନ୍ନ ଅତ୍ୟାଧୁନିକ ବିଷୟରେ ତାଲିମ ନେଉଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୪ ଜଣଙ୍କୁ ବଛାଯାଇ ‘ଷ୍ଟୁଡେଣ୍ଟ ଇଣ୍ଟର୍ନଶିପ୍’ କାର୍ଯ୍ୟକ୍ରମରେ ସିଙ୍ଗାପୁର ପଠାଯାଇଛି। ଏହି ଛାତ୍ରୀଛାତ୍ରମାନେ ଭୁବନେଶ୍ୱର–ସିଙ୍ଗାପୁର ସିଧାସଳଖ ବିମାନ ଯୋଗେ ମଙ୍ଗଳବାର ସକାଳୁ ଯାତ୍ରା କରିଥିଲେ। ବିମାନରେ ବସି ବିଦେଶ ଯାଉଥିବାରୁ ସେମାନଙ୍କ ଭିତରେ ବିଶେଷ ଉତ୍ସାହ ଦେଖିବାକୁ ମିଳିଥିଲା। ୬ମାସିଆ ପେଡ୍ ଇଣ୍ଟର୍ନଶିପ୍ କାର୍ଯ୍ୟକ୍ରମରେ ଯାଇଥିବା ଛାତ୍ରୀଛାତ୍ରମାନେ ସିଙ୍ଗାପୁରର ବିଭିନ୍ନ ପ୍ରମୁଖ କମ୍ପାନୀରେ କାମ କରିବେ। ନୂଆ ନୂଆ ଜ୍ଞାନକୌଶଳକୁ ବ୍ୟବହାର କରି ବିଶ୍ୱସ୍ତରୀୟ କମ୍ପାନୀଗୁଡ଼ିକରେ କିପରି କାମ କରାଯାଏ ତାହା ସେମାନେ ଶିଖିବାକୁ ପାଇବେ। ଏହି ଅବସରରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଅଧ୍ୟକ୍ଷା ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ଅଳକା ମିଶ୍ର ସିଙ୍ଗାପୁର ଯାଇଥିବା ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମ ସେମାନଙ୍କ ଭିତରେ ଥିବା ଦକ୍ଷତାକୁ ଆହୁରି ଶାଣିତ କରିବା ସହ ସେମାନଙ୍କ ମନରେ ନୂଆ ସାହସ ଆଣିଦେବ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମ ସମ୍ପର୍କରେ ବିଶ୍ୱ ଦକ୍ଷତା କେନ୍ଦ୍ରର ଛାତ୍ର ସୁମନ କୁମାର ମଲ୍ଲିକ କହିଛନ୍ତି, ସିଙ୍ଗାପୁର ଯାଇ ସେଠାରେ ବଡ଼ କମ୍ପାନୀରେ କାମ କରିବି ବୋଲି କେବେ ଭାବି ନ ଥିଲି। ବିଶ୍ୱ ଦକ୍ଷତା କେନ୍ଦ୍ରରେ ମେକାନିକାଲ ଆଣ୍ଡ୍ ଇଲେକ୍ଟ୍ରିକାଲ ସର୍ଭିସେସ୍‌ରେ ତାଲିମ ନେବା ଫଳରେ ଏହି ସ୍ୱପ୍ନ ଆଜି ସାକାର ହୋଇଛି। ସିଙ୍ଗାପୁରରେ ମୋତେ ଅନେକ କଥା ଶିଖିବାକୁ ମିଳିବ। ଅନ୍ତର୍ଜାତୀୟ ସ୍ତରର କମ୍ପାନୀଗୁଡ଼ିକରେ କିପରି ଉନ୍ନତ ମାନର ବୈଷୟିକ ଜ୍ଞାନକୌଶଳକୁ ବ୍ୟବହାର କରି କାମ କରାଯାଉଛି ତାହା ଜାଣିବାର ସୁଯୋଗ ମିଳିବ।

## ଭୁବନେଶ୍ୱର କୋର୍ଟ ପରିସରରୁ କଏଦୀ ଚମ୍ପଟ୍

ଭୁବନେଶ୍ୱର,୧୭।୧୦
(ସତ୍ୟଜିତ୍ ରାଉତ)

ପାଇଖାନା ଯିବା ଆଳରେ ଭୁବନେଶ୍ୱର କୋର୍ଟ ପରିସରରୁ ମଙ୍ଗଳବାର ଜଣେ ବିଚାରାଧୀନ କଏଦୀ ଚମ୍ପଟ ମାରିଛନ୍ତି। ସେ ହେଲେ କ୍ୟାପିଟାଲ ଥାନା ଅନ୍ତର୍ଗତ କେଦାରପଲ୍ଲୀ ବସ୍ତିର ପ୍ରଶାନ୍ତ ଘଡ଼େଇ (୨୧)। ଏସ୍କର୍ଟ ଟିମ୍ ପକ୍ଷରୁ ହାବିଲଦାର ମେଜର ଏନେଇ ବଡ଼ଗଡ଼ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏସଂକ୍ରାନ୍ତରେ ଆଇପିସି ଦଫା ୨୨୪ରେ ଏକ ମାମଲା (ନଂ. ୫୬୮/୨୦୨୩) ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ପ୍ରଶାନ୍ତଙ୍କ ନାଁରେ ବିଭିନ୍ନ ଥାନାରେ ଡକାୟତି, ଚୋରି ଆଦି ମାମଲା ରହିଛି। ଏପରିକି ସେ ଅଭ୍ୟାସଗତ ଅପରାଧୀ ହୋଇଥିବାରୁ ତାଙ୍କ ନାମରେ ସିଆର୍‌ପିସି–୧୧୦ ଧାରା ଅନୁଯାୟୀ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଗତ ଜୁଲାଇ ୧୫ରୁ ପ୍ରଶାନ୍ତ ଗିରଫ ହୋଇ ଝାରପଡ଼ା ଜେଲରେ ବିଚାରାଧୀନ କଏଦୀ ଭାବେ ଦିନ କାଟୁଥିଲେ। ତେବେ ମଙ୍ଗଳବାର ଏକ ମାମଲାର ଶୁଣାଣି ଥିବାରୁ ଏସ୍କର୍ଟ ଟିମ୍ ପ୍ରଶାନ୍ତଙ୍କ ସମେତ ଅନ୍ୟ ବିଚାରାଧୀନ କଏଦୀଙ୍କୁ କୋର୍ଟକୁ ନେଇଥିଲା। ଶୁଣାଣି ଶେଷ ହେବା ପରେ ପ୍ରଶାନ୍ତ ପାଇଖାନା ଯିବାକୁ କହିଥିଲେ। ଟଏଲେଟ୍ ଯିବାକୁ କହି ସେ କୌଶଳକ୍ରମେ ଖସି ପଳାଇଥିଲେ। କଡ଼ା ସୁରକ୍ଷା ସତ୍ତ୍ୱେ କୋର୍ଟ ପରିସରରୁ ପ୍ରଶାନ୍ତ ଖସିଯିବାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଏଭଳି ଢ଼ିଲାପଣ ପାଇଁ ଏସ୍କର୍ଟ ଟିମ୍‌କୁ ବିଭିନ୍ନ ମହଲରେ ଦାୟୀ କରାଯାଇଛି। ପୋଲିସ ଟିମ୍ ପ୍ରଶାନ୍ତଙ୍କୁ ଧରିବାକୁ ଖୋଜାଖୋଜି କରିବା ସହ କୋର୍ଟ ଏବଂ ଆଖପାଖ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରୁଛି। ପ୍ରଶାନ୍ତଙ୍କ ପରିବାର ଲୋକ ଏବଂ ପଡ଼ୋଶୀଙ୍କୁ ମଧ୍ୟ ପୋଲିସ ଟିମ୍ ପଚରାଉଚରା କରୁଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୮ ଅକ୍ଟୋବର, ୨୦୨୩



## ସ୍ତ୍ରୀଙ୍କୁ ଶାବଳରେ ପିଟି ହତ୍ୟା

ମୋରଡ଼ା,୧୭।୧୦(ସ୍ମାରକ ମାଝୀ): ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ତଥା ଚିତ୍ରଡ଼ା ଫାଣ୍ଡି ଅଧୀନ ସମାଇଡ଼ିହି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଘରୋଇ କଳିକୁ କେନ୍ଦ୍ରକରି ସ୍ତ୍ରୀଙ୍କୁ ଶାବଳରେ ପିଟି ହତ୍ୟା କରିଛନ୍ତି ସ୍ୱାମୀ। ମୃତ ମହିଳା ହେଲେ ଲକ୍ଷ୍ମୀ ଭକ୍ତା। ଅଭିଯୁକ୍ତ ସ୍ୱାମୀ ରାଜୁ ଭକ୍ତାଙ୍କୁ ପୋଲିସ ଗିରଫ କରିଛି। ଏନେଇ ଥାନାରେ ଏକ ମାମଲା(ନଂ.୩୭୨/୨୩) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଟିଆଁସୀ ଗ୍ରାମର ରାଜୁ ଓ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ସମାଇଡ଼ିହି ଗ୍ରାମସ୍ଥିତ ପିଉସୀଙ୍କ ଘରେ ରହୁଥିଲେ। ସୋମବାର ବିଳମ୍ବିତ ରାତିରେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ରାଜୁ ଏକ ଶାବଳରେ ତାଙ୍କ ମୁଣ୍ଡକୁ ପିଟି ହତ୍ୟା କରିଥିଲେ।

# ମହିଳାଙ୍କୁ ବଳାତ୍କାର ପରେ ହତ୍ୟା, ୨ ଅଟକ

ପାଟଣା,୧୭।୧୦ (ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ଆହାରପଡ଼ା ଫିଲଡ୍ ସାହିରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ମଙ୍ଗଳବାର ଜଣେ ବିଧବାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତା ମହିଳା ଆହାରପଡ଼ା ଅଞ୍ଚଳର ବୋଲି ଜଣାପଡ଼ିଛି। ତାଙ୍କର ୪ ପୁଅ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୨ ଜଣଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ସୋମବାର ମହିଳାଜଣଙ୍କ ସମ୍ପର୍କୀୟଙ୍କ ଶୁଦ୍ଧିକାର୍ଯ୍ୟରେ ଯୋଗଦେବାକୁ ଆସିଥିଲେ। ମଙ୍ଗଳବାର ସକାଳେ ଫିଲଡ୍ ସାହି ନିକଟ ଏକ ବାଉଁଶ ବୁଦା ନିକଟରେ ତାଙ୍କ ମୃତଦେହ ପଡ଼ିଥିବା ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ସହ କେନ୍ଦୁଝରର ଆସିଷ୍ଟାଣ୍ଟ ସାଇଣ୍ଟିଫିକ ଅଫିସର ଧର୍ମେନ୍ଦ୍ର ପାତ୍ର ପହଞ୍ଚି ତଦନ୍ତ କରି ଫେରିଛନ୍ତି। ମା'ଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ପୁଅମାନେ ଥାନାରେ ଅଭିଯୋଗ କରିଥିବା ସାହାରପଡ଼ା ଫାଣ୍ଡି ଅଧିକାରୀ ଶିବ ଶଙ୍କର ଆଲଦା କହିଛନ୍ତି। ପାଟଣା ଥାନା ଅଧିକାରୀ ଦୀପ୍ତିରଞ୍ଜନ ସାହୁ କହିଛନ୍ତି, ପାରିପାର୍ଶ୍ୱିକ ସ୍ଥିତିରୁ ଉକ୍ତ ମହିଳାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଜଣାପଡୁଛି। ଏନେଇ ଥାନାରେ ଏକ ମାମଲା (ନଂ. ୧୮୭/୨୩) ରୁଜୁ ହୋଇଛି। ଅନ୍ୟପକ୍ଷରେ ବ୍ୟବଚ୍ଛେଦ କରିଥିବା ଡ. ମନସ୍ମିତା ପ୍ରଧାନ ତାଙ୍କ ରିପୋର୍ଟରେ ମୃତ ମହିଳାଙ୍କୁ ବଳାତ୍କାର ପରେ ତଣ୍ଟି ଚିପି ହତ୍ୟା କରାଯାଇଥିବା ଦର୍ଶାଇଛନ୍ତି ବୋଲି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼. ଲକ୍ଷ୍ମଣ ମହାନ୍ତ କହିଛନ୍ତି।



ଫଟୋ: ମନୋରଞ୍ଜନ ମିଶ୍ର

ରାଜ୍ୟରେ ବନ୍ଦ ଥିବା ସମସ୍ତ ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ତୁରନ୍ତ ଖୋଲାଯିବା ସମେତ କେତେକ ଦାବିରେ ଏଆଇଡିଏସ୍‌ଓ ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକ ନିକଟରେ ବିକ୍ଷୋଭ ଶୋଭାଯାତ୍ରା।

# 'ବନ୍ଦ ସରକାରୀ ପ୍ରାଥମିକ ବିଦ୍ୟାଳୟ ଖୋଲାଯାଉ'

## ଏଆଇଡିଏସ୍‌ଓ ପକ୍ଷରୁ ଗାନ୍ଧୀ ମାର୍ଗରେ ବିକ୍ଷୋଭ

ଭୁବନେଶ୍ୱର,୧୭।୧୦ (ଅନୁରାଧା ମହାରଣା)

ରାଜ୍ୟରେ ବନ୍ଦ କରାଯାଇଥିବା ସମସ୍ତ ସରକାରୀ ପ୍ରାଥମିକ ବିଦ୍ୟାଳୟଗୁଡ଼ିକୁ ଅବିଳମ୍ବେ ଖୋଲିବା, ସ୍ଥାୟୀ ଭିତ୍ତିରେ ଆବଶ୍ୟକ ସଂଖ୍ୟକ ଶିକ୍ଷୟିତ୍ରୀ ଶିକ୍ଷକ, ଅଧ୍ୟାପିକା ଅଧ୍ୟାପକ, ଶିକ୍ଷା କର୍ମଚାରୀ ପଦବୀ ତୁରନ୍ତ ପୂରଣ କରିବା, ପ୍ରତ୍ୟକ୍ଷ ଛାତ୍ର ସଂସଦ ନିର୍ବାଚନ କରିବା, ଜାତୀୟ ଶିକ୍ଷା ନୀତି-୨୦୨୦କୁ ସମ୍ପୂର୍ଣ୍ଣ ବାତିଲ କରିବା ସହ ଅନ୍ୟାନ୍ୟ ଦାବିରେ ଏଆଇଡିଏସ୍‌ଓ ପକ୍ଷରୁ ଗାନ୍ଧୀମାର୍ଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ବିକ୍ଷୋଭରେ ରାଜ୍ୟର ପ୍ରାୟ ସମସ୍ତ ଜିଲାରୁ ହଜାର ହଜାର ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ବିକ୍ଷୋଭ ପୂର୍ବରୁ ଆନ୍ଦୋଳନକାରୀ ଛାତ୍ରୀଛାତ୍ରମାନେ ମାଷ୍ଟରକ୍ୟାଣ୍ଟିନ ଛକରୁ ଏକ ଶୋଭାଯାତ୍ରାରେ ବାହାରିଥିଲେ। ବିଦ୍ୟାଳୟ ସୁରକ୍ଷା କମିଟି ପକ୍ଷରୁ ଚାଲୁଥିବା ଆନ୍ଦୋଳନରେ ସାମିଲ ହୋଇଥିବା ଅଭିଭାବକମାନେ ମଧ୍ୟ ଏହି ବିକ୍ଷୋଭରେ ଯୋଗଦେଇଥିଲେ। ବିକ୍ଷୋଭ ସ୍ଥଳରେ ଏଆଇଡିଏସ୍‌ଓ ରାଜ୍ୟ ସମ୍ପାଦକ ସିଦ୍ଧାର୍ଥ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ରାଜ୍ୟ ସଭାପତି ସୋମନାଥ ବେହେରା, ଉପସଭାପତି ନିରୁପମା ବେହେରା ତଥା ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସିଥିବା ଛାତ୍ରୀଛାତ୍ର ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବିକ୍ଷୋଭ ସ୍ଥଳରୁ ସଭାପତି ବେହେରାଙ୍କ ନେତୃତ୍ୱରେ ପ୍ରତିନିଧି ମଣ୍ଡଳୀ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ।

## ଶହୀଦ ଯବାନଙ୍କ ଦଶାହରେ ଅଘଟଣ

# ନଦୀରେ ବୁଡ଼ି ୨ ଭାଇ ମୃତ

### ବାରଡ଼ିଆରେ ଶୋକାକୁଳ ପରିବେଶ

ଜଗତ୍‌ସିଂହପୁର, ୧୭।୧୦ (ପ୍ରମୋଦ କୁମାର ନାୟକ)


ଶୁଭରଞ୍ଜନ ପାଲ


ସ୍ୱଦେଶ ପାଲ

ଜଗତ୍‌ସିଂହପୁର ଜିଲା ବିରିଡ଼ି ବ୍ଲକ ବାରଡ଼ିଆ ଗ୍ରାମରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଯାଇଛି। ଏହି ଗାଁର ବିଏସ୍‌ଏଫ୍ ଯବାନ ସତ୍ୟନାରାୟଣ ପାଲ (୩୨)ଙ୍କ ଦଶାହ କର୍ମରେ ଯୋଗଦେବାକୁ ବାରଡ଼ିଆ ଦେବୀ ନଦୀ ପଠାକୁ ଯାଇଥିବା ୩ ଜଣ ସମ୍ପର୍କୀୟଙ୍କ ମଧ୍ୟରୁ ୨ ଜଣ ନଦୀରେ ବୁଡି ପ୍ରାଣ ହରାଇଛନ୍ତି। ସେମାନେ ହେଲେ ମୃତ ଯବାନଙ୍କ ଭାଇ ଶୁଭରଞ୍ଜନ ପାଲ (୩୨) ଓ ସ୍ୱଦେଶ ପାଲ (୨୨)। ଶୁଭରଞ୍ଜନ ହାଇଦ୍ରାବାଦର ଏକ କଲେଜରେ ଆସିଷ୍ଟାଣ୍ଟ ପ୍ରଫେସର ଥିବାବେଳେ ସ୍ୱଦେଶ କଟକ ଜିଲା ଅଡ଼ଶପୁରସ୍ଥିତ ଉଦୟନାଥ କଲେଜ ଅଫ୍ ସାଇନ୍ସ ଆଣ୍ଡ ଟେକ୍‌ନୋଲୋଜିରେ ଯୁକ୍ତ ୩ ଶେଷବର୍ଷ ବିଜ୍ଞାନ ପରୀକ୍ଷା ଦେଇଥିବା ଛାତ୍ର। ଉଭୟଙ୍କୁ ସ୍ଥାନୀୟ ଲୋକେ ପାଣିରୁ ଉଦ୍ଧାର କରି ଅଡ଼ଶପୁରସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଯୁବକଦ୍ୱୟଙ୍କ ଏଭଳି ଅକାଳ ମୃତ୍ୟୁ ଖବର ସାରା ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ଅପରପକ୍ଷେ ମୃତ ଯବାନଙ୍କ ପୁତୁରା ଅନ୍ୱେଷ କୁମାର ପାଲ ପାଣିରେ ବୁଡ଼ିଯାଇଥିଲେ ସୁଦ୍ଧା ସୌଭାଗ୍ୟବଶତଃ ରକ୍ଷା ପାଇଯାଇଛନ୍ତି। ସେ ମଧ୍ୟ ଉଦୟନାଥ କଲେଜ ଅଫ୍ ସାଇନ୍ସ ଆଣ୍ଡ ଟେକ୍‌ନୋଲୋଜିରେ ଶେଷବର୍ଷ ବିଜ୍ଞାନ ପରୀକ୍ଷା ଦେଇଛନ୍ତି। ସେ ଏବେ ସୁସ୍ଥ ଥିବା ପରିବାର ପକ୍ଷରୁ କୁହାଯାଇଛି।

ସୂଚନା ଅନୁଯାୟୀ, ମୃତ ସତ୍ୟ ୧୦ ବର୍ଷ ହେବ ବିଏସ୍‌ଏଫ୍ ଯବାନ ଭାବେ କାର୍ଯ୍ୟ କରୁଥିବାବେଳେ କୋଲକାତାରେ ପୋଷ୍ଟିଂ ହୋଇଥିଲେ। କିଛିଦିନ ପୂର୍ବରୁ ଛୁଟିରେ ଗାଁକୁ ଆସିଥିଲେ। କୌଣସି କାମରେ ଗତ ୮ ତାରିଖରେ ଭୁବନେଶ୍ୱର ଯାଇ ସନ୍ଧ୍ୟାରେ ଫେରୁଥିବାବେଳେ କଟକ ଜିଲା ଗୋବିନ୍ଦପୁର ଥାନା ଚୌପଡ଼ାଠାରେ ସଡ଼କ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଥିଲା। ୯ ତାରିଖରେ ଗ୍ରାମ ଶ୍ମଶାନରେ ବିଏସ୍‌ଏଫ ପକ୍ଷରୁ ତୋପ ସଲାମି ଓ ଗାର୍ଡ ଅଫ୍ ଅନର ଦିଆଯିବାପରେ ସତ୍ୟଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ମଙ୍ଗଳବାର ସତ୍ୟଙ୍କ ଦଶାହ କର୍ମ ପାଇଁ ପରିବାର, ବନ୍ଧୁବାନ୍ଧବ ଓ ସମ୍ପର୍କୀୟମାନେ ବାରଡ଼ିଆ ଦେବୀ ନଦୀପଠାରେ ଏକତ୍ରିତ ହୋଇଥିଲେ। ଶୁଦ୍ଧିକ୍ରିୟା ଚାଲିଥିବା ବେଳେ ଶୁଭରଞ୍ଜନ, ସ୍ୱଦେଶ ଓ ଅନ୍ୱେଷ ସ୍ନାନ ପାଇଁ ନଦୀ ଭିତରକୁ ପ୍ରବେଶ କରିଥିଲେ। ପହଁରା ଶିଖି ନ ଥିବାରୁ ନଦୀ ଭିତରକୁ ଗଲାବେଳେ ହଠାତ୍ ସେମାନେ ବୁଡ଼ିଯାଇଥିଲେ। ଏହା ଦେଖି ଉପସ୍ଥିତ ଲୋକେ ତୁରନ୍ତ ସେମାନଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରିଥିଲେ। ମାତ୍ର ଅନ୍ୱେଷ ରକ୍ଷାପାଇଯାଇଥିବାବେଳେ ଅନ୍ୟ ୨ ଜଣଙ୍କ ମୃତ୍ୟୁ ଘଟିଛି।

# ବର୍ଷାଙ୍କୁ ହାଇକୋର୍ଟଙ୍କ ନୋଟିସ୍

## ବର୍ଷା-ଅନୁଭବ ବିବାହ ବିଚ୍ଛେଦ ମାମଲା

କଟକ,୧୭।୧୦(କାର୍ତ୍ତିକ ସାହୁ)

ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କଠାରୁ ଛାଡ଼ପତ୍ର ନେଇ କଟକ ପରିବାର ଅଦାଲତଙ୍କ ରାୟ ବିରୋଧରେ ଅଭିନେତା ତଥା ଏମ୍‌ପି ଅନୁଭବ ମହାନ୍ତି କରିଥିବା ଆବେଦନକୁ ବିଚାର ପାଇଁ ହାଇକୋର୍ଟ ଗ୍ରହଣ କରିଛନ୍ତି। ବିଚାରପତି ଅରିନ୍ଦମ ସିହ୍ନା ଓ ଶିବଶଙ୍କର ମିଶ୍ରଙ୍କୁ ନେଇ ଖଣ୍ଡପୀଠ ମଙ୍ଗଳବାର ମାମଲାର ଶୁଣାଣି କରି ବର୍ଷା ପ୍ରିୟଦର୍ଶିନୀଙ୍କୁ ନୋଟିସ୍ କରିଛନ୍ତି। ଏଥିସହ ଏହି ମାମଲାର ରେକର୍ଡ ଦାଖଲ ପାଇଁ ହାଇକୋର୍ଟ ପରିବାର ଅଦାଲତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନଭେମ୍ବର ୯ରେ ଏହାର ପରବର୍ତ୍ତୀ ଶୁଣାଣି ହେବ।

ସେପ୍ଟେମ୍ବର ୨୨ରେ ପରିବାର ଅଦାଲତ ବର୍ଷା ଓ ଅନୁଭବଙ୍କ ପକ୍ଷରୁ ଆଗତ ପୃଥକ୍ ମାମଲା ଦ୍ୱୟକୁ ଖାରଜ କରିଦେଇଥିଲେ। ବର୍ଷାଙ୍କଠାରୁ ଛାଡ଼ପତ୍ର ନିମନ୍ତେ ଅନୁଭବଙ୍କ ପକ୍ଷରୁ ଓ ଅନୁଭବଙ୍କ ସହ ପୁନଃ ଅବସ୍ଥାପନ ପାଇଁ ବର୍ଷାଙ୍କ ପକ୍ଷରୁ ଆବେଦନ କରାଯାଇଥିଲା। ଉଭୟ ମାମଲାର ଶୁଣାଣି ପରିବାର ଅଦାଲତରେ ହୋଇଥିଲା। ଅନୁଭବଙ୍କ ଆବେଦନ ପ୍ରସଙ୍ଗରେ କୋର୍ଟରେ ଏକାଧିକ ମାମଲା, ଜବାବ ଓ ପ୍ରତିଜବାବ ରହୁଥିବାରୁ ଆବେଦନକୁ ଖାରଜ କରିଥିବା ଦର୍ଶାଇ ପରିବାର ଅଦାଲତ ମାମଲାର ଅନ୍ତ ଘଟାଇଥିଲେ। ସେହିପରି ବର୍ଷାଙ୍କ ପ୍ରସଙ୍ଗରେ କୋର୍ଟ ଦର୍ଶାଇଥିଲେ ଯେ, ସେ ତାଙ୍କ ସ୍ୱାମୀଙ୍କ ବିରୋଧରେ ଏକାଧିକ ମାମଲା ରୁଜୁକରି ପୁଣି ତାଙ୍କ ସହ ଏକତ୍ର ରହିବାକୁ ଚାହୁଁଛନ୍ତି। ଏପରି ସ୍ଥିତିରେ କୋର୍ଟ ଉଭୟଙ୍କ ଆବେଦନକୁ ଅଗ୍ରାହ୍ୟ କରିଦେଇଥିବାରୁ କେହି କାହା ପାଖରେ ରହିପାରିବେ ନାହିଁ ବୋଲି କହିଥିଲେ। ଅନୁଭବଙ୍କ ପକ୍ଷରୁ ଆଇନଜୀବୀ ଲଳିତେନ୍ଦୁ ମିଶ୍ର ମାମଲା ପରିଚାଳନା କରୁଛନ୍ତି।

# ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟାପକ ଗିରଫ

### ନକଲି ପରୀକ୍ଷାର୍ଥୀ ଗିରଫ ଘଟଣା

ଚଣ୍ଡିଖୋଲ,୧୭।୧୦(ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲା ବଡ଼ଚଣା ବ୍ଲକ୍ ସାଉଡ଼ିଆସ୍ଥିତ ରତ୍ନାକର ସଂସ୍କୃତ ମହାବିଦ୍ୟାଳୟରେ ଜଣେ ପରୀକ୍ଷାର୍ଥୀ ଓ ୨ ନକଲି ପରୀକ୍ଷାର୍ଥୀ ଧରାପଡ଼ି ଗିରଫ ହେବାପରେ ମଙ୍ଗଳବାର ଅଧ୍ୟାପକ ରାମକୃଷ୍ଣ ଶତପଥୀଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଚଣ୍ଡିଖୋଲ କୋର୍ଟରେ ଜେଏମ୍‌ଏଫ୍‌ସି ପରବିନ ମଣ୍ଡଳ ଜାମିନ ଖାରଜ କରି ତାଙ୍କୁ ରଗଡ଼ି ସବ୍‌ଜେଲକୁ ପଠାଇ ଦେଇଛନ୍ତି। ଗିରଫ ରାମକୃଷ୍ଣଙ୍କ ଘର ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅନ୍ତର୍ଗତ କମାର ଗଡ଼ିଆ ଗ୍ରାମରେ। ସେ ହଲ ନଂ.୫ରେ ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଅଧୀନରେ ଚାଲିଥିବା ଶାସ୍ତ୍ରୀ ପ୍ରଥମ ବର୍ଷ ପରୀକ୍ଷା ରତ୍ନାକର ସଂସ୍କୃତ ମହାବିଦ୍ୟାଳୟରେ ଅନୁଷ୍ଠିତ ହେଉଛି। ପରୀକ୍ଷା ସ୍କ୍ୱାଡ୍ ପରିଦର୍ଶନରେ ଆସିଥିବାବେଳେ ଦେଖିବାକୁ ପାଇଥିଲେ ୨ ପୁଅ ପରୀକ୍ଷାର୍ଥୀଙ୍କ ପାଇଁ ୨ ଝିଅ ପରୀକ୍ଷା ଦେଉଛନ୍ତି। ଏଥିନେଇ ସେ ବାଲିଚନ୍ଦ୍ରପୁର ଥାନାକୁ ଜଣାଇବା ପରେ ପୋଲିସ ପହଞ୍ଚି ଜଣେ ପରୀକ୍ଷାର୍ଥୀ ଓ ୨ ନକଲି ପରୀକ୍ଷାର୍ଥୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

# ୧୬୦ ଓଆରଏସ୍ ଅଫିସରଙ୍କ ବଦଳି

ଭୁବନେଶ୍ୱର,୧୭।୧୦(ଅନିଲ ଦାସ)

ଭାରତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ସରକାର ୧୬୦ଜଣ ଅତିରିକ୍ତ ତହସିଲଦାରଙ୍କ ବଦଳି କରିଛନ୍ତି। ନିର୍ବାଚନ କମିଶନଙ୍କ ଦ୍ୱାରା ଜାରି ବଦଳି ଓ ନିଯୁକ୍ତି ନୀତି ଆଧାରରେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ଓଡ଼ିଶା ରାଜସ୍ୱ ଅଧିକାରୀଙ୍କ ବଦଳି ହୋଇଛି। ଏ ନେଇ ମଙ୍ଗଳବାର ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ତହସିଲଗୁଡ଼ିକରେ ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟରତ ୧୬୦ ଓଆରଏସ୍ ଅଫିସରଙ୍କୁ ବିଭିନ୍ନ ସ୍ଥାନରେ ଆସିଷ୍ଟାଣ୍ଟ କଲେକ୍ଟର, ଅତିରିକ୍ତ ତହସିଲଦାର ଓ ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ବଦଳି କରାଯାଇଛି। ମଙ୍ଗଳବାର ଅପରାହ୍ନରେ ସେମାନେ କାର୍ଯ୍ୟ କରୁଥିବା ସ୍ଥାନରୁ ରିଲିଭ୍ କରାଯାଇଛି। ନୂଆ ସ୍ଥାନରେ ଅକ୍ଟୋବର ୨୫ ତାରିଖ ସୁଦ୍ଧା ଯୋଗଦେବାକୁ ଏହି ଅଫିସରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯାହାଫଳରେ ସେମାନେ ଅକ୍ଟୋବର ୨୭ରୁ ଆରମ୍ଭ ହେଉଥିବା ଫଟୋ ଇଲେକ୍ଟୋରାଲ ରୋଲ୍ ସ୍ୱତନ୍ତ୍ର ସଂଶୋଧନ କାର୍ଯ୍ୟରେ ନିୟୋଜିତ ହୋଇପାରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ଓଡ଼ିଶା ଏନର୍ଜି ଟ୍ରାଞ୍ଜିଶନ୍ କର୍ମଶାଳା

## ସବୁଜ ଶକ୍ତି ବିକାଶ ପାଇଁ ରାଜ୍ୟର ପ୍ରତିବଦ୍ଧତା ରହିଛି: ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,୧୭।୧୦(ସୁନିତ୍ ମିଶ୍ର)

ରାଜ୍ୟ ଶକ୍ତି ବିଭାଗର ତତ୍ତ୍ୱାବଧାନରେ ଗ୍ରୀଡ୍‌କୋ ପକ୍ଷରୁ ଓଡ଼ିଶା ଏନର୍ଜି ଟ୍ରାଞ୍ଜିଶନ୍ କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଆଇ-ଫରେଷ୍ଟ ଓ ଶକ୍ତି ଫାଉଣ୍ଡେଶନର ମିଳିତ ସହଯୋଗରେ ଅନୁଷ୍ଠିତ ଏହି କର୍ମଶାଳାକୁ ରାଜ୍ୟ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଉଦ୍‌ଘାଟନ କରିଛନ୍ତି। ଏହି କର୍ମଶାଳାରେ ମୁଖ୍ୟତଃ ରାଜ୍ୟର ଏନର୍ଜି ଟ୍ରାଞ୍ଜିଶନ୍ ନିମନ୍ତେ ପ୍ରସ୍ତୁତ ଯୋଜନା ସମ୍ପର୍କରେ ବ୍ୟାପକ ଆଲୋଚନା ଓ ପର୍ଯ୍ୟାଲୋଚନା କରାଯାଇଛି। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଓଡ଼ିଶା ଅକ୍ଷୟ ଶକ୍ତି ନୀତି-୨୦୨୨ ଆଧାରରେ ସବୁଜ ଶକ୍ତି ବିକାଶ ପାଇଁ ରାଜ୍ୟର ପ୍ରତିବଦ୍ଧତା ସମ୍ପର୍କରେ ଆଲୋକପାତ କରିଛନ୍ତି।

ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରି ରାଜ୍ୟ ଶକ୍ତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ କହିଛନ୍ତି, ଏକ ବଳିଷ୍ଠ ତଥା ସମୟୋପଯୋଗୀ ଶକ୍ତି କାର୍ଯ୍ୟ ଯୋଜନା ତଥା ଶକ୍ତି ଦକ୍ଷତା କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାରେ ରାଜ୍ୟ ସରକାର ପ୍ରଚେଷ୍ଟା କରିବା ସହ ସବୁଜ ଶକ୍ତି ଉତ୍ପାଦନ ଦିଗରେ ନୂତନ ଅଧ୍ୟାୟ ସୃଷ୍ଟି କରିଛନ୍ତି। ଏହି କର୍ମଶାଳାରେ ସବୁଜ ଶକ୍ତି, ପରିବହନ, ଶିଳ୍ପ, ଖଣି, କୃଷି ଓ ମତ୍ସ୍ୟଚାଷ ଆଦି ବିଭିନ୍ନ ବିଷୟ ଉପରେ ଭିନ୍ନ ଭିନ୍ନ ଅଧିବେଶନ ଆୟୋଜନ କରାଯାଇ ବିଶଦ୍ ଆଲୋଚନା କରାଯାଇଛି। ଏହି ଅଧିବେଶନରେ ଯୋଗ ଦେଇଥିବା ଜାତୀୟ ତଥା ଅନ୍ତର୍ଜାତୀୟ ବିଶେଷଜ୍ଞମାନେ ଅକ୍ଷୟ ଶକ୍ତି ଉତ୍ପାଦନ ଓ ଉପଯୋଗ ସମ୍ପର୍କରେ ସେମାନଙ୍କ ଅଭିଜ୍ଞତା ବାଣ୍ଟିଛନ୍ତି। ପାରମ୍ପରିକ ଶକ୍ତିରୁ ଅଣପାରମ୍ପରିକ ଶକ୍ତି ଦିଗରେ ଅଗ୍ରସର ହେବା ପାଇଁ ଆବଶ୍ୟକ ବିଭିନ୍ନ ବିଷୟ ଉପରେ ଏହି କର୍ମଶାଳାରେ ବିଶଦ ଭାବେ ଆଲୋଚନା କରାଯାଇଛି। ବିଭିନ୍ନ କ୍ଷେତ୍ରରୁ ଯୋଗଦେଇଥିବା ବିଶେଷଜ୍ଞମାନେ ନିଜ ନିଜ ବକ୍ତବ୍ୟରେ ୨୦୩୦ ସୁଦ୍ଧା ୫୦୦ ଗିଗାୱାଟ ନବୀକରଣ ଯୋଗ୍ୟ ଶକ୍ତି ଉତ୍ପାଦନ କ୍ଷମତା ହାସଲ କରିବା ପାଇଁ ଭାରତର ଲକ୍ଷ୍ୟ ପରିପ୍ରେକ୍ଷୀରେ ଏହି କର୍ମଶାଳା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି ବୋଲି ମତବ୍ୟକ୍ତ କରିଛନ୍ତି।

# ଧାର୍ଯ୍ୟ ସମୟରେ ବ୍ୟୟବରାଦ ଅର୍ଥ ଖର୍ଚ୍ଚକର: ମନ୍ତ୍ରୀ

ଭୁବନେଶ୍ୱର, ୧୭।୧୦ (ସୁନିତ୍ ମିଶ୍ର)

କୃଷି ଓ କୃଷକଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର କୃଷି ବଜେଟରେ ଅଧିକରୁ ଅଧିକ ଅର୍ଥ ବ୍ୟୟବରାଦ କରୁଛନ୍ତି। ତେଣୁ ବରାଦି ଅର୍ଥକୁ ଧାର୍ଯ୍ୟ ସମୟରେ ଖର୍ଚ୍ଚ କରିବା ଦିଗରେ ଅଧିକାରୀମାନେ ତତ୍ପର ହୁଅନ୍ତୁ। ଏପରି କଲେ ଯୋଜନାର ସଫଳ ରୂପାୟନ ହେବା ସହ ଚାଷୀଙ୍କୁ ସୁଫଳ ମିଳିପାରିବ ବୋଲି କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। କୃଷି ଭବନଠାରେ ମଙ୍ଗଳବାର ଆୟୋଜିତ ବୈଠକରେ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ମନ୍ତ୍ରୀ ସମୀକ୍ଷା କରିଛନ୍ତି। ଚାଷୀଙ୍କ ଆୟବୃଦ୍ଧି ନିମନ୍ତେ ଅଧିକ ଅର୍ଥକରୀ ଫସଲ ଓ ସମନ୍ୱିତ କୃଷିକୁ ଗୁରୁତ୍ୱ ଦିଆଯାଉଛି। କମ୍ ଖର୍ଚ୍ଚରେ ଅଧିକ ଉତ୍ପାଦନ ପାଇଁ ଉନ୍ନତ ଜ୍ଞାନକୌଶଳର ବ୍ୟବହାର ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଖରିଫ ଫସଲ ଅମଳ ପୂର୍ବରୁ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଅଧିକାରୀମାନେ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଛନ୍ତି।

# ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ସୋମାଲିକା

## ତିର୍ତ୍ତୋଲ ବିଧାୟକ ବିଜୟଶଙ୍କରଙ୍କ ବିବାହ ଆବେଦନ ପ୍ରସଙ୍ଗ

କଟକ,୧୭।୧୦ (କାର୍ତ୍ତିକ ସାହୁ)

ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସଙ୍କ ବିବାହ ପଞ୍ଜୀକରଣ ଆବେଦନ ବିରୋଧରେ ପୂର୍ବତନ ବାନ୍ଧବୀ ସୋମାଲିକା ଦାଶ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବିଜୟଶଙ୍କର କଟକ ସବ୍‌ରେଜିଷ୍ଟ୍ରାର ଅଫିସ୍‌ରେ ଅନ୍ୟ ଜଣେ ମହିଳାଙ୍କୁ ବିବାହ ପାଇଁ କରିଥିବା ଆବେଦନ ଅଗ୍ରାହ୍ୟ କରିବାକୁ ନିର୍ଦ୍ଦେଶ ଦେବା ସକାଶେ ନିଜ ପିଟିଶନରେ ନିବେଦନ କରିଛନ୍ତି।

ବିଜୟଶଙ୍କର କଟକ ଅରୁଣୋଦୟ ମାର୍କେଟ ଅଞ୍ଚଳର ଜଣେ ମହିଳାଙ୍କୁ ବିବାହ ନିମନ୍ତେ କଟକସ୍ଥିତ ସବ୍‌ରେଜିଷ୍ଟ୍ରାର ଅଫିସରେ ଆବେଦନ କରିଥିବା ଜଣାପଡ଼ିବା ପରେ ସୋମାଲିକା ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଆସନ୍ତା ୨୧ରେ ବିବାହ ଧାର୍ଯ୍ୟ ହୋଇଥିବାରୁ ସୋମାଲିକା ସବ୍‌ରେଜିଷ୍ଟ୍ରାରଙ୍କୁ ଭେଟି ବିଜୟଶଙ୍କରଙ୍କ ବିବାହ ଆବେଦନକୁ ରଦ୍ଦ କରିବାକୁ ଦାବି କରିଥିଲେ। ପୂର୍ବରୁ ବିଜୟଶଙ୍କର ସୋମାଲିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇଥିଲେ। କଥା ଆଗକୁ ବଢ଼ିବା ପରେ ଜଗତ୍‌ସିଂହପୁର ସବ୍‌ରେଜିଷ୍ଟ୍ରାରଙ୍କ ପାଖରେ ବିବାହ ପାଇଁ ଆବେଦନ କରାଯାଇଥିଲା। ହେଲେ ବିବାହ ଦିନ ବିଜୟଶଙ୍କର ସବ୍‌ରେଜିଷ୍ଟ୍ରାର ଅଫିସ୍‌କୁ ଯାଇ ନ ଥିଲେ। ସୋମାଲିକା ଜଗତ୍‌ସିଂହପୁର ଥାନାରେ ଅଭିଯୋଗ କରିବା ପରେ ବିଜୟଶଙ୍କରଙ୍କ ନାମରେ ମାମଲା ରୁଜୁ ହୋଇଥିଲା।

# ଅପହୃତ ୩ ବସ୍ କର୍ମଚାରୀ ପଶ୍ଚିମବଙ୍ଗରୁ ଉଦ୍ଧାର

## ୨ ଲକ୍ଷ ଟଙ୍କା ମୁଣ୍ଡ ଜାମିନ ରଖିଥିଲେ ଅପହରଣକାରୀ

ଭୋଗରାଇ, ୧୭।୧୦(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସୀମାନ୍ତ ବସ୍‌ଷ୍ଟାଣ୍ଡରୁ ଏକ ଯାତ୍ରୀବାହୀ ବସ୍‌ରୁ ୩ଜଣ ବସ୍ କର୍ମଚାରୀଙ୍କୁ ରବିବାର ସନ୍ଧ୍ୟାରେ ଅପହରଣ କରାଯାଇ ୨ଲକ୍ଷ ଟଙ୍କା ମୁଣ୍ଡ ଜାମିନ ରଖାଯାଇଥିଲା। ବାଲେଶ୍ୱର ଅରଡବଜାର ବସ୍ ମାଲିକ ସେକ ସାମୁଦ୍ଦିନ ଅପହରଣ ଘଟଣା ନେଇ ତାଳସାରୀ ମେରାଇନ ଥାନାରେ ଅଭିଯୋଗ କରିଥିଲେ। ମଙ୍ଗଳବାର ମେରାଇନ ଥାନାର ଏକ ଟିମ୍ ପଶ୍ଚିମବଙ୍ଗ ପୂର୍ବ ମେଦିନୀପୁର ଜିଲା ପଟାସପୁର ଥାନା ସହାୟତାରେ ସତସତମାଲ ବସ୍ତି ଅଞ୍ଚଳର ଏକ ପରିତ୍ୟକ୍ତ ଘରୁ ବସ୍ ଡ୍ରାଇଭର ବସ୍ତା ଅଞ୍ଚଳର ପ୍ରଭାକର ପରିଡା, କଣ୍ଡକ୍ଟର ବାଲିଆପାଳ ବାଲିକୁଟି ଗ୍ରାମର ଜଗଦୀଶ ପ୍ରଧାନ ଓ ହେଲପର ନଳବାହାର ଅଞ୍ଚଳର ମନୋରଞ୍ଜନ ମଣ୍ଡଳଙ୍କୁ ଅସୁସ୍ଥ ଅବସ୍ଥାରେ ଉଦ୍ଧାର କରିଛନ୍ତି। ପଶ୍ଚିମବଙ୍ଗ ଦୀଘା ଥାନା ଅଧୀନ ରତନପୁର ଗ୍ରାମର ୬ ଜଣ ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବକ ଏହି ଅପହରଣରେ ସମ୍ପୃକ୍ତ ଥିବା ଜଣାପଡିଛି।

ରବିବାର ସନ୍ଧ୍ୟାରେ ବାଲେଶ୍ୱରରୁ ସୀମାନ୍ତ ଅଭିମୁଖେ ଆସୁଥିବା ନୁରାନି ନାମକ ବସରେ ଜଣେ କେଶ ବ୍ୟବସାୟୀ ବସ ଡିକିରେ ଏକ ଅଖାରେ କେଶ ଭର୍ତ୍ତି କରି ରଖିଥିଲେ। ଜଳେଶ୍ୱରରେ ଏହି ବ୍ୟବସାୟୀ ବସ୍‌ରୁ ଓହ୍ଲାଇ ଡିକିରୁ କେଶ ବସ୍ତା ନ ପାଇବାରୁ ବସ୍ କର୍ମଚାରୀଙ୍କ ସହ ଗଣ୍ଡଗୋଳ କରିଥିଲେ। ପରେ ଘଟଣା ସମ୍ପର୍କରେ କେଶ ବ୍ୟବସାୟୀ ତାଙ୍କ ସହଯୋଗୀଙ୍କୁ ଜଣାଇଲା ପରେ ରତନପୁରର ୬ ଜଣ ଯୁବକ ବସ୍ କର୍ମଚାରୀଙ୍କୁ ସୀମାନ୍ତରୁ ଟେକିନେଇ ନଜରବନ୍ଦୀ କରି ରଖିଥିଲେ।

## ଗଣବଳାତ୍କାର ମାମଲା

# ୪ ଅଭିଯୁକ୍ତଙ୍କୁ ୨୦ବର୍ଷ ଲେଖାଏ ଜେଲ୍‌ଦଣ୍ଡ

ସୁନ୍ଦରଗଡ,୧୭।୧୦(ଜୟ ନାରାୟଣ ମେଣ୍ଟୁଲି)

ସୁନ୍ଦରଗଡ ଅତିରିକ୍ତ ଜିଲା ଦୌରାଜଜ୍ ରାଜେଶ ଦାଶ ମଙ୍ଗଳବାର ଏକ କଲେଜ ଛାତ୍ରୀ ଗଣବଳାତ୍କାର ମାମଲାର ଶୁଣାଣି କରି ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୪ଜଣଙ୍କୁ ୨୦ ବର୍ଷ ଲେଖାଏ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଅଭିଯୁକ୍ତଙ୍କୁ ୧୦ହଜାର ଟଙ୍କା ଲେଖାଏ ଜରିମାନା ଓ ଅନାଦାୟେ ଅଧିକ ୩ମାସ ଲେଖାଏ ଜେଲଦଣ୍ଡ ପାଇଁ ଅତିରିକ୍ତ ଦୌରାଜଜ୍ ତାଙ୍କ ରାୟରେ ଆଦେଶ ଦେଇଛନ୍ତି। ଅଭିଯୁକ୍ତମାନେ ହେଲେ କିଞ୍ଜିରିକେଲା ଥାନା ଅନ୍ତର୍ଗତ ପୁର୍ଗାମୁଣ୍ଡା କୁଲବା ଗ୍ରାମର ମହେନ୍ଦ୍ର ଓରାମ(୨୬), ସୁନ୍ଦରଗଡ ସଦର ଥାନା ବାରହମାଲ ସୁନାଯୋର ଗ୍ରାମର ଲଲିନ୍ଦ୍ର ଓରାମ(୨୪),କିଶୋର ଏକ୍କା(୨୪) ଓ ଡୁମେରଯୋର ଗ୍ରାମର ରଞ୍ଜିତ ଓରାମ(୨୬)। ସୂଚନାଯୋଗ୍ୟ, ନିଜ ମାଉସୀ ଘରେ ରହି କିଞ୍ଜିରିକେଲା କଲେଜରେ ଯୁକ୍ତ୩ ପ୍ରଥମ ବର୍ଷରେ ପଢୁଥିବା ତଳସରା ଥାନା ଅଞ୍ଚଳର ପୀଡିତା ଛାତ୍ରୀ ୨୦୧୯ ଜୁନ ୨୬ ଅପରାହ୍ନ ସମୟରେ ସୁନ୍ଦରଗଡ ବସ୍‌ଷ୍ଟାଣ୍ଡରେ ଛିଡା ହୋଇଥିଲେ। ସେହି ସମୟରେ ଲଲିନ୍ଦ୍ର ଓ ଅନ୍ୟ ଜଣେ ଯୁବକ ସେଠାରେ ପହଞ୍ଚି ତାଙ୍କୁ କିଞ୍ଜିରିକେଲାରେ ଛାଡି ଦେବାକୁ କହିଥିଲେ। ତାଙ୍କ କଥାରେ ବିଶ୍ୱାସ କରି ଛାତ୍ରୀ ଜଣକ ବାଇକରେ ଯାଇଥିଲେ। ପୁରୁଡିହି ଜଙ୍ଗଲରେ ଛାତ୍ରୀଙ୍କ ଅନିଚ୍ଛା ସତ୍ତ୍ୱେ ଲଲିନ୍ଦ୍ର ତାଙ୍କୁ ବଳାତ୍କାର କରିଥିଲେ। ଏହାପରେ ରଞ୍ଜିତ ଓ ତାଙ୍କର ୨ ସାଙ୍ଗ ଏକ ବାଇକରେ ଆସି ବଳାତ୍କାର କରିଥିଲେ। ଏନେଇ କାହାକୁ କିଛି କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ପୀଡିତା ଛାତ୍ରୀ ଜଣକ ଭୟରେ ଘଟଣା ସମ୍ପର୍କରେ କାହାରି ଆଗରେ ନ ଜଣାଇ ଚୁପ୍ ରହିଥିଲେ। ପରେ ଜୁଲାଇ ୧୫ରେ ଏନେଇ ସଦର ଥାନାରେ ଅଭିଯୋଗ କରିଥିଲେ। ଅଭିଯୁକ୍ତ ଲଲିନ୍ଦ୍ର, ରଞ୍ଜିତ ତାଙ୍କ ସହପାଠୀ ଥିବାବେଳେ ଲଲିନ୍ଦ୍ରଙ୍କ ସହିତ ତାଙ୍କର ଗତ୧ ବର୍ଷ ଧରି ପ୍ରେମ ସମ୍ପର୍କ ଥିଲା। ଏପରି କି ଲଲିନ୍ଦ୍ରଙ୍କ ସହିତ ଶାରୀରିକ ସମ୍ପର୍କରେ ୪ମାସର ଗର୍ଭବତୀ ଥିଲେ ବୋଲି ଛାତ୍ରୀ ଜଣଙ୍କ କହିଥିଲେ। ସଦର ଥାନାରେ ରିପୋର୍ଟ ପରେ ପୋଲିସ କେସ ନଂ. ୧୨୬/୧୯ରେ ବଳାତ୍କାର ମାମଲା ରୁଜୁ କରି ଏହି ଘଟଣାରେ ୪ଜଣଙ୍କୁ କୋର୍ଟ ଚାଲାଣ କରିଥିଲା। ଅତିରିକ୍ତ ଜିଲା ଦୌରାଜଜ୍ ସମସ୍ତ ସାକ୍ଷ୍ୟ ପ୍ରମାଣ ଗ୍ରହଣ କରି ଅଭିଯୁକ୍ତଙ୍କୁ ୨୦ବର୍ଷ ଲେଖାଏ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ପୀଡିତାଙ୍କୁ ସରକାରଙ୍କ ପକ୍ଷରୁ ୭ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ପ୍ରଦାନ ନିମନ୍ତେ ଜିଲା ଆଇନସେବା ପ୍ରାଧିକରଣଙ୍କୁ ଆଦେଶ କରିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ପ୍ରଶାନ୍ତ କୁମାର ପଟେଲ ମାମଲା ପରିଚାଳନା କରୁଥିଲେ।

# ମିଲେଟ୍ ସିଡ୍ ଡିସ୍‌ପ୍ଲେ ୟୁନିଟ୍‌ର ଶୁଭାରମ୍ଭ

ଭୁବନେଶ୍ୱର, ୧୭।୧୦ (ଅସମାପିକା ସାହୁ)



ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ଜଗନ୍ନାଥ ସାରକା ଓଡ଼ିଶା ରାଜ୍ୟ ଆଦିବାସୀ ସଂଗ୍ରହାଳୟରେ ମିଲେଟ୍ ସିଡ୍ ଡିସ୍‌ପ୍ଲେ ୟୁନିଟ୍‌ର ଶୁଭାରମ୍ଭ କରୁଛନ୍ତି।

ଓଡ଼ିଶା ରାଜ୍ୟ ଆଦିବାସୀ ସଂଗ୍ରହାଳୟରେ ମଙ୍ଗଳବାର ମିଲେଟ୍ ସିଡ୍ ଡିସପ୍ଲେ ୟୁନିଟ୍‌ର ଶୁଭାରମ୍ଭ କରାଯାଇଛି। ଏହି ଡିସ୍‌ପ୍ଲେ ୟୁନିଟ୍‌ରେ ୫୦ପ୍ରକାର ମିଲେଟ୍ ସ୍ଥାନ ପାଇଛି। ମିଲେଟ୍‌ର ଗୁଣକାରୀ ଉପାଦାନ ବିଷୟରେ ଜନସଚେତନତା ସୃଷ୍ଟି କରିବା ଏହାର ଉଦ୍ଦେଶ୍ୟ। ଓଡ଼ିଶା ମିଲେଟ୍ ମିଶନର ସହଭାଗିତାରେ ହୋଇଥିବା ଏହି ଡିସପ୍ଲେ ୟୁନିଟ୍‌କୁ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା ଉଦ୍‌ଘାଟନ କରିଥିଲେ। ଜନଜାତି ସମୁଦାୟର ସଂସ୍କୃତି ଓ ଖାଦ୍ୟପେୟ ସହିତ ଜଡ଼ିତ ପୁଷ୍ଟିସାରଯୁକ୍ତ ଶସ୍ୟ ମିଲେଟ୍ ବର୍ତ୍ତମାନ ଆମ ଖାଦ୍ୟ ପ୍ରଣାଳୀରେ ସୁପର ଫୁଡ୍‌ର ଭୂମିକା ବହନ କରୁଛି ବୋଲି ମନ୍ତ୍ରୀ ସାରକା କହିଥିଲେ। ମନ୍ତ୍ରୀ ସ୍ୱାଇଁ କହିଛନ୍ତି, ବର୍ତ୍ତମାନ ସମସ୍ତ ଜିଲାର ପ୍ରାୟ ୧୭୭ଟି ବ୍ଲକରେ ମିଲେଟ୍‌ର ପ୍ରଚାରପ୍ରସାର ଜାରି ରହିଛି। ନିରନ୍ତର ବିକାଶ ସହ ପୁଷ୍ଟିଭିତ୍ତିକ ନିରାପତ୍ତାକୁ ସୁଦୃଢ଼ କରିବା, ମିଲେଟ୍ ମାଧ୍ୟମରେ ମହିଳାଙ୍କୁ ଉଦ୍ୟୋଗୀ କରିବା ହେଉଛି ମିଲେଟ୍ ମିଶନର ଲକ୍ଷ୍ୟ। ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ମିଲେଟର ଖାଦ୍ୟୋପଯୋଗିତା, ପୋଷଣତତ୍ତ୍ୱ ଓ ସାମାଜିକ ସ୍ତରରେ ଓଡ଼ିଶାର ଜନଜାତି ସମ୍ପ୍ରଦାୟ ସହ ଏହାର ସଂଶ୍ଳିଷ୍ଟତା ବିଷୟରେ ସୂଚନା ଦେଇଛନ୍ତି। କନ୍ଧମାଳ, ଗଜପତି, କୋରାପୁଟ, ରାୟଗଡ଼ା, ବଲାଙ୍ଗୀର, ନୂଆପଡ଼ା, ମୟୂରଭଞ୍ଜ, କଳାହାଣ୍ଡି ଆଦି ସ୍ଥାନରେ ଚାଷ କରାଯାଉଥିବା ଫିଙ୍ଗର ମିଲେଟ୍, ସୁଆଁ, କାଙ୍ଗୁ, ଜହ୍ନା, ବାଜରା ଆଦି ଓଡ଼ିଶାର ପାରମ୍ପରିକ ପୁଷ୍ଟିଶସ୍ୟ ମିଲେଟ୍‌କୁ ଡିସ୍‌ପ୍ଲେ ମଧ୍ୟରେ ସ୍ଥାନ ଦିଆଯାଇଛି। ଏହା ପର୍ଯ୍ୟଟକମାନଙ୍କୁ ମିଲେଟ୍ ସମ୍ପର୍କରେ ଜାଣିବାର ସୁଯୋଗ ଦେବ ବୋଲି ଆଶା ରଖାଯାଇଛି।

**୨୦ରୁ ବନ୍ଦ ରହିବ କଞ୍ଚା ପରିବା ବ୍ୟବସାୟ**

**ଭୁବନେଶ୍ୱର,(ଅନୁରାଧା ମହାରଣା):** ୟୁନିଟ୍-୧ ହାଟରେ ବିଭିନ୍ନ ସମସ୍ୟା ତଥା ୭ଦଫା ନେଇ ବିଏମ୍‌ସି ଏବଂ ବିଡିଏକୁ ରାଜଧାନୀ ହାଟ ବଞ୍ଚାଅ ମହାଜନ ସଂଘ ପକ୍ଷରୁ ଅବଗତ କରାଯାଇଛି। ଏହାସତ୍ତ୍ୱେ କୌଣସି ସମସ୍ୟାର ସମାଧାନ ହୋଇ ନ ଥିବା ଅଭିଯୋଗ କରି ସଂଘ ଆସନ୍ତା ୨୦ ତାରିଖ ଠାରୁ କଞ୍ଚା ପରିବା ବ୍ୟବସାୟ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ମଙ୍ଗଳବାର ସଂଘ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘର ସମ୍ପାଦକ କବିରାଜ ସ୍ୱାଇଁ ସୂଚନା ଦେଇଛନ୍ତି। ପରିବା ବ୍ୟବସାୟ ବନ୍ଦ ରହିବା ଫଳରେ ବ୍ୟବସାୟୀଙ୍କ ସମେତ ଜନସାଧାରଣ ହଇରାଣ ହେବେ ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଉତ୍କଳରତ୍ନ ବାରିଷ୍ଟର ବିଶ୍ୱନାଥ ମିଶ୍ରଙ୍କ ୧୪୫ତମ ଜୟନ୍ତୀ, ରାଜଭବନ ସମ୍ମୁଖସ୍ଥ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୮ଟା ୩୦।
- ରାଜ୍ୟସ୍ତରୀୟ ଗଣମାଧ୍ୟମ ସଚେତନତା କାର୍ଯ୍ୟକ୍ରମ, ହୋଟେଲ ସୂର୍ଯ୍ୟାଂଶ, ଚନ୍ଦ୍ରଶେଖରପୁର, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ପରିବର୍ତ୍ତନ ଅଭିଯାନ ପକ୍ଷରୁ ରାଜ୍ୟସ୍ତରୀୟ ୱାର୍କଶପ, ହୋଟେଲ ପ୍ରେସିଡେନ୍ସି, ପୂର୍ବାହ୍ନ ୧୧ଟା।
- ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ବିଜ୍ଞାନ ପ୍ରଦର୍ଶନୀ, ବିଦ୍ୟାଳୟ ପରିସର, ୟୁନିଟ୍-୪, ଅପରାହ୍ନ ୪ଟା ୧୦।
- 'ସମୀକ୍ଷା'ର ପ୍ରିମିୟର ସ୍କ୍ରିନିଂ, ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ଅପରାହ୍ନ ୫ଟା।
- ମଧୁଲିତା ଶାରଦୀୟ ବିଶେଷାଙ୍କ ଉନ୍ମୋଚନ ଉତ୍ସବ, ବୁଦ୍ଧ ମନ୍ଦିର, ସନ୍ଧ୍ୟା ୬ଟା।
- ସପ୍ତ ରୂପମ୍ ନାଟକ ଉତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୭ଟା ୩୦।

# ପେଲିକାନ ଟ୍ରାଫିକ୍ ସିଗ୍‌ନାଲ: ସଚେତନତା ଲୋଡ଼ା

ଭୁବନେଶ୍ୱର,୧୭।୧୦(ଅନୁରାଧା ମହାରଣା)

ସ୍ମାର୍ଟସିଟି ଭୁବନେଶ୍ୱରରେ ଟ୍ରାଫିକ ବ୍ୟବସ୍ଥା ସୁଧାରିବା ପାଇଁ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ଏବଂ ଟ୍ରାଫିକ ପୋଲିସ୍ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଟେକ୍ନୋଲୋଜି ମାଧ୍ୟମରେ ଟ୍ରାଫିକ ପରିଚାଳନା ଉପରେ ବିଏସ୍‌ସିଏଲ ଗୁରୁତ୍ୱ ଦେଉଥିବାବେଳେ ଅମାନିଆଙ୍କୁ ସାବାଡ କରିବା ପାଇଁ ଟ୍ରାଫିକ୍ ପୋଲିସ୍ କଡ଼ା ଆଭିମୁଖ୍ୟ ଗ୍ରହଣ କରୁଛି। ପଦଚାରୀଙ୍କ ସୁବିଧା ନିମନ୍ତେ ବିଭିନ୍ନ ଜଙ୍କସନରେ ସ୍ୱତନ୍ତ୍ର ଟ୍ରାଫିକ ସିଷ୍ଟମ ମଧ୍ୟ ରହିଛି। ଜେବ୍ରା କ୍ରସିଂରେ ପଦଚାରୀ ରାସ୍ତା ପାରି ହେବା ନେଇ ନିୟମ ରହିଛି। ମାତ୍ର ଅନେକ ସମୟରେ ଯାନବାହନ ଚାଳକ ଟ୍ରାଫିକରେ ଜେବ୍ରା କ୍ରସିଂ ଉପରେ ଅଟକି ରହିବା ଫଳରେ ପଦଚାରୀ ସମସ୍ୟାରେ ପଡୁଛନ୍ତି। ବିଏସସିଏଲ୍ ପକ୍ଷରୁ ୨୦୧୮-୧୯ରେ ସହରର ୭ଟି ଜନଗହଳିପୂର୍ଣ୍ଣ ସ୍ଥାନରେ ପେଲିକାନ ଟ୍ରାଫିକ ସିଷ୍ଟମ ରହିଛି। ବିଡିଏ ପେଲିକାନ, କ୍ୟାପିଟାଲ ସ୍କୁଲ, ଡିଷ୍ଟ୍ରିକ୍ଟ କୋର୍ଟ, ପାସପୋର୍ଟ ଅଫିସ୍, ସଚିବାଳୟ, ଜାଭିୟର ଛକ, ସମ୍ ହସ୍ପିଟାଲ ଛକରେ ଏହି ଅତ୍ୟାଧୁନିକ ଟ୍ରାଫିକ ବ୍ୟବସ୍ଥା ରହିଥିବା ସତ୍ତ୍ୱେ ଭୁବନେଶ୍ୱରବାସୀ ଏହାକୁ ଆଶାନୁରୂପ ବ୍ୟବହାର କରୁନାହାନ୍ତି। ବିଏସ୍‌ସିଏଲର ଆଡ୍‌ମିନିଷ୍ଟ୍ରେଶନ୍ ଓ ଟେକ୍ନୋଲୋଜି ଜେନେରାଲ ମ୍ୟାନେଜର ସୁବ୍ରତ କୁମାର ବେହେରାଙ୍କ କହିବାନୁଯାୟୀ, ପେଲିକାନ ଟ୍ରାଫିକ୍ ସିଗନାଲ ସିଷ୍ଟମରେ ଲୋକେ ଗୋଟିଏ ବଟନ୍ ପ୍ରେସ୍ କରି ସିଗନାଲ ରେଡ୍ ହେଲେ ସୁରୁଖୁରୁରେ ରାସ୍ତା ପାରି ହୋଇପାରିବେ। ଥରେ ବଟନ୍ ଦବାଇଲେ ୧୫ ସେକେଣ୍ଡ ପର୍ଯ୍ୟନ୍ତ ସିଗନାଲ ରେଡ୍ ରହିବ। ତେବେ ସିଗନାଲ ରେଡ୍ ହେବା ସତ୍ତ୍ୱେ ଯାନବାହନ ଅଟକୁ ନାହିଁ। ଲୋକେ ସ୍ମାର୍ଟ ସିଗନାଲ ବ୍ୟବହାର ପରିବର୍ତ୍ତେ ବିପଦଜନକ ଭାବେ ରାସ୍ତା ଅତିକ୍ରମ କରୁଥିବା ଦେଖିବାକୁ ମିଳୁଛି। ରାସ୍ତା ପାରିହେବା ପାଇଁ ପଦଚାରୀଙ୍କୁ ନିର୍ଦ୍ଦେଶ ମିଳିବା ପରେ ବେଫିକର ରାସ୍ତା ପାରିହୋଇପାରିବେ। ଯେଉଁମାନେ ଏ ବାବଦରେ ଅବଗତ ଅଛନ୍ତି, ସେମାନେ ଏହାକୁ ବ୍ୟବହାର କରୁଛନ୍ତି। ମାତ୍ର ଆହୁରି ଅଧିକ ଲୋକ ଏ ବିଷୟରେ ଅବଗତ ହେବା ସହ ନିରାପଦରେ କିପରି ରାସ୍ତା ପାରିହେବେ ସେଥିପ୍ରତି ଧ୍ୟାନ ଦେବା ଦରକାର। ଏପରି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ସିଗନାଲ ଗ୍ରୀନ୍ ଥିବାବେଳେ ମଧ୍ୟ ଗାଡ଼ିକୁ ହାତ ଦେଖାଇ ରାସ୍ତା ପାରି ହୁଅନ୍ତି। ମାତ୍ର ଏହି ଅତ୍ୟାଧୁନିକ ବ୍ୟବସ୍ଥାର ଉପଯୋଗ କରନ୍ତି ନାହିଁ। ତେଣୁ ସେମାନେ ନିଜେ ସଚେତନ ହେବା ସହ ଅନ୍ୟମାନଙ୍କୁ ମଧ୍ୟ ଏ ବାବଦରେ ଜଣାଇବା ଆବଶ୍ୟକ ବୋଲି ବେହେରା ମତବ୍ୟକ୍ତ କରିଛନ୍ତି।

### ବ୍ୟବହାର ହେଉନି ପେଲିକାନ ଟ୍ରାଫିକ୍ ସିଗ୍‌ନାଲ




### ୩ ସ୍ଥାନରେ ଅଡ଼ିଟୋରୀ ଟ୍ରାଫିକ୍ ସିଗନାଲ

ଏଜି ଛକ, ରାମ ମନ୍ଦିର ଛକ ଓ ବାଣୀବିହାର ଛକରେ ଦୃଷ୍ଟିବାଧିତଙ୍କ ଯାତାୟତକୁ ସୁଗମ କରିବା ପାଇଁ ଅଡ଼ିଟୋରୀ ଟ୍ରାଫିକ ସିଗ୍‌ନାଲ ଲଗାଯାଇଛି। ପ୍ରାୟ ୨ ଲକ୍ଷ ୪୫ ହଜାର ଟଙ୍କା ଅର୍ଥ ବିନିମୟରେ ଦୃଷ୍ଟିବାଧିତଙ୍କ ପାଇଁ ଏହି ଟ୍ରାଫିକ ସିଗନାଲ ବନ୍ଦୋବସ୍ତ କରାଯାଇଛି। ବର୍ତ୍ତମାନ ସହରବାସୀଙ୍କ ମଧ୍ୟରେ ସଚେତନା ସୃଷ୍ଟି ପାଇଁ ବିଏସ୍‌ସିଏଲ ପ୍ରୟାସ କରୁଛି। ଲୋକଙ୍କ ବ୍ୟବହାର ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ଅଧିକ ସ୍ଥାନରେ ଅଡିଟୋରୀ ଟ୍ରାଫିକ୍ ସିଗ୍‌ନାଲ ସହ ଅନ୍ୟାନ୍ୟ ବ୍ୟବସ୍ଥା କରାଯିବ ବୋଲି ବିଏସ୍‌ସିଏଲ ଅଧିକାରୀ କହିଛନ୍ତି।

### ପରୀକ୍ଷାମୂଳକ ଭାବେ ସିଡିଟି ଆରମ୍ଭ

ରାଜଧାନୀର ୧୦ଟି ସ୍ଥାନରେ କାଉଣ୍ଟ ଡାଉନ୍ ଟାଇମର (ସିଡିଟି) ଲାଗିବାର ଯୋଜନା ରହିଛି। ନିକଟରେ ପରୀକ୍ଷାମୂଳକ ଭାବେ ନାଲ୍‌କୋ ଛକରେ ସିଡିଟି ଲଗାଯାଇଛି। ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଛକର ପ୍ରତି ରାସ୍ତାର ସିଗ୍‌ନାଲ ବଦଳିବ। ତେବେ ଯେଉଁ ଦିଗରେ ଗାଡ଼ି ସଂଖ୍ୟା କମ୍ ରହିଥିବ, ଉକ୍ତ ଦିଗରେ ନିର୍ଦ୍ଧାରିତ ସମୟ ପୂର୍ବରୁ ସିଗନାଲ ରେଡ୍ ହୋଇପାରିବ। ଟାଇମର୍ ଦେଖି ଦୂରରୁ ତୀବ୍ର ବେଗରେ ଆସୁଥିବା ଗାଡ଼ି ହଠାତ୍ ବ୍ରେକ୍ ଲଗାଇବାରେ ସମସ୍ୟା ହୋଇପାରେ। ତେଣୁ କୌଣସି ପ୍ରକାର ଦୁର୍ଘଟଣାକୁ ଏଡ଼ାଇବା ସହ ଛକ ସ୍ଥାନରେ ଟ୍ରାଫିକ ସୁପରିଚାଳନା କିପରି ହୋଇପାରିବ ତାହା ଉପରେ ବିଏସ୍‌ସିଏଲ ନିରନ୍ତର ଦୃଷ୍ଟି ରଖିଛି। ଏହା ସଫଳ ସାବ୍ୟସ୍ତ ହେଲେ ସହରର ଏଜି ଛକ, ସୁର କମ୍ପାନୀ ଛକ (ଏୟାରପୋର୍ଟ ନିକଟ) କ୍ୟାପିଟାଲ ହସପିଟାଲ ଛକ, ପାୱାର ହାଉସ ଛକ, ବେହେରାସାହି ଛକ, ଡମଣା ଛକ, ରୂପାଲି ଛକ, ମାଷ୍ଟରକ୍ୟାଣ୍ଟିନ୍ ଛକ ଏବଂ ସିଆର୍‌ପିଏଫ୍ ଛକରେ ସିଡିଟି ବ୍ୟବସ୍ଥା କରାଯିବ।

## ଆଇଆଇଟି ଭୁବନେଶ୍ୱରରେ ଆଇଟିଇପିର ପ୍ରଥମ ବ୍ୟାଚ୍ ଆରମ୍ଭ

ଭୁବନେଶ୍ୱର,୧୭।୧୦(ଅନୁରାଧା ମହାରଣା)

ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର ପକ୍ଷରୁ ଶିକ୍ଷାବର୍ଷ ୨୦୨୩-୨୪ରୁ ଏକ ୪ ବର୍ଷିଆ ବି.ଏସ୍‌ସି-ବି.ଇଡି ସମନ୍ୱିତ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମ (ଆଇଟିଇପି) ଆରମ୍ଭ କରାଯାଇଛି। ଦେଶର ବିଭିନ୍ନ ରାଜ୍ୟର ୫୦ଜଣ ଛାତ୍ରୀଛାତ୍ରଙ୍କୁ ନେଇ ଏହି କାର୍ଯ୍ୟକ୍ରମର ପ୍ରଥମ ବ୍ୟାଚ୍‌ର ପାଠପଢ଼ା ମଙ୍ଗଳବାର ଆରମ୍ଭ ହୋଇଛି। ନ୍ୟାଶନାଲ୍ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ଆୟୋଜିତ ନ୍ୟାଶନାଲ୍ କମନ୍ ଏଣ୍ଟ୍ରାନ୍ସ ଟେଷ୍ଟ (ଏନ୍‌ସିଇଟି) ଦ୍ୱାରା ଛାତ୍ରୀଛାତ୍ରଙ୍କୁ ଚୟନ କରାଯାଇଥିଲା। ପ୍ରତିଷ୍ଠାନ ପକ୍ଷରୁ ପଦାର୍ଥବିଜ୍ଞାନ, ରସାୟନବିଜ୍ଞାନ, ଗଣିତ ଏବଂ ଅର୍ଥନୀତି ବିଷୟରେ ଶିକ୍ଷାରେ ସ୍ନାତକ (ବିଇଡି) ସହ ବିଜ୍ଞାନରେ ସ୍ନାତକ (ବିଏସ୍‌ସି) ଡିଗ୍ରୀ ପ୍ରଦାନ କରାଯାଉଛି। ଏହି ପାଠ୍ୟକ୍ରମରେ ନାମ ଲେଖାଇଥିବା ଛାତ୍ରୀଛାତ୍ରମାନେ ସାଂପ୍ରତିକ ବ୍ୟବସ୍ଥା ଅନୁଯାୟୀ ପାରମ୍ପରିକ ୫ ବର୍ଷିଆ ବି.ଇଡି. ଶିକ୍ଷା ପରିବର୍ତ୍ତେ ୪ ବର୍ଷ ସମୟସୀମାରେ ନିଜର ଡିଗ୍ରୀ ହାସଲ କରିପାରିବେ। ତେବେ ପାଠ୍ୟକ୍ରମ ଆରମ୍ଭ ଅବସରରେ ପୃଥକ୍ ଆଲୋଚନାଭିତ୍ତିକ ଓରିଏଣ୍ଟେଟେସନ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର୍ ଶ୍ରୀପାଦ କର୍ମାଲକରଙ୍କ ସହ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ବିହାରର ପୂର୍ବତନ କୁଳାଧିପତି ପ୍ରଫେସର୍ ହରିଶ ଚନ୍ଦ୍ର ସିଂ ରାଥୋଡ ଏବଂ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱରର ପ୍ରିନ୍ସିପାଲ୍ ପ୍ରଫେସର୍ ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ପ୍ରମୁଖ ଯୋଗ ଦେଇଥିଲେ। ସ୍କୁଲ୍ ଅଫ୍ ବେସିକ୍ ସାଇସେନ୍ସର ମୁଖ୍ୟ ଡ. ରାଜନ ଝା, ସ୍କୁଲ୍ ଅଫ୍ ହ୍ୟୁମାନିଟିଜ୍, ସୋସିଆଲ୍ ସାଇନ୍ସେସ୍ ଆଣ୍ଡ୍ ମ୍ୟାନେଜ୍‌ମେଣ୍ଟର ମୁଖ୍ୟ ଡ. ଦୁଃଖବନ୍ଧୁ ସାହୁ ତଥା ପ୍ରତିଷ୍ଠାନର ବିଭିନ୍ନ ଡିନ୍ ଡିନ୍ (ଷ୍ଟୁଡେଣ୍ଟ ଆଫେୟାର୍ସ) ଡ. ରାଜେଶ ରୋଶନ ଦାଶ ଏବଂ ଡିନ୍ (ଅଣ୍ଡର୍ ଗ୍ରାଜୁଏଟ୍ ପ୍ରୋଗ୍ରାମ୍) ଡ. ଶାନ୍ତନୁ ପାଲଙ୍କ ସହ ମିଳିତ ଭାବେ ବିଶେଷଜ୍ଞମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର ଓ ଅଧ୍ୟାପକଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଆଇଟିଇପି ଛାତ୍ରୀଛାତ୍ରମାନଙ୍କ ପାଇଁ ଗବେଷଣା ଓ ବିକାଶ କ୍ଷେତ୍ରରେ ସୁଯୋଗ ସୃଷ୍ଟି ହେବ ବୋଲି କର୍ତ୍ତୃପକ୍ଷ ଆଶା ରଖିଛନ୍ତି।

## ୨ ଅଭିଯୁକ୍ତଙ୍କୁ ୨ ବର୍ଷ ଲେଖାଏ ଜେଲଦଣ୍ଡ

### ସୁନାଚେନ୍ ଲୁଟ୍ ମାମଲା

**ଭୁବନେଶ୍ୱର,୧୭।୧୦(ସତ୍ୟଜିତ୍ ରାଉତ):** ନୟାପଲ୍ଲୀ ଥାନା ଅଞ୍ଚଳର ଜଣେ ମହିଳାଙ୍କଠାରୁ ସୁନାଚେନ୍ ଲୁଟ୍ ମାମଲାରେ ଭୁବନେଶ୍ୱର ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୩ର ବିଚାରପତି ପୂଜା ଜୈନ ମଙ୍ଗଳବାର ରାୟ ପ୍ରକାଶ କରିଛନ୍ତି। ଏହି ମାମଲାରେ ଅଭିଯୁକ୍ତ ଅଲ୍ଲୀ ଆଜମ୍ ଓ ଚନ୍ଦନ ନାୟକଙ୍କୁ ୨ ବର୍ଷ ଲେଖାଏ ଜେଲଦଣ୍ଡାଦେଶ ହୋଇଛି। ମାମଲା ପଞ୍ଜୀକୃତ ହେବାର ମାତ୍ର ୫ ମାସ ମଧ୍ୟରେ ଏହି ଶୁଣାଣି ହୋଇଛି। ଅଭିଯୁକ୍ତଦ୍ୱୟଙ୍କ ନାମରେ ଭୁବନେଶ୍ୱରର ବିଭିନ୍ନ ଥାନାରେ ୨୦ରୁ ଅଧିକ ଲୁଟ୍ ମାମଲା ରହିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ମାମଲାର ବିବରଣୀ ଅନୁଯାୟୀ, ଗତ ମେ ୫ ତାରିଖ ରାତିରେ ନିଳାଦ୍ରିବିହାରର ଲିଜାରାଣୀ ବେହେରାଙ୍କୁ ଇସ୍କନ୍ ମନ୍ଦିର ସାମ୍ନା ଜାତୀୟ ରାଜପଥରେ ଅଭିଯୁକ୍ତଦ୍ୱୟ ବାଇକ୍‌ରେ ପିଛା କରି ସୁନାଚେନ୍ ଝାମ୍ପି ନେଇଥିଲେ। ଏନେଇ ଲିଜାରାଣୀଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ. ୧୭୫/୨୦୨୩) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ଆଇନଜୀବୀ କଳ୍ପତରୁ ସାହୁ ଓ ସରୋଜ ସ୍ୱାଇଁ ମାମଲା ପରିଚାଳନା କରୁଥିଲେ।



ରବୀନ୍ଦ୍ର ମଣ୍ଡପରେ ମଙ୍ଗଳବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ ଅବସରରେ ଅତିଥିମାନେ ସ୍ମରଣିକା 'ସଂସ୍କୃତି ଦର୍ପଣ' ଉନ୍ମୋଚନ କରୁଛନ୍ତି।

## ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ

**ଭୁବନେଶ୍ୱର,୧୫।୧୦(ଶର୍ମିଷ୍ଠା ପାଣିଗ୍ରାହୀ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସାଂସ୍କୃତିକ ପରିଷଦର ଦୁଇଦିନିଆ ବାର୍ଷିକ ଉତ୍ସବ ମଙ୍ଗଳବାର ରବୀନ୍ଦ୍ର ମଣ୍ଡପରେ ଆରମ୍ଭ ହୋଇଛି। ଉତ୍ସବକୁ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଉଦ୍‌ଘାଟନ କରିଥିଲେ। ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏ, ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନଦାଶ, ଓଡ଼ିଆ ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷିକେଶ ମଲ୍ଲିକ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏଭଳି କାର୍ଯ୍ୟକ୍ରମ ସୃଜନଶୀଳ କ୍ରିୟାଶୀଳତାର ଉନ୍ମେଷ ଓ ବିକାଶରେ ସହାୟକ ହେବ ବୋଲି କହିଥିଲେ। ଏହି ଅବସରରେ ପରିଷଦର ସ୍ମରଣିକା 'ସଂସ୍କୃତି ଦର୍ପଣ' ଉନ୍ମୋଚିତ ହୋଇଥିଲା। ପରିଷଦର ସଭାପତି ମାଥିଆସ୍ ତିର୍କୀ ଅତିଥି ପରିଚୟ ଓ ସମ୍ପାଦକ ମୃତ୍ୟୁଞ୍ଜୟ ଦଳବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ ।

## ପ୍ରହ୍ଲାଦ ନାଟକ, ଘୁମୁରା ପ୍ରଶିକ୍ଷଣ କେନ୍ଦ୍ର ଖୋଲିବ

### ଆଗକୁ ଢେମସା, ଡାଲଖାଇ ଓ ମୋଗଲ ତାମସା ପ୍ରଶିକ୍ଷଣ ଦିଆଯିବ

ଭୁବନେଶ୍ୱର,୧୭।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଆଉ ଦୁଇଟି ଲୋକନୃତ୍ୟ ଉପରେ ପ୍ରଶିକ୍ଷଣ କେନ୍ଦ୍ର ଖୋଲାଯିବ। ଗଞ୍ଜାମରେ ପ୍ରହ୍ଲାଦ ନାଟକ ଏବଂ କଳାହାଣ୍ଡିରେ ଘୁମୁରାର ପ୍ରଶିକ୍ଷଣ କେନ୍ଦ୍ର ଖୋଲିବ। ପୂର୍ବରୁ ମୟୂରଭଞ୍ଜର ବିଶ୍ୱ ପ୍ରସିଦ୍ଧ ଛଉ ନୃତ୍ୟ ପରେ ପ୍ରଶିକ୍ଷଣ କେନ୍ଦ୍ର ଖୋଲାଯାଇଥିଲା। ଆସନ୍ତା ଡିସେମ୍ବର ପୂର୍ବରୁ ଏହାର କାର୍ଯ୍ୟ ଆରମ୍ଭ ହେବ। ପ୍ରତିବର୍ଷ ୩୦ ଜଣ ଲେଖାଏ ଛାତ୍ରୀଛାତ୍ରଙ୍କୁ ନିଆଯିବ। ୩ ଜଣ ଲେଖାଏ ଗୁରୁ ଶିକ୍ଷା ଦେବେ। ସେମାନଙ୍କ ମଧ୍ୟରେ ୨ଜଣ ମୁଖ୍ୟ ଗୁରୁ ଓ ଜଣେ ସହାୟକ ଗୁରୁ ରହିବେ। ୧୦ ମାସ ପ୍ରଶିକ୍ଷଣ ପରେ ୧୧ ମାସରେ ପ୍ରଶିକ୍ଷାର୍ଥୀମାନେ ପରୀକ୍ଷା ଦେବେ। ଏକାଡେମୀ ପକ୍ଷରୁ ତାଙ୍କ ପ୍ରଶିକ୍ଷଣ ଉପରେ ଏକ ପରୀକ୍ଷା କରାଯାଇ ଡିପ୍ଲୋମା ପ୍ରମାଣପତ୍ର ପଦାନ କରାଯିବ। ଛାତ୍ରୀଛାତ୍ରଙ୍କୁ ପ୍ରତି ମାସରେ ୪ ହଜାର ଲେଖାଏ ଷ୍ଟାଇପେଣ୍ଟ ଦିଆଯିବ। ଗୁରୁମାନଙ୍କୁ ୮ ହଜାର ଟଙ୍କା ପ୍ରଦାନ କରାଯିବ। ସମସ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜିଲା ମୁଖ୍ୟାଳୟରେ ଅନୁଷ୍ଠିତ ହେବ। ଯେଉଁ ନୂଆ ପିଲାମାନେ ପ୍ରଶିକ୍ଷଣ ପ୍ରାପ୍ତ ହୋଇ ପ୍ରମାଣପତ୍ର ନେଇ ଯିବେ ସେମାନେ ନିଜ ଅଞ୍ଚଳରେ ଏହି ଲୋକକଳାର ପ୍ରଚାର, ପ୍ରସାର କରିବେ। ବର୍ତ୍ତମାନ ଉଭୟର ପ୍ରଶିକ୍ଷଣ ଲାଗି ପାଠ୍ୟକ୍ରମ ପ୍ରସ୍ତୁତି ପାଇଁ ୨ଟି ବିଶେଷଜ୍ଞ କମିଟି ଗଠନ କରାଯାଇଛି। ପ୍ରହ୍ଲାଦ ନାଟକର ବିଶେଷଜ୍ଞ କମିଟିରେ ପ୍ରଫେସର ଶାନ୍ତନୁ ରଥ, କୃଷ୍ଣଚନ୍ଦ୍ର ବିଶାଳ, ମନ୍ମଥ ଶତପଥୀ, ରାଜୁ ପାଢ଼ୀ, ବୃନ୍ଦାବନ ଜେନା, ପ୍ରମୋଦ ରଥ, ଆଲୋକ ବିଶୋୟୀ ଓ ପ୍ରତୀକ ପଟ୍ଟନାୟକଙ୍କୁ ରଖାଯାଇଛି। ସେହିପରି ଘୁମୁରା ବିଶେଷଜ୍ଞ କମିଟିରେ ଜୟନ୍ତ କୁମାର ବେହେରା, ମହେଶ୍ୱର ସରାବ୍, ତୀର୍ଥବାସୀ ଦଳପତି, ମାର୍କଣ୍ଡ ନାୟକ, ପରମେଶର ମୁଣ୍ଡ ଏବଂ ଧ୍ୟାନ ପଣ୍ଡା ରହିଛନ୍ତି। ଏହି ବ୍ୟକ୍ତିମାନେ ଉଭୟ କଳାର ପାଠ୍ୟ ଖସଡ଼ା ପ୍ରସ୍ତୁତ କରିବେ। ସେଥିରେ କ'ଣ ରହିବ ତାର ତଥ୍ୟ ଏକାଡେମୀକୁ ଦେବା ପରେ ତାଙ୍କୁ ଚୟନ କରାଯାଇ ଏକ ପୁସ୍ତକ ଆକାରରେ ପ୍ରକାଶ କରାଯିବ। ଏଥିସହିତ ଆସନ୍ତା ବର୍ଷକୁ କୋରାପୁଟର ଢେମସା, ସମ୍ବଲପୁରର ଡାଲଖାଇ, ଭଦ୍ରକର ମୋଗଲ ତାମସାକୁ ନେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହେବ। ସେଥିପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯିବ, ଅନୁମୋଦନ ପରେ କାର୍ଯ୍ୟକ୍ରମ ଆଗେଇବ ବୋଲି ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ ସୂଚନା ଦେଇଛନ୍ତି ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷଙ୍କ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୧୭।୧୦ (ଅସମାପିକା ସାହୁ) :** ଗ୍ରାମାଞ୍ଚଳର ମେଧାବୀ ଛାତ୍ରୀଛାତ୍ରଙ୍କୁ ସିବିଏସ୍‌ଇ ଢାଞ୍ଚାରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କ୍ଷେତ୍ରରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏକ ଅଭିନବ ପରିକଳ୍ପନା। ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷମାନଙ୍କର ଦିଗ୍‌ଦର୍ଶନ ତଥା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଉପଦେଷ୍ଟା ଉପେନ୍ଦ୍ର ତ୍ରିପାଠୀ, ବିଦ୍ୟାଳୟ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱଥି ଏସ୍, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଯାମିନୀ ଷଡ଼ଙ୍ଗୀ ଏବଂ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ଶାହା ଯୋଗଦେଇଥିଲେ। ପ୍ରଶିକ୍ଷଣ ସମୟରେ ସିବିଏସ୍‌ଇ ଆଞ୍ଚଳିକ ଅଫିସର କେ. ଶ୍ରୀନିବାସନ ସିବିଏସ୍‌ଇ ସମ୍ବନ୍ଧିତ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଆଗାମୀ ସିବିଏସ୍‌ଇ ପରୀକ୍ଷାରେ ବିଦ୍ୟାଳୟଗୁଡ଼ିକର ଉତ୍ତମ ପ୍ରଦର୍ଶନ ନିମନ୍ତେ ବିଦ୍ୟାଳୟ ଗଣଶିକ୍ଷା ବିଭାଗ ସଚିବ ଗୁରୁତ୍ୱାରୋପ କରିଥିଲେ। ଖାନ୍ ଏକାଡେମୀର ଶୁଭ୍ରା ମିତ୍ତଲ ଏବଂ ତାଙ୍କ ସାଥି ମ୍ୟାଥ୍ ଇମ୍ପ୍ରୁଭମେଣ୍ଟ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ସମସ୍ତ ବିଭାଗୀୟ ମୁଖ୍ୟଙ୍କ ଦ୍ୱାରା ବିଭାଗୀୟ ସମୀକ୍ଷା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୋଟ ୩୧୫ ଜଣ ଅଧ୍ୟକ୍ଷ ଯୋଗଦେଇଥିଲେ। ଆଇକୋନିକ୍ ଓଏଭିର ଅଧ୍ୟକ୍ଷ ତନୁଜ କୁମାର ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## କିଟ୍ ଇଣ୍ଟରନ୍ୟାଶନାଲ୍ ସ୍କୁଲ୍ - ଏଏଫ୍ଏ ମଧ୍ୟରେ ଚୁକ୍ତି

### ଦିବ୍ୟାଙ୍ଗ, ମାନସିକ ଅନଗ୍ରସର ପିଲାଙ୍କ ସ୍ୱତନ୍ତ୍ର ଶିକ୍ଷା ପାଇଁ ପଦକ୍ଷେପ

ଭୁବନେଶ୍ୱର, ୧୭।୧୦(ଅସମାପିକା ସାହୁ)

କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ ଏବଂ ଦିଲ୍ଲୀସ୍ଥିତ ଆକ୍ସନ ଫର ଅଟିଜମ୍(ଏଏଫ୍ଏ) ମଧ୍ୟରେ ମଙ୍ଗଳବାର ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ସ୍କୁଲରେ ଦିବ୍ୟାଙ୍ଗ ଓ ମାନସିକ ଅନଗ୍ରସର ପିଲାଙ୍କ ଶିକ୍ଷା ପାଇଁ ଥିବା ସ୍ପେଶାଲ୍ ଏଜୁକେଶନ୍ ନିଡ୍ସ (ସେନ୍) ବିଭାଗକୁ ଏକ ସେଣ୍ଟର ଅଫ୍ ଏକ୍ସଲେନ୍ସରେ ପରିଣତ କରିବା ଲାଗି ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଦିବ୍ୟାଙ୍ଗ ସଶକ୍ତୀକରଣ ବିଭାଗ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ, କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉପସ୍ଥିତିରେ ସ୍କୁଲ୍‌ର ଚେୟାରପର୍ସନ ଡ. ମୋନାଲିସା ବଳ ଏବଂ ଏଏଫ୍ଏର ପ୍ରତିଷ୍ଠାତା ମେରୀ ବରୁଆ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ସଚିବ ସେଠୀ କିଟ୍ ଇଣ୍ଟରନ୍ୟାଶନାଲ୍ ସ୍କୁଲ୍ ସେନ୍ ବିଭାଗ ପରିଦର୍ଶନ କରି ଉକ୍ତ କେନ୍ଦ୍ରକୁ ବିଶ୍ୱସ୍ତରୀୟ ସେଣ୍ଟର ଅଫ୍ ଏକ୍ସଲେନ୍ସରେ ପରିଣତ କରିବାରେ ସାମାଜିକ ସୁରକ୍ଷା ଓ ଦିବ୍ୟାଙ୍ଗ ସଶକ୍ତୀକରଣ ବିଭାଗ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସାମନ୍ତ ଏହି ଅବସରରେ ସେନ୍‌ରେ ଆର୍ଥିକ ସ୍ୱଚ୍ଛଳ ଦିବ୍ୟାଙ୍ଗ ପିଲାଙ୍କ ସହ କେତେଜଣ ଗରିବ ଦିବ୍ୟାଙ୍ଗ ପିଲାଙ୍କ ସ୍ୱତନ୍ତ୍ର ଶିକ୍ଷା ପ୍ରଦାନ ପାଇଁ ଆମେ ଦାୟିତ୍ୱ ନେବୁ ବୋଲି ସାମନ୍ତ ଘୋଷଣା କରିଥିଲେ। ଏଏଫ୍ଏ ପ୍ରତିଷ୍ଠାତା ବରୁଆ କହିଲେ, ନିଜେ ଜଣେ ଦିବ୍ୟାଙ୍ଗ ପିଲା ଭାବେ ବଢ଼ିବା ନେଇ ଅଭିଜ୍ଞତା ରହିଥିବାବେଳେ ପରବର୍ତ୍ତୀ ସମୟରେ ମାନସିକ ଅନଗ୍ରସର ଓ ଦିବ୍ୟାଙ୍ଗ ପିଲା ଏବଂ ସେମାନଙ୍କ ଅଭିଭାବକଙ୍କୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ସେ ଏହି ଅନୁଷ୍ଠାନ ଗଢ଼ିଛନ୍ତି। ଏଭଳି ପିଲାଙ୍କ ଦାୟିତ୍ୱ ନେବାରେ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ୍ ଅନନ୍ୟ ବୋଲି ସେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ସଭାପତି ଶାଶ୍ୱତୀ ବଳ, ସ୍କୁଲ୍ ଅଧ୍ୟକ୍ଷ ଡ. ସଞ୍ଜୟ ସୁଆର ପ୍ରମୁଖ ଉପସ୍ଥିତ ଥିଲେ।

## ତେଜସ୍ୱିନୀଙ୍କୁ ମିଳିଲା ବିଏସ୍‌କେୱାଇ ସହାୟତା

### ଏମ୍ସରେ ହେଉଛି ସୁପର ସ୍ପେସିଆଲିଷ୍ଟ ଚିକିତ୍ସା

ଭୁବନେଶ୍ୱର, ୧୭।୧୦(ଅସମାପିକା ସାହୁ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଡ଼ପଡ଼ା ଗ୍ରାମ ନିବାସୀ ବିଭୁଦେନ୍ଦ୍ର ପ୍ରତାପ ଦାସଙ୍କ ଶିଶୁକନ୍ୟା ତେଜସ୍ୱିନୀଙ୍କୁ ବିଏସ୍‌କେୱାଇ ସହାୟତା ମିଳିଛି। ଏଥିସହିତ ତେଜସ୍ୱିନୀଙ୍କ ଭୁବନେଶ୍ୱର ଏମ୍ସରେ ସୁପର ସ୍ପେସିଆଲିଷ୍ଟ ଚିକିତ୍ସା ଚାଲିଛି। ତେଜସ୍ୱିନୀଙ୍କ ଅସୁସ୍ଥତା ବିଷୟ ଗଣମାଧ୍ୟମରୁ ଜାଣିବା ମାତ୍ରେ ତାଙ୍କର ଚିକିତ୍ସା ସହାୟତା ପାଇଁ ରାଜ୍ୟ ବିଏସ୍‌କେୱାଇ ଟିମ୍ ତରଫରୁ କ୍ଷେତ୍ରସ୍ତରୀୟ ପ୍ରଚେଷ୍ଟା ଆରମ୍ଭ ହୋଇଥିଲା। ଇତିମଧ୍ୟରେ ସ୍ୱତନ୍ତ୍ର ହେଲ୍‌ଥ ଟିମ୍ ସମ୍ପୃକ୍ତ ଗ୍ରାମକୁ ଯାଇ ତେଜସ୍ୱିନୀଙ୍କ ସମ୍ପର୍କୀୟ ଓ ମାତାପିତାଙ୍କ ସହ ଆଲୋଚନା କରି ଆବଶ୍ୟକ ପରାମର୍ଶ ଦେଇଛି। ସ୍ଥିତି ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ପରିବାରକୁ ୧୭୦୭୦୮୧୧୪୧୮ ନମ୍ବର କାର୍ଡରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ରେ ଅନ୍ତର୍ଭୁକ୍ତ କରାଯାଇଛି। ଚିକିତ୍ସା ପାଇଁ କାର୍ଡରେ ମଧ୍ୟ ଆବଶ୍ୟକ ଅର୍ଥ ମହଜୁଦ ଅଛି। ବର୍ତ୍ତମାନ ତେଜସ୍ୱିନୀଙ୍କୁ ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲର ହେମାଟୋଲୋଜି ବିଭାଗରେ ଚିକିତ୍ସା ଦିଆଯାଉଛି। ଚିକିତ୍ସା ପାଇଁ ଆବଶ୍ୟକ ଅର୍ଥ କାର୍ଡ ମାଧ୍ୟମରେ ହସ୍ପିଟାଲକୁ ରାଜ୍ୟ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଉଛି। ତେଜସ୍ୱିନୀଙ୍କ ଅବସ୍ଥା ଧୀରେ ଧୀରେ ସୁଧୁରୁଛି। ସେ ଶୀଘ୍ର ଆରୋଗ୍ୟ ଲାଭ କରିବେ ବୋଲି ବିଏସ୍‌କେୱାଇ ଟିମ୍ ତରଫରୁ ଆଶା ପ୍ରକାଶ କରାଯାଇଛି।

## ଆପାର୍ଟମେଣ୍ଟରେ ସିରିଜ୍ ଚୋରି

### ନେଇଗଲେ ପ୍ରାୟ କୋଟିଏ ଟଙ୍କାର ଅଳଙ୍କାର, ସାମଗ୍ରୀ

ଭୁବନେଶ୍ୱର,୧୭।୧୦(ସତ୍ୟଜିତ୍ ରାଉତ)

ଇନ୍‌ଫୋସିଟି ଥାନା ଅନ୍ତର୍ଗତ ରାଜାବାଟିକା ଆପାର୍ଟମେଣ୍ଟରେ ସିରିଜ୍ ଚୋରି ହୋଇଛି। ସୋମବାର ବିଳମ୍ବିତ ରାତିରେ ଚୋରମାନେ ଆପାର୍ଟମେଣ୍ଟ ଭିତରେ ପଶି ୪ଟି ଫ୍ଲାଟ୍‌ର ଗ୍ରିଲ୍ ଓ ତାଲା ଭାଙ୍ଗି ପ୍ରାୟ କୋଟିଏ ଟଙ୍କାର ଅଳଙ୍କାର ଏବଂ ସାମଗ୍ରୀ ନେଇଯାଇଥିବା ଅଭିଯୋଗ ହୋଇଛି। ରାତିରେ ସିକ୍ୟୁରିଟି ଗାର୍ଡ ଜଗିଥିବା ସତ୍ତ୍ୱେ ଚୋରମାନେ ଚୋରି କରିବାରେ ସଫଳ ହୋଇଛନ୍ତି। ବଡ଼ କଥା ହେଲା, ଥାନାଠାରୁ ମାତ୍ର ୩୦ ମିଟର ଦୂରରେ ଏହି ଘଟଣା ଘଟିଥିବାରୁ ସୁରକ୍ଷାକୁ ନେଇ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି। ଏ ସଂକ୍ରାନ୍ତରେ ଆପାର୍ଟମେଣ୍ଟର ଜି-୪ ଫ୍ଲାଟ୍‌ରେ ରହୁଥିବା ଶୁଭାସିନି ମହାନ୍ତି ମଙ୍ଗଳବାର ଥାନାରେ ଏତଲା ଦେଇଛନ୍ତି। ପୋଲିସ ତାଙ୍କ ଏତଲାକୁ ଭିତ୍ତିକରି ଏକ ମାମଲା (ନଂ. ୩୨୯/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ଆପାର୍ଟମେଣ୍ଟରେ ଲାଗିଥିବା ସିସିଟିଭି କ୍ୟାମେରାରେ ଚୋରି ବେଳର ଦୃଶ୍ୟ କଏଦ୍ ହୋଇଛି। ରାତି ପ୍ରାୟ ୧ଟା ୪୫ରୁ ୩ଟା ଭିତରେ ଚୋରମାନେ ଏହି କାଣ୍ଡ ଘଟାଇଛନ୍ତି। ୪ଜଣ ଚୋର ମୁହଁରେ ଗାମୁଛା ବାନ୍ଧି ଲୁହାରଡ୍ ଧରି ଆପାର୍ଟମେଣ୍ଟ ଭିତରେ ପଶି ଚୋରି କରୁଥିବା ଦେଖିବାକୁ ମିଳୁଛି। ସିକ୍ୟୁରିଟି ଗାର୍ଡଙ୍କ ପଛପଟେ ଚୋରମାନେ ଲୁଚି ଆପାର୍ଟମେଣ୍ଟ ଭିତରେ ପଶିଥିଲେ। ସେମାନେ ପ୍ରତ୍ୟେକ ଘର ତନ୍ନ ତନ୍ନ କରି ଯାଞ୍ଚ କରିଥିଲେ। ୪ଟି ଫ୍ଲାଟ୍‌ରେ କେହି ନ ଥିବାବେଳେ ବାହାର ପଟୁ ତାଲା ପଡ଼ିଥିବା ଦେଖିବାକୁ ପାଇ ତାହାକୁ ଟାର୍ଗେଟ୍ କରିଥିଲେ। ଫ୍ଲାଟ୍ ନଂ. ଏଚ୍-୨, ଆଇ-୪, ଜି-୪ ଓ ସି-୫ର ତାଲା ଭାଙ୍ଗି ଭିତରେ ନଗଦ ଟଙ୍କା ସମେତ ଅନ୍ୟାନ୍ୟ ଜିନିଷ ଚୋରି କରିଥିଲେ। ଶୁଭାସିନିଙ୍କ ପରିବାର ଲୋକ କୌଣସି କାମରେ ବାହାରକୁ ଯାଇଥିବାବେଳେ ଘରକୁ ଫେରିବା ପରେ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଆଲ୍‌ମିରା, ଲକର୍ ଏବଂ ଅନ୍ୟ ଆସବାବପତ୍ର ବିଛାଡ଼ି ହୋଇ ପଡ଼ିଥିବା ଦେଖିବାକୁ ପାଇଥିଲେ। ଝିଅ ବାହାଘର ପାଇଁ ଅଳଙ୍କାର କିଣି ରଖିଥିବା ବେଳେ ଚୋରମାନେ ତାହାକୁ ନେଇଥିବା ଶୁଭାସିନି କହିଛନ୍ତି। ପୋଲିସ ଟିମ୍ ଡଗ୍ ସ୍କ୍ୱାଡ୍ ଓ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଆପାର୍ଟମେଣ୍ଟରେ ଯାଇ ତଦନ୍ତ କରିଛି। ସିସିଟିଭି ଫୁଟେଜ୍‌ରୁ ଚୋରମାନଙ୍କୁ ପୋଲିସ ଟିମ୍ ଚିହ୍ନଟ କରି ଧରିବାକୁ ପ୍ରୟାସ ଜାରି ରଖିଛି।



ସିସିଟିଭିରେ କଏଦ ହୋଇଥିବା ଦୃଶ୍ୟ।

## ଶିକ୍ଷା ସହ କ୍ରୀଡ଼ାକୁ ପ୍ରାଧାନ୍ୟ ଦିଅନ୍ତୁ ଛାତ୍ରୀଛାତ୍ର

### ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲ୍ ପରିଦର୍ଶନ କଲେ କ୍ରୀଡ଼ାବିତ୍ କିଶୋର ଜେନା

ଭୁବନେଶ୍ୱର, ୧୭।୧୦(ଅସମାପିକା ସାହୁ)

ଏସିଆନ୍ ଗେମ୍‌ସରେ ଜାଭେଲିନ୍ ଥ୍ରୋରେ ରୌପ୍ୟ ପଦକ ବିଜେତା ତଥା ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଥିବା ଓଡ଼ିଆ ପୁଅ କିଶୋର କୁମାର ଜେନାଙ୍କୁ ମଙ୍ଗଳବାର ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲ୍ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ସ୍କୁଲ କର୍ତ୍ତୃପକ୍ଷଙ୍କ ଦ୍ୱାରା କିଶୋରଙ୍କୁ ଭବ୍ୟ ସ୍ୱାଗତ ସହ ସମ୍ମାନିତ କରାଯାଇଥିଲା। ସେ ସ୍କୁଲର କ୍ରୀଡ଼ା ଭିତ୍ତିଭୂମି ଯଥା ବିଜୟ ମଇଦାନ୍, ବିଜୟ ଇନଡୋର୍ ଷ୍ଟାଡିୟମ୍ ଆଦି ବୁଲି ଦେଖିବା ସହିତ ଛାତ୍ରୀଛାତ୍ରଙ୍କ ଗହଣରେ ଏସିଆନ୍ ଗେମ୍‌ସର ଅନୁଭୂତି ବାଣ୍ଟିଥିଲେ। କିଶୋର କହିଥିଲେ, ଏଠାରେ ଛାତ୍ରୀଛାତ୍ରଙ୍କ ପାଇଁ ଅନ୍ତର୍ଜାତୀୟ ସ୍ତରର କ୍ରୀଡ଼ା ଭିତ୍ତିଭୂମି ରହିଛି, ଯାହା ସଫଳ କ୍ରୀଡ଼ାବିତ୍‌ଙ୍କୁ ତିଆରି କରିବାରେ ସହାୟକ ହେବ। ଛାତ୍ର ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ କ୍ରୀଡ଼ା। ତେଣୁ ଶିକ୍ଷା ସହ କ୍ରୀଡ଼ାକୁ ପ୍ରାଧାନ୍ୟ ଦେବା ପାଇଁ ସେ ପରାମର୍ଶ ଦେଇଥିଲେ। କ୍ରୀଡ଼ା ପ୍ରତି ସମର୍ପଣ ଭାବ, କଠିନ ପରିଶ୍ରମ ସହ ଏକାଗ୍ରତା ରହିଲେ ନିଶ୍ଚିତ ରୂପେ ସଫଳତାର ସ୍ୱାଦ ଚାଖିହେବ ବୋଲି ସେ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଛାତ୍ରୀଛାତ୍ରମାନେ କିଶୋରଙ୍କଠାରୁ କ୍ରୀଡ଼ା କ୍ଷେତ୍ରରେ କ୍ୟାରିୟର୍ ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନର ଉତ୍ତର ପଚାରି ବୁଝିଥିଲେ। ସାଇ ଇଣ୍ଟରନ୍ୟାଶନାଲ୍‌ର ଚେୟାରପର୍ସନ ଡ. ଶିଳ୍ପୀ ସାହୁ କହିଥିଲେ, କିଶୋରଙ୍କ ଏହି ସଫଳତାରେ କେବଳ ଓଡ଼ିଆ ଜାତି ନୁହେଁ, ସାରା ଦେଶ ଗର୍ବିତ। କ୍ରୀଡ଼ାରେ ନିଜର କ୍ୟାରିୟର ଗଢ଼ିବାକୁ ଚାହୁଁଥିବା ଛାତ୍ରୀଛାତ୍ରଙ୍କ ପାଇଁ ସେ ପ୍ରେରଣା। ତାଙ୍କର ଏହି ସ୍କୁଲ ପରିଦର୍ଶନ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଛି। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରିନ୍ସିପାଲ୍ ନୀଳକଣ୍ଠ ପାଣିଗ୍ରାହୀ ଏବଂ ସିନିୟର୍ ଜେନେରାଲ୍ ମ୍ୟାନେଜର୍ ଶରତ କୁମାର କର ପ୍ରମୁଖ ଉପସ୍ଥିତ ଥିଲେ।



**୨ ସମ୍ପ୍ରଦାୟର ଯୁବତୀ ଯୁବକ ଫେରାର: ଥାନାରେ ମାମଲା**

ନିଶ୍ଚିନ୍ତକୋଇଲି,(ଅଶୋକ କୁମାର ମହାପାତ୍ର) : ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ ଖାଦେଶ୍ୱରପୁର ପଞ୍ଚାୟତର ୨ ଭିନ୍ନ ସମ୍ପ୍ରଦାୟର ଯୁବତୀ ଯୁବକ ଫେରାର ହୋଇଯାଇଛନ୍ତି। ଏନେଇ ଥାନାରେ ପୃଥକ୍ ମାମଲା ରୁଜୁ ହୋଇଛି। ଏହି ଘଟଣାକୁ ନେଇ ୨ ସମ୍ପ୍ରଦାୟ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ଦୀର୍ଘ ଦିନ ହେଲା ଏହି ଥାନା ଅଞ୍ଚଳର ଜଣେ ଭିନ୍ନ ସମ୍ପ୍ରଦାୟର ଯୁବତୀଙ୍କ ସହ ଖାଦେଶ୍ୱରପୁର ଗ୍ରାମର ଜଣେ ଯୁବକଙ୍କ ପ୍ରେମ ସମ୍ପର୍କ ରହିଥିଲା। ନିକଟରେ ସମ୍ପୃକ୍ତ ପ୍ରେମୀ ଯୁଗଳ ଘରୁ ଫେରାର ହୋଇଯାଇଥିଲେ। ଏସମ୍ପର୍କରେ ଉଭୟଙ୍କ ପରିବାର ତରଫରୁ ନେମାଳ ଥାନାରେ ପୃଥକ୍ ଅଭିଯୋଗ କରିଯିବା ପରେ ପୋଲିସ ମାମଲା ନଂ. ୧୬୨/୨୩ ଓ ୧୬୩/୨୩ ରୁଜୁ କରିଛି।

## ସଂକ୍ଷେପରେ

### ଭଙ୍ଗାରିକା ପଞ୍ଚାୟତରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

ବଡ଼ମ୍ବା,୧୭।୧୦(ମାୟାଧର ମଲ୍ଲିକ):

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଭଙ୍ଗାରିକା ପଞ୍ଚାୟତ ଗମେଇ ଗ୍ରାମର ନୂଆସାହିରେ ବ୍ଲକ ବିଜେଡି ପକ୍ଷରୁ ମଙ୍ଗଳବାର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପଦଯାତ୍ରାରେ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ଯୋଗଦେଇ ଲୋକଙ୍କ ସହିତ ମତବିନିମୟକରିଥିଲେ। ଗମେଇ ଗ୍ରାମର ନୂଆସାହି କ୍ଲବ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ନିଜ ଉଦ୍‌ବୋଧନରେ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନାର କାର୍ଯ୍ୟକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବଡ଼ମ୍ବା ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ଉପାଧ୍ୟକ୍ଷଙ୍କ ପ୍ରତିନିଧି ସୁଶାନ୍ତ କୁମାର ଜେନା, କଟକ ଏମ୍‌ପିଙ୍କ ପ୍ରତିନିଧି ସଦାନନ୍ଦ ସ୍ୱାଇଁ ପ୍ରମୁଖ ଯୋଗଦେଇ ଶୁଭେଚ୍ଛା ଜଣାଇବା ସହିତ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଜନ ସାଧାରଣଙ୍କୁ ଅବଗତ କରିଥିଲେ। ନୂଆସାହି କ୍ଲବ ସଭାପତି ତଥା ବିଜେଡି ନେତା ବିଭୁତି ବେହେରା, ସମ୍ପାଦକ ଚିତ୍ତରଞ୍ଜନ ନାୟକ, ଗାଁ ସଭାପତି ଶତ୍ରୁଘ୍ନ ଦଳେଇ, ସରୋଜ ନାୟକ, ଦାଶରଥି ବାରିକ, ଲକ୍ଷ୍ମୀଧର ଖଟୁଆ, ଜିତେନ୍ଦ୍ର ବାରିକ, ରାଜୀବ ବାରିକ, ଶ୍ରୀକାନ୍ତ ବାରିକ, ଗିରିଶ ବାରିକ, ନାରୀନେତ୍ରୀ ସୁଜତା ନାୟକ, ପିଙ୍କି ବେହେରା, କମଳା ବେହେରା ଓ ମଞ୍ଜୁଲତା ନାୟକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ସଞ୍ଜୟ ବାରିକ ସଭା ପରିଚାଳନା କରିଥିଲେ। ଏଥିରେ ଶତାଧିକ ମହିଳାଙ୍କ ସହିତ ସମସ୍ତ ଗ୍ରାମବାସୀ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ସମସ୍ତ ସୁବିଧା ସୁଯୋଗକୁ ପ୍ରଶଂସା କରିଥିଲେ।

### ଭୋଗଡ଼ା ପଞ୍ଚାୟତରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

### କେନ୍ଦ୍ର ସରକାର ଆବଶ୍ୟକ ଆବାସ ଦେଇନାହାନ୍ତି

ତିଗିରିଆ,୧୭।୧୦(ଜାଫର ଖାଁ):

ଭୋଗଡ଼ା ପଞ୍ଚାୟତରେ ତିଗିରିଆ ବ୍ଲକ ବିଜେଡି ତରଫରୁ ମଙ୍ଗଳବାର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସଭାପତି ପ୍ରସନ୍ନ ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ପଦଯାତ୍ରାରେ ମୁଖ୍ୟ ଅତିଥିଭାବେ ବିଜେଡି ଯୁବ ସଙ୍ଗଠକ ଆଦିତ୍ୟ ପ୍ରତାପ ସ୍ୱାଇଁ ଯୋଗଦେଇ କେନ୍ଦ୍ର ସରକାର ଓଡ଼ିଶା ପ୍ରତି ବୈମାତୃକ ମନୋଭାବ ରଖି ଆବାସ ଯୋଜନାରେ ଆବଶ୍ୟକ ବାସଗୃହ ଦେଇ ନ ଥିବା କହିଥିଲେ। ଏହି ପଦଯାତ୍ରା ପଞ୍ଚାୟତର ବେଲଅଣ୍ଟାଠାରୁ ବାହାରି ଭୋଗଡା, ପାଇକସାହିସ୍ଥିତ ପତିତପାବନଙ୍କ ମନ୍ଦିରଠାରେ ସମାପ୍ତ ହୋଇଥିଲା। ଏଥିରେ ସରପଞ୍ଚ ଶର୍ମିଳା ନାୟକ, ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ସଭ୍ୟ ସଞ୍ଜୟ ମଲ୍ଲିକ, ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ରୁପା ଦଳେଇ, ରେଣୁବାଳା ମଲ୍ଲ, ସୁବର୍ଣ୍ଣିନୀ ପାଣିଗ୍ରାହୀ, ମୋନାଲିଶା ବେହେରା, ରଶ୍ମିତା ସୁଭଦର୍ଶିନୀ, ସମସୁରା ବେଗମ, ଉଷାରାଣୀ ସ୍ୱାଇଁ, ଛାତ୍ର ନେତା ହିମାଂଶୁ ସ୍ୱାଇଁ, ବିବେକାନନ୍ଦ ସାହୁ, ସୁଭେନ୍ଦୁ ସାହୁ, ଯୁବ ସଭାପତି ପ୍ରୀତିରଞ୍ଜନ ବେହେରା, ପ୍ରଶାନ୍ତ ରାଉତ, ସାଗର ଖଟୁଆ, ଶିବଶଙ୍କର ଦାସ, ପିଣ୍ଟୁ ଗୋଛି, କାଳିଆ ଗୋଛି ଓ ବିଶ୍ୱରଞ୍ଜନ ମାଝି ପ୍ରମୁଖ ଯୋଗ ଦେଇଥିଲେ।

# ବଦଳୁଛି ଚିତ୍ରୋତ୍ପଳାର ଗତିପଥ

- ଶତାଧିକ ଗ୍ରାମ ନଦୀ ଗର୍ଭରେ ଲୀନ ହେବା ଆଶଙ୍କା
- ନଦୀ ବନ୍ଧର ସୁରକ୍ଷା ପାଇଁ ପଦକ୍ଷେପ ନିଆଯାଉନାହିଁ

ନିଶ୍ଚିନ୍ତକୋଇଲି, ୧୭।୧୦ (ଅଶୋକ କୁମାର ମହାପାତ୍ର)



କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଦେଇ ପୁଣ୍ୟତୋୟା ଚିତ୍ରୋତ୍ପଳା ନଦୀ ପ୍ରବାହିତ ହେଉଛି। ଏହି ନଦୀ ଦିନକୁ ଦିନ ତାର ଗତିପଥ ପରିବର୍ତ୍ତନ କରୁଥିବାରୁ ନିକଟ ଭବିଷ୍ୟତରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଗ୍ରାମ ନଦୀ ଗର୍ଭରେ ଲୀନ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଏପରିସ୍ଥଳେ ଜଳ ସମ୍ପଦ ବିଭାଗ ଜାଣି ନ ଜାଣିଲାଭଳି ଅଭିନୟ କରୁଛି।

ନିଶ୍ଚିନ୍ତକୋଇଲି ବ୍ଲକ ତଥା ମାହାଙ୍ଗା ନିର୍ବାଚନମଣ୍ଡଳୀର କୋଲଣପୁର ପଞ୍ଚାୟତଠାରୁ ଚିତ୍ରୋତ୍ପଳା ନଦୀ ପ୍ରବାହିତ ହେଉଛି। ଏହି ନଦୀ ପାର୍ଶ୍ୱରେ ବହୁ ପୁରାତନ ଦେବଦେବୀଙ୍କ ମନ୍ଦିର ରହିଛି। ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପବିତ୍ର ପୀଠ ମଧ୍ୟ ଏହି ନଦୀ କୂଳରେ ରହିଛି। ନଦୀଟି କଟକ ସଦର ନିର୍ବାଚନ ମଣ୍ଡଳୀର ତିଳକଣା ପଞ୍ଚାୟତଠାରେ ଥିବା ତିନିମୁହାଣିଠାରୁ ଦୁଇଭାଗ ହୋଇଯାଇଛି। ସେଠାରୁ ଗୋଟିଏ ନଦୀ ଲୁଣା ନାମରେ ପରିଚିତ ହୋଇଥିଲାବେଳେ ଅନ୍ୟଟି ଚିତ୍ରୋତ୍ପଳା ନାମରେ ପ୍ରବାହିତ ହେଉଛି। ବିଗତ ଦିନରେ ଏହି ନଦୀପଠା ଶହ ଶହ ଏକ ଜମିରେ ପରିମିତ ଥିଲା। ଏହି ପଠା ସୁଜଳା ସୁଫଳା ଶସ୍ୟ ଶ୍ୟାମଳାରେ ଭରପୂର ହେଉଥିଲା। ନଦୀପଠା ସ୍ଥାନୀୟ ଅଞ୍ଚଳର ଶହ ଶହ ଚାଷୀଙ୍କ ନିମନ୍ତେ ଭାତହାଣ୍ଡି ସଦୃଶ ରହିଆସିଛି। ଏହି ପଠାରେ ସ୍ଥାନୀୟ ଅଞ୍ଚଳର ଚାଷୀ ଧାନ, ମୁଗ, ବିରି, କୋଳଥ, ଆଖୁ, ସୋରିଷ, ନଳିତା ସମେତ ଆଳୁ, କୋବି, ମୂଳା, ବିଲାତି ବାଇଗଣ, ସାରୁ,ଝୁଡଙ୍ଗ, ଓ କଖାରୁ ଆଦି ପନିପରିବା ଚାଷ କରି ନିଜର ପରିବାର ପ୍ରତିପୋଷଣ କରିଆସୁଛନ୍ତି। କିନ୍ତୁ ଧୀରେ ଧୀରେ ଏହି ନଦୀ ତାର ଗତିପଥ ପରିବର୍ତ୍ତନ କରିବାରେ ଲାଗିଛି। ନଦୀର ତିଳକଣା ଗ୍ରାମପଞ୍ଚାୟତ କଣ୍ଠାପାରି ନିକଟରେ ନଦୀ ବକ୍ଷରେ ୭୨ ଏକରରୁ ଉର୍ଦ୍ଧ୍ୱ ଜମି ରହିଥିଲା। ଧୀରେ ଧୀରେ ଏହି ପଠାଜମି ନଦୀଗର୍ଭରେ ଲୀନ ହେବାରେ ଲାଗିଛି। ଆଉ ମାତ୍ର ଏକ ଏକରରୁ ସାମାନ୍ୟ ଅଧିକ ପଠା ରହିଥିବାର କୁହାଯାଉଛି। ତେବେ ପୁନାଲୋ ଜଳ ସମ୍ପଦ ବିଭାଗ ତରଫରୁ ଏହି ନଦୀର ସୁରକ୍ଷା ନିମନ୍ତେ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଉ ନଥିବା ଅଭିଯୋଗ ହୋଇଛି।

୨୦୧୮ରେ କଣ୍ଠାପାରିଠାରେ ଚିତ୍ରୋତ୍ପଳା ନଦୀବନ୍ଧର ବାମ ପାର୍ଶ୍ୱରେ ପଥର ପ୍ୟାକିଂ ଓ ସ୍ପର ନିର୍ମାଣ ନିମନ୍ତେ ୧୬ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ତତ୍କାଳୀନ କ୍ରୀଡ଼ା ମନ୍ତ୍ରୀ ତଥା କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ଏହାର ଶିଳାନ୍ୟାସ କରିଥିଲେ। ଠିକାଦାର ନାମକୁ ମାତ୍ର ପଥର ପ୍ୟାକିଂ ଓ ସ୍ପର ନିର୍ମାଣ କରି ସରକାରୀ ରାଜକୋଷରୁ ସମସ୍ତ ଟଙ୍କା ଉଠାଇ ନେଇଥିଲେ। ଏପର୍ଯ୍ୟନ୍ତ ଏହି ସ୍ଥାନଟି ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡ଼ିରହିଛି। ଏହି ବନ୍ଧକୁ ସମ୍ପୂର୍ଣ୍ଣ ପଥର ପ୍ୟାକିଂ କରାଯିବା ନିମନ୍ତେ ପ୍ରଶାସନିକସ୍ତରରେ କୌଣସି ଆନ୍ତରିକତା ପ୍ରକାଶ ପାଇନାହିଁ। ସରକାରଙ୍କ ତରଫରୁ ଚିତ୍ରୋତ୍ପଳା ନଦୀ ବନ୍ଧର ସୁରକ୍ଷା ଏବଂ ପୂର୍ବ ଭୌଗୋଳିକ ସ୍ଥିତି ବଜାୟ ରଖିବା ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ ନିଆନଗଲେ ଆଗାମୀ ଦିନରେ ନିଶ୍ଚିନ୍ତକୋଇଲି ଓ କେନ୍ଦ୍ରାପଡା ଜିଲାର ପାଟକୁରା ଅଞ୍ଚଳର ଶହ ଶହ ଗ୍ରାମ ଚିତ୍ରୋତ୍ପଳା ନଦୀରେ ଲୀନ ହେବା ଆଶଙ୍କାକୁ ଏଡ଼ାଇ ଦେଇ ହେବନି।

ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ମହେନ୍ଦ୍ର କୁମାର ସାହୁ କହିଛନ୍ତି, ସରକାରଙ୍କ ତରଫରୁ ମଞ୍ଜୁର କରାଯାଇଥିବା ୧୬ କୋଟି ଟଙ୍କାର ବିନିଯୋଗ ହୋଇସାରିଛି। ଏହି ନଦୀବନ୍ଧର ସୁରକ୍ଷା ନିମନ୍ତେ ଆଉ କୌଣସି ବ୍ୟବସ୍ଥା କରାଯାଇ ନାହିଁ। ଏଭଳିସ୍ଥିତିରେ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଛନ୍ତି।




ବାଲ୍ୟ ବିବାହ ମୁକ୍ତ ଭାରତ ଗଠନ ପାଇଁ ଉତ୍କଳ ସେବକ ସମାଜ ଓ ସତ୍ୟାର୍ଥୀ ଫାଉଣ୍ଡେଶନ ପକ୍ଷରୁ ବଡମ୍ବା ବ୍ଲକର ୧୦ ଗ୍ରାମରେ ଶୋଭାଯାତ୍ରା ଓ ଶପଥପାଠ କରାଯାଉଛି। (ଫଟୋ: ମାୟାଧର ମଲ୍ଲିକ)

# ରେଙ୍ଗାଲି ଦକ୍ଷିଣ ପାର୍ଶ୍ୱ କେନାଲର ଭିତ୍ତିପ୍ରସ୍ତର ସ୍ଥାପନ

ତିଗିରିଆ,୧୭।୧୦(ଜାଫର ଖାଁ)

ତିଗିରିଆ ବ୍ଲକ ଅନ୍ତର୍ଗତ ଭୋଗଡା ପଞ୍ଚାୟତର ଭେଜିଆଠାରେ ୩ କିମି ୩୩୫ ମିଟର ଲମ୍ବା ରେଙ୍ଗାଲି ଦକ୍ଷିଣ କେନାଲର ନରସିଂହପୁର ଶାଖାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ରାଜ୍ୟକୃଷି ମନ୍ତ୍ରୀ ଯୋଗ ଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରି କହିଥିଲେ, ବିଜୁ ପଟ୍ଟନାୟକଙ୍କର ରେଙ୍ଗାଲି ଦକ୍ଷିଣ କେନାଲ ସମ୍ପୂର୍ଣ୍ଣ ସ୍ୱପ୍ନ ଥିଲା, ହେଲେ ତାଙ୍କ ପୁଅ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ରେ ସୋମବାର ଶୁଭ ଦିଆଯାଇଥିବାରୁ ଏହି କାମକୁ ଶୀଘ୍ର ସମ୍ପୂର୍ଣ୍ଣ କରାଯିବ ବୋଲି ସ୍ୱାଇଁ କହିଛନ୍ତି। ଏନେଇ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଭୋଗଡା ସରପଞ୍ଚ ଶର୍ମିଳା ନାୟକ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥିଭାବେ ତିଗିରିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ସଭ୍ୟ ସଞ୍ଜୟ ମଲ୍ଲିକ, ବ୍ଲକ ଉପାଧକ୍ଷ ମାନସ ସାହୁ, ରେଙ୍ଗାଲି ଦକ୍ଷିଣ କେନାଲ ମୁଖ୍ୟ ଯନ୍ତ୍ରୀ ପ୍ରଦୀପ କୁମାର ପ୍ରଧାନ,ପ୍ରମୋଦ କୁମାର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ୯ କୋଟି ୪୪ ଲକ୍ଷ ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି କେନାଲ କାମ ୨୦୨୪ ଖରିଫ ଋତୁ ପୂର୍ବରୁ ଶେଷ ହୋଇଯିବ ବୋଲି ଠିକାଦାର ଅନ୍ନଦା ଶଙ୍କର ସାହୁ କହିଛନ୍ତି।



ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ରେଙ୍ଗାଲି ଦକ୍ଷିଣ ପାର୍ଶ୍ୱ କେନାଲର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

## କାରଖାନା କର୍ମଚାରୀଙ୍କୁ ମାଡ଼, ୨ ଇଞ୍ଜିନିୟର କୋର୍ଟ ଚାଲାଣ

ଖୁଣ୍ଟୁଣୀ, ୧୭।୧୦ (ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅଧୀନ ଘଣ୍ଟିଖାଲସ୍ଥିତ ଏକ କାରଖାନା ପରିସରରେ ଜଣେ କର୍ମଚାରୀଙ୍କୁ ମାଡ଼ ମାରିବା ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କେନ୍ଦ୍ରାପଡା ଜିଲା ମାର୍ଶାଘାଇ ଅଞ୍ଚଳର ସୌରଭ ପ୍ରକାଶ ରମଣ ଓ ରାଜକନିକା ଅଞ୍ଚଳର ଶ୍ରୀକାନ୍ତ ବିଶ୍ୱାଳ। ମିଳିଥିବା ସୂଚନା ଅନୁଯାୟୀ, ଖୁଣ୍ଟୁଣୀ ଥାନା ଅଧୀନ ଦ୍ୱାରାବତୀପୁର ଗ୍ରାମର ପ୍ରଣବାନନ୍ଦ ପ୍ରଧାନ ଉକ୍ତ କାରଖାନାରେ କାର୍ଯ୍ୟ କରୁଛନ୍ତି। ସବୁ ଦିନ ସେ ଡ୍ୟୁଟି ଆସି କାର୍ଯ୍ୟରେ ଅବହେଳା କରୁଥିବାରୁ ଅଭିଯୁକ୍ତ ଇଞ୍ଜିନିୟର ଦ୍ୱୟ ତାଙ୍କୁ ତାଗିଦା କରୁଥିଲେ। ସୋମବାର ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ଓ ମାରପିଟ୍ ହୋଇଥିଲା। ପରେ ଅଭିଯୁକ୍ତ ସେଫ୍ଟି ହେଲ୍‌ମେଟ୍‌ରେ ତାଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଏ ନେଇ ଥାନାରେ ଏକ ମାମଲା(ନଂ.୨୦୪/୨୩) ରୁଜୁ ହୋଇଛି।

## ନିଆଁରେ ପୋଡ଼ି ହୋଇ ଗର୍ଭବତୀଙ୍କ ମୃତ୍ୟୁ ଘଟଣା : ଥାନାରେ ମାମଲା ରୁଜୁ

ମାହାଙ୍ଗା, ୧୭।୧୦(ଯଯାତି ସିଂହ):

ନିଆଁରେ ପୋଡ଼ି ହୋଇ କଟକ ଜିଲା ଭଦ୍ରେଶ୍ୱର ଥାନା ଅଧୀନ କୁରୁଜଙ୍ଗା ପଞ୍ଚାୟତ ସବଳକଣା ଗ୍ରାମର ଦେବୀପ୍ରସାଦ ଦାସଙ୍କ ସ୍ତ୍ରୀ ସୋନାଲି(୨୨)ଙ୍କ ସୋମବାର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ମଙ୍ଗଳବାର ବାପା ପୂର୍ଣ୍ଣଚନ୍ଦ୍ର ବେହେରା ଝିଅକୁ ହତ୍ୟା କରାଯାଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ଏହାପରେ ପୋଲିସ ମାମଲା (ନଂ. ୧୧୮/୨୩) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଇଛି। ସୂଚନା ଅନୁଯାୟୀ, ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅଧୀନ କଳାରାହାଙ୍ଗ ଗ୍ରାମର ସୋନାଲିଙ୍କ ସହ ୨୦୨୧ରେ ଦେବୀପ୍ରସାଦଙ୍କ ବୈଦିକ ରୀତିରେ ବିବାହ ହୋଇଥିଲା। ସୋନାଲିଙ୍କ ସ୍ୱାମୀ ଭୁବନେଶ୍ୱରସ୍ଥିତ ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରନ୍ତି। ଗତ ୫ ଦିନ ପୂର୍ବେ ସୋନାଲି ଶ୍ୱଶୁର ଘରୁ ବିଳମ୍ବିତ ରାତିରେ ଅନ୍ୟ ଜଣେ ଯୁବକଙ୍କ ସହ ପଳାଇଥିଲେ। ଏନେଇ ଶ୍ୱଶୁର ତ୍ରିଲୋଚନ ଭଦ୍ରେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହା ପରେ ପୋଲିସ ସୋନାଲିଙ୍କୁ ନିଶ୍ଚିନ୍ତକୋଇଲି ଅଞ୍ଚଳରୁ ଉଦ୍ଧାର କରିଶାଶୁ ଘର ଲୋକଙ୍କୁ ଜିମା ଦେଇଥିଲା। ସୋମବାର ସୋନାଲିଙ୍କୁ ସବଳକଣାସ୍ଥିତ ନିଜ ଶାଶୁ ଘର ଛାତ ଉପରେ ଜଳୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଶରୀର ସମ୍ପୂର୍ଣ୍ଣ ଜଳି ଯାଇଥିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁବେଳକୁ ସୋନାଲି ଅନ୍ତଃସତ୍ତ୍ୱା ଥିବା ଜଣାପଡ଼ିଛି। ଏହାକୁ ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ମୃତକଙ୍କ ବାପା ଥାନାରେ ଅଭିଯୋଗ କରିଥିବାବେଳେ ସୋନାଲି ନିଜ ଦେହରେ କିରୋସିନ ଢାଳି ଆତ୍ମହତ୍ୟା କରିଥିବା ତାଙ୍କ ଶାଶୁ କହିଛନ୍ତି। ଏହି ଘଟଣାରେ ପୋଲିସ ସୋନାଲୀଙ୍କ ସ୍ୱାମୀଙ୍କୁ ଅଟକ ରଖି ଘଟଣାର ତଦନ୍ତ ଚଳାଇଥିବା ଜଣାଯାଇଛି ।

# କେନ୍ଦ୍ରମନ୍ତ୍ରୀଙ୍କୁ ଜବାବ ଦେଲା ଆଠଗଡ଼ ବିଜେଡି

ଆଠଗଡ଼,୧୭।୧୦(ସତ୍ୟ ପ୍ରସାଦ ରଥ)

ଆଠଗଡ଼ରେ ଅନୁଷ୍ଠିତ ସଂକଳ୍ପ ସମାବେଶରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇ ବିଜେଡିକୁ ବିଭିନ୍ନ ପ୍ରସଙ୍ଗରେ ସମାଲୋଚନା କରିଥିଲେ। ଏହାର ପ୍ରତିବାଦରେ ମଙ୍ଗଳବାର ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ଆଠଗଡ ବିଜେଡି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। କେନ୍ଦ୍ର ମନ୍ତ୍ରୀ ଭାଷଣ ପ୍ରସଙ୍ଗରେ ଯେଉଁ ସବୁ ତଥ୍ୟ ପ୍ରକାଶ କରିଥିଲେ ତାହା କପୋଳକଳ୍ପିତ ବୋଲି ବିଜେଡି ନେତୃମଣ୍ଡଳି କହିଛନ୍ତି। ବାସ୍ତବରେ ଧର୍ମେନ୍ଦ୍ର ଆଠଗଡ ବିଷୟରେ କିଛି ଜାଣିନାହାନ୍ତି। ଯେଉଁ ଚିଠା ସ୍ଥାନୀୟ ନେତୃତ୍ୱ ଧରାଇ ଦେଲେ ତାକୁ ସେ ପଢ଼ିଗଲେ। ଆଠଗଡ଼ରେ ଶୀତଳଭଣ୍ଡାର ନାହିଁ ବୋଲି ସେ କହିଥିଲେ। ହେଲେ ରାଜ୍ୟ ସରକାର ଆଠଗଡ ସହ ଓଡ଼ିଶାର ୧୯ ଟି ସ୍ଥାନରେ ଶୀତଳଭଣ୍ଡାର ନିର୍ମାଣ ପାଇଁ ଟେଣ୍ଡର ଡାକିଛନ୍ତି। ରେଙ୍ଗାଲୀ ଦକ୍ଷିଣ କେନାଲର ନିର୍ମାଣ କାର୍ଯ୍ୟ ଶେଷ ହେବାକୁ ଯାଉଛି। ଏହାଦ୍ୱାରା ବହୁ ଚାଷୀ ଶୀଘ୍ର ଜଳସେଚନର ସୁବିଧା ପାଇବେ। ଆଠଗଡରେ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ଦ୍ଧାରିତ ଲକ୍ଷ୍ୟରେ ଅଗ୍ରସର ହେଉଛି। ଆସନ୍ତା ବର୍ଷ ପ୍ରଥମାର୍ଦ୍ଧରେଏହା ସମ୍ପୂର୍ଣ୍ଣ ହେବାକୁ ଯାଉଛି। ଫଳରେ ଆଠଗଡ ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ଗ୍ରାମ ଏବଂ ଘର ପାଇପ୍ ଯୋଗେ ସଂଯୋଗୀକରଣ କରାଯିବ। ଏହାବ୍ୟତୀତ ଏଠାରେ ପ୍ରତିଷ୍ଠିତ ଶିଳ୍ପ କାରଖାନାରେ ଆଠଗଡର ଯୁବତୀଯୁବକମାନେ ଆତ୍ମନିଯୁକ୍ତି ପାଇ ଜୀବିକା ନିର୍ବାହ କରୁଛନ୍ତି। ଦରବୃଦ୍ଧି ନେଇ କେନ୍ଦ୍ର ସରକାର ନୁହେଁ, ରାଜ୍ୟ ସରକାର ଦାୟୀ ବୋଲି କେନ୍ଦ୍ର ମନ୍ତ୍ରୀ କହିଥିଲେ। ଏହାର ଉତ୍ତରରେ ବିଜେଡି ନେତୃମଣ୍ଡଳୀ କହିଛନ୍ତି, ୨୦୧୪ ପୂର୍ବରୁ ଧର୍ମେନ୍ଦ୍ର ନିଜେ ସିଲିଣ୍ଡର ଧରି ରାଜରାସ୍ତାରେ ପ୍ରତିବାଦ କରୁଥିଲେ। ସେତେବେଳେ ସିଲିଣ୍ଡର ଦାମ୍ ୪୨୫ ଟଙ୍କା ଥିଲା। କିନ୍ତୁ ଏବେ ସିଲିଣ୍ଡର ଦାମ କେତେ ବୋଲି ବିଜେଡି ନେତାମାନେ ଖବରଦାତା ସମ୍ମିଳନୀରେ ପ୍ରଶ୍ନ କରିଛନ୍ତି। ବିଜେଡି ଉପରେ ଆରୋପ ଲଗାଇବା ପୂର୍ବରୁ କେନ୍ଦ୍ର ମନ୍ତ୍ରୀ ଏଠାକାର ବିଷୟରେ ସମ୍ପୂର୍ଣ୍ଣ ତଥ୍ୟ ଜାଣନ୍ତୁ ନଚେତ୍ ଲୋକହସା ହେବେ ବୋଲି ସେମାନେ କହିଥିଲେ। ଏହି ଖବରଦାତା ସମ୍ମିଳନୀରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ନିର୍ଦ୍ଦେଶକ ଲଳିତେନ୍ଦୁ ସେନାପତି, ଏନ୍‌ଏସିର ନଗରପାଳ ସସ୍ମିତା ରାଉତ, ଦୋରଡ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ସୁବାସ ଭୋଇ , କଟକ ଜିଲାର ବିଜେଡି ସମ୍ପାଦକ ପ୍ରଦୀପ୍ତ ଦାସ ଓ ରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା ବିଜେଡି ନେତୃମଣ୍ଡଳି।

## ନରଦା ପଞ୍ଚାୟତର ପୂର୍ବତନ ସରପଞ୍ଚ ଗିରଫ

ସାଲେପୁର,୧୭।୧୦(ଅରବିନ୍ଦ ଭୂୟାଁ)

ସାଲେପୁର ପୋଲିସ ନରଦାପଞ୍ଚାୟତର ପୂର୍ବତନ ସରପଞ୍ଚ ବିଜୟ ମହାନ୍ତିଙ୍କୁ ମଙ୍ଗଳବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ବିଜୟଙ୍କ ନାମରେ ୨୦୨୦ରେ ଏକ ମାମଲାରେ ଗିରଫ ଫରୱାନା ଜାରି କରାଯାଇଥିଲା।

## ୧କୋଟି ୮୩ଲକ୍ଷ ଟଙ୍କାର କାର୍ଯ୍ୟାଦେଶ ବଣ୍ଟନ

ବାଙ୍କୀ,୧୭।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ରାଜ୍ୟ ସରକାରଙ୍କ ମୁକ୍ତା ଯୋଜନାରେ ୨୦୨୩-୨୪ଆର୍ଥିକ ବର୍ଷ ପାଇଁ ଏନ୍‌ଏସିର ମୋଟ୍ ୧୭ ୱାର୍ଡର ୫୫ ପ୍ରକଳ୍ପ ପାଇଁ ୧କୋଟି ୮୩ଲକ୍ଷ ଟଙ୍କାର କାର୍ଯ୍ୟାଦେଶ ମଙ୍ଗଳବାର ବଣ୍ଟନ କରାଯାଇଛି। ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଏହି କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ସ୍ଥାନୀୟ ରୁଚିକା ହାଟରେ ଅୟୋଜିତ ଏହି କାର୍ଯ୍ୟକ୍ରମରେ ନଗରପାଳ ମାଣିକ ସାହୁ ଅଧ୍ୟକ୍ଷତା କରିଥିଲେ। କାଉନସିଲର ସନାତନ ବେହେରା ସ୍ୱାଗତ ଭାଷଣ ଦେବା ସହ ମୁକ୍ତା ପ୍ରକଳ୍ପ ବିଷୟର ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଏହି ୫୫ ପ୍ରକଳ୍ପ ମଧ୍ୟରେ ୨୦ଟି ଚଲାପଥ, ୧୮ ଖୋଲାସ୍ଥାନ ଉନ୍ନତିକରଣ, ୩ ମିନିପାର୍କ, ୧୨ ଶୌଚାଳୟ, ଓ ଗୋଟିଏ ଲେଖାଏଁ ପରିଶ୍ରାଗାର ଓ ମୁକ୍ତଆକାଶ ବ୍ୟାୟମଶାଳା ନିର୍ମାଣ କରାଯିବ ବୋଲି ବିଧାୟକ ତ୍ରିପାଠୀ କହିଥିଲେ। କାର୍ଯ୍ୟକ୍ରମରେ ଉପନଗରପାଳ ସନ୍ତୋଷ କୁମାର ରଣା, ୧୨ନଂ. ୱାର୍ଡ କାଉନସିଲର ଜାମିନିକାନ୍ତ ମହାପାତ୍ର ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ପ୍ରାୟ ୪୦୦ ଏସ୍‌ଏଚ୍‌ଜି ସଦସ୍ୟା ଏଥିରେ ସାମିଲ ହୋଇଥିଲେ।

## ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ମେଳା

ତିଗିରିଆ ୧୭।୧୦(ଜାଫର ଖାଁ )

ତିଗିରିଆ କୃଷି ବିଭାଗ ତରଫରୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ମେଳା ଓ ଆଲୋଚନାଚକ୍ର ମଙ୍ଗଳବାର ତିଗିରିଆ ବ୍ଲକ ବାଲିପୁଟରେ ଅନୁଷ୍ଠିତ ହୋଇଯାଇଛି। କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ତିଗିରିଆର ଅଧ୍ୟକ୍ଷ ହରେନ୍ଦ୍ର ଦଳେଇ ଏହାକୁ ଉଦ୍‌ଘାଟନ କରିଥିଲେ।

ଏହି ଅବସରରେ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡଯୋଜନା ସମ୍ବନ୍ଧରେ ସଚେତନତା ସୃଷ୍ଟି କରାଯିବା ସହ ସରକାରୀ ଯୋଜନାରେ ମିଳୁଥିବା ସହାୟତା ଓ ସୁବିଧା ବିଷୟରେ ଚାଷୀମାନଙ୍କୁ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମରେ କୃଷିଜିଲା ଅଧିକାରୀ ପର୍ଶୁରାମ ବେହେରା,ତିଗିରିଆ ବ୍ଲକ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ସଭ୍ୟ ସଞ୍ଜୟ ମଲ୍ଲିକ,ଗୌରହରୀ ପରିଡା ,ବ୍ଲକ କୃଷି ଅଧିକାରୀ ସନାତନ ବେହେରା, ସହକାରୀ କୃଷି ଅଧିକାରୀ ଦେବି ପ୍ରସାଦ ପୁଷ୍ଟି ପ୍ରମୁଖ ଯୋଗଦେଇଥିଲେ।




ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

# ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟ ସମ୍ମୁଖରେ କଂଗ୍ରେସର ଧାରଣା

**ଉପଖଣ୍ଡରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ଅଭିଯୋଗ**

ବାଙ୍କୀ,୧୭।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଉପଖଣ୍ଡରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏଭଳି ଅଭିଯୋଗ କରି ସମାଧାନ ଦାବିରେ ମଙ୍ଗଳବାର ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟ ସମ୍ମୁଖରେ କଂଗ୍ରେସ ପକ୍ଷରୁ ଧାରଣ ଦିଆଯାଇଛି। ବାଙ୍କୀର ପୂର୍ବତନ ବିଧାୟକ ତଥା ରାଜ୍ୟ କଂଗ୍ରେସ କମିଟି ଉପସଭାପତି ଡ. ଦେବାଶିଷ ପଟ୍ଟନାୟକ ଏହାର ନେତୃତ୍ୱ ନେଇଥିଲେ। ନଗର କଂଗ୍ରେସ ସଭାପତି କାଶିନାଥ ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ରାଜ୍ୟ କଂଗ୍ରେସ ବରିଷ୍ଠ ନେତା ବିଧାୟକ ତାରା ପ୍ରସାଦ ବାହିନୀପତି, ବରିଷ୍ଠ ଯୁବ କଂଗ୍ରେସ ନେତା ରଞ୍ଜିତ ପାତ୍ର ଓ ରାଜ୍ୟ ଛାତ୍ର କଂଗ୍ରେସ ସଭପତି ୟାସିର ଅହମ୍ମଦ, କଂଗ୍ରେସ ନେତା ସିଦ୍ଧାନ୍ତ ଶଙ୍କର ରାଉତରାୟ ପ୍ରମୁଖ ଯୋଗଦେଇ ଉପଖଣ୍ଡ ଚିକିତ୍ସାଳୟରେ ଥିବା ସମସ୍ୟାର ସମାଧାନ ପାଇଁ ଦାବି କରିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ସ୍ଥାୟୀ ଚିକିତ୍ସା ଅଧିକାରୀ ନ ଥିବାରୁ ବିଭିନ୍ନ ସମସ୍ୟା ଦେଖାଦେଇଛି। ଡେପୁଟେଶନରେ ଆସିଥିବା ଚିକିତ୍ସା ଅଧିକାରୀ ଏଠାରେ ରହୁନାହାନ୍ତି। ଅତ୍ୟାଧୁନିକ ଅଲଟ୍ରାସାଉଣ୍ଡ୍ ମେଶିନ୍ କାର୍ଯ୍ୟକାରୀ ନ ହୋଇ ଅଚଳ ହୋଇପଡ଼ିଛି। ବ୍ଲଡ ବ୍ୟାଙ୍କ ଥିଲେ ମଧ୍ୟ ତାହା କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଆମ୍ବୁଲାନ୍ସ ସେବା ଠିକ୍ ଭାବରେ କାର୍ଯ୍ୟକାରୀ ହେଉ ନ ଥିବାରୁ ଗୁରୁତର ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉପଖଣ୍ଡରେ ରହିଥିବା ବିଭିନ୍ନ ଚିକିତ୍ସାଳୟରେ ଅସ୍ତ୍ରୋପଚାର ନିମନ୍ତେ ଭିତ୍ତିଭୂମି ଥିଲେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରାଯାଉନାହିଁ। ଫଳରେ ଦୁର୍ଘଟଣାର ଶିକାର ବ୍ୟକ୍ତି, ଗର୍ଭବତୀ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାଛଡ଼ା ଚକ୍ଷୁ ବିଭାଗକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା, ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ସ୍ଥାୟୀ ବ୍ୟକ୍ତିଙ୍କୁ ନିଯୁକ୍ତି ଦେବା, ଭେଷଜ ବିଶେଷଜ୍ଞ , ଶିଶୁ ବିଭାଗ ବିଶେଷଜ୍ଞଙ୍କ ସମେତ ସମସ୍ତ ବିଭାଗରେ ଡାକ୍ତରଙ୍କ ପୂର୍ଣ୍ଣକାଳୀନ ଉପସ୍ଥିତି ପାଇଁ ଦାବି କରାଯାଇଥିଲା। ଏହି ସଭାରେ ବାଙ୍କୀ ବ୍ଲକ କଂଗ୍ରେସ ସଭାପତି ନରେଶ ଚନ୍ଦ୍ର ସାହୁ, ଡମପଡ଼ା ବ୍ଲକ କଂଗ୍ରେସ ସଭାପତି ଅସୀତ୍ ପଟ୍ଟନାୟକ, ନଗର କଂଗ୍ରେସ ସଭାପତି କାଶିନାଥ ମହାପାତ୍ର, ଉପଦେଷ୍ଟା କ୍ଷେତ୍ରବାସୀ ଦାଶ, ବିଶ୍ୱରଞ୍ଜନ ପଣ୍ଡା, ଅମିୟ ନାୟକ, ନିରଞ୍ଜନ ମହାପାତ୍ର, ପ୍ରତାପ ଚନ୍ଦ୍ର ମହାପାତ୍ର, ନୀଳମଣି ମହାପାତ୍ର, ଭବାନୀ ପ୍ରସାଦ ଧଳସାମନ୍ତ, ରଘୁନାଥ ବେହେରା, ଯୋଗେଶ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। କଟକର ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ, ବାଙ୍କୀ ଉପଜିଲାପାଳ ଦେବୀ ପ୍ରସାଦ ମହାନ୍ତି ,ବାଙ୍କୀ ଉପଖଣ୍ଡ ପୋଲିସ ଅଧିକାରୀ ଜ୍ଞାନରଞ୍ଜନ ମିଶ୍ର, ବାଙ୍କୀ ଥାନା ଅଧିକାରୀ କାବୁଲି ବାରିକ ପ୍ରତିବାଦ ସ୍ଥଳରେ ପହଞ୍ଚି ଦାବିପତ୍ର ଗ୍ରହଣ କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।



ଧାରଣାରେ ବସିଥିବା କଂଗ୍ରେସ ନେତା ଓ କର୍ମୀମାନେ।

## ସଂକ୍ଷେପରେ

### ମନ୍ଦିର ଦାନବାକ୍ସ ଚୋରି ଉଦ୍ୟମ ପଣ୍ଡ

ବାଲୁଗାଁ,୧୭।୧୦(ସଂଗ୍ରାମ ପାଇକରାୟ)

ବାଲୁଗାଁ ଅଞ୍ଚଳର ପ୍ରସିଦ୍ଧ ଶୈବପୀଠ ଶ୍ରୀଶ୍ରୀ ଉମାମହେଶ୍ୱର ଦେବ ମନ୍ଦିରରୁ ସୋମବାର ବିଳମ୍ବିତ ରାତ୍ରିରେ ଦୁର୍ବୃତ୍ତମାନେ ଦାନବାକ୍ସ ଚୋରି ଉଦ୍ୟମ କରି ବିଫଳ ହୋଇଛନ୍ତି। ଏନେଇ ପୋଲିସରେ ଅଭିଯୋଗ ହେବା ପରେ ଦୁର୍ବୃତ୍ତଙ୍କୁ ଧରିବାକୁ ତଦନ୍ତ ଆରମ୍ଭ ହୋଇଛି। ଖବର ନେବାରେ ଜଣାପଡ଼ିଛି, ଦୈନନ୍ଦିନ ପରି ସୋମବାର ସନ୍ଧ୍ୟାରେ ପୂଜକ ମନ୍ଦିର ଫାଟକରେ ତାଲା ପକାଇ ଘରକୁ ଯାଇଥିଲେ। ବିଳମ୍ବିତ ରାତ୍ରିରେ ଦୁର୍ବୃତ୍ତମାନେ ମନ୍ଦିର ଲୁହା କବାଟ ତାଲା ଭାଙ୍ଗି ଭିତରକୁ ପଶି ଦାନବାକ୍ସ ଭାଙ୍ଗିବାକୁ ଅକ୍ଲାନ୍ତ ପରିଶ୍ରମ କରି ବିଫଳ ହୋଇ ଫେରି ଯାଇଥିଲେ। ମଙ୍ଗଳବାର ଭୋରୁ ମନ୍ଦିର ସଫେଇ କର୍ମଚାରୀ କବାଟ ତାଲା ଏବଂ ଦାନବାକ୍ସ ଭଙ୍ଗା ଯାଇଥିବା ଦେଖି ପୂଜକ ଓ ମାଳୀଙ୍କୁ ଏ ସମ୍ପର୍କରେ ଖବର ଦେଇଥିଲେ। ପୂଜକ ପହଞ୍ଚି ଚୋରି ସନ୍ଦେହରେ ପରିଚାଳନା କମିଟି ଓ ପୋଲିସକୁ ଖବର ଦେଇଥିଲେ। ଖବରପାଇ ବାଲୁଗାଁ ଥାନା ଆଇଆଇସି ଜୟପ୍ରକାଶ ପରିଡ଼ା ସଦଳବଳ ମନ୍ଦିରରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ପୋଲିସ ସାଇଣ୍ଟିଫିକ ଟିମ୍ ପହଞ୍ଚି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଫେରିଛନ୍ତି। ମନ୍ଦିରରେ ଲାଗିଥିବା ସିସିଟିଭି ଫୁଟେଜକୁ ପୋଲିସ ଅନୁସନ୍ଧାନ କରିବାରେ ୨ଜଣ ଦୁର୍ବୃତ୍ତଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଛି। ଖୁବ୍‌ଶୀଘ୍ର ଦୁର୍ବୃତ୍ତଙ୍କୁ ଗିରଫ କରାଯିବ ବୋଲି ଆଇଆଇସି ପରିଡ଼ା ସୂଚନା ଦେଇଛନ୍ତି। ତେବେ ଏହି ଲୁଟ୍ ଘଟଣା ଯୋଗୁ ୬ଘଣ୍ଟା ଧରି ଠାକୁରଙ୍କ ରୀତିନୀତି, ପୂଜା, ଆଳତି ଆଦି ବନ୍ଦ ଥିବାବେଳେ ତଦନ୍ତ ପରେ ଅପରାହ୍ନ ୧ଟାରେ ଠାକୁରଙ୍କୁ ମହାସ୍ନାନ କରାଯାଇ ନୀତିକାନ୍ତି ଆରମ୍ଭ ହୋଇଥିଲା। ପ୍ରକାଶ ଥାଉକି, କିଛି ମାସ ପୂର୍ବରୁ ମନ୍ଦିରରୁ ଅନୁରୂପ ଭାବେ ଦାନବାକ୍ସ ଲୁଟ୍ ହୋଇଥିଲା। ତେବେ ବାରମ୍ବାର ଏହିପରି ଲୁଟ୍ ଉଦ୍ୟମ ନେଇ ମନ୍ଦିରର ସୁରକ୍ଷା ପ୍ରତି ପରିଚାଳନା କମିଟିର ଉଦାସୀନତା ଥିବା ସାଧାରଣରେ ଆଲୋଚନା ହେଉଛି।

### ଅବକାରୀ ଚଢ଼ାଉ, ମଦ ଜବତ

ଗମ୍ଭାରୀମୁଣ୍ଡା,୧୭।୧୦(ଦିଲୀପ ସ୍ୱାଇଁ)

ବାଣପୁର ଥାନା ଅଧୀନ କୋଷରଡ଼ା ଜଙ୍ଗଲରେ ଅବକାରୀ ବିଭାଗ ଓ ପୋଲିସ ମିଳିତ ଭାବେ ଚଢ଼ାଉ କରି ବିପୁଳ ପରିମାଣର ପୋଚ ଓ ଦେଶୀ ମହୁଲି ମଦ ଜବତ କରି ନଷ୍ଟ କରିଛି। ଚଢ଼ାଉରେ ସମୁଦାୟ ୧୭ ହଜାର ଶହେ କେ.ଜି. ମହୁଲ ପୋଚ ଏବଂ ୧୨ଶହ ୮୦ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇ ନଷ୍ଟ କରାଯାଇଛି। ତେବେ ଜଙ୍ଗଲର ସୁଯୋଗ ନେଇ ଅଭିଯୁକ୍ତମାନେ ଖସି ପଳାଇବାରେ ସକ୍ଷମ ହୋଇଥିଲେ। ଅନୁରୂପ ଭାବେ କୁମାରାଙ୍ଗ ଅଞ୍ଚଳର ଗଣେଶ ବାରିକଙ୍କ ନିକଟରୁ ୩୦ ଲିଟର ଏବଂ ଆୟତପୁର ଅଞ୍ଚଳର ପତିତ ବେହେରାଙ୍କଠାରୁ ୪୦ ଲିଟର ଦେଶୀ ମଦ ଜବତ କରାଯାଇ ଉଭୟଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଉକ୍ତ ଚଢ଼ାଉରେ ଟାଙ୍ଗୀ ରେଞ୍ଜ ଅବକାରୀ ଇନ୍ସପେକ୍ଟର ନାରାୟଣ ଜେନା, ଜିଲା ମୋବାଇଲ ଇନ୍ସପେକ୍ଟର ନୀଳିମା ଜୟନ୍ତୀ ସ୍ୱାଇଁ, ମୋବାଇଲ ଏସ୍‌ଆଇ ରୋହିତ ଦଣ୍ଡସେନା ଓ ପୋଲିସ କର୍ମଚାରୀ ସାମିଲ ଥିଲେ।

### ଜାଗାବାଡ଼ିକୁ କେନ୍ଦ୍ରକରି ମହିଳାଙ୍କୁ ସଂଘବଦ୍ଧ ଆକ୍ରମଣ

ନିମାପଡ଼ା,୧୭।୧୦(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ଚଉଁରପଦା ପଞ୍ଚାୟତର କେଳବାରୀ ସାହି ଗ୍ରାମରେ ଜାଗାବାଡ଼ି ଓ ପାରିବାରିକ ବିବାଦକୁ କେନ୍ଦ୍ର କରି ଜଣେ ମହିଳାଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ୪ ଗଣ୍ଡଗୋଳକାରୀଙ୍କ ବିରୋଧରେ ୩୮୧/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଅହଲ୍ୟା ପ୍ରଧାନଙ୍କ ସ୍ୱାମୀ ଭୁବନାନନ୍ଦ ପ୍ରଧାନ ଘରେ ନ ଥିବାବେଳେ ପଡୋଶୀ ତାଙ୍କ ଜାଗାରେ ଜୋରଜବରଦସ୍ତ ବିଭିନ୍ନ କିସମର ଗଛ ଲଗାଇଥିଲେ। ଏଥିରେ ଅହଲ୍ୟା ପ୍ରତିବାଦ କରିବାରୁ ପଡୋଶୀ ରାଜକିଶୋର ରାଉତ, ତାଙ୍କ ପୁଅ ଅନିଲ ରାଉତ, ସୁନୀଲ ରାଉତ, ସୁଷମା ରାଉତ ପ୍ରମୁଖ ତାଙ୍କୁ ସଂଘବଦ୍ଧ ଭାବେ ମାଡ଼ ମାରି ଟଣାଓଟରା କରି ଦୁର୍ବ୍ୟବହାର ପ୍ରଦର୍ଶନ ସହ ଗାଳିଗୁଲଜ କରିଥିଲେ। ଏଥିସହ ଜୀବନରୁ ମାରି ଦେବାକୁ ଧମକ ଦେଇଥିବା ଭୁବନାନନ୍ଦ ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି। ତୁରନ୍ତ ଗଣ୍ଡଗୋଳକାରୀଙ୍କୁ ଗିରଫ କରିବାକୁ ଅହଲ୍ୟା, ତାଙ୍କ ସ୍ୱାମୀ ଭୁବନାନନ୍ଦ ପୋଲିସ ନିକଟରେ ଦାବି କରିଛନ୍ତି।

# ମା’ ଆଗରେ ପୁଅର ଜୀବନଗଲା

**ସ୍କୁଟି ପଛକୁ ଧକ୍କାଦେଲା ତେଲ ଟ୍ୟାଙ୍କର**

- ଡ୍ରାଇଭର, ହେଲ୍‌ପର ଅଟକ
- ହମ୍ପ ନିର୍ମାଣ ଦାବିରେ ରାସ୍ତାରୋକୋ

ଖୋର୍ଦ୍ଧା,୧୭।୧୦(ପ୍ରଭାତ ପାଣିଗ୍ରାହୀ)


ହମ୍ପ ନିର୍ମାଣ ଦାବିରେ ଲୋକେ ରାସ୍ତା ଅବରୋଧ କରିଛନ୍ତି।

ଖୋର୍ଦ୍ଧା ଭାଲିଆବାଡ଼ି ଛକରେ ମଙ୍ଗଳବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦ୍ରୁତଗତିରେ ଆସୁଥିବା ଏକ ତେଲ ଟ୍ୟାଙ୍କର ସ୍କୁଟି ପଛକୁ ଧକ୍କା ଦେବାରୁ ମା’ ଗୁରୁତର ଆହତ ହୋଇଥିବା ବେଳେ ୫ ବର୍ଷୀୟ ପୁଅର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଗୁରୁତର ମା’ ହେଲେ ଟାଉନ ଥାନା ଅଧୀନ ଗାନ୍ଧିପଡ଼ିଆର ବୈଜୟନ୍ତୀ ଦାସ। ମୃତ ପୁଅ ହେଲେ ବିନାୟକ(୫)। ତେବେ ଗୁରୁତର ଅବସ୍ଥାରେ ବୈଜୟନ୍ତୀଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ଘରୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ହମ୍ପସ ନିର୍ମାଣ ଦାବିରେ ଉତ୍ତ୍ୟକ୍ତ ଲୋକେ ପ୍ରାୟ ଅଢ଼େଇ ଘଣ୍ଟା ରାସ୍ତାରୋକା କରିଥିଲେ।

ସୂଚନା ମୁତାବକ, ବିଡିଏ କଲୋନୀସ୍ଥିତ ଏକ ଘରୋଇ ଇଂଲିଶ୍ ମିଡିୟମ ସ୍କୁଲରେ ବିନାୟକ ଏଲ୍‌କେଜିରେ ପଢ଼ନ୍ତି। ମଙ୍ଗଳବାର ପରୀକ୍ଷା ଥିଲା। ପୂର୍ବାହ୍ନ ୧୦ଟାରେ ପରୀକ୍ଷା ସରିବା ପରେ ବୈଜୟନ୍ତୀ ସ୍କୁଟିରେ ପୁଅ ବିନାୟକଙ୍କୁ ଧରି ଘରକୁ ଫେରୁଥିଲେ। ଏହି ସମୟରେ ପଛପଟୁ ଆସୁଥିବା ଏକ ତେଲ ଟ୍ୟାଙ୍କର (ଓଡି ୦୪-ଏମ-୮୧୦୬) ଭାଲିଆବାଡ଼ି ଛକ ନିକଟରେ ଧକ୍କା ଦେଇ ସ୍କୁଟିକୁ କିଛିବାଟ ଘୋଷାରି ନେଇଥିଲା। ଫଳରେ ବୈଜୟନ୍ତୀ ରାସ୍ତାପାର୍ଶ୍ୱକୁ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ। ପୁଅ ବିନାୟକ ରାସ୍ତା ଉପରେ ପଡ଼ିଯାଇଥିବା ବେଳେ ଟ୍ୟାଙ୍କର ଚକା ପେଟ ଉପରେ ମାଡ଼ିଯାଇଥିଲା। ବୈଜୟନ୍ତୀଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ରୁଣ୍ଡ ହୋଇଯାଇଥିଲେ। ସ୍କୁଲ କର୍ତ୍ତୃପକ୍ଷ ଏବଂ ଲୋକେ ମା’ ପୁଅଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଖୋର୍ଦ୍ଧା ମେଡିକାଲ ପଠାଇଥିଲେ। ବୈଜୟନ୍ତୀଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ବିନାୟକଙ୍କ ମୃତଦେହ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ଦୁର୍ଘଟଣା ପରେ ଟ୍ୟାଙ୍କର ଚାଳକ ଖସିଯିବାକୁ ଉଦ୍ୟମ କରିବାବେଳେ ସ୍ଥାନୀୟ ଯୁବକ ବାଇକ୍‌ରେ ପିଛାକରି ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ଅଟକାଇଥିଲେ। ଟ୍ୟାଙ୍କର, ଡ୍ରାଇଭର, ହେଲ୍‌ପରଙ୍କୁ ଟାଉନ ପୋଲିସ ଜିମା ଦେଇଥିଲେ। ଦୁର୍ଘଟଣାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ହମ୍ପସ ନିର୍ମାଣ ଦାବିରେ ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଥିଲେ। ଫଳରେ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ରାଜପଥକୁ ସଂଯୋଗ କରୁଥିବା ଏହି ବାଇପାସ୍ ରାସ୍ତାରେ ଯାନବାହନ ଚଳାଚଳ ଠପ୍ ହୋଇଯାଇଥିଲା। ଏଥିଯୋଗୁ ସହରରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥିଲା। ଖବରପାଇ ଅତିରିକ୍ତ ଏସ୍‌ପି କିଶୋର ଚନ୍ଦ୍ର ମୁଣ୍ଡ, ସଦର ଏସ୍‌ଡିପିଓ ଦିଲୀପ ଦାସ, ଟାଉନ ଥାନାଧିକାରୀ ତାରିକ୍ ଅହମ୍ମଦ ପ୍ରମୁଖ ଫୋର୍ସ ସହ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସତ୍ତ୍ୱେ ସେମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ପରେ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ତହସିଲଦାର ବିଭାସ ପାଣିଗ୍ରାହୀ ଏବଂ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରମୁଖ ପହଞ୍ଚି ଭାଲିଆବାଡ଼ି ଛକରେ ହମ୍ପସ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେବା ପରେ ପ୍ରାୟ ଅଢ଼େଇ ଘଣ୍ଟା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଏଥିସହିତ ଯାନବାହନ ଗତି କମାଇବା ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ପୋଲିସ ପକ୍ଷରୁ ବ୍ୟାରିକେଡ୍ ଦିଆଯାଇଛି।


ମୃତ ବିନାୟକ (ଫାଇଲ ଫଟୋ)।


ଗୁରୁତର ବୈଜୟନ୍ତୀ ଦାସ।

### ବିଦ୍ୟୁତ ଖୁଣ୍ଟକୁ ଧକ୍କାଦେଇ ଓଲଟିଲା କାର୍, ଜଣେ ମୃତ, ୩ ଗୁରୁତର

ଖୋର୍ଦ୍ଧା/ବେଗୁନିଆ,୧୭।୧୦ (ପ୍ରଭାତ ପାଣିଗ୍ରାହୀ/ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ପେଟ୍ରୋଲ ପମ୍ପ ନିକଟରେ ମଙ୍ଗଳବାର ଏକ କାର୍ ରାସ୍ତାପାର୍ଶ୍ୱରେ ଥିବା ବିଦ୍ୟୁତ୍ ଖୁଣ୍ଟକୁ ଧକ୍କାଦେଇ ବିଲକୁ ଓଲଟି ପଡ଼ିଥିଲା। ଫଳରେ କାରରେ ଥିବା ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ନୟାଗଡ ଅଞ୍ଚଳର ଶ୍ୟାମ ବେହେରା। ବେଗୁନିଆ ଥାନା ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲ ପଠାଇଛି। ସୂଚନା ମୁତାବକ, ଶ୍ୟାମ ଚିକିତ୍ସା ଲାଗି ନୟାଗଡ଼ରୁ କାର(ନଂ.ଓଡି୦୨-ସିଜି-୦୩୫୨)ରେ ପରିବାର ସହ ସକାଳେ ଭୁବନେଶ୍ୱର ଯାଉଥିଲେ। ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ବେଗୁନିଆ ପେଟ୍ରୋଲ ପମ୍ପ ନିକଟରେ କାର ଡ୍ରାଇଭର ଭାରସାମ୍ୟ ହରାଇବାରୁ ରାସ୍ତାପାର୍ଶ୍ୱରେ ଥିବା ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଥିଲେ। ପରେ କାରଟି ରାସ୍ତାପାର୍ଶ୍ୱ ବିଲକୁ ଓଲଟି ପଡିଥିଲା। କାର ଭିତରେ ଚାପି ହୋଇ ଶ୍ୟାମ ଓ ପରିବାର ସଦସ୍ୟ ଗୁରୁତର ଆହତ ହୋଇଥିଲେ। ଖବରପାଇ ପୋଲିସ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲା। ସେଠାରେ ଡାକ୍ତର ଶ୍ୟାମଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା (ନଂ.୩୭୦/୨୩) ରୁଜୁକରି ତଦନ୍ତ ଚଳାଇଛି।

## ଧଳାବାଡ଼ି ଧରି ଚାଲିବା କୌଶଳ ପ୍ରଶିକ୍ଷଣକେନ୍ଦ୍ର ଖୋଲାଯାଉ



ବୋଲଗଡ଼,୧୭।୧୦(ଦେବବ୍ରତ ହୋତା)

**ବିଶ୍ୱ ଧଳାବାଡ଼ି ଦିବସ ପାଳିତ**

ପ୍ରତିବର୍ଷ ୧୫ ଅକ୍ଟୋବରରୁ ୨୧ ତାରିଖ ପର୍ଯ୍ୟନ୍ତ ଧଳାବାଡ଼ି ସପ୍ତାହ ପାଳନ କରାଯାଇଥାଏ। ଦୃଷ୍ଟିବାଧିତମାନେ ନିଜେ କିପରି ଆତ୍ମନିର୍ଭରଶୀଳ ହେବା ସହିତ ଧଳାବାଡ଼ି ସାହାଯ୍ୟରେ ଯାତାୟାତ କରିପାରିବେ ଏହି ସପ୍ତାହ ପାଳନର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଏହି ଅବସରରେ ବୋଲଗଡ଼ ବ୍ଲକ ସାଗରଗୁଆଁ ସ୍ଥିତ ଅଲଟ୍ରା ସଙ୍ଗଠନ ଦ୍ୱାରା ପରିଚାଳିତ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ପାଇଁ ଥିବା ବିଦ୍ୟାଳୟ ପରିସରରେ ବିଶ୍ୱ ଧଳାବାଡ଼ି ଦିବସ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ଏକ ସଚେତନାତ୍ମକ ଶୋଭାଯାତ୍ରା ହୋଇଥିବା ବେଳେ ଅପରାହ୍ନରେ ଆୟୋଜିତ ସାଧାରଣ ସଭାରେ ଅନୁଷ୍ଠାନର ସମ୍ପାଦକ ବ୍ରାହ୍ମଚାରୀ ରାୟ ଅଧ୍ୟକ୍ଷତା କରିଥିଲେ। ଏଥିରେ ବ୍ୟାଙ୍କର୍ସ ଅଞ୍ଜନ କୁମାର ସୁବୁଦ୍ଧି ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ଡା.ସୁବ୍ରତ କୁମାର ମେହେର ଅତିଥିଭାବେ ଉପସ୍ଥିତ ଥିଲେ। ସେହିପରି ଅନୁଷ୍ଠାନ ପକ୍ଷରୁ କୋଷାଧ୍ୟକ୍ଷ ଫକୀର ମହାରଣା, ସ୍ଥାନୀୟ ଭିନ୍ନକ୍ଷମ ବିଦ୍ୟାଳୟର ଅଧ୍ୟକ୍ଷା ସୁଭଦ୍ରା ଘଡାଇ ପ୍ରମୁଖ ମଞ୍ଚାସୀନ ଥିଲେ । ଅତିଥିମାନେ ବିଶ୍ୱ ଧଳାବାଡ଼ି ଦିବସ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଦୃଷ୍ଟିବାଧିତ ବ୍ୟକ୍ତି ଓ ବିଦ୍ୟାର୍ଥୀଙ୍କୁ ଏହି ଅବସରରେ ମାଗଣାରେ ଧଳାବାଡ଼ି ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି ସୁବୁଦ୍ଧି ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଫଳ ବଣ୍ଟନ କରିବା ସହିତ ବିଶୁଦ୍ଧ ପାନୀୟଜଳ ନିମିତ୍ତ ଏକ ୱାଟର ଫିଲଟର ପ୍ରଦାନ କରିଥିଲେ। ରାଜ୍ୟରେ ପାଖାପାଖି ୬୦ ପ୍ରତିଶତ ଦୃଷ୍ଟିବାଧିତ ବ୍ୟକ୍ତି ଧଳାବାଡ଼ି ଠାରୁ ବହୁ ଦୂରରେ। ଅର୍ଥାତ୍ ଏହାକୁ ବ୍ୟବହାର କରନ୍ତି ନାହିଁ। ଫଳରେ ଏମାନେ ଅନ୍ୟ ଉପରେ ନିର୍ଭରଶୀଳ ହୋଇଥାନ୍ତି। ଧଳାବାଡ଼ି ବ୍ୟବହାର ନିମନ୍ତେ ଦୃଷ୍ଟିବାଧିତମାନଙ୍କୁ ପ୍ରଶିକ୍ଷଣ ନେବାକୁ ପଡ଼ିବ। ଏହି ବାଡ଼ିକୁ ଧରି ଚାଲିବାର ଯେଉଁସବୁ ପ୍ରଶିକ୍ଷଣ କୌଶଳ ଆବଶ୍ୟକ ଥାଏ ସେଥିପାଇଁ ପ୍ରଶିକ୍ଷଣ କେନ୍ଦ୍ର ଖୋଲିବାକୁ ସରକାରଙ୍କ ଉଦ୍ଦେଶ୍ୟରେ ଉପସ୍ଥିତ ଅତିଥି ଅନୁରୋଧ କରିଥିଲେ।

### ବକେୟା ଟଙ୍କା ପାଇଁ ଯୁବକଙ୍କୁ ଅପହରଣ

ଭୁବନେଶ୍ୱର,୧୭।୧୦(ସତ୍ୟଜିତ୍ ରାଉତ)

ଭୁବନେଶ୍ୱରର ରସୁଲଗଡ଼ସ୍ଥିତ ଏସ୍‌ପ୍ଲାନେଡ୍ ମଲ୍ ସାମ୍ନାରୁ ଜଣେ ଯୁବକଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ଅପହରଣ କରିନିଆଯାଇଥିବା ଅଭିଯୋଗ ହୋଇଛି। ଅପହୃତ ଯୁବକ ହେଲେ କେନ୍ଦୁଝର ଜିଲା ଘଷିପୁରା ଥାନା ଅଞ୍ଚଳର ପ୍ରିୟବ୍ରତ ସାହୁ (୨୮)। ଏ ସଂକ୍ରାନ୍ତରେ ପ୍ରିୟବ୍ରତଙ୍କ ସାଙ୍ଗ ଲୋକନାଥ ସାହୁ ଶହୀଦନଗର ପୋଲିସର ସହଯୋଗ ଲୋଡ଼ିଛନ୍ତି। ଲୋକନାଥଙ୍କ କହିବା ଅନୁଯାୟୀ, ସେ ଓ ତାଙ୍କ ସାଙ୍ଗ ଏସ୍‌ପ୍ଲାନେଡ୍ ମଲ୍‌କୁ ବୁଲିବାକୁ ଯାଇଥିଲେ। ସନ୍ଧ୍ୟା ପ୍ରାୟ ୬ଟା ୩୦ ବେଳେ ମଲ୍ ସାମ୍ନାରେ ଉଭୟ ଛିଡ଼ା ହୋଇଥିଲେ। ଲୋକନାଥ ଅନ୍ୟମନସ୍କ ଥିବାବେଳେ ପ୍ରିୟବ୍ରତଙ୍କୁ ଏକ ଧଳା ରଙ୍ଗର କାର୍‌ରେ କେତେଜଣ ଯୁବକ ବଳପୂର୍ବକ ଉଠାଇ ନେଇଥିଲେ। ଲୋକନାଥ ଡାକ ପକାଇଥିଲେ ମଧ୍ୟ କାର୍‌ଟି ଚାଲିଯାଇଥିଲା। ତେବେ ପରେ ଏନେଇ ପୋଲିସ ପ୍ରାଥମିକ ତଦନ୍ତ କରିବାରୁ ଘଟଣା ପଛର ଭିନ୍ନ ଏକ ଦିଗ ସାମ୍ନାକୁ ଆସିଛି। ପ୍ରିୟବ୍ରତ ଚାକିରି ଦେବାକୁ କହି ୨୦ ଲକ୍ଷ ଟଙ୍କା ନେଇ ଫେରାଉ ନ ଥିବାରୁ ତାଙ୍କୁ ଗାଡ଼କଣ ଅଞ୍ଚଳର କେଶବ ଦାସ ନାମକ ଯୁବକ ରାଗରେ ଉଠାଇ ନେଇଥିଲେ ବୋଲି ଜଣାପଡ଼ିଛି। ଏନେଇ ମଞ୍ଚେଶ୍ୱର ଥାନାରେ ଅଭିଯୋଗ ହେବା ସହ ବେଳେ ଆପୋଷ ବୁଝାମଣା ମଧ୍ୟ ହୋଇଥିଲା। ଟଙ୍କା ଫେରାଉ ନ ଥିବାରୁ ୫ଦିନ ତଳେ କେଶବ ପ୍ରିୟବ୍ରତଙ୍କ ଘରକୁ ଯାଇଥିଲେ। ପ୍ରିୟବ୍ରତ ଏସ୍‌ପ୍ଲାନେଡ୍ ମଲ୍ ନିକଟରେ ଥିବା ସେ ଜାଣିବାକୁ ପାଇ ସେଠାକୁ ଆସିଥିଲେ।

## ଭାଜପାର ଜନସମ୍ପର୍କ ସମ୍ମିଳନୀ


ସମ୍ମିଳନୀରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଉଦ୍‌ବୋଧନ ଦେଉଛନ୍ତି।

ଟାଙ୍ଗୀ,୧୭।୧୦(ରଘୁନାଥ ସାହୁ)

ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଟାଙ୍ଗୀ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତରେ ମଙ୍ଗଳବାର ଭାଜପାର ଜନସମ୍ପର୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ ବୁଥ୍‌ସ୍ତରରୁ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ବାରିକୋ ଗ୍ରାମର ମହିଳାମାନଙ୍କ ପାଇଁ ଏକ ଗୋଷ୍ଠୀ ଗୃହ ନିର୍ମାଣ ପାଇଁ ଅନୁଦାନ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପୂର୍ବତନ ସରପଞ୍ଚ ମିତ୍ରଭାନୁ ସୁବୁଦ୍ଧି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଭାଜପା ଜିଲା ସଭାପତି ରଶ୍ମି ରଞ୍ଜନ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁ ଚରଣ ଖଣ୍ଡାୟତରାୟ,ଏମ୍‌ପିଙ୍କ ପ୍ରତିନିଧି ହେମନ୍ତ କୁମାର ବେହେରା, ପୂର୍ବତନ ସରପଞ୍ଚ ଲଳିତା ସୁବୁଦ୍ଧି, କିଶୋର ବରାଳ, ପ୍ରଦ୍ୟୁମ୍ନ ହରିଚନ୍ଦନ, ସୁବାଷ ସ୍ୱାଇଁ, ଗୋପାଳ ପ୍ରଧାନ, ପ୍ରଦ୍ୟୁମ୍ନ ମହାରଣା, ପ୍ରକାଶ ପ୍ରଧାନ, ଅନିଲ ପଲେଇ, ଧନେଶ୍ୱର ସୁବୁଦ୍ଧି, ଟୁକୁନା ସିଂ, ସଞ୍ଜିତା ଭୁଜବଳ, ପ୍ରଶାନ୍ତ ବେହେରା, ପ୍ରସନ୍ନ ପ୍ରଧାନ ବଳରାମ ପ୍ରମୁଖ ଉପସ୍ଥିତ ଥିଲେ।

## ଗ୍ୟାସ୍ ଲିକ୍‌ରୁ ଅଗ୍ନିକାଣ୍ଡ

ପୁରୀ, ୧୭।୧୦(ଅଜିତ୍ ମହାନ୍ତି)

ବ୍ରହ୍ମଗିରି ରାସ୍ତାରେ ନିର୍ମାଣାଧିନ ଶ୍ରୀସେତୁ ନିକଟସ୍ଥ ଜଣେ ବ୍ୟକ୍ତିଙ୍କ ଘରେ ମଙ୍ଗଳବାର ସନ୍ଧ୍ୟାରେ ନିଆଁ ଲାଗିଥିବା ଜଣାପଡିଛି। ରୋଷେଇ ଗ୍ୟାସ୍ ଟାଙ୍କିରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଶ୍ରୀସେତୁ ନିକଟରେ ରହୁଥିବା ହାଡିବନ୍ଧୁ ସାହୁଙ୍କ ସ୍ତ୍ରୀ ଗୀତାଞ୍ଜଳି ସାହୁଙ୍କ ଘର ସାମ୍ନାରେ ଏକ ଜଳଖିଆ ଦୋକାନ ରହିଛି। ସନ୍ଧ୍ୟାରେ ଜଳଖିଆ ପ୍ରସ୍ତୁତି ସମୟରେ ହଠାତ୍ ଗ୍ୟାସ୍ ଲିକ୍ ହୋଇ ନିଆଁ ଲାଗିଥିଲା। ପରେ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ଜଣାପଡ଼ିଛି।

## ପିତାଙ୍କ ସ୍ମୃତିରେ ବିଦ୍ୟାଳୟକୁ ୧ ଲକ୍ଷ ଟଙ୍କା ଦାନ

ଟାଙ୍ଗୀ,୧୭।୧୦(ରଘୁନାଥ ସାହୁ)

ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠର ପୂର୍ବତନ ଛାତ୍ର ତଥା ଅବସରପ୍ରାପ୍ତ ଭାରତୀୟ ବନସେବା ଅଧିକାରୀ ପାଣ୍ଡବ ବେହେରା ତାଙ୍କ ସ୍ୱଗତ ପିତା ରାଜନ ବେହେରଙ୍କ ସ୍ମୃତି ଉଦ୍ଦେଶ୍ୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱଜିତ ପଲାଇଙ୍କୁ ୧ ଲକ୍ଷ ଟଙ୍କାର ଚେକ ପ୍ରଦାନ କରିଛନ୍ତି। ଏହି ଟଙ୍କାରେ ଏକ କର୍ପସ ଫଣ୍ଡ କରାଯାଇ ପ୍ରତିବର୍ଷ ଏଥିରୁ ମିଳୁଥିବା ସୁଧ ଟଙ୍କାରେ ବିଦ୍ୟାଳୟର ମେଧାବୀ ଛାତ୍ରୀଛାତ୍ରଙ୍କୁ ସହାୟତା ପ୍ରଦାନ କରାଯିବ। ଛାତ୍ର ଜୀବନରେ ବେହେରା ବହୁ ଘାତପ୍ରତିଘାତ ଦେଇ ପାଠ ପଢ଼ିଥିବାରୁ ମେଧାବୀ ଛାତ୍ରୀଛାତ୍ରଙ୍କୁ ସହାୟତା କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ତାଙ୍କର ଏହି ଉଦ୍ୟମକୁ ପୁରାତନ ଛାତ୍ର ସଂସଦ ସମ୍ପାଦକ ବିଜୟ କୁମାର ରାଉତ, ଉପ ସଭାପତି ଡା. ମଧୁସୂଦନ ସେନାପତି, ରଘୁନାଥ ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ କୁମାର ବଳବନ୍ତରାୟ, ଅରୁଣ ରଞ୍ଜନ ମହାନ୍ତିଙ୍କ ସମେତ ସମସ୍ତ କର୍ମକର୍ତ୍ତା, ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ କୃତଜ୍ଞତା ଜ୍ଞାପନ କରିଛନ୍ତି।


ପାଣ୍ଡବ ବେହେରା ଚେକ୍ ପ୍ରଦାନ କରୁଛନ୍ତି।

# ‘ଡିଜେ ବଜାଇବା ଉପରେ କଟକଣା ହେଉ’



ଦାବିପତ୍ର ଦେବାକୁ ଆସିଥିବା ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତା ଏବଂ ଅନ୍ୟମାନେ।

ଖୋର୍ଦ୍ଧା,୧୭।୧୦(ପ୍ରଭାତ ପାଣିଗ୍ରାହୀ)

ବିଭିନ୍ନ ମାଙ୍ଗଳିକ କାର୍ଯ୍ୟ, ପୂଜା, ଭସାଣି ଉତ୍ସବରେ ଡିଜେ ବ୍ୟବହାର କରାଯାଉଛି। ଫଳରେ ବରିଷ୍ଠ ନାଗରିକ, ଶିଶୁ, ଗର୍ଭବତୀ, ହୃଦ୍‌ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡିଜେ ଶବ୍ଦରେ ବିଭିନ୍ନ ସ୍ଥାନରେ ହୃଦ୍‌ରୋଗୀଙ୍କ ମୃତ୍ୟୁ ଘଟିଥିବା ଗଣମାଧ୍ୟମରେ ଖବର ପ୍ରକାଶ ପାଉଛି। ଆଗକୁ ମା’ ଦୁର୍ଗା, ଗଜଲକ୍ଷ୍ମୀ ପୂଜା ରହିଛି। ଭସାଣି ଉତ୍ସବରେ ସାମିଲ ହେଉଥିବା ପୂଜା କମିଟି ପକ୍ଷରୁ ଡିଜେ ବ୍ୟବହାର କରାଯିବ। ଏହାଦ୍ୱାରା ପରିବେଶ ଉପରେ ବିଶେଷ ପ୍ରଭାବ ପଡ଼ିବା ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ପାର୍ବଣ ସମୟରେ ଡିଜେ ବ୍ୟବହାର ଉପରେ କଟକଣା ଲାଗୁ ପାଇଁ ବରିଷ୍ଠ ନାଗରିକ ମଞ୍ଚ ଖୋର୍ଦ୍ଧା ପକ୍ଷରୁ ଜିଲା ପ୍ରଶାସନ ଓ ପୋଲିସକୁ ଦାବିପତ୍ର ପ୍ରଦାନ କରାଯାଇଛି।

ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଶବ୍ଦ ପ୍ରଦୂଷଣ (ନିୟମ ଏବଂ ନିୟନ୍ତ୍ରଣ) ଆଇନ-୨୦୦୦, ପରିବେଶ ସୁରକ୍ଷା ଆଇନ-୧୯୮୬, ଓଡ଼ିଶା ଆତସବାଜି ଏବଂ ଡାକବାଜି ନିୟନ୍ତ୍ରଣ ଆଇନ-୧୯୫୮ ପ୍ରଣୟନ କରାଯାଇଅଛି । ଏଥିସହିତ ଭାରତୀୟ ପିଙ୍ଗଳ ସଂହିତା ୨୬୮ ଓ ୨୯୦ରେ ଆଇନଭଙ୍ଗକାରୀଙ୍କୁ ଜରିମାନା ଓ କାରାଦଣ୍ଡରେ ଦଣ୍ଡିତ କରିବା ବ୍ୟବସ୍ଥା ରହିଛି। ଜନବସତି ଅଞ୍ଚଳରେ ଦିନରେ ୫୫ ଡେସିବେଲ୍ସ ଓ ରାତ୍ରିରେ ୪୫ ଡେସିବେଲ୍ସରୁ ଅଧିକ ଶବ୍ଦ ସୃଷ୍ଟିକାରୀ ଲାଉଡ୍ ସ୍ପିକର ବ୍ୟବହାର ଦଣ୍ଡନୀୟ ଅପରାଧ। ଏହାସତ୍ତ୍ୱେ ବିଳମ୍ବିତ ରାତିପର୍ଯ୍ୟନ୍ତ ଡିଜେ ବ୍ୟବହାର କରାଯାଉଛି। ଡିଜେରୁ ଉତ୍ପନ୍ନ ଶବ୍ଦ ମସ୍ତିଷ୍କର ସ୍ନାୟୁ ଓ ହୃତ୍‌ପିଣ୍ଡର ସ୍ପନ୍ଦନକୁ କ୍ଷତି ପହଞ୍ଚାଇଥାଏ। ପରିବେଶବିତ୍‌ଙ୍କ ମତରେ ଉଚ୍ଚ ଶବ୍ଦ ପ୍ରଦୂଷଣ ପରିବେଶର କ୍ଷତି ସାଧନ ସହିତ ପଶୁପକ୍ଷୀ ମଧ୍ୟ ପ୍ରଭାବିତ ହେଉଛନ୍ତି। ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ଆଇନ କଡ଼ାକଡ଼ି ସହିତ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ମଞ୍ଚ ଦାବି କରିଛି। ଅନୁଷ୍ଠାନର ସଭାପତି ସତ୍ୟବାଦୀ ବଳିୟାରସିଂହ, ସମ୍ପାଦକ ରାମଶଙ୍କର, ଭୀମସେନ ପ୍ରଧାନ, ବୈକୁଣ୍ଠ ମହାପାତ୍ର, ବସନ୍ତ କୁମାର ଦାଶ, ରବୀନ୍ଦ୍ର କୁମାର ସାହୁ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ସତ୍ୟବ୍ରତ ଦାସ, ସନ୍ତୋଷ କୁମାର ଦାସ, ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ରାଜେନ୍ଦ୍ର କୁମାର ନରେନ୍ଦ୍ର, ନବକିଶୋର ମହାପାତ୍ର, ଅଖିଳ ଚନ୍ଦ୍ର ପ୍ରଧାନ, ଦିଲୀପ ପଟ୍ଟନାୟକ, ନାରାୟଣ ଦୋରା, ସାରଦା ପଟ୍ଟନାୟକ, ପ୍ରହ୍ଲାଦ ପ୍ରଧାନ, ମଧୁସୂଦନ ସାହୁ, ତ୍ରିଲୋଚନ ମହାପାତ୍ର, ସୁରେନ୍ଦ୍ର ପଟ୍ଟନାୟକ, ବିଜୟ କୁମାର ପଣ୍ଡା, ଶରତ ଚନ୍ଦ୍ର ପ୍ରଧାନ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପିକ୍‌ଅପ୍ ଭ୍ୟାନ୍ ଜବତ, ୧୪ ଗୋରୁ ଉଦ୍ଧାର



**ବେଗୁନିଆ,୧୭।୧୦(ହରପ୍ରସନ୍ନ ପଣ୍ଡା)**

ଖୋର୍ଦ୍ଧା ଜିଲା ବାଘମାରୀ ଥାନା ପୋଲିସ ମଙ୍ଗଳବାର ସକାଳେ ସିମୋର ଛକ ନିକଟରେ ଚଢ଼ାଉ କରି ଏକ ପିକ୍‌ଅପ୍ ଭ୍ୟାନ୍ ଜବତ କରିବା ସହ ୧୪ ଗୋରୁଙ୍କୁ ଉଦ୍ଧାର କରିଛି। ତେବେ ଚଢ଼ାଉ ସମୟରେ ଗାଡ଼ି ଚାଳକ ଓ ସହଯୋଗୀ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୭୭/୨୩) ରୁଜୁକରି ଅଧିକ ତଦନ୍ତ ଚଳାଇଛି। ସୂଚନା ମୁତାବକ, ଏହି ଥାନା ଅଧୀନ ସିମୋର-ବାଘମାରୀ ରାସ୍ତାରେ ଥାନା ଅଧିକାରୀ ଶମ୍ଭୁନାଥ ନାୟକ ଓ କର୍ମଚାରୀ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ସିମୋର ଛକ ନିକଟରେ ଓଡି ୦୨ଏବି-୧୧୮୬ ନମ୍ବରବିଶିଷ୍ଟ ଏକ ପିକ୍‌ଅପ୍ ଭ୍ୟାନ୍ ଯାଉଥିଲା। ପୋଲିସର ସନ୍ଦେହ ହେବାରୁ ଗାଡ଼ିକୁ ଅଟକାଇଥିଲା। ସେଥିରେ ଗୋରୁ ବୋଝେଇ ହୋଇଥିବା ପୋଲିସ ଦେଖିବାକୁ ପାଇଥିଲା। ସେହି ସମୟରେ ଡ୍ରାଇଭର ଓ ସହଯୋଗୀ ଗାଡ଼ି ଛାଡ଼ି ଚମ୍ପଟ ମାରିଥିଲେ। ଗୋରୁଙ୍କୁ ଉଦ୍ଧାର କରାଯାଇ ଖଣ୍ଡପଡ଼ାସ୍ଥିତ ଗୋଶାଳାରେ ଛଡ଼ାଯାଇଛି।

### ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନରେ ରକ୍ତଦାନ, ଫଳ ବଣ୍ଟନ

**ଖୋର୍ଦ୍ଧା,୧୭।୧୦(ପ୍ରଭାତ ପାଣିଗ୍ରାହୀ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୮ତମ ଜନ୍ମଦିବସ ଅବସରରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଏକ ରକ୍ତଦାନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ମୋ ପରିବାର ସଂଯୋଜକ ଅରୂପ ପଟ୍ଟନାୟକ, ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନ୍‌ସିଂହ, ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ବିଜେଡି ଜିଲା ସଭାପତି ବିଭୁତି ବଳବନ୍ତରାୟ, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ବିଜୁ ମହିଳା ଜନତା ଦଳ ରାଜ୍ୟ ଉପସଭାପତି ବାସନ୍ତୀ ମହାପାତ୍ର, ପ୍ରକାଶ ସାମନ୍ତରାୟ, ଗୀତାଞ୍ଜଳୀ ପାଟଶାଣୀ, ପ୍ରଫୁଲ୍ଲ କୁମାର ଦଳାଇ, ଦିଲ୍ଲୀପ କୁମାର ହୋତା, ଅବ୍ୟକ୍ତ ହରିହର ଖାଡଙ୍ଗା, ନସିମ ଖାନ, ରୁଦ୍ରନାଥ ଦତ୍ତ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ମହାପ୍ରଭୁଙ୍କ ନିକଟରେ ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରିଥିଲେ । ମୋଟ ୭୮ୟୁନିଟ ରକ୍ତ ସଂଗ୍ରହ ହୋଇଛି । ଯୁବ ବିଜେଡି ଜିଲା ସଭାପତି ରାଜେଶ ପରିଡା ଓ ଛାତ୍ର ବିଜେଡି ସଭାପତି ବିଶ୍ୱଦୀପ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ଶିବିରରେ ସୁଚିସ୍ମିତା ବହେରା, ଦେବୀପ୍ରସାଦ ଲେଙ୍କା, ବିଜୟଲକ୍ଷ୍ମୀ ଦାସ, ଅମିତ ମହାରଣା ପ୍ରମୁଖ ସହଯୋଗ କରିଥିଲେ। ଏଥିସହିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଛି।

# ‘ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ରଥକାଠ ଦାନ କର’

**ରଥକାଠ ସମ୍ପର୍କିତ ବୈଠକ**

**ପୁରୀ, ୧୭।୧୦(ଅଜିତ୍ ମହାନ୍ତି):**



ସର୍କିଟ ହାଉସଠାରେ ରଥକାଠ ବ୍ୟବସ୍ଥା ସମ୍ପର୍କରେ ଆୟୋଜିତ ବୈଠକରେ ଉପସ୍ଥିତ ରାଜସ୍ୱ ଆୟୁକ୍ତ ଓ ଅନ୍ୟମାନେ ।

ଶ୍ରୀକ୍ଷେତ୍ରରେ ପ୍ରତିବର୍ଷ ରଥଯାତ୍ରା ପାଇଁ କାଠର ଆବଶ୍ୟକତା ପଡିଥାଏ। ରଥରେ ବ୍ୟବହାର ଉପଯୋଗୀ କାଠ ଓ ଚନ୍ଦନ କାଠ ଯେଉଁ ବ୍ୟକ୍ତିବିଶେଷଙ୍କ ପାଖରେ ଅଛି ସେମାନେ ମହାପ୍ରଭୁଙ୍କ ସେବା ପାଇଁ ପ୍ରଦାନ କରିବାକୁ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଡ. ସୁରେଶ ଚନ୍ଦ୍ର ଦଳାଇ ଅନୁରୋଧ କରିଛନ୍ତି। ମଙ୍ଗଳବାର ସର୍କିଟ ହାଉସ୍‌ଠାରେ ରଥ ନିର୍ମାଣ ପାଇଁ କାଠ ବ୍ୟବସ୍ଥା ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଆୟୁକ୍ତ ସୂଚନା ଦେଇଥିଲେ, ରଥ ନିର୍ମାଣ ପାଇଁ ମୋଟ ୮୬୫ ଖଣ୍ଡ ବିଭିନ୍ନ ପ୍ରକାରର କାଠର ଆବଶ୍ୟକ ଥିବାବେଳେ ପୂର୍ବବର୍ଷର ୫୩ ଖଣ୍ଡ ବଳକା କାଠ ଥିବାରୁ ଅବଶିଷ୍ଟ ୮୧୨ ଖଣ୍ଡ କାଠର ଆବଶ୍ୟକତା ରହିଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅବଗତ କରାଯାଇଛି। ଅପରପକ୍ଷରେ ରଥ କାଠର ଆବଶ୍ୟକତାକୁ ମେଣ୍ଟାଇବା ପାଇଁ ଶ୍ରୀଜଗନ୍ନାଥ ବନ ପ୍ରକଳ୍ପର ବ୍ୟବସ୍ଥା ସହ ନିୟମିତ ଅନୁଧ୍ୟାନ କରାଯାଉଛି। ପ୍ରତ୍ୟେକ ଡିଏଫ୍‌ଓ ସେମାନଙ୍କ ଅଞ୍ଚଳକୁ ଅନୁଧ୍ୟାନ କରି ରଥକାଠ ଓ ଚନ୍ଦନ କାଠ ସମ୍ପର୍କରେ ଏକ ଡାଟାବେସ୍ ପ୍ରସ୍ତୁତ କରିବା, ଜଗନ୍ନାଥ ବନ ପ୍ରକଳ୍ପରେ ଯେଉଁ ଚାରା ମରିଯାଇଛି ସେହି ସ୍ଥାନରେ ଚାରା ରୋପଣ କରିବା, ମାସିକ ଭାବେ ରଥକାଠର ଡାଟାବେସ୍ ଶ୍ରୀମନ୍ଦିର ପ୍ରଶାସନକୁ ଅବଗତ କରାଇବା ସମ୍ପର୍କରେ ଆୟୁକ୍ତ ପରାମର୍ଶ ଦେଇଥିଲେ। ଯେଉଁ ବ୍ୟକ୍ତିବିଶେଷ ରଥ ନିର୍ମାଣ ପାଇଁ କାଠ ସ୍ୱଇଚ୍ଛାରେ ଦେଉଛନ୍ତି ସେମାନଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବ। ଫଳରେ ଅଧିକ ବ୍ୟକ୍ତି ଶ୍ରୀବିଗ୍ରହଙ୍କ ସେବାରେ ରଥକାଠ ଦାନ ପାଇଁ ଆଗ୍ରହ ପ୍ରକାଶ କରିବେ। ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ରଥକାଠ ଦାତାମାନଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି ବୋଲି ସୂଚନା ଦେବା ସହ ଆବଶ୍ୟକ ରଥକାଠ ଯୋଗାଣ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ବୈଠକରେ ଜିଲାପାଳ ସମର୍ଥ ବର୍ମା, ପୁରୀ ଡିଏଫ୍‌ଓ ପି. ରାମାସ୍ୱାମୀ, ଖୋର୍ଦ୍ଧା ଡିଏଫ୍‌ଓ ପୂର୍ଣ୍ଣିମା ପାଣ୍ଡିଆନ, ନୟାଗଡ଼ ଡିଏଫ୍‌ଓ କ୍ଷମା ଷଡ଼ଙ୍ଗୀ, ଭୁବନେଶ୍ୱର ସିଟି ଡିଏଫ୍‌ଓ ଅଜିତ ଶତପଥୀ, ଘୁମୁସର ଡିଏଫ୍‌ଓ ସୁଦର୍ଶନ ବେହେରା, ବୌଦ୍ଧ ଡିଏଫ୍‌ଓ ଦେବପ୍ରିୟ କାମ୍ପା, ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଉପଜିଲାପାଳ ଭବତାରଣ ସାହୁ, ଉପଜିଲାପାଳ ପ୍ରିୟଦର୍ଶିନୀ ମଲ୍ଲିକ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଦିବ୍ୟ ସମାଗମର ଉଦ୍‌ଘାଟନୀ ସମାରୋହରେ ମଞ୍ଚାସୀନ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ସହ ଦେଶର ବିଭିନ୍ନ ପ୍ରନ୍ତରରୁ ଆସିଥିବା ସାଧୁସନ୍ଥ ।

# ମହାପ୍ରଭୁଙ୍କ ସେବା ଅନୁମତି, ବକେୟା ପ୍ରାପ୍ୟ ଦିଆଯାଉ

**ପୁରୀ, ୧୭।୧୦(ଅଜିତ୍ ମହାନ୍ତି) :**

**ପ୍ରଶାସନ ନଶୁଣିଲେ ଆତ୍ମାହୁତି ଦେବି: ଦେବରାଜ ପତିମହାପାତ୍ର**



ମହାପ୍ରଭୁଙ୍କ ସେବା କରିବାକୁ ସୁଯୋଗ ଦେବା ସହ ବକେୟା ପ୍ରାପ୍ୟ ପ୍ରଦାନ ସମ୍ପର୍କରେ ଏକ ଦାବିପତ୍ର ପତିମହାପାତ୍ର ସେବକ ଦେବରାଜ ପତିମହାପାତ୍ର ମଙ୍ଗଳବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ଦେବରାଜ ପତିମହାପାତ୍ର ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି କି ତାଙ୍କ ବାପା ଜେଜେବାପା ଅମଳରୁ ମହାପ୍ରଭୁଙ୍କ ସେବା ସୁଚାରରୂପେ କରି ଆସୁଛନ୍ତି। ୨୦୧୧ରୁ ୨୦୨୦ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ସେବା ନିଷ୍ଠାର ସହ ସମ୍ପନ୍ନ କରିଛନ୍ତି। ଏପରିକି ୨୦୧୫ ମସିହାରେ ନବକଳେବର ସମୟରେ ସମସ୍ତ ନୀତି ଓ ସର୍ବୋପରି ବ୍ରହ୍ମ ପରିବର୍ତ୍ତନ ନୀତି ସେ ସୁଚାରୁରୂପେ କରିଥିଲେ। କିନ୍ତୁ ଦୁଃଖର ବିଷୟ ଆଜି ପର୍ଯ୍ୟନ୍ତ ଏହି ସେବା ପୂଜା ବାବଦରେ ତାଙ୍କୁ ପ୍ରାପ୍ୟ ପ୍ରଦାନ କରାଯାଇନାହିଁ। ଏପରିକି ବର୍ତ୍ତମାନ ତାଙ୍କୁ ସେବାରୁ ନିବୃତ୍ତ କରାଯାଇଛି। ଶ୍ରୀମନ୍ଦିର କାର୍ଯ୍ୟାଳୟର ନୀତି ବିଭାଗରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ତେଣୁ ଘଟଣାକୁ ଗୁରତର ସହ ନେଇ ମହାପ୍ରଭୁଙ୍କ ସେବା କରିବାକୁ ଅନୁମତି ପ୍ରଦାନ କରିବା ସହ ବକେୟା ପ୍ରାପ୍ୟ ପ୍ରଦାନ କରିବାକୁ ସେ ଦାବି କରିଛନ୍ତି। ଅଗାମୀ ୭ ଦିନ ମଧ୍ୟରେ ସମସ୍ୟାର ସମାଧାନ ନହେଲେ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଦେବେ ବୋଲି ସେ ଚେତାବନୀ ଦେଇଛନ୍ତି। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ଦାୟୀ ରହିବ ବୋଲି ଦେବରାଜ ପତିମହାପାତ୍ର ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

# ବ୍ୟବହାରିକ ଜ୍ଞାନ ଆହରଣ ପାଇଁ ତାଲିମ

**ପିପିଲି,୧୭।୧୦(ଦୁର୍ଗା ମାଧବ ମିଶ୍ର)**

ଦାଣ୍ଡମୁକୁନ୍ଦପୁରସ୍ଥିତ ଗୋପବନ୍ଧୁ ମେମୋରିଆଲ ହାଇସ୍କୁଲର (ପର୍ଯ୍ୟଟନ) ଆତିଥ୍ୟ ବିଭାଗର ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ବ୍ୟାବହାରିକ ଜ୍ଞାନ ଆହରଣ ପାଇଁ ଏକ ତାଲିମ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ପ୍ରତିଭା ଷଡ଼ଙ୍ଗୀ ଯୋଗଦେଇଥିଲେ। ପର୍ଯ୍ୟଟନ ବିଭାଗରେ କାର୍ଯ୍ୟ କଲେ କିପରି ପର୍ଯ୍ୟଟକ, ଗରାଖ ଓ ଅତିଥିଙ୍କୁ ସୌହାର୍ଦ୍ଦ୍ୟପୂର୍ଣ୍ଣ ସହକାରେ ଶାଳୀନତା ପୂର୍ବକ ବ୍ୟବହାର ଦେଖାଇ ସେମାନଙ୍କୁ ନିଜର ବ୍ୟବସାୟ ବଢାଇବାରେ ସହାୟକ ହେବ, ଅତିଥିଙ୍କୁ ସୁନ୍ଦର ବ୍ୟବହାର ବଳରେ ଖୁସି କରାଇ ପାରିବେ ସେ ବିଷୟରେ ସମ୍ୟକ୍ ଧାରଣା ଦେଇଥିଲେ। ପରେ ବିଦ୍ୟାଳୟ ପକ୍ଷରୁ ଗାଇଡ୍ ଶିକ୍ଷକ ସନ୍ତୋଷ ବିଶ୍ୱାଳ ଏବଂ ସହକାରୀ ଶିକ୍ଷକ ଅଶୋକ ସ୍ୱାଇଁ ଛାତ୍ରୀଛାତ୍ରଙ୍କୁ ଦାଣ୍ଡମୁକୁନ୍ଦପୁରସ୍ଥିତ ହୋଟେଲ ଡ୍ରାଇଭ ଇନ୍ ଏବଂ ପିପିଲିସ୍ଥିତ ରେଷ୍ଟୁରାଣ୍ଟ ଭିଲେଜ୍ ଇନ ନେଇ ପରିଦର୍ଶନ କରାଇଥିଲେ। ସେଠାରେ ପିଲାମାନେ କର୍ମଚାରୀଙ୍କଠାରୁ ଅତିଥିଙ୍କୁ କିପରି ବ୍ୟବହାର କରି ଆକୃଷ୍ଟ କରିପାରିବେ ଏବଂ ବେଞ୍ଚ ଟେବୁଲ ସଜ୍ଜୀକରଣ ବିଷୟରେ ପଚାରି ବୁଝିବା ସହିତ ସେ ସମ୍ବନ୍ଧୀୟ ଜ୍ଞାନ ଆହରଣ କରିଥିଲେ।




ବ୍ୟବହାରିକ ଜ୍ଞାନ ଆହରଣ ପାଇଁ ତାଲିମରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ।

# ‘ଏବେ ସମସ୍ତେ ପାଶ୍ଚାତ୍ୟ ସଂସ୍କୃତି ଆପଣାଉଛନ୍ତି’

**ପୁରୀ, ୧୭।୧୦(ଅଜିତ୍ ମହାନ୍ତି):**

**ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଦିବ୍ୟ ସମାଗମର ଉଦଘାଟନ**

ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଦିବ୍ୟ ସମାଗମର ଉଦ୍‌ଘାଟନୀ ସମାରୋହ ମଙ୍ଗଳବାର ତାଳବଣିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ପ୍ରଥମ ଦିନରେ ମୁଖ୍ୟ ଅତିଥି ରୂପେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଯୋଗଦାନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ବି.ବି ବୋଧୟାନ ସ୍ୱାମୀ ମହାରାଜା, ଆଚାର୍ଯ୍ୟ ଗୋପୀନାଥ ଗଉଡିଅ ମଠ, କମଳ ନୟନ ଦାସ, ମହାରାଜ ଆଚାର୍ଯ୍ୟ ରାମଜନ୍ମ ଭୂମି ଅଯୋଧ୍ୟା, ଈଶାପ୍ରିୟ ସ୍ୱାମୀ ମହାରାଜ, ଶ୍ରୀକୃଷ୍ଣ ମଠ ଉଡୁପି, ଓ ରାମାନୁଜ ସଂପ୍ରଦାୟର ରାମାନୁଜ ଜିଆର ସ୍ୱାମୀ ମହାରାଜା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ନିଜ ବକ୍ତବ୍ୟରେ କହିଥିଲେ, ବର୍ତ୍ତମାନ ସମୟରେ ସମସ୍ତେ ପାଶ୍ଚାତ୍ୟ ଦେଶର ସଂସ୍କୃତିକୁ ଆପଣାଉଛନ୍ତି। କିନ୍ତୁ ଆମ ମହାନ ସଂସ୍କୃତିକୁ ଆମେ ଭୁଲିବାରେ ଲାଗିଛେ। ପାଶ୍ଚାତ୍ୟ ଶିକ୍ଷାକୁ ଛାଡି ସ୍କୁଲ କଲେଜରେ ହିନ୍ଦୁଧର୍ମର ଶାସ୍ତ୍ର, ପୁରାଣକୁ ପାଠ୍ୟକ୍ରମ ହିସାବରେ ଅନ୍ତର୍ଭୁକ୍ତ କରାଗଲେ ଆମ ପରପିଢି ଧର୍ମର ଜ୍ଞାନ ପାଇପାରିବେ। ଅଯୋଧ୍ୟା ମଠର କମଳ ନୟନ ଦାସ ମହାରାଜ ନିଜ ବକ୍ତବ୍ୟରେ କହିଥିଲେ, ହିନ୍ଦୁ ଧର୍ମ ପାଇଁ ଆମର ସମ୍ବିଧାନକୁ ବଦଳାଇବା ଉଚିତ୍। ଶ୍ରୀକୃଷ୍ଣ ମଠ, ଉଡୁପିର ଆଚାର୍ଯ୍ୟ ଶ୍ରୀ ଈଶାପ୍ରିୟ ସ୍ୱାମୀ ମହାରାଜ କହିଲେ, ସମଗ୍ର ଦେଶରେ ଗୋ ହତ୍ୟାକୁ ରୋକିବାକୁ ଚେଷ୍ଟା କରିବା ଦରକାର। ଏଥିପାଇଁ ସରକାର ଅନେକ ଚେଷ୍ଟା ଜାରି ରଖିବା ସତ୍ତ୍ୱେ ଏହା ସଠିକ୍ କାର୍ଯ୍ୟକାରୀ ହୋଇପାରୁନାହିଁ। ସେହିପରି ହିନ୍ଦୁ ଧର୍ମର ବିକାଶ ତଥା ବିଶ୍ୱ ଭ୍ରାତୃତ୍ୱ ବନ୍ଧନରେ ବାନ୍ଧି ହେବାପାଇଁ ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଦେଶରୁ ଆସିଥିବା ପ୍ରାୟ ୫ହଜାର ସାଧୁସନ୍ଥଙ୍କ ସହ ଦେଶରୁ ବିଭିନ୍ନ କୋଣ ଅନୁକୋଣରୁ ଆସିଥିବା ୩ହଜାର ଭକ୍ତ ଓ ସାଧାରଣ ଜନତା ଯୋଗ ଦେଇଥିଲେ ।

### ‘ଏଇ ସହକାର’ ଉନ୍ମୋଚିତ

**କୃଷ୍ଣପ୍ରସାଦ,୧୭।୧୦ (କୈଳାସ ଚନ୍ଦ୍ର ପଟ୍ଟନାୟକ)**

ମାନସିଂହ ସାହିତ୍ୟ ସଂସଦ ଆନୁକୂଲ୍ୟରେ କୃଷ୍ଣପ୍ରସାଦ ବ୍ଲକ ନନ୍ଦଳା ଠାରେ ପୂଜା ବିଶେଷାଙ୍କ ‘ଏଇ ସହକାର’ ପୁରୀ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନର ପୂର୍ବତନ ଅଧ୍ୟକ୍ଷ ଚଣ୍ଡେଶ୍ୱର ମହାପାତ୍ରଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ଲଳିତ କୁମାର ସ୍ୱାଇଁଙ୍କ ସମ୍ପାଦିତ ଏହି ପତ୍ରିକାରେ ରହିଛି ଅନୁଭବ ଓ ଅନ୍ୱେଷଣ ଧର୍ମୀ ପ୍ରବନ୍ଧ, ଗଳ୍ପ ଓ କବିତା।

### ଚନ୍ଦ୍ରଘଣ୍ଟା ବେଶରେ ଦର୍ଶନ ଦେଲେ ବନଦୁର୍ଗା

**ନିରାକାରପୁର,୧୭।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)**

ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତସ୍ଥିତ ମା’ବନଦୁର୍ଗାଙ୍କ ପୀଠରେ ଶାରଦୀୟ ଷୋଡ଼ଶ ଦିନାତ୍ମକ ପୂଜାର ଦ୍ୱାଦଶ ଦିବସ ତଥା ନବରାତ୍ରର ତୃତୀୟ ଦିବସରେ ବନଦୁର୍ଗା ଚନ୍ଦ୍ରଘଣ୍ଟା ବେଶରେ ଦର୍ଶନ ଦେଇଛନ୍ତି। ମଙ୍ଗଳବାର ସକାଳେ ମଙ୍ଗଳ ଆଳତି, କଳସ ପୂଜା, ସୂର୍ଯ୍ୟ ପୂଜା, ପଞ୍ଚଦେବତା ପୂଜା, ଷୋଡ଼ଶ ଉପଚାରରେ ମଧାହ୍ନ ଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡୀପାଠ, ଆଳତି, ଅଧରପଣା ଓ ମହାପ୍ରସାଦ ମା’ଙ୍କୁ ଅର୍ପଣପୂର୍ବକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ଡ.କୃପାସିନ୍ଧୁ ପଣ୍ଡା ଓ ପଣ୍ଡିତ ତପନ କୁମାର ମହାପାତ୍ର ପୂଜାର୍ଚ୍ଚନା କରିଥିଲେ।

# ଉର୍ଜାବାନ୍ ଓଡ଼ିଶା ପରିବାର ପକ୍ଷରୁ ବିଶ୍ୱ ଖାଦ୍ୟ ଦିବସ

**ପୁରୀ, ୧୭।୧୦ (ଅଜିତ୍ ମହାନ୍ତି) :**

**ଅନ୍ନ ହେଉଛି ବ୍ରହ୍ମ, ନଷ୍ଟ ନ କରି ବିତରଣ କର**

ବିଶ୍ୱ ଖାଦ୍ୟ ଦିବସ ଉପଲକ୍ଷେ ସାମାଜିକ ଅନୁଷ୍ଠାନ ଉର୍ଜାବାନ ଓଡିଶା ପରିବାର ପକ୍ଷରୁ ସ୍ଥାନୀୟ ଷ୍ଟେଶନ ନିକଟରେ ପ୍ରତ୍ୟେକ ଦିନ ଭଳି ସୋମବାର ମଧ ମହାପ୍ରସାଦ ବିତରଣ କରାଯାଇଛି। ପାଖାପାଖି ୩୦୦ରୁ ଊର୍ଦ୍ଧ୍ୱ ବାହାରୁ ଆସୁଥିବା ଯାତ୍ରୀ ଓ ଦୈନିକ ରହୁଥିବା ଅସହାୟମାନଙ୍କୁ ପରିବାର ସଦସ୍ୟାସଦସ୍ୟମାନେ ପ୍ରସାଦ ବିତରଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଂଗଠନର ସଭାପତି ସନ୍ତୋଷ ସେନାପତି ଉଦ୍‌ଘାଟନ କରି କହିଥିଲେ ଆଜିକୁ ପ୍ରାୟ ୩ ବର୍ଷ ତଳେ ଆରମ୍ଭ ହୋଇଥିବା ଦୈନିକ ଖାଦ୍ୟ ବିତରଣ କାର୍ଯ୍ୟକ୍ରମରେ ଆଜି ଆଉ ଏକ ଫର୍ଦ୍ଦ ଯୋଡି ହୋଇଯାଇଛି। ଅନ୍ନ ହେଉଛି ବ୍ରହ୍ମ, ତେଣୁ ଏହାକୁ ନଷ୍ଟ ନକରି ବିତରଣ କରିଲେ ଅନେକ ଲୋକଙ୍କ କ୍ଷୁଧା ନିବାରଣ ହୋଇପାରିବ। ସେହିପରି ସମ୍ପାଦିକା ନୀହାରିକା ତ୍ରିପାଠୀ ନିଜ ବକ୍ତବ୍ୟରେ ସଂଘର୍ଷ ମଧ୍ୟରେ ଉର୍ଜାବାନ ଓଡ଼ିଶା ପରିବାରର ପ୍ରତିଟି ସଦସ୍ୟ କିପରି ଦୈନିକ ଖାଦ୍ୟ ବିତରଣ କରୁଛନ୍ତି ତାହା କହିଥିଲେ। ଏହି ଅବସରରେ ପରିବାର ତରଫରୁ ଖାଦ୍ୟ ସଂଗ୍ରହ ପାଇଁ ୮୨୪୯୪୬୪୦୩୪ ନମ୍ବର ଜାରି କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ତିଳୋତ୍ତମା ଧଳ, ସନ୍ତୋଷୀ ଭୋଇ, କଳ୍ପନା ଦାସ, ଦିଲୀପ ଚିନେରା, ସନ୍ତୋଷ ମୁଖି, ଜଗନ୍ନାଥ ପଣ୍ଡା, ଗଜେନ୍ଦ୍ର ସେନାପତି, ଉମେଶ ମହାକୁଡ଼, ଆଶିଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ମାସିକ ପତ୍ରିକା ‘ଶ୍ରୀମନ୍ଦିର ସମାଚାର’ର ଇଂଲିଶ୍ ସଂସ୍କରଣ

**ପୁରୀ, ୧୭।୧୦ (ଅଜିତ୍ ମହାନ୍ତି) :**

ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରକାଶିତ ମାସିକ ପତ୍ରିକା ‘ଶ୍ରୀମନ୍ଦିର ସମାଚାର’ର ଇଂରାଜୀ ସଂସ୍କରଣ ପ୍ରଥମ ଥର ଲାଗି ମଙ୍ଗଳବାର ପ୍ରକାଶ ପାଇଛି। ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟଠାରେ ଏହାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଉନ୍ମୋଚନ କରିଛନ୍ତି। ଏହି ପତ୍ରିକାରେ ଶ୍ରୀମନ୍ଦିର ନୀତିକାନ୍ତି, ପର୍ବପର୍ବାଣି ସମ୍ପର୍କିତ ସୂଚନା ଏବଂ ଦାନ ସହ ଅନ୍ୟାନ୍ୟ କାର୍ଯ୍ୟାବଳୀ ନେଇ ବିବରଣୀ ରହିଛି । ପତ୍ରିକା ଉନ୍ମୋଚନ ସମୟରେ ଶ୍ରୀମନ୍ଦିର ନୀତି ପ୍ରକାଶକ ଜିତେନ୍ଦ୍ର କୁମାର ସାହୁ, ଓଏସ୍‌ଡି (ଉନ୍ନୟନ) ଅଜୟ କୁମାର ଜେନା, ଓଏସ୍‌ଡି (ୱାର୍କସ୍) ଆଶିଷ କୁମାର ସୁବୁଦ୍ଧି, ଅଧୀକ୍ଷଣ ଯନ୍ତ୍ରୀ ନରେଶ ଚନ୍ଦ୍ର ରାଉତ, ଓଏସ୍‌ଡି (ସଂସ୍କୃତି ପ୍ରଚାର) ଶୁଭ୍ରାଂଶୁ ଶେଖର ପାଢ଼ୀ ଏବଂ ଲୋକସମ୍ପର୍କ ଅଧିକାରୀ ଜିତେନ୍ଦ୍ର ନାରାୟଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



‘ଶ୍ରୀମନ୍ଦିର ସମାଚାର’ ଉନ୍ମୋଚନ କରୁଛନ୍ତି ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ଓ ଅନ୍ୟମାନେ ।

# ଗ୍ରାମରେ ପହଞ୍ଚୁନି ବସୁଧା ପାନୀୟ ଜଳ

**ଧାରଣା ଦେଲେ ଗ୍ରାମବାସୀ**

**ଚାରିଛକ,୧୭।୧୦(ଶିଶିର ସ୍ୱାଇଁ)**

ସରକାରର ପକ୍ଷରୁ ସାରା ରାଜ୍ୟରେ ବସୁଧା ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ପାନୀୟ ପାଣି ଯୋଗାଇ ଦିଆଯାଉଛି। ହେଲେ ପୁରୀ ଜିଲା ନିମାପଡ଼ା ବ୍ଲକ ଅଧୀନ ଭୋଦର ପଞ୍ଚାୟତ ଓରପଟ ନୂଆ ଗାଁର ଲୋକେ କିଛି ମାସ ହେଲା ପାନୀୟ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ଫଳରେ ଗ୍ରାମବାସୀ ପାଣି ପାଇଁ ବହୁ ଅସୁବିଧା ଭୋଗୁଛନ୍ତି। ଭୋଦର ପଞ୍ଚାୟତ ଓରପଟଠାରେ ଥିବା ପାଣି ଟାଙ୍କି କଣ୍ଟ୍ରୋଲ ଘର ଗେଟ୍ ସମ୍ମୁଖରେ ମଙ୍ଗଳବାର ଓରପଟ ନୂଆଗାଁର ଗ୍ରାମବାସୀ ଏନେଇ ଧାରଣା ଦେଇଛନ୍ତି। ଘଟଣା ସ୍ଥଳରେ ସରପଞ୍ଚଙ୍କ ପ୍ରତିନିଧି ପ୍ରଶାନ୍ତ ବେହେରା ପହଞ୍ଚି ଯନ୍ତ୍ରୀଙ୍କ ସହିତ କଥା ହୋଇ ଖୁବ୍‌ଶୀଘ୍ର ସମାଧାନ ହୋଇଯିବ ବୋଲି କହିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଗ୍ରାମର ସାମାଜିକ କର୍ମୀ ଟୁଲୁ ମଲ୍ଲିକ, ଗିରିଜା ସ୍ୱାଇଁ, ରାମ ସ୍ୱାଇଁ, ମୁନା ମଲ୍ଲିକ, ବଲୁ ସ୍ୱାଇଁ, ଆଲୋକ ମଲ୍ଲିକ, ରମାକାନ୍ତ ନାୟକଙ୍କ ସମେତ ଶତାଧିକ ଲୋକେ ଧାରଣାରେ ବସିଥିଲେ।



ବସୁଧା ପାନୀୟ ଜଳ ଅବ୍ୟବସ୍ଥାକୁ ନେଇ ନୂଆଗାଁ ଗ୍ରାମବାସୀଙ୍କ ଧାରଣା ।

**ସାବୁନ କାରଖାନାରେ ବିସ୍ଫୋରଣ: ୪ ମୃତ**

ଉତ୍ତରପ୍ରଦେଶର ମିରଟ ଜିଲା ଲୋହିଆନଗରସ୍ଥିତ ଏକ ସାବୁନ ଫ୍ୟାକ୍ଟ୍ରିରେ ମଙ୍ଗଳବାର ବିସ୍ଫୋରଣ ଘଟି ୪ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ୫ ଜଣ ଆହତ ହୋଇଛନ୍ତି। ବିସ୍ଫୋରଣରେ କାରଖାନାର କିଛି ଅଂଶ ଭୁଶୁଡ଼ି ପଡ଼ିଥିଲା। ବିସ୍ଫୋରଣ ସମୟରେ ମେଶିନ୍‌ରେ ଡିଟରଜେଣ୍ଟ ତିଆରି କିମ୍ବା ସେଗୁଡ଼ିକର ପ୍ୟାକେଜିଂ ହେଉଥିଲା ବୋଲି ଜିଲାପାଳ ଦୀପକ ମୀନା କହିଛନ୍ତି।



## ସଂକ୍ଷେପରେ

### ପାକିସ୍ତାନୀ ଗୁଳିରେ ୨ ଯବାନ ଆହତ

ଜମ୍ମୁ,୧୭।୧୦

ଜମ୍ମୁ-କଶ୍ମୀର ଆର୍‌ଏସ୍ ପୁରା ସେକ୍ଟର ସଂଲଗ୍ନ ଅନ୍ତର୍ଜାତୀୟ ସୀମା (ଆଇବି)ରେ ମଙ୍ଗଳବାର ରାତିରେ ପାକିସ୍ତାନୀ ରେଞ୍ଜର୍ସଙ୍କ ଗୁଳିମାଡ଼ରେ ୨ ଜଣ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ଯବାନ ଆହତ ହୋଇଛନ୍ତି। ଉଭୟଙ୍କୁ ସ୍ଥାନୀୟ ସରକାରୀ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଯବାନଦ୍ୱୟଙ୍କ ସ୍ୱାସ୍ଥ୍ୟ ସ୍ଥିର ରହିଛି। ଦୁଇ ବିଏସ୍‌ଏଫ୍ ଯବାନ ଆର୍ନିଆ ଶିବିର ନିକଟସ୍ଥ ଏକ ବିଦ୍ୟୁତ୍ ଖୁଣ୍ଟରେ ଚଢ଼ି ଲାଇଟ୍ ସଜାଡୁଥିବା ବେଳେ ସୀମା ସେପଟୁ ପାକିସ୍ତାନୀ ରେଞ୍ଜରମାନେ ଆଖିବୁଜା ଗୁଳି ଚଳାଇଥିଲେ। ଭାରତ-ପାକିସ୍ତାନ ସୀମାରେ ୨୦୨୧ ପରେ ଏହା ହେଉଛି ସବୁଠୁ ବଡ଼ ଅସ୍ତ୍ରବିରୋଧୀ ଉଲ୍ଲଂଘନ।

**ସୁପ୍ରିମକୋର୍ଟରେ ଶିବସେନା ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା ପ୍ରସଙ୍ଗ**

### ସମୟସୀମା ଧାର୍ଯ୍ୟ ପାଇଁ ବାଚସ୍ପତିଙ୍କୁ ଶେଷ ସୁଯୋଗ

ନୂଆଦିଲ୍ଲୀ,୧୭।୧୦(ପି.ଟି.): ଶିବସେନାରେ ବିଭାଜନ ପରେ ଉଭୟ ଗୋଷ୍ଠୀ ଅନ୍ୟ ଗୋଷ୍ଠୀର ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା କରିବା ପାଇଁ ଦାବି କରିବା ସତ୍ତ୍ୱେ ମହାରାଷ୍ଟ୍ର ବିଧାନସଭା ବାଚସ୍ପତି ରାହୁଲ ନରୱେକର ନିଷ୍ପତ୍ତି ନେବାରେ ଟାଳଟୁଳ ନୀତି ଗ୍ରହଣ କରୁଥିବାରୁ ସୁପ୍ରିମକୋର୍ଟ କ୍ଷୁବ୍ଧ ହୋଇଛନ୍ତି। ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା କରିବା ପାଇଁ କେବେ ନିଷ୍ପତ୍ତି ନେବେ ତାହାର ଏକ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରିବା ପାଇଁ ସର୍ବୋଚ୍ଚ ଅଦାଲତ ବାଚସ୍ପତିଙ୍କୁ ଶେଷ ସୁଯୋଗ ଦେଇଛନ୍ତି। ତୁରନ୍ତ ବିଧାୟକମାନଙ୍କ ଆବେଦନକୁ ବାଚସ୍ପତି ବିଚାରକୁ ନିଅନ୍ତୁ। ଦଶହରା ଛୁଟି ବେଳେ ଏହି କାର୍ଯ୍ୟ ଶେଷ କରିବାରେ ବାଚସ୍ପତିଙ୍କ ସହ ବ୍ୟକ୍ତିଗତ ଭାବେ ନିୟୋଜିତ ରହିବେ ବୋଲି ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠଙ୍କୁ କହିଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୩୦କୁ ଧାର୍ଯ୍ୟ ହୋଇଛି।

### ସିସୋଡିଆଙ୍କ ଜାମିନ ଆବେଦନ ଉପରେ ରାୟ ସଂରକ୍ଷିତ



ନୂଆଦିଲ୍ଲୀ,୧୭।୧୦

ଦିଲ୍ଲୀ ଅବକାରୀ ନୀତି କେଲେଙ୍କାରୀ ସହ ଜଡ଼ିତ ଦୁର୍ନୀତି ଓ ମନିଲଣ୍ଡରିଂ ମାମଲାରେ ଜେଲରେ ଥିବା ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ଏଏପି ନେତା ମନୀଷ ସିସୋଡିଆ ନିୟମିତ ଜାମିନ ପାଇଁ କରିଥିବା ଆବେଦନ ଉପରେ ସୁପ୍ରିମକୋର୍ଟ ମଙ୍ଗଳବାର ତାଙ୍କ ରାୟ ସଂରକ୍ଷିତ ରଖିଛନ୍ତି। ସିସୋଡିଆଙ୍କ ଓକିଲ ଅଭିଷେକ ମନୁ ସିଂଘଭି ଏବଂ ଅତିରିକ୍ତ ସଲିସିଟର ଜେନେରାଲ ଏସ୍.ଭି. ରାଜୁଙ୍କ ଯୁକ୍ତି ଶୁଣିବା ପରେ ଜଷ୍ଟିସ ସଞ୍ଜୀବ ଖାନ୍ନା ଏବଂ ଏସ୍.ଭି.ଏନ୍. ଭଟ୍ଟିଙ୍କ ଖଣ୍ଡପୀଠ ୨ଟି ଅଲଗା ଜାମିନ ଆବେଦନ ଉପରେ ରାୟ ସଂରକ୍ଷିତ ରଖିଥିଲେ। ସିବିଆଇ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଯୁକ୍ତି ଉପସ୍ଥାପନ କରିଥିଲେ। ଅବକାରୀ ଦୁର୍ନୀତି ମାମଲାରେ ସିସୋଡିଆଙ୍କୁ ଗତ ଫେବୃୟାରୀ ୨୬ରେ ସିବିଆଇ ଗିରଫ କରିଥିଲା ଓ ସେବେଠାରୁ ସେ ଜେଲରେ ରହିଛନ୍ତି। ସିବିଆଇ ଏତଲା ଆଧାରରେ ମନିଲଣ୍ଡରିଂ ମାମଲାରେ ଇଡି ତାଙ୍କୁ ତିହାର ଜେଲରେ ଜେରା କରିବା ପରେ ମାର୍ଚ୍ଚ ୯ରେ ଗିରଫ କରିଥିଲା। ଦୁର୍ନୀତି ମାମଲାରେ ତାଙ୍କ ଜାମିନ ଆବେଦନକୁ ଦିଲ୍ଲୀ ହାଇକୋର୍ଟ ମେ' ୩୦ରେ ଖାରଜ କରିଦେଇଥିଲେ। ସେହିପରି ମନିଲଣ୍ଡରିଂ ମାମଲାରେ ତାଙ୍କ ଜାମିନ ଆବେଦନ ଜୁଲାଇ ୩ରେ ଖାରଜ ହୋଇଯାଇଥିଲା।

# ଭୟଙ୍କର ପରିଣାମ ଭୋଗିବ ଇସ୍ରାଏଲ

## ଆୟାତୋଲ୍ଲାଙ୍କ ଚେତାବନୀ



ଆୟାତୋଲ୍ଲା ଅଲି ଖୋମିନ

ତେହରାନ/ବ୍ରସେଲ୍ସ,୧୭।୧୦

ଗାଜା ଉପରେ ଇସ୍ରାଏଲ୍ ବୋମାମାଡ଼ ବନ୍ଦ ନ କଲେ ଏହାକୁ ବିରୋଧ କରୁଥିବା ଶକ୍ତିକୁ କେହି ଅଟକାଇପାରିବେ ନାହିଁ ବୋଲି ମଙ୍ଗଳବାର ଇରାନର ସୁପ୍ରିମ୍ ଲିଡର ଆୟାତୋଲ୍ଲା ଅଲି ଖୋମିନି ଚେତାବନୀ ଦେଇଛନ୍ତି। ହମାସ୍ ଆତଙ୍କବାଦୀମାନେ ଗାଜା ସୀମା ଅତିକ୍ରମ କରି ଇସ୍ରାଏଲ୍‌ରେ ଅତର୍କିତ ଆକ୍ରମଣ କରିବା ସହ ୧,୪୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ହତ୍ୟା କରିଥିଲେ। ଏହାର ଜବାବରେ ଇସ୍ରାଏଲ୍ ଗାଜା ଷ୍ଟ୍ରିପ୍ ଉପରେ ଆକାଶମାର୍ଗରୁ ବୋମାମାଡ଼ ଜାରି ରଖିଛି। ଯୁଦ୍ଧ ବନ୍ଦ କରିବା ଲାଗି ଇସ୍‌ଲାମିକ୍ ରିପବ୍ଲିକ୍ ଉକ୍ତ ଅଞ୍ଚଳର ସମସ୍ତ ସହଯୋଗୀମାନଙ୍କ ସହ ଯୋଗାଯୋଗ ଜାରି ରଖିଛି। ହମାସ୍ ନିୟନ୍ତ୍ରିତ ଗାଜା ଷ୍ଟ୍ରିପ୍‌ରେ ଇସ୍ରାଏଲ୍‌ର ବୋମା ଓ ରକେଟ ଆକ୍ରମଣରେ ୨,୭୫୦ରୁ ଅଧିକ ପାଲେଷ୍ଟିନୀୟଙ୍କ ମୃତ୍ୟୁ ହେଲାଣି, ଯେଉଁଥିରୁ ଅଧିକାଂଶ ହେଉଛନ୍ତି ସାଧାରଣ ନାଗରିକ। ଏଭଳି ଜାରି ରହିଲେ ମୁସଲମାନ ଏବଂ ପ୍ରତିରୋଧୀ ଶକ୍ତି ଧାର୍ଯ୍ୟ ହରାଇବେ ଏବଂ ସେମାନଙ୍କୁ କେହି ଅଟକାଇପାରିବେ ନାହିଁ ବୋଲି ଆୟାତୋଲ୍ଲା କହିଛନ୍ତି।



ଇସ୍ରାଏଲର ଆକ୍ରମଣରେ ଗାଜା ଷ୍ଟ୍ରିପ୍‌ରେ ଆହତ ପାଲେଷ୍ଟିନୀୟ ଶିଶୁକୁ ଜଣେ ବ୍ୟକ୍ତି ଉଦ୍ଧାର କରୁଛନ୍ତି।

**ଯୁଦ୍ଧକୁ ନେଇ ଇୟୁ ନେତାଙ୍କ ଭର୍ଚୁଆଲ ସମିଟ୍**

ଯୁଦ୍ଧ ପରିପ୍ରେକ୍ଷୀରେ କେତେକ ରାଷ୍ଟ୍ର ଇସ୍ରାଏଲ୍‌କୁ ସମର୍ଥନ କରୁଥିବାବେଳେ ଅନ୍ୟମାନେ ପାଲେଷ୍ଟାଇନ୍‌କୁ ସମର୍ଥନ ଜଣାଇଛନ୍ତି। ଏଭଳି କୋଳାହଳ ଜାରି ରହିଥିବାବେଳେ ବ୍ରସେଲ୍ସ ୟୁରୋପୀୟ ୟୁନିୟନ(ଇୟୁ)ର ନେତାମାନଙ୍କ ଏକ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇ ସଦ୍‌ଭାବନା ସ୍ଥାପନ ଲାଗି ଆହ୍ୱାନ ଦିଆଯାଇଛି। ଏ ଦିଗରେ ବୈଶ୍ୱିକ ସ୍ତରରେ ଏକ ବଡ଼ କୂଟନୈତିକ ପ୍ରଭାବ ପକାଇବା ପାଇଁ ସେମାନେ ଉଦ୍ୟମ କରୁଛନ୍ତି। ସୋମବାର ରାତିରେ ବ୍ରସେଲ୍ସରେ ଆକ୍ରମଣ ହୋଇ ୨ ସୁଇଡେନ୍ ନାଗରିକଙ୍କ ମୃତ୍ୟୁ ଘଟିଥିବାରୁ ବିପଦକୁ ସମ୍ମୁଖୀନ ହେବା ଲାଗି ଏକାଠି ହେବାକୁ ଇୟୁ ନେତାମାନେ ଆହ୍ୱାନ ଦେଇଛନ୍ତି। ଇୟୁ କମିଶନ ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର୍ ଲେୟେନ ଶୁକ୍ରବାର ଇସ୍ରାଏଲ୍ ଯାଇ ସମସ୍ୟା ସମାଧାନ ଲାଗି ଉଦ୍ୟମ କରିବାକୁ ଅଧିକାଂଶ ସଦସ୍ୟ ରାଷ୍ଟ୍ର ଅନୁଭବ କରୁଛନ୍ତି।

### ଆଉ ଜଣେ ହମାସ୍ କମାଣ୍ଡର ନିହତ

କେନ୍ଦ୍ରୀୟ ଗାଜା ଷ୍ଟ୍ରିପ୍‌ରେ ଇସ୍ରାଏଲ୍‌ର ଏୟାର ଷ୍ଟ୍ରାଇକ୍‌ରେ ହମାସ୍ ଆତଙ୍କବାଦୀ ସଂଗଠନ କାସାମ ବ୍ରିଗେଡ୍‌ର ଶୀର୍ଷ କମାଣ୍ଡର ମଙ୍ଗଳବାର ନିହତ ହୋଇଛନ୍ତି। ଆୟାମନ ନୋଫାଲ ହେଉଛନ୍ତି ହମାସ୍‌ର ହାଇପ୍ରୋଫାଇଲ୍ ଆତଙ୍କବାଦୀ। ଦୁଇ ଦିନ ପୂର୍ବରୁ ହମାସ୍ କମାଣ୍ଡର ବିଲାଲ ଅଲ୍ କେଦ୍ରା ଆକ୍ରମଣରେ ପ୍ରାଣ ହରାଇଥିଲେ। ଏହାର ଦିନକ ପୂର୍ବରୁ ଅନ୍ୟତମ ହମାସ୍ କମାଣ୍ଡର ମୁରାଦ ଅବୁ ମୁରାଦ ନିହତ ହୋଇଥିଲେ।

### ଗାଜାରେ ଉତ୍କଟ ଜଳସଙ୍କଟ

**ଚିକିତ୍ସା ମିଳୁ ନ ଥିବାରୁ ଚିନ୍ତା ପ୍ରକଟ କଲା ଜାତିସଂଘ**

ଗାଜା ସିଟି,୧୭।୧୦

ଯୁଦ୍ଧ ପ୍ରଭାବିତ ଗାଜା ଷ୍ଟ୍ରିପ୍‌ରେ ଉତ୍କଟ ଜଳାଭାବ ଦେଖାଦେଇଛି। ପାନୀୟ ଜଳ ଅଭାବରୁ ସେଠାରେ ମାନବ ସ୍ୱାସ୍ଥ୍ୟକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଜଳ ସଙ୍କଟରୁ ଲୋକଙ୍କ ଜୀବନ ଯାଇପାରେ ବୋଲି ଜାତିସଂଘର ପାଲେଷ୍ଟାଇନ୍ ଦାୟିତ୍ୱରେ ଥିବା ଫିଲିପେ ଲାଜାରିନି କହିଛନ୍ତି। ଯୁଦ୍ଧ ଆରମ୍ଭ ହେବା ପରେ ଇସ୍ରାଏଲ୍ ଗାଜାକୁ ମୁଖ୍ୟ ଜଳଯୋଗାଣ ପାଇପ୍‌ଲାଇନକୁ ବିଚ୍ଛିନ୍ନ କରିଦେଇଛି। ଏଥିସହିତ ଭୂମଧ୍ୟସାଗରରୁ ପ୍ଲାଣ୍ଟ ଯୋଗେ ବିଶୋଧିତ ହେଉଥିବା ଜଳଯୋଗାଣ ମଧ୍ୟ ବନ୍ଦ ହୋଇଯାଇଛି। ଗାଜାର ୪୭ ପ୍ରତିଶତ ଲୋକେ ଜଳ ବିନା ହାହାକାର କରୁଛନ୍ତି। ଜଳ ସମେତ ଇସ୍ରାଏଲ୍ ଗାଜାକୁ ବିଦ୍ୟୁତ୍ ଓ ଇନ୍ଧନ ଯୋଗାଣ ବନ୍ଦ କରିଦେଇଛି। ସେଠାରେ ତେଲ ଓ ବିଜୁଳି ମଧ୍ୟ ଖୁବ୍ କମ୍ ସମୟ ମଧ୍ୟରେ ଶେଷ ହେବାକୁ ଯାଉଛି। ପାନୀୟ ଜଳ ପାଇଁ ଲୋକଙ୍କୁ ଲାଇନ୍‌ରେ ଘଣ୍ଟା ଘଣ୍ଟା ଛିଡ଼ା ହେବାକୁ ପଡୁଛି। ଲୋକେ ବଞ୍ଚିବା ପାଇଁ ଲୁଣିପାଣି ପିଇବାକୁ ବାଧ୍ୟ ହେଉଛନ୍ତି। ଆଗାମୀ ଦିନରେ ଜଳଯୋଗାଣ ବନ୍ଦ ରହିଲେ ଗମ୍ଭୀର ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି ହେବ ବୋଲି କୁହାଯାଉଛି।

ଯୁଦ୍ଧରେ ୪,୨୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଲାଣି ଓ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ପାଲେଷ୍ଟିନୀୟ ଗାଜା ଦକ୍ଷିଣ ଭାଗ ଛାଡ଼ି ପଳାଇଗଲେଣି। ଇସ୍ରାଏଲ୍ ବୋମାମାଡ଼ରେ ଗାଜା ଷ୍ଟ୍ରିପ୍‌ର ଅଧିକାଂଶ ଅଞ୍ଚଳ ଧ୍ୱଂସ ସ୍ତୂପରେ ପରିଣତ ହୋଇଛି। ଗାଜାର ୫୦,୦୦୦ରୁ ଊର୍ଦ୍ଧ୍ୱ ଗର୍ଭବତୀ ମହିଳା ଓ ଯୁଦ୍ଧ ଆହତମାନଙ୍କୁ ଔଷଧ ଓ ଡାକ୍ତରୀ ସେବା ମିଳୁ ନ ଥିବାରୁ ଜାତିସଂଘ ଉଦ୍‌ବେଗ ପ୍ରକାଶ କରିଛି। ଯୁଦ୍ଧରେ ଆହତମାନଙ୍କୁ ଚିକିତ୍ସା ସୁବିଧା ନ ମିଳିବା ଯୁଦ୍ଧ ଆଇନ ଏବଂ ଅନ୍ତର୍ଜାତୀୟ ମାନବୀୟ ଆଇନର ଉଲ୍ଲଂଘନ ବୋଲି ଜାତିସଂଘ କହିଛି।

### ହେଜ୍‌ବୋଲ୍ଲାର ୪ ମୃତ

ବେରୁଟ୍,୧୭।୧୦

ଗାଜା ଉପରେ ଆକ୍ରମଣ ଜାରି ରହିଥିବାବେଳେ ମଙ୍ଗଳବାର ଲେବାନନ୍ ସୀମାରେ ଇସ୍ରାଏଲ୍ ସୈନ୍ୟ ଏବଂ ଲେବାନନର ଆତଙ୍କବାଦୀ ସଙ୍ଗଠନ ହେଜ୍‌ବୋଲ୍ଲା ମଧ୍ୟରେ ପୁଣିଥରେ ସଂଘର୍ଷ ହୋଇଛି। ଲେବାନନ୍ ପଟୁ ଏକ ଟ୍ୟାଙ୍କ ବିଧ୍ୱଂସୀ କ୍ଷେପଣାସ୍ତ୍ର ମଙ୍ଗଳବାର ସକାଳେ ଉତ୍ତର ଇସ୍ରାଏଲ୍‌ର ମେଟୁଲା ସହରରେ ପଡ଼ିବା ପରେ ଉତ୍ତେଜନା ଦେଖାଦେଇଥିଲା। ଏହି ମିଶାଇଲ ମାଡ଼ରେ ୩ ଜଣ ଆହତ ହୋଇଛନ୍ତି। ଇସ୍ରାଏଲ୍ ସେନାର ଜବାବୀ ଆକ୍ରମଣରେ ହେଜ୍‌ବୋଲ୍ଲାର ୪ ଆତଙ୍କବାଦୀ ନିହତ ହୋଇଛନ୍ତି। ସୀମାନ୍ତରୁ ଲୋକମାନଙ୍କୁ ସୁରକ୍ଷିତ ଅଞ୍ଚଳକୁ ଚାଲିଯିବା ଲାଗି ଇସ୍ରାଏଲ୍ ନିର୍ଦ୍ଦେଶ ଦେଇଛି। ଲେବାନନ୍ କ୍ଷେପଣାସ୍ତ୍ର ମାଡ଼ର ଜବାବରେ ଇସ୍ରାଏଲ୍ ତୋପ ଏବଂ ହ୍ୱାଇଟ୍ ଫସ୍‌ଫରସ୍‌ରେ ଆକ୍ରମଣ କରିଛି।

### ହସ୍ପିଟାଲରେ ଆକ୍ରମଣ: ୫୦୦ ମୃତ

**ବର୍ତ୍ତିବା ପାଇଁ ଭର୍ତ୍ତି ହୋଇଥିବାବେଳେ ବୋମାମାଡ଼**

ଗାଜା ସିଟି,୧୭।୧୦

ଗାଜା ଷ୍ଟ୍ରିପ୍‌ର ଏକ ହସ୍ପିଟାଲ ଉପରେ ଗତ ଶନିବାର ଇସ୍ରାଏଲ୍ ସେନା ବୋମାମାଡ଼ କରିବାରୁ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସମେତ ୫୦୦ ଲୋକଙ୍କ ମୃତ୍ୟୁ ଘଟିଛି। ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଜଣେ ମୁଖପାତ୍ର ଏହି ସୂଚନା ଦେଇଛନ୍ତି। ମୃତ୍ୟୁସଂଖ୍ୟା ୨୦୦ରୁ ୩୦୦ ମଧ୍ୟରେ ହେବ ବୋଲି ପ୍ରାଥମିକ ଭାବେ ଆକଳନ କରାଯାଇଥିବାବେଳେ ପରେ ଏହା ଯଥେଷ୍ଟ ବୃଦ୍ଧି ପାଇଥିଲା। ବୋମାମାଡ଼ରେ ହଜାରେରୁ ଅଧିକ ଆହତ ହୋଇଥିବା ଜଣାପଡ଼ିଛି। ବୋମାମାଡ଼ରୁ ବର୍ତ୍ତିବା ପାଇଁ ଗାଜାର ହଜାର ହଜାର ଲୋକ ଅଲ-ଅହଲି ହସ୍ପିଟାଲରେ ଆଶ୍ରୟ ନେଇଥିଲେ। ଏହାର କ୍ୟାନ୍ସର ଚିକିତ୍ସା କେନ୍ଦ୍ର ଉପରେ ଇସ୍ରାଏଲ୍ ଏୟାରଷ୍ଟ୍ରାଇକ୍ କରିଥିଲା।

### ରାଘବ ଚଡ୍ଢାଙ୍କୁ ହାଇକୋର୍ଟରୁ ଆଶ୍ୱସ୍ତି

**ସରକାରୀ ବଙ୍ଗଳା ଖାଲି କରିବେ ନାହିଁ**

ନୂଆଦିଲ୍ଲୀ,୧୭।୧୦(ପି.ଟି.)

ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଏମ୍‌ପି ରାଘବ ଚଡ୍ଢାଙ୍କୁ ଦିଲ୍ଲୀ ହାଇକୋର୍ଟରୁ ମଙ୍ଗଳବାର ଆଶ୍ୱସ୍ତି ମିଳିଛି। ତାଙ୍କୁ ସରକାରୀ ବଙ୍ଗଳା ଖାଲି କରିବାକୁ ପଡ଼ିବ ନାହିଁ। ବଙ୍ଗଳା ଖାଲି କରିବା ଲାଗି ତଳକୋର୍ଟର ରାୟକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ପୂର୍ବରୁ ରାଜ୍ୟ ସଭା ସଚିବାଳୟ ତାଙ୍କୁ ବଙ୍ଗଳା ଛାଡ଼ିବାକୁ ନିର୍ଦ୍ଦେଶ ଦେଇଥିବାବେଳେ ତଳକୋର୍ଟ ଏହାକୁ କାଏମ୍ ରଖିଥିଲେ। ତଳକୋର୍ଟ ତାଙ୍କ ରାୟରେ କହିଥିଲେ, ବଙ୍ଗଳା ମଞ୍ଜୁରୀ ବାତିଲ ହୋଇଥିବାରୁ ରାଘବ ସମ୍ପୂର୍ଣ୍ଣ ରାଜ୍ୟ ସଭା ସଦସ୍ୟତା କାର୍ଯ୍ୟକାଳ ପର୍ଯ୍ୟନ୍ତ ସରକାରୀ ବଙ୍ଗଳା ରଖିବା ଅଧିକାର ଦାବି କରିପାରିବେ



ନାହିଁ। ତଳକୋର୍ଟଙ୍କ ରାୟକୁ ରାଘବ ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ, ଯାହାକୁ ସଚିବାଳୟ ବିରୋଧ କରିଥିଲା।

**ପ୍ରଶ୍ନ ପାଇଁ ଲାଞ୍ଚ ବିବାଦ**

### ନିଶିକାନ୍ତଙ୍କ ବିରୋଧରେ ମାନହାନି ମାମଲା କଲେ ମହୁଆ

ନୂଆଦିଲ୍ଲୀ,୧୭।୧୦

ଟିଏମ୍‌ସି ଏମ୍‌ପି ମହୁଆ ମୈତ୍ର ପାର୍ଲାମେଣ୍ଟରେ ପ୍ରଶ୍ନ କରିବା ପାଇଁ ଜଣେ ବ୍ୟବସାୟୀଙ୍କଠାରୁ ଲାଞ୍ଚ ନେଇଥିଲେ ବୋଲି ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ଅଭିଯୋଗ କରିଥିଲେ। ମହୁଆ ତାଙ୍କ ବିରୋଧରେ ଦିଲ୍ଲୀ ହାଇକୋର୍ଟରେ ମଙ୍ଗଳବାର ମାନହାନି ମାମଲା ଦାଏର କରିଛନ୍ତି। ଏଥିସହିତ ସୁପ୍ରିମକୋର୍ଟ ଆଇନଜୀବୀ ଜୟଅନନ୍ତ ଦେହଦ୍ରାଇ ଏବଂ କେତେଜଣ ଗଣମାଧ୍ୟମ ସଂସ୍ଥା ବିରୋଧରେ ମଧ୍ୟ ଟିଏମ୍‌ସି ନେତ୍ରୀ ମାନହାନି ମାମଲା ଦାଏର କରିଥିବା ଜଣାପଡ଼ିଛି। ବିଚାରପତି ସଚିନ୍ ଦତ୍ତଙ୍କ ଖଣ୍ଡପୀଠ ଶୁକ୍ରବାର ଉକ୍ତ ପିଟିଶନ୍‌ର ଶୁଣାଣି କରିବେ। ସୂଚନାଯୋଗ୍ୟ, ଜୟଅନନ୍ତ ହେଉଛନ୍ତି ମହୁଆଙ୍କ ପୂର୍ବତନ ପାର୍ଟନର। ପୋଷା କୁକୁରକୁ ହେପାଜତକୁ ନେବା ନେଇ ସେମାନଙ୍କ ସମ୍ପର୍କରେ ତିକ୍ତତା ଦେଖାଦେଇଥିଲା। ଟିଏମ୍‌ସି ନେତ୍ରୀ ପାର୍ଲାମେଣ୍ଟରେ ପ୍ରଶ୍ନ କରିବା ପାଇଁ ବ୍ୟବସାୟୀ ଦର୍ଶନ ହୀରାନନ୍ଦନୀଙ୍କଠାରୁ ଚାନ୍ଦା ନେଇଥିବା ଭାଜପା ଏମ୍‌ପି ନିଶିକାନ୍ତ ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ।

### ଲଣ୍ଡନରେ ବିକ୍ଷୋଭ ବେଳେ ଗ୍ରେଟା ଗିରଫ




ଲଣ୍ଡନରେ ଜଳବାୟୁ କର୍ମୀ ଗ୍ରେଟା ଥନ୍‌ବର୍ଗଙ୍କୁ ପୋଲିସ ଗିରଫ କରୁଛି।

ଲଣ୍ଡନ,୧୭।୧୦

ବ୍ରିଟେନ୍‌ର ଲଣ୍ଡନ ସହରରେ ତୈଳ ଓ ଗ୍ୟାସ୍ କମ୍ପାନୀ ବିରୋଧରେ ବିକ୍ଷୋଭ କରୁଥିବା ଜଳବାୟୁ କର୍ମୀ ଗ୍ରେଟା ଥନ୍‌ବର୍ଗଙ୍କୁ ମଙ୍ଗଳବାର ପୋଲିସ ଗିରଫ କରିଛି। ୨୦୧୮ରେ ସୁଇଡେନ୍ ପାର୍ଲାମେଣ୍ଟ ଆଗରେ ଜଳବାୟୁ ସୁରକ୍ଷା ନେଇ ସପ୍ତାହବ୍ୟାପୀ ବିକ୍ଷୋଭ କରିବା ପରେ ସେ ଯୁବ ଜଳବାୟୁ କର୍ମୀଙ୍କ ବିଶ୍ୱବ୍ୟାପୀ ଚେହେରା ଭାବେ ପରିଚୟ ହାସଲ କରିଥିଲେ। ଚଳିତ ବର୍ଷ ସୁଇଡେନ୍, ନରୱେ ଏବଂ ଜର୍ମାନୀରେ ଜଳବାୟୁ ସୁରକ୍ଷା ଆନ୍ଦୋଳନରେ ସାମିଲ ହୋଇ ସେ ଏକାଧିକ ଥର ଗିରଫ ହୋଇଛନ୍ତି କିମ୍ବା ତାଙ୍କୁ ବିକ୍ଷୋଭ ସ୍ଥଳରୁ ପୋଲିସ ତଡ଼ିଦେଇଛି। ଗ୍ରେଟା 'ଅଏଲି ମନି ଆଉଟ୍' ସ୍ଲୋଗାନ୍ ଲେଖାଥିବା ଏକ ବ୍ୟାଜ୍ ପିନ୍ଧିଥିବାବେଳେ ତାଙ୍କୁ ଦୁଇଜଣ ପୋଲିସ ଅଫିସର ଧରିଥିବା ଭିଡିଓ ଫୁଟେଜ୍‌ରୁ ଦେଖିବାକୁ ମିଳିଛି।

## ସିନେମା ଆମ ସମାଜର ଦସ୍ତାବିଜ୍: ରାଷ୍ଟ୍ରପତି

ନୂଆଦିଲ୍ଲୀ,୧୭।୧୦(ପି.ଟି.)

ଲୋକଙ୍କ ମଧ୍ୟରେ ସମ୍ପର୍କ ବଢ଼ାଇବାରେ ଚଳଚ୍ଚିତ୍ର କଳାକାରମାନେ ପରିବର୍ତ୍ତନର ଏଜେଣ୍ଟ ଏବଂ ସଚେତନତା ପ୍ରସାରଣରେ ସିନେମା ସବୁଠୁ ପ୍ରଭାବଶାଳୀ ମାଧ୍ୟମ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ୬୯ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ଅବସରରେ କହିଛନ୍ତି। ବର୍ଷୀୟାନ ଅଭିନେତ୍ରୀ ୱାହିଦା ରେହମାନଙ୍କୁ ସମ୍ମାନଜନକ ଦାଦାସାହେବ ଫାଲ୍‌କେ ପୁରସ୍କାର ସମେତ ଅନ୍ୟମାନଙ୍କୁ ପୁରସ୍କୃତ କରିବା ପରେ ରାଷ୍ଟ୍ରପତି ଉଦ୍‌ବୋଧନ ଦେଇ କହିଥିଲେ, ଚଳଚ୍ଚିତ୍ର କେବଳ ବ୍ୟବସାୟ ଏବଂ ମନୋରଞ୍ଜନରେ ସୀମିତ ନୁହେଁ। ଏହା ଆମ ସମାଜର ଏକ ଦସ୍ତାବିଜ ଏବଂ ଏହାକୁ ବିକଶିତ କରିବାର ମାଧ୍ୟମ। ଚଳିତ ବର୍ଷର ପୁରସ୍କାର ବିଜୟୀ ଚଳଚ୍ଚିତ୍ରଗୁଡ଼ିକ ଜଳବାୟୁ ପରିବର୍ତ୍ତନ, ନାବାଳିକା ଚାଲାଣ, ନାରୀ ନିର୍ଯାତନା, ଦୁର୍ନୀତି ଏବଂ ସାମାଜିକ ଶୋଷଣ ଆଦି ବିଭିନ୍ନ ପ୍ରସଙ୍ଗକୁ ମୁକାବିଲା କରିବାରେ ସହାୟକ ହୋଇଛି। ଭାରତୀୟ ଚଳଚ୍ଚିତ୍ର ଦେଶର ସାମାଜିକ ବିବିଧତା ଏବଂ ଉନ୍ନତ ସାଂସ୍କୃତିକ ଐତିହ୍ୟର ପ୍ରଚାରରେ ସହାୟକ ହେବାର ବିଶ୍ୱାସ ରହିଛି। ଏହି ଚଳଚ୍ଚିତ୍ରଗୁଡ଼ିକ କେବଳ ଦେଶ ଓ ସମାଜ ପାଇଁ ଲାଭଦାୟକ ନୁହେଁ, ବ୍ୟବସାୟିକ ସଫଳତା ପାଇଁ ମଧ୍ୟ ଲାଭଦାୟକ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ଭାରତୀୟ ଚିତ୍ରଶିଳ୍ପ ପାଇଁ ଗର୍ବ ଅନୁଭବ କରୁଥିବା କହିଥିଲେ।




ନୂଆଦିଲ୍ଲୀର ବିଜ୍ଞାନ ଭବନରେ ୬୯ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ଦାଦା ସାହେବ ଫାଲ୍‌କେ ପୁରସ୍କାର ଗ୍ରହଣ କରୁଛନ୍ତି ବର୍ଷୀୟାନ ଅଭିନେତ୍ରୀ ୱାହିଦା ରେହମାନ। (ଫଟୋ-ଚମନ ଗୌତମ)

**୬୯ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର**

### ଦିଗ୍‌ବିଜୟଙ୍କ ପୋଷାକ ଚିରିବାକୁ କର୍ମୀଙ୍କୁ କହିଲେ କମଲ ନାଥ

ଭୋପାଳ,୧୭।୧୦

ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ ପ୍ରଥମ ପ୍ରାର୍ଥୀ ତାଲିକା ପ୍ରକାଶ କରିବା ପରେ ଦଳରେ ଅଶାନ୍ତ ସ୍ଥିତି ସୃଷ୍ଟି ହୋଇଥିଲା। ଦଳୀୟ ଟିକେଟରୁ ବଞ୍ଚିତ ହୋଇଥିବା ନେତାମାନଙ୍କ ସମର୍ଥକମାନେ ଭୋପାଳରେ ବିକ୍ଷୋଭ କରିଥିଲେ। ଏହାକୁ ନେଇ ମଧ୍ୟପ୍ରଦେଶ କଂଗ୍ରେସରେ ମତଭେଦ ଦେଖାଦେଇଥିବାବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ କମଲ ନାଥଙ୍କ ଏକ ଭିଡିଓ ଭାଇରାଲ ହୋଇଛି। 'ଯାଅ ଏବଂ ଦିଗବିଜୟ ସିଂ ଏବଂ ଜୟବର୍ଦ୍ଧନ ସିଂଙ୍କ ପୋଷାକ ଚିରିଦିଅ' ବୋଲି ଉକ୍ତ ଭିଡିଓରେ ବିକ୍ଷୋଭକାରୀ କର୍ମୀମାନଙ୍କୁ କମଲନାଥ କହୁଥିବା ଦେଖାଯାଇଛି। ବୀରେନ୍ଦ୍ର ରଘୁବଂଶୀଙ୍କ ସମର୍ଥକମାନେ ସୋମବାର କମଲନାଥଙ୍କ ବାସଭବନରେ ପହଞ୍ଚି ଟିକେଟ ଦାବି କରିଥିଲେ। ବୀରେନ୍ଦ୍ରଙ୍କ କ୍ଷେତ୍ରରେ କିଛିଟା ଭୁଲ୍‌ବୁଝାମଣା ହୋଇଥିବା ଜଣାପଡୁଛି ବୋଲି କମଲନାଥ କହିଥିଲେ।

# ଏଲ୍‌ଜିବିଟିକ୍ୟୁ ସମୁଦାୟ ନିରାଶ

**ସମଲିଙ୍ଗୀ ବିବାହକୁ ଆଇନଗତ ବୈଧତା ପ୍ରଦାନ ନିମନ୍ତେ ଦାଖଲ ୨୧ଟି ଆବେଦନ ଉପରେ ସୁପ୍ରିମକୋର୍ଟଙ୍କ ବହୁପ୍ରତୀକ୍ଷିତ ରାୟ ମଙ୍ଗଳବାର ଆସିଛି। ସମଲିଙ୍ଗୀ ବିବାହକୁ ସ୍ୱତନ୍ତ୍ର ବିବାହ ଆଇନ ଅଧୀନରେ ସ୍ୱୀକୃତି ଦେବାକୁ ସାମ୍ବିଧାନିକ ପୀଠ ମନାକରିଦେଇଛନ୍ତି। ତେବେ ଏଲ୍‌ଜିବିଟିକ୍ୟୁଆଇଏ++ ବର୍ଗର ବ୍ୟକ୍ତିମାନଙ୍କ ମିଳନକୁ ବୈଧ କରିବା ସକାଶେ ଆଇନରେ ପରିବର୍ତ୍ତନ ପାଇଁ ପାର୍ଲାମେଣ୍ଟ ଉପରେ ନିଷ୍ପତ୍ତି ଛାଡ଼ିଦେଇଛନ୍ତି ସର୍ବୋଚ୍ଚ ଅଦାଲତ, ଯାହାକୁ ନେଇ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କେତେଜଣ ଏହାକୁ ନ୍ୟାୟପାଳିକାର ଏକ ସକାରାତ୍ମକ ସନ୍ଦେଶ ରୂପେ ଅଭିହିତ କରିଥିବାବେଳେ କିନ୍ନର ସମୁଦାୟ ସେମାନଙ୍କୁ ଘୃଣାଦୃଷ୍ଟି ଓ ଅସମାନତାରୁ ସୁରକ୍ଷା ଦେବା ପାଇଁ ଆଇନ ପ୍ରଣୟନ ଅପରିହାର୍ଯ୍ୟ ବୋଲି ଦାବି କରିଛନ୍ତି।**



## 'ଉଭୟ ପକ୍ଷଙ୍କୁ ଖୁସି କରିବା ଭଳି ରାୟ'

ନୂଆଦିଲ୍ଲୀ,୧୭।୧୦

ସୁପ୍ରିମକୋର୍ଟ ମଙ୍ଗଳବାର ସମଲିଙ୍ଗୀ ବିବାହକୁ ଆଇନଗତ ବୈଧତା ଦେବାକୁ ମନା କରିଦେଇଥିବାବେଳେ ଏଲ୍‌ଜିବିଟିକ୍ୟୁ+ ସମୁଦାୟ, ଆବେଦନକାରୀ ଓ ଆକ୍ଟିଭିଷ୍ଟମାନେ ଏଭଳି ସମ୍ପର୍କ ରଖୁଥିବା ବ୍ୟକ୍ତିଙ୍କୁ ଆଇନଗତ ସୁରକ୍ଷା ଦିଆଯିବା ଉଚିତ ବୋଲି ଦାବି କରିଛନ୍ତି। ଏହି ମାମଲାର ଜଣେ ଆବେଦନକାରୀ ପ୍ରଣବ ସୁପ୍ରିମକୋର୍ଟ ରାୟର ସକାରାତ୍ମକ ଦିଗ ଉପରେ ନିଜ ମତ ରଖି କହିଛନ୍ତି, ସାମ୍ବିଧାନିକ ପୀଠ ସମଲିଙ୍ଗୀ ବିବାହକୁ ସ୍ୱୀକୃତି ଦେଇନାହାନ୍ତି। କିନ୍ତୁ ସେମାନେ ଆମକୁ କେତେକ ନିର୍ଦ୍ଦିଷ୍ଟ ଅଧିକାର ପ୍ରଦାନ କରିଛନ୍ତି। ତେଣୁ ଏହାର ସକାରାତ୍ମକ ଦିଗଗୁଡ଼ିକ ଉପରେ ଗୁରୁତ୍ୱ ଦିଆଯିବା ଉଚିତ। ମୋ ମୃତ୍ୟୁ ପରେ ମୋ ମୃତଦେହ ଉପରେ ପାର୍ଟନର ଦାବି କରିପାରିବେ। ମୁଁ ପୋଲିସର ଦ୍ୱାରସ୍ଥ ହୋଇପାରିବି। ଏହି ରାୟରେ ସୁରକ୍ଷାଗତ ଓ ସ୍ୱାସ୍ଥ୍ୟସେବା ସମ୍ପର୍କିତ ସୁଯୋଗ ରହିଛି। ତେବେ ଉଭୟ ପକ୍ଷଙ୍କୁ ଖୁସି କରିବା ଓ ସମାଜକୁ ସନ୍ତୁଳିତ କରିବା ପାଇଁ ଏହା ଏକ କୂଟନୈତିକ ରାୟ ବୋଲି ପ୍ରଣବ କହିଛନ୍ତି। ଅନ୍ୟ ଜଣେ ଆବେଦନକାରୀ ଶରିଫ ରଙ୍ଗନେକରଙ୍କ ମତରେ ଆଇନରେ ପରିବର୍ତ୍ତନ ଆଣିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ସ୍ଥିର କରା ନ ଯିବା ଚିନ୍ତାଜନକ। ସେମାନେ ଏହା ଉପରେ କିଛି ସ୍ପଷ୍ଟ କରିନାହାନ୍ତି। ଆକ୍ଟିଭିଷ୍ଟ ଡ. ମାଇଲି ଭାରତ ଭଳି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସମଲିଙ୍ଗୀ ବିବାହକୁ ଆଇନଗତ ସ୍ୱୀକୃତିର ଅଭାବକୁ ଦୁର୍ଭାଗ୍ୟଜନକ ବୋଲି ଅଭିହିତ କରିଛନ୍ତି। ସେ ଏହି ପ୍ରସଙ୍ଗରେ ବ୍ୟବସ୍ଥାପିକା ପକ୍ଷରୁ ପଦକ୍ଷେପ ନିଆଯିବା ଆବଶ୍ୟକ ବୋଲି କହିଛନ୍ତି।

### ରାୟର ମୁଖ୍ୟାଂଶ

- ସମଲିଙ୍ଗୀ ବିବାହ ପାଇଁ ଆଇନଗତ ସ୍ୱୀକୃତି ନାହିଁ
- ବିବାହ କିମ୍ବା ସିଭିଲ ୟୁନିୟନ୍ ମୌଳିକ ଅଧିକାର ନୁହେଁ
- ସଂସଦ ଆଣିପାରିବ ଆଇନ
- ପୋଷ୍ୟଗ୍ରହଣ ଅଧିକାର ନାହିଁ
- ସମଲିଙ୍ଗୀମାନେ ନିଜ ପାର୍ଟନର ଚୟନ କରିପାରିବେ
- ଏକାଠି ମଧ ରହିପାରିବେ, କିନ୍ତୁ ସ୍ୱୀକୃତି ଦାବି ମନା
- ଏଭଳି ବିବାହ ସମ୍ପର୍କିତ ପ୍ରସଙ୍ଗ ଅନୁଧ୍ୟାନ ଲାଗି କମିଟି ଗଢ଼ିବ କେନ୍ଦ୍ର

## ସୁପ୍ରିମକୋର୍ଟରେ ବିଚାର ପ୍ରକ୍ରିୟା

**୨୦୧୮ ସେପ୍ଟେମ୍ବର ୬:** ସାମ୍ବିଧାନିକ ପୀଠ ସର୍ବସମ୍ମତିକ୍ରମେ ଭାରତୀୟ ଦଣ୍ଡ ସଂହିତା (ଆଇପିସି) ଦଫା ୩୭୭ ସମାନତା ଅଧିକାର ଉଲ୍ଲଂଘନ କରୁଥିବା ଦର୍ଶାଇ ଏହାକୁ ଆଂଶିକ ଭାବେ ଅପରାଧମୁକ୍ତ କଲେ।
**୨୦୨୨ ନଭେମ୍ବର ୨୫:** ଦୁଇ ପୁରୁଷ ସମଲିଙ୍ଗୀ ଯୋଡ଼ି ସମଲିଙ୍ଗୀ ବିବାହକୁ ସ୍ୱତନ୍ତ୍ର ବିବାହ ଆଇନ ଅଧୀନରେ ସ୍ୱୀକୃତି ପ୍ରଦାନ ସକାଶେ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହେଲେ। ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନୋଟିସ କଲେ।
**୨୦୨୩ ଜାନୁୟାରୀ ୬:** ସୁପ୍ରିମକୋର୍ଟ ସମଲିଙ୍ଗୀ ବିବାହକୁ ଆଇନଗତ ସ୍ୱୀକୃତି ପ୍ରଦାନ ପାଇଁ ଦାଖଲ ସମସ୍ତ ଆବେଦନକୁ ବିଭିନ୍ନ ହାଇକୋର୍ଟରୁ ସର୍ବୋଚ୍ଚ ଅଦାଲତକୁ ସ୍ଥାନାନ୍ତର ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଲେ। ଏହି ପ୍ରସଙ୍ଗରେ ମୋଟ ୨୧ ପିଟିଶନ ଦାଖଲ ହୋଇଥିଲା।
**ମାର୍ଚ୍ଚ ୧୨:** ସମଲିଙ୍ଗୀ ବିବାହ ସ୍ୱୀକୃତିକୁ ସୁପ୍ରିମକୋର୍ଟରେ ବିରୋଧ କଲା କେନ୍ଦ୍ର।
**ମାର୍ଚ୍ଚ ୧୩:** ସାମ୍ବିଧାନିକ ପୀଠ ଗଠନ ପାଇଁ ସୁପ୍ରିମକୋର୍ଟଙ୍କ ପ୍ରସ୍ତାବ।
**ଏପ୍ରିଲ ୧୫:** ୫ ଜଣିଆ ସାମ୍ବିଧାନିକ ପୀଠ ଗଠନ କଲେ ସୁପ୍ରିମକୋର୍ଟ।
**ଏପ୍ରିଲ ୧୮:** ସୁପ୍ରିମକୋର୍ଟରେ ଶୁଣାଣି ଆରମ୍ଭ।
**ମେ' ୧୧:** ବିଚାର ଶେଷ, ରାୟ ସଂରକ୍ଷିତ।
**ଅକ୍ଟୋବର ୧୭:** ସମଲିଙ୍ଗୀ ବିବାହକୁ ଆଇନଗତ ସ୍ୱୀକୃତି ଦେବାକୁ ମନାକଲେ ସୁପ୍ରିମକୋର୍ଟ।



ସୁପ୍ରିମକୋର୍ଟଙ୍କ ରାୟ ଏକତରଫା ରହିଲା। ଦମ୍ପତିଙ୍କ ଜନ୍ମିତ ଶିଶୁ ଯେ ସବୁବେଳେ ସମଲିଙ୍ଗୀ ଦମ୍ପତିଙ୍କ ଦ୍ୱାରା ପାଳିତ ପିଲାଠାରୁ ଉନ୍ନତ ମଣିଷ ହୋଇପାରେ, ତାହା ତୁଳନା କରିବା ଅନୁଚିତ୍। ଆଇନ ଓ ମାନବାଧିକାର ଦାୟିତ୍ୱ ସବୁ ପ୍ରକାର ପରିବାରରେ ସମାନ ରୂପେ ଗ୍ରହଣୀୟ। କେନ୍ଦ୍ର ସରକାର ଏଲ୍‌ଜିବିଟିକ୍ୟୁଆଇଏ++ ଯୋଡ଼ିଙ୍କ ପ୍ରତି ସାଧାରଣ ନଜରରେ ଥିବା ଘୃଣା, ଅସମାନତାରୁ ରକ୍ଷା କରିବାକୁ ନିହାତି ଏହି ଦିଗରେ ବିଲ୍ ଆଣିବା ଦରକାର। କେବଳ ଆମ ପିଢ଼ି ନୁହେଁ ଭବିଷ୍ୟତ ପିଢ଼ି ମଧ ଯେମିତି ଜନ୍ମ ହୋଇ ଅସୁବିଧାର ସାମ୍ନା ନ କରନ୍ତୁ।

**– ଅମିତ ବିଶୋଇ, ସମଲିଙ୍ଗୀ**



ସୁପ୍ରିମ କୋର୍ଟଙ୍କ ରାୟ ସ୍ୱାଗତଯୋଗ୍ୟ। ତାଙ୍କ ନିର୍ଦ୍ଦେଶ ଅନୁସାରେ ସମଲିଙ୍ଗୀ ବିବାହ ପ୍ରସଙ୍ଗ ଏବେ ପାର୍ଲାମେଣ୍ଟ ପରିସରଭୁକ୍ତ। ମହିଳା ସଂରକ୍ଷଣ ବିଲ୍ ପରି ପାର୍ଲାମେଣ୍ଟରେ ସମଲିଙ୍ଗୀ ବିବାହ ଉପରେ ଏକ ବିଲ୍ ଆସିବା ଦରକାର। ପ୍ରଧାନମନ୍ତ୍ରୀ ଏବଂ ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀଙ୍କୁ ମଧ ଆଗରୁ ଏନେଇ ଜଣାଇଥିଲୁ। ଭଲ ହେଲା ଏବେ ନିର୍ଦ୍ଦେଶ ଆସିଗଲା। କେନ୍ଦ୍ର ଓ ରାଜ୍ୟ ସରକାର ଏଥିରେ ହସ୍ତକ୍ଷେପ କରନ୍ତୁ। ଏମ୍‌ପିମାନେ ପାର୍ଲାମେଣ୍ଟରେ ଏ ପ୍ରସଙ୍ଗ ଉଠାନ୍ତୁ। ସମଲିଙ୍ଗୀ ଓ କିନ୍ନରଙ୍କ ପାଇଁ ଆଇନ ଆସୁ। ତାହେଲେ ସେମାନେ ଆରାମରେ ଜୀବନ ଅତିବାହିତ କରିପାରିବେ।

**– ପ୍ରତାପ ସାହୁ, ସାମାଜିକ କର୍ମୀ**



ସୁପ୍ରିମକୋର୍ଟଙ୍କ ଏହି ରାୟ ସହ ମୁଁ ସହମତ ନୁହେଁ। ପ୍ରଥମ କଥା ସମସ୍ତଙ୍କର ଖୁସିରେ ରହିବାର ଅଧିକାର ଅଛି। ମାତ୍ର ଏହା ନୁହେଁ ଯେ ଆଇନ ଅଧୀନରେ ଆସି ସେମାନଙ୍କ ଭବିଷ୍ୟତରେ ଅସୁବିଧା ହେଉ। ପୁଅପୁଅ, ଝିଅଝିଅ ବାହାହେଲେ ପରବର୍ତ୍ତୀ ସମୟରେ ଲିଙ୍ଗ ପରିବର୍ତ୍ତନ, ହରମୋନ୍ ଥେରାପି ଏସବୁରେ ଅସୁବିଧା ହେବ। ଏହା ଛଡ଼ା ପରିବାର ମଧ ଏସବୁକୁ ଶୀଘ୍ର ଗ୍ରହଣ କରିବେନି। ଯେଉଁଥିପାଇଁ ସେମାନେ ଆଗକୁ ଅସୁବିଧାରେ ପଡ଼ିବେ।

**– ସଲ୍‌ମା, ଆଇନଜୀବୀ, କିନ୍ନର**



ଆଜିର ରାୟ ନିହାତି ଭାବରେ ସମାଜ ପାଇଁ ଭଲ ବାର୍ତ୍ତା, ଏଥିରେ ସନ୍ଦେହ ନାହିଁ। ମୋ ମତରେ ଯେଉଁ ପ୍ରସଙ୍ଗ ପ୍ରାକୃତିକ ନୁହେଁ ତାକୁ ଆମେ ବ୍ୟବସ୍ଥା ଭିତରେ ପ୍ରମାଣିତ କରିବା ନିହାତି ଭାବରେ ଭୁଲ। ଜୀବନସାଥୀ ବାଛିବା ଓ ବିବାହ ଦୁଇଟି ମଧ୍ୟରେ ବହୁତ ଫରକ ରହୁଛି। ସମଲିଙ୍ଗୀ ବିବାହ ଅନେକ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିବ। ପୁଅଟିଏ ଝିଅକୁ ବିବାହ କରିବା ଦ୍ୱାରା ସେମାନେ ପିଲାର ସ୍ୱପ୍ନ ମଧ ଦେଖିଥାନ୍ତି। କିନ୍ତୁ ସମଲିଙ୍ଗୀ ବିବାହ କ୍ଷେତ୍ରରେ ତାହା ବ୍ୟତିକ୍ରମ ଘଟିବ। ତେଣୁ ସମଲିଙ୍ଗୀ ବିବାହକୁ ସମ୍ମତି ନ ମିଳିବା ସ୍ୱାଗତ ଯୋଗ୍ୟ।

**– ପ୍ରୀତିଛନ୍ଦା ଧଳ, ସାମାଜିକ କର୍ମୀ**



ବିବାହ ଆମେ ଯେଉଁଥିପାଇଁ କରୁ ତାହା ସମଲିଙ୍ଗୀଙ୍କ କ୍ଷେତ୍ରରେ ସମ୍ଭବ ନୁହେଁ। ବଂଶବୃଦ୍ଧି ହେଉ ବା ଶାରୀରିକ ମିଳନ ତାହା ସେମାନଙ୍କ ପକ୍ଷେ ହୋଇପାରିବନି। ସମସ୍ତଙ୍କର ନିଜସ୍ୱ ଖୁସି ରହିଛି। ସେ ହିସାବରେ ଦେଖିବାକୁ ଗଲେ ସେମାନଙ୍କୁ ଲିଭ୍ ଇନ୍‌ରେ ରହିବାର ଅନୁମତି ମିଳିଛି। ଅନ୍ୟ ସୁବିଧା ମଧ ଦିଆଯାଇଛି। ତେଣୁ ସୁପ୍ରିମ କୋର୍ଟ ଯେଉଁ ରାୟ ଦେଇଛନ୍ତି, ତାହା ଠିକ୍ ଅଛି।

**– ରୀନା ରାଉତରାୟ, ସାମାଜିକ କର୍ମୀ**

## ଆର୍‌ଏସ୍‌ଏସ୍, ଭିଏଚ୍‌ପିର ସ୍ୱାଗତ

ସମଲିଙ୍ଗୀ ବିବାହ ସମ୍ପର୍କିତ ସୁପ୍ରିମକୋର୍ଟଙ୍କ ରାୟକୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ଏବଂ ବିଶ୍ୱହିନ୍ଦୁ ପରିଷଦ (ଭିଏଚ୍‌ପି) ପକ୍ଷରୁ ସ୍ୱାଗତ କରାଯାଇଛି। ଆର୍‌ଏସ୍‌ଏସ୍ ଅଖିଳ ଭାରତୀୟ ପ୍ରଚାର ପ୍ରମୁଖ ସୁନୀଲ ଆମ୍ବେଡକର କହିଛନ୍ତି, ସମଲିଙ୍ଗୀ ବିବାହ ଉପରେ ଶୀର୍ଷ ଅଦାଲତଙ୍କ ରାୟ ସ୍ୱାଗତଯୋଗ୍ୟ। ଆମ ଗଣତାନ୍ତ୍ରିକ ସଂସଦୀୟ ବ୍ୟବସ୍ଥା ସମସ୍ତ ପ୍ରସଙ୍ଗ ଗମ୍ଭୀରତା ସହ ଆଲୋଚନା କରି ଉପଯୁକ୍ତ ନିଷ୍ପତ୍ତି ନେଇପାରିବ। ସେହିପରି ଭିଏଚ୍‌ପି ରାଷ୍ଟ୍ରୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ ଅଶୋକ କୁମାର କହିଛନ୍ତି, ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିୟାନ୍ ସମ୍ପ୍ରଦାୟର ପକ୍ଷମାନଙ୍କ ଯୁକ୍ତି ଶୁଣିବା ପରେ ଅଦାଲତ ଦେଇଥିବା ରାୟକୁ ନେଇ ଆମେ ସନ୍ତୁଷ୍ଟ। ସମଲିଙ୍ଗୀ ବିବାହ ମୌଳିକ ଅଧିକାର ନୁହେଁ। ଏପରି କି ସେମାନେ କୌଣସି ଶିଶୁକୁ ପୋଷ୍ୟ ଭାବେ ଗ୍ରହଣ କରିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ଯଥାର୍ଥ ରାୟ ଦେଇଛନ୍ତି।

## ଅନୁରୋଧ ରଖିଲେ ପୀଠ: ତୁଷାର ମେହେଟ୍ଟା



ସୁପ୍ରିମକୋର୍ଟରେ ଶୁଣାଣି ବେଳେ ସମଲିଙ୍ଗୀ ମିଳନ ସମ୍ପର୍କିତ ପ୍ରସଙ୍ଗକୁ ପାର୍ଲାମେଣ୍ଟ ଉପରେ ଛାଡ଼ିଦେବା ପାଇଁ ପୀଠଙ୍କୁ ଅନୁରୋଧ କରିଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ରାୟକୁ ସ୍ୱାଗତ କରିଛନ୍ତି। ସେ କହିଛନ୍ତି, ପୀଠ ମୋ ଅନୁରୋଧ ରକ୍ଷା କରିଥିବାରୁ ଖୁସି। ସମସ୍ତ ୪ଟି ଯାକ ରାୟ ଆମ ଦେଶର ଆଇନବିଜ୍ଞାନ ଏବଂ ବୌଦ୍ଧିକ ପ୍ରକ୍ରିୟା ଅନୁସାରେ ଦିଆଯାଇଛି।

ଫୁର୍‌ସତ୍

# ପୁରୁଷଙ୍କୁ ସ୍ତନ କର୍କଟ

ଲଣ୍ଡନ

ସାଧାରଣତଃ ମହିଳାଙ୍କ ସ୍ତନ କର୍କଟ ହେବା ଶୁଣିଛେ। ହେଲେ ନିକଟରେ ଜଣେ ପୁରୁଷଙ୍କ ସ୍ତନ କର୍କଟ ହୋଇଥିବା ଜଣାପଡ଼ିଛି। ଫ୍ଲୋରିଡ଼ାର ବାସିନ୍ଦା ୪୩ ବର୍ଷୀୟ ଜ୍ୟାକ୍ ୟାର୍‌ବ୍ରୋଗ୍ ୫ ବର୍ଷ ବୟସରେ ସାଙ୍ଗମାନଙ୍କ ସହ ପୋଖରୀରେ ପହଁରୁଥିଲେ। ସେତେବେଳେ ତାଙ୍କ ବାମ ଛାତିରେ କିଛି ଅନୁଭୂତ ହୋଇଥିଲା। ହେଲେ ତାହା ଏକ ଛୋଟ ଆଘାତ ବୋଲି ସେ ଭାବି ତାକୁ ଛାଡ଼ି ଦେଇଥିଲେ। ପରେ ତାହା ବଢ଼ି ବହୁ ବଡ଼ ଆକାର ପାଲଟିଗଲା। ଏହାପରେ ସେ ଡାକ୍ତରଙ୍କ ପାଖକୁ ଗଲେ। ସେଠାରେ ତାଙ୍କୁ ସ୍ତନ କର୍କଟ ହୋଇଥିବା ଡାକ୍ତର ଯାଞ୍ଚ ପରେ କହିଥିଲେ। ଏହା ୪ର୍ଥ ଷ୍ଟେଜରେ ପହଞ୍ଚିଥିଲା। ଡାକ୍ତର ସେହି କର୍କଟର ଅଂଶକୁ କାଟି ଦେଲେ। କେମୋଥେରାପି ପରେ ୩୬ରୁ ଅଧିକ ବିକିରଣର ଉପଚାର ହେଲା। ସେ ଏବେ ବି କର୍କଟ ସହ ଲଢୁଛନ୍ତି। ସେ ପ୍ରତି ୩ ସପ୍ତାହରେ ଥରେ କେମୋ ନେବା ସହ ବିଭିନ୍ନ ଔଷଧ ସେବନକରୁଛନ୍ତି। ଜ୍ୟାକ୍ କହିଛନ୍ତି, କର୍କଟକୁ ଲୁଚାଇବା ତାଙ୍କର ସବୁଠୁ ବଡ଼ ଭୁଲ୍ ଥିଲା। ସଙ୍କେତ ମିଳିବା ପରେ ବି ସେ ଡାକ୍ତରଙ୍କଠାରୁ ଲୁଚୁଥିଲେ। ଆମେରିକାନ୍ କ୍ୟାନ୍‌ସର ସୋସାଇଟି ଅନୁସାରେ, ୨୦୨୩ରେ ୨୮୦୦ରୁ ଅଧିକ ଏପରି ଘଟଣା ଦେଖିବାକୁ ମିଳିଲାଣି। ସେଥିମଧ୍ୟରୁ ୫୩୦ ଜଣ ପୁରୁଷଙ୍କ ସ୍ତନ କର୍କଟରେ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ପ୍ରତିବର୍ଷ ୩ ଲକ୍ଷ ମହିଳାଙ୍କ ସ୍ତନ କର୍କଟ ହେଉଥିବାବେଳେ ୪୩ ହଜାର ମହିଳାଙ୍କ ମୃତ୍ୟୁ ଘଟୁଛି। ଆମେରିକାନ୍ କ୍ୟାନ୍‌ସର ସୋସାଇଟି ମୁତାବକ, ଖୁବ୍‌ଶୀଘ୍ର ଏହି ରୋଗ ଚିହ୍ନଟ ହୋଇପାରିଲେ ୯୯ ପ୍ରତିଶତ ଏହାର ନିରାକରଣ ହେବା ସମ୍ଭାବନା ରହିଛି।



# ବିବାହ ଶାଢ଼ି ପିନ୍ଧି ପୁରସ୍କାର ଗ୍ରହଣ କଲେ

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ ସମେତ ଆଉ କେତେଜଣ ଅଭିନେତ୍ରୀ ଅଭିନେତା ଜାତୀୟ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। 'ଗଙ୍ଗୁବାଇ କାଠିଆୱାଡି' ଚଳଚ୍ଚିତ୍ର ପାଇଁ ଆଲିଆଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଜାତୀୟ ପୁରସ୍କାର ମିଳିଛି। ସେ ଦିଲ୍ଲୀର ବିଜ୍ଞାନ ଭବନରେ ମଙ୍ଗଳବାର ପହଞ୍ଚି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ତେବେ ଏହା ଆଲିଆଙ୍କ ପାଇଁ ବେଶ୍ ଖାସ୍ ହୋଇଥିବାବେଳେ ସେ ଏକ ସ୍ୱତନ୍ତ୍ର ଶାଢ଼ି ପିନ୍ଧିଥିଲେ। ଉକ୍ତ ଶାଢ଼ିକୁ ସେ ତାଙ୍କ ବିବାହରେ ପିନ୍ଧିଥିଲେ। ସେ ମଥାରେ ଲାଲ ରଙ୍ଗର ଟିକିଲି, କେଶରେ ଧଳା ରଙ୍ଗର ଗୋଲାପଫୁଲ ଲଗାଇଥିବା ଫଟୋ ବେଶ୍ ଭାଇରାଲ ହେଉଛି। ପୁରସ୍କାର ବିତରଣ ଉତ୍ସବରେ ଆଲିଆ ସ୍ୱାମୀ ରଣବୀର କପୁରଙ୍କ ସହ ନିଜରକୁ ଆସିଥିଲେ। ତେବେ ଆଲିଆ ସଞ୍ଜୟ ଲୀଲା ଭଂସାଲୀଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଗଙ୍ଗୁବାଇ କାଠିଆୱାଡି'ରେ ନିଜକୁ ଶ୍ରେଷ୍ଠ ଭାବେ ପ୍ରତିପାଦିତ କରିଥିଲେ। ଏହି ସିନେମା ୫ଟି ମୁଖ୍ୟ ବର୍ଗରେ ଜାତୀୟ ପୁରସ୍କାର ଜିତିଛି। ପ୍ରଶଂସକମାନେ ଫିଲ୍ମକୁ ବହୁ ଭଲପାଇବା ଦେଇଥିଲେ। ଆଲିଆ ୧୯୯୯ରୁ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ସେ ଅନେକ ଚଳଚ୍ଚିତ୍ର ଦର୍ଶକଙ୍କୁ ଭେଟି ଦେଇଛନ୍ତି। ଶେଷଥର ପାଇଁ ସେ ଇଂଲିଶ୍ ଫିଲ୍ମ 'ହାର୍ଟ ଅଫ୍ ଷ୍ଟୋନ୍'ରେ ନଜରକୁ ଆସିଥିଲେ।



ଆଲିଆ ଭଟ୍ଟ

# ସାଥୀ ନ ପାଇ ନିଜକୁ ବାହାହେଲେ



ଲଣ୍ଡନ

ଅନେକେ ନିଜ ବିବାହ ପାଇଁ ସ୍ୱପ୍ନ ଦେଖିଥାନ୍ତି। ସେଥିପାଇଁ ସଞ୍ଚୟ ମଧ କରିଥାନ୍ତି। ହେଲେ ଜଣେ ମହିଳା ତାଙ୍କ ବିବାହ ପାଇଁ ଅନେକ ବର୍ଷ ଧରି ସଞ୍ଚୟ କରିଥିଲେ ମଧ ଉପଯୁକ୍ତ ସାଥୀ ନ ପାଇବାରୁ ସେ ନିଜକୁ ବିବାହକରି ଚର୍ଚ୍ଚାକୁ ଆସିଛନ୍ତି। ତାଙ୍କ ସ୍ୱପ୍ନର ବାହାଘର ପାଇଁ ସେ ଦୀର୍ଘ ୨୦ ବର୍ଷ ଧରି ସଞ୍ଚୟ କରି ରଖିଥିବା ୧୦ ହଜାର ପାଉଣ୍ଡ ଅର୍ଥାତ୍ ୧୦ ଲକ୍ଷ ଟଙ୍କା ଏଥିରେ ଖର୍ଚ୍ଚ କରିଛନ୍ତି। ଇଂଲଣ୍ଡ ଫେଲିକ୍ସଷ୍ଟୋଇର ୪୨ ବର୍ଷୀୟା ସାରାହା ୱିଲକିନଶନ କ୍ରେଡିଟ୍ କଣ୍ଟ୍ରୋଲର ଭାବେ କାର୍ଯ୍ୟ କରନ୍ତି। ସାରାହା ବହୁ ବର୍ଷ ଧରି ମନ ମୁତାବକ ସାଥୀଟିଏ ଖୋଜି ନ ପାଇବାରୁ ଶେଷରେ ସେ ନିଜକୁ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ସେ ଏକ ଭବ୍ୟ ଉତ୍ସବର ଆୟୋଜନ କରିଥିଲେ। ଉତ୍ସବରେ ସେ ନିଜକୁ ଏକ ଡାଇମଣ୍ଡର ମୁଦି ପିନ୍ଧାଇଛନ୍ତି। ନିଜର ପ୍ରାୟ ୪୦ ଜଣ ସମ୍ପର୍କୀୟଙ୍କ ଉପସ୍ଥିତିରେ ପାରମ୍ପରିକ ଶୈଳୀରେ ବିବାହ ସମ୍ପନ୍ନ କରିଥିଲେ। ଏଥିପାଇଁ ସେ ଏକ ସ୍ୱତନ୍ତ୍ର କେକ୍ ବରାଦ ଦେଇଥିଲେ; ଯେଉଁଥିରେ ଜଣେ କନ୍ୟା ଏକ ବେଙ୍ଗକୁ କିସ୍ କରୁଥିବା ଦେଖାଯାଇଥିଲା।

# ୩୪୦୦ ବର୍ଷର ମମି ଆକୃତି ମୃତଦେହ



କାଏରୋ

ନିକଟରେ ମିଶରରେ ପ୍ରାଚୀନ କବର ମିଳିଛି। ଏଥିରେ 'ମୃତକଙ୍କ ବହି' ସହ ୩୪୦୦ ବର୍ଷ ପୁରୁଣା ମମି ଆକୃତି ମୃତଦେହ ରହିଛି। କୁହାଯାଉଛି, ଏଥିରେ ପ୍ରାଚୀନ ମିଶରର ନ୍ୟୁ କିଙ୍ଗଡମ୍‌ର ପୂଜାରୀଙ୍କ ମୃତଦେହ ସାମିଲ ହୋଇଥାଇପାରେ। ରିପୋର୍ଟ ମୁତାବକ, ମିଶର ରାଜଧାନୀ କାଏରୋଠାରୁ ୨୨୦ କି.ମି. ଦକ୍ଷିଣରେ ମିନ୍ୟାରେ ଟୁନା ଇଏଲ୍ ଗେବେଲ ନେକ୍ରୋପଲିସ୍‌ର ଅଲ୍ ଘୁରାଇଫା ଅଞ୍ଚଳରେ ଏହା ଘଟିଛି। ମିଶର ମିନିଷ୍ଟ୍ରି ଅଫ୍ ଟୁରିଜମ୍ ଆଣ୍ଡ ଆଣ୍ଟିକ୍ୱିଟିଜ୍ ଅନୁସାରେ, କବରସ୍ଥାନରେ ବଡ଼ ସଂଖ୍ୟାରେ ପଥର କାଟି ତିଆରି ହୋଇଥିବା କବର ଏବଂ ଅନେକ ଆର୍କିଓଲୋଜିକାଲର ଅବଶେଷ ରହିଛି। ପ୍ରତ୍ୟେକ କବରରେ ବହୁ ପରିମାଣର ପ୍ରାଚୀନ ବସ୍ତୁ ରଖାଯାଇଛି; ଯେଉଁଥିରେ 'ମୃତକଙ୍କ ବହି' ଭଳି ପାପିରସ୍ ମିଳିଛି। ଏହା ପ୍ରାୟ ୫୦ ଫୁଟ ଲମ୍ବା ଏବଂ ତାହା ଭଲ ସ୍ଥିତିରେ ରହିଛି। 'ମୃତକଙ୍କ ବହି' ହେଉଛି ଏକ ପ୍ରାଚୀନ ମିଶରର ଅନ୍ତ୍ୟେଷ୍ଟି ପାଠ। ଏହା ସାଧାରଣତଃ ପାପିରସ୍‌ରେ ପତ୍ରରେ ଲେଖାଯାଏ। ସେଥିରେ ଅନେକ ପ୍ରକାର ମନ୍ତ୍ର ଲେଖାଯାଇଥାଏ। ବିଶ୍ୱାସ ରହିଛି ଏହା ପରଲୋକରେ ମୃତକଙ୍କୁ ସୁରକ୍ଷା ପ୍ରଦାନ କରିଥାଏ। କବରରେ ୨ ମହିଳାଙ୍କ ନାମ ସାମିଲ ଥିବା ତାବୁଲ ମିଳିଛି, ଯେଉଁଥିରୁ ପ୍ରାଚୀନ ମିଶରର ଦେବତାଙ୍କ ଝିଅ ଡିଜ୍‌ହୁତିଙ୍କର। ଏହି କବରସ୍ଥଳ ନ୍ୟୁ କିଙ୍ଗଡମ୍ ଯୁଗର ବୋଲି ବିଶ୍ୱାସ କରାଯାଏ।



# ଭାରତ ୩, ବାଂଲାଦେଶ ୧



ବୀରେନ୍ଦ୍ର ସେହ୍ୱାଗ

ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଭାରତ ଏହାର ପରବର୍ତ୍ତୀ ମ୍ୟାଚ ବାଂଲାଦେଶ ସହିତ ଖେଳିବ। ଏହି ମ୍ୟାଚଟି ପୁଣେର ମହାରାଷ୍ଟ୍ର କ୍ରିକେଟ ଆସୋସିଏଶନ ଷ୍ଟାଡିୟମରେ ଗୁରୁବାର ଅନୁଷ୍ଠିତ ହେବ। ଭାରତ ଓ ବାଂଲାଦେଶ ମଧ୍ୟରେ ଏପର୍ଯ୍ୟନ୍ତ ମୋଟ ୪ଟି ବିଶ୍ୱକପ୍ ମ୍ୟାଚ ହୋଇଛି। ଏଥିରୁ ଭାରତ ୩ଟିରେ ବିଜୟୀ ହୋଇଥିବାବେଳେ ବାଂଲାଦେଶ ଗୋଟିଏ ଜିତିଛି। ବର୍ତ୍ତମାନର ଫର୍ମ ଦୃଷ୍ଟିରୁ ଏହି ମ୍ୟାଚ ପାଇଁ ଯଦିଓ ଭାରତ ପଲା ଭାରି ରହିଛି ତେବେ ବାଂଲାଦେଶ ନିକଟରେ ବିପର୍ଯ୍ୟୟ ସୃଷ୍ଟି କରିବାର ଦକ୍ଷତା ରହିଛି। ତେଣୁ ଏହି ମ୍ୟାଚ ଉପରେ ନିଶ୍ଚିତ ସମସ୍ତଙ୍କ ନଜର ରହିବ। ଉଭୟ ଦଳର ରେକର୍ଡ ଦୃଷ୍ଟିରୁ ଭାରତର ସର୍ବାଧିକ ସ୍କୋର ୩୭୦ ଓ ବାଂଲାଦେଶର ୨୮୬ ରହିଛି । ସେହିପରି ଭାରତର ସର୍ବନିମ୍ନ ସ୍କୋର ୧୯୧ ଓ ବାଂଲାଦେଶର ୧୯୨ ରହିଛି।

**● ୨୦୦୭: ବାଂଲାଦେଶ ୫ ଉଇକେଟରେ ବିଜୟୀ**

୨୦୦୭ ମାର୍ଚ୍ଚ ୧୭ରେ ପୋର୍ଟ ଅଫ୍ ସ୍ପେନ୍‌ର କୁଇନ୍ସ ପାର୍କ ଓଭାଲ ଗ୍ରାଉଣ୍ଡରେ ଦୁଇ ଦଳ ମଧ୍ୟରେ ପ୍ରଥମ ବିଶ୍ୱକପ୍ ମୁକାବିଲା ହୋଇଥିଲା। ଏଥିରେ ବାଂଲାଦେଶ ୫ ଉଇକେଟରେ ଭାରତକୁ ହରାଇ ଚକିତ କରିଥିଲା। ଟସ୍ ଜିତି ବ୍ୟାଟିଂ କରିଥିବା ଭାରତ ସୌରଭ ଗାଙ୍ଗୁଲିଙ୍କ ୬୬ ରନ ସତ୍ତ୍ୱେ ୪୯.୩ ଓଭରରେ ୧୯୧ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଯୁବରାଜ ସିଂ ୪୭ ରନ କରିଥିଲେ। ବାଂଲାଦେଶ ବୋଲରଙ୍କ ମଧ୍ୟରେ ମାଶ୍ରାଫେ ମୋର୍ତାଜା ୪ଟି ଏବଂ ମହମ୍ମଦ ରଫିକ ଓ ଅବଦୁର ରଜାକ ୩ଟି ଲେଖାଏ ଉଇକେଟ ନେଇଥିଲେ। ୧୯୨ ରନର ବିଜୟ ଲକ୍ଷ୍ୟକୁ ବାଂଲାଦେଶ ୪୮.୩ ଓଭରରେ ୫ ଉଇକେଟ ହରାଇ ହାସଲ କରି ନେଇଥିଲା। ତାମିମ ଇକବାଲ (୫୧), ମୁଶ୍‌ଫିକର ରହିମ (୫୬) ଓ ଶାକିବ ଅଲ୍ ହାସନ (୫୩) ଅର୍ଦ୍ଧଶତକ ହାସଲ କରି ଦଳକୁ ବିଜୟୀ କରିଥିଲେ।

**● ୨୦୧୧: ଭାରତ ୮୭ ରନରେ ବିଜୟୀ**

ପରବର୍ତ୍ତୀ ବିଶ୍ୱକପ୍ ଅର୍ଥାତ୍ ୨୦୧୧ ସଂସ୍କରଣରେ ଭାରତ ପରାଜୟର ମଧୁର ପ୍ରତିଶୋଧ ନେଇଥିଲା। ମୀରପୁରର ଶେର ବାଂଲା ନ୍ୟାଶନାଲ ଷ୍ଟାଡିୟମରେ ଫେବୃୟାରୀ ୧୯ରେ ଅନୁଷ୍ଠିତ ମ୍ୟାଚରେ ଭାରତ ୮୭ ରନରେ ବାଂଲାଦେଶକୁ ଏହାର ଘରୋଇ ପରିବେଶରେ ହରାଇ ଦେଇଥିଲା। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ବୀରେନ୍ଦ୍ର ସେହ୍ୱାଗ (୧୪୦ ବଲ୍‌ରୁ ୧୭୫ ରନ, ୧୪ ଚୌକା, ୫ ଛକା)ଙ୍କ ବିସ୍ଫୋରକ ଶତକ ଏବଂ ବିରାଟ କୋହଲି (୮୩ ବଲ୍‌ରୁ ୧୦୦ ରନ, ୮ ଚୌକା, ୨ ଛକା)ଙ୍କ ଅପରାଜିତ ଶତକ ସହାୟତାରେ ୪ ଉଇକେଟ ହରାଇ ୩୭୦ ରନର ବିଶାଳ ସ୍କୋର ଛିଡ଼ା କରିଥିଲା। ଏହାଥିଲା ବିଶ୍ୱକପ୍‌ରେ କୋହଲିଙ୍କ ପ୍ରଥମ ଶତକ। ଜବାବରେ ବାଂଲାଦେଶ ୫୦ ଓଭରରେ ୯ ଉଇକେଟ ହରାଇ ୨୮୩ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ତାମିମ ଇକବାଲ ସର୍ବାଧିକ ୭୦ ଓ ଶାକିବ ଅଲ୍ ହାସନ ୫୫ ରନ କରିଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ମୁନାଫ ପଟେଲ ସର୍ବାଧିକ ୪ଟି ଉଇକେଟ ନେଇଥିଲେ।



ରୋହିତ ଶର୍ମା

**● ୨୦୧୫: ଭାରତ ୧୦୯ ରନରେ ବିଜୟୀ**

ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ୨୦୧୫ ମାର୍ଚ୍ଚ ୧୯ରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଭାରତ ୧୦୯ ରନରେ ବାଂଲାଦେଶକୁ ପରାସ୍ତ କରିଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ରୋହିତ ଶର୍ମାଙ୍କ ଶତକ ଏବଂ ସୁରେଶ ରାଇନାଙ୍କ ଅର୍ଦ୍ଧଶତକ ସହାୟତାରେ ୫୦ ଓଭରରେ ୬ ଉଇକେଟ ହରାଇ ୩୦୨ ରନ କରିଥିଲା। ରୋହିତ ୧୨୬ ବଲ୍‌ରୁ ୧୩୭ ଓ ରାଇନା ୫୭ ବଲ୍‌ରୁ ୬୫ ରନ କରିଥିଲେ। ବାଂଲାଦେଶର ତାସକିନ ଅହମଦ ୩ଟି ଉଇକେଟ ନେଇଥିଲେ। ବଡ଼ ସ୍କୋରର ପିଛା କରିଥିବା ବାଂଲାଦେଶ ଚାପର ବଶବର୍ତ୍ତୀ ହୋଇ ୪୫ ଓଭରରେ ୧୯୩ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ଦଳର କୌଣସି ଖେଳାଳି ଅର୍ଦ୍ଧଶତକ ହାସଲ କରିପାରି ନ ଥିବାବେଳେ ଭାରତ ପକ୍ଷରୁ ଉମେଶ ଯାଦବ ସର୍ବାଧିକ ୪ଟି ଉଇକେଟ ନେଇଥିଲେ।

**● ୨୦୧୯: ଭାରତ ୨୮ ରନରେ ବିଜୟୀ**

ଶେଷଥର ପାଇଁ ଉଭୟ ଦଳ ମଧ୍ୟରେ ଗତ ବିଶ୍ୱକପ୍‌ରେ ଇଂଲଣ୍ଡର ଏଜ୍‌ବାଷ୍ଟନଠାରେ ମୁକାବିଲା ହୋଇଥିଲା। ଏଥିରେ ଭାରତ ୨୮ ରନରେ ବାଂଲାଦେଶକୁ ହରାଇ ବିଜୟ ଧାରା ବଜାୟ ରଖିଥିଲା। ରୋହିତ ଶର୍ମା (୧୦୪ ରନ, ୯୨ ବଲ୍, ୭ ଚୌକା, ୫ ଛକା)ଙ୍କ ଶତକ ଏବଂ ଲୋକେଶ ରାହୁଲ (୭୭)ଙ୍କ ଅର୍ଦ୍ଧଶତକ ସହାୟତାରେ ଭାରତ ୫୦ ଓଭରରେ ୯ ଉଇକେଟ ହରାଇ ୩୧୪ ରନ କରିଥିଲା। ବିପକ୍ଷ ଦଳର ମୁସ୍ତାଫିଜୁର ରହମନ ୫ ଉଇକେଟ ସଫଳତା ପାଇଥିଲେ। ଜବାବରେ ବାଂଲାଦେଶ ୪୮ ଓଭରରେ ୨୮୬ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଦଳ ପକ୍ଷରୁ ଶାକିବ ଅଲ୍ ହାସନ ସର୍ବାଧିକ ୬୬ ଓ ମହମ୍ମଦ ସୈଫୁଦ୍ଦିନ ୫୧* ରନ କରିଥିଲେ। ଭାରତର ଯଶପ୍ରୀତ୍ ବୁମ୍‌ରା ୪ଟି ଓ ହାର୍ଦ୍ଦିକ ପାଣ୍ଡ୍ୟା ୩ଟି ଉଇକେଟ ନେଇଥିଲେ।

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ନ୍ୟୁଜିଲାଣ୍ଡ ବନାମ ଆଫଗାନିସ୍ତାନ**

ସ୍ଥାନ: ଚେନ୍ନାଇ,
ସମୟ: ଅପରାହ୍ନ ୨ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ



ଅର୍ଦ୍ଧଶତକ ହାସଲ ପରେ ନେଦରଲାଣ୍ଡ୍ସ ଅଧିନାୟକ ସ୍କଟ୍ ଏଡ୍‌ୱାର୍ଡ୍ସ।



ଟପ୍ ଅର୍ଡରରେ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିବା ଭାନ୍ ମିକେରାନ୍।

# ଗୁର୍‌ବାଜଙ୍କୁ ଭର୍ତ୍ସନା ସହ ୧ ଡିମେରିଟ୍ ପଏଣ୍ଟ

**ନୂଆଦିଲ୍ଲୀ, ୧୭।୧୦(ପି.ଟି.)**

ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଇଂଲଣ୍ଡ ବିପକ୍ଷ ମ୍ୟାଚ ବେଳେ ଆଫଗାନିସ୍ତାନ ବ୍ୟାଟର ରହମାନୁଲ୍ଲା ଗୁର୍‌ବାଜ ଆଉଟ ହେବା ପରେ ବିରକ୍ତି ପ୍ରକାଶ କରି ବାଉଣ୍ଡାରି ଦଉଡ଼ି ଓ ଏକ ଚେୟାରକୁ ତାଙ୍କ ବ୍ୟାଟ୍‌ରେ ପ୍ରହାର କରିଥିଲେ। ଫଳତଃ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ଆଚରଣବିଧି ଉଲ୍ଲଂଘନ କରିଥିବା ଅଭିଯୋଗରେ ତାଙ୍କୁ ବିଧିବଦ୍ଧ ଭାବେ ଭର୍ତ୍ସନା କରାଯାଇଛି। ଏହାଛଡ଼ା ତାଙ୍କ ଶୃଙ୍ଖଳା ରେକର୍ଡରେ ଗୋଟିଏ ଡିମେରିଟ୍ ପଏଣ୍ଟ ଯୋଗ କରାଯାଇଛି। ୨୪ ମାସ ମଧ୍ୟରେ ଏହା ହେଉଛି ତାଙ୍କର ପ୍ରଥମ ଅପରାଧ। ଆଫଗାନିସ୍ତାନ ଇନିଂସର ୧୯ତମ ଓଭରରେ ଗୁର୍‌ବାଜ ଆଉଟ ହେବାପରେ ଏହି ଘଟଣା ଘଟିଥିଲା। ଗୁର୍‌ବାଜ ତାଙ୍କ ଦୋଷ ସ୍ୱୀକାର କରିବା ସହ ଆଇସିସି ଏଲିଟ୍ ପ୍ୟାନେଲ ଅଫ୍ ମ୍ୟାଚ ରେଫରିଜ୍‌ର ଜେଫ୍ କ୍ରୋଙ୍କ ଦ୍ୱାରା ହୋଇଥିବା ଦଣ୍ଡବିଧାନକୁ ଗ୍ରହଣ କରିନେବାରୁ ଆନୁଷ୍ଠାନିକ ଶୁଣାଣିର ଆବଶ୍ୟକ ପଡ଼ି ନ ଥିଲା। ଦୁଇ ଫିଲ୍ଡ ଅମ୍ପାୟର ରଡ୍ ଟକର ଓ ଶାର୍ଫୁଦୋଲ୍ଲା ଇବ୍‌ନେ ଶାହିଦ, ତୃତୀୟ ଅମ୍ପାୟର ପଲ୍ ରିଫେଲ ଓ ଚତୁର୍ଥ ଅମ୍ପାୟର ପଲ୍ ୱିଲସନ ଗୁରୁବାଜଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ। ଆଚରଣବିଧିର ଧାରା-୧ ଉଲ୍ଲଂଘନ କଲେ ଏକ ବିଧିବଦ୍ଧ ଭର୍ତ୍ସନା, ସମ୍ପୃକ୍ତ ଖେଳାଳିଙ୍କ ମ୍ୟାଚ ଫି'ର ସର୍ବାଧିକ ୫୦ ପ୍ରତିଶତ ଜରିମାନା ଏବଂ ଏକ କିମ୍ବା ଦୁଇ ଡିମେରିଟ୍ ପଏଣ୍ଟରେ ଦଣ୍ଡର ବ୍ୟବସ୍ଥା ରହିଛି।

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ଭାରତ | ୩ | ୩ | ୦ | ୬ | +୧.୮୨୧ |
| ନ୍ୟୁଜିଲାଣ୍ଡ | ୩ | ୩ | ୦ | ୬ | +୧.୬୦୪ |
| ଦକ୍ଷିଣ ଆଫ୍ରିକା | ୩ | ୨ | ୧ | ୪ | +୧.୩୮୫ |
| ପାକିସ୍ତାନ | ୩ | ୨ | ୧ | ୪ | -୦.୧୩୭ |
| ଇଂଲଣ୍ଡ | ୩ | ୧ | ୨ | ୨ | -୦.୦୮୪ |
| ଆଫଗାନିସ୍ତାନ | ୩ | ୧ | ୨ | ୨ | -୦.୬୫୨ |
| ବାଂଲାଦେଶ | ୩ | ୧ | ୨ | ୨ | -୦.୬୯୯ |
| ଅଷ୍ଟ୍ରେଲିଆ | ୩ | ୧ | ୨ | ୨ | -୦.୭୩୪ |
| ନେଦରଲାଣ୍ଡ୍ସ | ୩ | ୧ | ୨ | ୨ | -୦.୯୯୩ |
| ଶ୍ରୀଲଙ୍କା | ୩ | ୦ | ୩ | ୦ | -୧.୫୩୨ |



ଧର୍ମଶାଳାର ହିମାଚଳ ପ୍ରଦେଶ କ୍ରିକେଟ ଆସୋସିଏସନ ଷ୍ଟାଡିୟମ।



ବର୍ଷା ପରେ ପାଣି ଶୁଖାଇବା ପାଇଁ ସୁପର ସପର ବ୍ୟବହାର କରାଯାଉଛି।

# ବିଶ୍ୱକପ୍‌ରେ କୁମ୍ବଲେଙ୍କ ରେକର୍ଡ

ଭାରତୀୟ କ୍ରିକେଟ ଦଳର ପୂର୍ବତନ ଲେଗ୍ ସ୍ପିନର ଅନିଲ କୁମ୍ବଲେ। ଇଞ୍ଜିନିୟରିଂ କରିବା ପରେ ଫଟୋଗ୍ରାଫର ଓ ପରବର୍ତ୍ତୀ ସମୟରେ ଭାରତୀୟ ଦଳ ପକ୍ଷରୁ ସେ ଖେଳିଥିଲେ । ଜୁମ୍ବୋ ନାମରେ ପରିଚିତ ଏହି ଖେଳାଳି ଜଣଙ୍କ ଭାରତୀୟ ଟେଷ୍ଟ ଇତିହାସରେ ସର୍ବାଧିକ ଉଇକେଟ ହାସଲକାରୀ ବୋଲର। ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ୧୮ ମ୍ୟାଚ୍ ଖେଳି ୩୧ ଉଇକେଟ ନେଇଥିବା କୁମ୍ବଲେଙ୍କ ଜନ୍ମଦିନରେ ବିଶ୍ୱକପ୍‌ର କିଛି ସ୍ମରଣୀୟ ଇନିଂସ ଓ ଘଟଣା ସମ୍ପର୍କରେ ଆଲୋଚନା.....

ବେଙ୍ଗାଲୁରୁସ୍ଥିତ ମାଇସୋରରେ ୧୭ ଅକ୍ଟୋବର ୧୯୭୦ରେ ଅନିଲ କୁମ୍ବଲେଙ୍କ ଜନ୍ମ। ଆରମ୍ଭରୁ ପେସ୍ ବୋଲିଂ କରୁଥିବା ବେଳେ ପରବର୍ତ୍ତୀ ସମୟରେ ଲେଗ୍ ସ୍ପିନ୍ ବୋଲିଂ କରିଥିଲେ। ବଲ୍‌କୁ ଟର୍ନ କରାଇବାରେ ଏତେ ଦକ୍ଷ ନ ଥିଲେ ମଧ୍ୟ ଉଇକେଟ ହାସଲ ପାଇଁ ସେ ପିଚ୍ ଉପରେ ନିର୍ଭରଶୀଳ ରୁହନ୍ତି ନାହିଁ। ଜଣେ ଦୃଢ଼ମନା କ୍ରିକେଟର ଭାବରେ କୁମ୍ବଲେ ବେଶ୍ ପ୍ରସିଦ୍ଧ। ୱେଷ୍ଟଇଣ୍ଡିଜ୍ ଗସ୍ତରେ ଥିବା ସମୟରେ ବଲ୍ ବାଜି ମୁହଁ ଫାଟି ଯାଇଥିବା ବେଳେ ବ୍ୟାଣ୍ଡେଜ ବାନ୍ଧି ବୋଲିଂ କରିଥିଲେ। ଭାରତୀୟ ଦଳର ମୁଖ୍ୟ କୋଚ୍ ଭାବରେ କାର୍ଯ୍ୟ କରି ସାରିଥିବା କୁମ୍ବଲେ ମଙ୍ଗଳବାର ୫୩ ବର୍ଷରେ ପଦାର୍ପଣ କରିଛନ୍ତି। ଭାରତୀୟ ଦଳର ସ୍ପିନର ଭାବରେ ଉଭୟ ଘରୋଇ ଓ ବିଦେଶୀ ପିଚ୍‌ରେ ସଫଳତା ହାସଲ କରିଥିବା କୁମ୍ବଲେ ୧୩୨ ଟେଷ୍ଟରୁ ୬୧୯ ଉଇକେଟ ନେଇଥିବା ବେଳେ ୨୭୧ ଦିନିକିଆରୁ ୩୩୭ ଉଇକେଟ ନେଇଛନ୍ତି। ଟେଷ୍ଟ କ୍ରିକେଟରେ ପ୍ରଥମ ଭାରତୀୟ ତଥା ବିଶ୍ୱର ଦ୍ୱିତୀୟ ଖେଳାଳି ଭାବରେ ଗୋଟିଏ ଇନିଂସରେ ୧୦ ଉଇକେଟ ସଫଳତା ହାସଲ କରିଥିଲେ କୁମ୍ବଲେ। ୧୯୯୬ରେ ପ୍ରଥମ ବିଶ୍ୱକପ୍ ଖେଳିଥିବା କୁମ୍ବଲେ ୨୦୦୭ରେ ଖେଳିଥିଲେ ଅନ୍ତିମ ବିଶ୍ୱକପ୍। ଦିନିକିଆ ବିଶ୍ୱକପ୍‌ରେ ୧୮ ମ୍ୟାଚ୍ ଖେଳି ସେ ଅକ୍ତିଆର କରିଥିଲେ ୩୧ ଉଇକେଟ। ୩୨ ରନ୍ ଦେଇ ୪ ଉଇକେଟ ତାଙ୍କର ସର୍ବଶ୍ରେଷ୍ଠ ପ୍ରଦର୍ଶନ ରହିଥିଲା। ଏହା ସହିତ ସେ ସମୁଦାୟ ୧୪ଟି କ୍ୟାଚ୍ ନେଇଛନ୍ତି। ୧୭୩.୧ ଓଭର ବୋଲିଂ କରିଥିବା ଏହି ବୋଲର ଜଣଙ୍କ ୫ ଓଭର ମେଡେନ୍ ପକାଇଥିବା ବେଳେ ୧୩.୭୩ର ଚମତ୍କାର ଆଭରେଜ୍ ରହିଛି।

**➤୧୯୯୬:** ୧୯୯୬ରେ ଭାରତୀୟ ଦଳ ପାଇଁ ଚମତ୍କାର ପ୍ରଦର୍ଶନ କରିଥିବା କୁମ୍ବଲେ ବିଶ୍ୱକପ୍‌ରେ ୭ ମ୍ୟାଚ୍‌ରୁ ଅକ୍ତିଆର କରିଥିଲେ ୧୫ ଉଇକେଟ। ଏହା ସହ ସେ ଉକ୍ତ ସଂସ୍କରଣର ସର୍ବାଧିକ ଉଇକେଟ ହାସଲକାରୀ ବୋଲର ପାଲଟିଥିଲେ। ଓଡ଼ିଶାର ଐତିହାସିକ ବାରବାଟୀ ଷ୍ଟାଡିୟମରେ କୁମ୍ବଲେ ନିଜର ବିଶ୍ୱକପ୍ ପଦାର୍ପଣ କରିଥିବା ବେଳେ ନେଇଥିଲେ ୩ ଉଇକେଟ।



ଅନିଲ କୁମ୍ବଲେ

**➤୧୯୯୯:** ୧୯୯୯ ବିଶ୍ୱକପ୍‌ରେ ପୂର୍ବ ସଫଳତା ଦୋହରାଇବାରେ ସଫଳ ହୋଇ ନ ଥିଲେ। ୭ଟି ଯାକ ମ୍ୟାଚ ଖେଳିଥିଲେ ମଧ୍ୟ ସେ ମାତ୍ର ୮ ଉଇକେଟ ନେଇଥିଲେ। ତେବେ ଇଂଲିଶ ପରିବେଶରେ ତାଙ୍କର ଇକୋନୋମି ଓ କଞ୍ଜୁସ ବୋଲିଂ ଦଳକୁ ଫାଇଦା ପ୍ରଦାନ କରିଥିଲା।

**➤୨୦୦୩:** ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ଏହି ସଂସ୍କରଣରେ ହରଭଜନ ସିଂ ଭାରତର ପ୍ରଥମ ପସନ୍ଦର ସ୍ପିନର ରହିଥିଲେ। କୁମ୍ବଲେ ଦ୍ୱିତୀୟ ସ୍ପିନର ରହିଥିବା ବେଳେ ୩ ମ୍ୟାଚ୍ ଖେଳି ନେଇଥିଲେ ୫ ଉଇକେଟ। ଏହା ସହିତ ବିଶ୍ୱକପ୍‌ରେ ସେ ନିଜର ସର୍ବଶ୍ରେଷ୍ଠ ବୋଲିଂ ଫିଗର(୪/୩୨) ମଧ୍ୟ ରେକର୍ଡ କରିଥିଲେ।

**➤୨୦୦୭:** ଭାରତ ଏହି ସଂସ୍କରଣର ବିଶ୍ୱକପ୍‌ର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲା। ତେବେ କୁମ୍ବଲେଙ୍କୁ ମାତ୍ର ଗୋଟିଏ ମ୍ୟାଚ୍ ଖେଳିବାର ସୁଯୋଗ ମିଳିଥିବା ବେଳେ ସେ ନେଇଥିଲେ ୩ ଉଇକେଟ।

ବିଶ୍ୱକପ୍‌ରେ କୁମ୍ବଲେ ୧୮ ମ୍ୟାଚ୍‌ରୁ ୩୧ ଉଇକେଟ ନେଇଥିବା ବେଳେ ଭାରତୀୟଙ୍କ ମଧ୍ୟରେ ଏହା ଚତୁର୍ଥ ଶ୍ରେଷ୍ଠ ପ୍ରଦର୍ଶନ। ଜାହିର ଖାନ୍ ଓ ଜାଭାଗଲ ଶ୍ରୀନାଥ ୪୪ ଉଇକେଟ ସହ ଯୁଗ୍ମ ଭାବରେ ପ୍ରଥମ ସ୍ଥାନରେ ରହିଛନ୍ତି। ଅନ୍ୟପକ୍ଷରେ ମହମ୍ମଦ ଶାମି ଓ ଅନିଲ କୁମ୍ବଲେ ଉଭୟ ୩୧ ଲେଖାଏ ଉଇକେଟ ନେଇଛନ୍ତି।

## ପନିପରିବା ଚାଷ



**ଆ**ଳୁ ପାଇଁ ହେକ୍ଟର ପ୍ରତି ୨୦ ରୁ ୨୫ କୁଇଣ୍ଟାଲ ବିହନ ଦରକାର ହୁଏ । ଓଡ଼ିଶା ଜଳବାୟୁ ପାଇଁ ନଭେମ୍ବର ଦ୍ୱିତୀୟ ସପ୍ତାହ ପୂର୍ବରୁ ୨-୩ ଟି ଆଖି ଥିବା ୨୫ ଗ୍ରାମ୍‌ରୁ ୩୦ ଗ୍ରାମ୍ ଓଜନ କଟାଆଳୁ ବିହନ ଶତକଡ଼ା ୩ ଭାଗ ବୋରିକ୍ ଏସିଡ୍‌ରେ ବିଶୋଧନ କରି ଲଗାନ୍ତୁ । ହେକ୍ଟର ପ୍ରତି ୧୮୦ କେ.ଜି. ଯବକ୍ଷାରଜାନ, ୮୦ କେ.ଜି. ଫସ୍‌ଫେଟ୍ ଓ ୧୦୦ କେ.ଜି. ପଟାସ୍ ସାର ବ୍ୟବହାର କରନ୍ତୁ ଓ ଆଳୁ ଲଗାଇ ଦିଅନ୍ତୁ। ବିଲାତି ବାଇଗଣ ଓ ବାଇଗଣର ଝାଉଁଳା ରୋଗ ପାଇଁ ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ସହିତ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାନ୍ତୁ। ଲଙ୍କା ଫସଲରେ ଉଣ୍ଟୁଣିଆ ପୋକ ଲାଗିଥିଲେ ୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍‌ପିକୁ କିମ୍ବା ୧୫ ମି.ଲି. ଆବାମେକ୍ଟିନ୍ ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସହଳ କିସମ ଫୁଲକୋବିରେ ଶଁବାଳୁଆ ଲାଗିଲେ ୪ ମି.ଲି. ନିମତେଲ ୦.୧୫%କୁ ୧ ଲିଟର ପାଣିରେ ମିଶାଇ ସପ୍ତାହେ ଅନ୍ତରରେ ୨ଥର ସିଞ୍ଚନ କରନ୍ତୁ। ପାଳଙ୍ଗ, ଧନିଆ, କୋଶଳା ଆଦି ଶାଗ ଚାଷ କଲେ ଅଧିକ ଲାଭ ମିଳିପାରିବ।



## ଡାଲିଜାତୀୟ ଫସଲର ଉନ୍ନତ କିସମ

**ମୁ**ଗର ଉନ୍ନତ କିସମ ମଧ୍ୟରେ ରହିଛି ଟାର୍ମ-୧, ଟାର୍ମ-୨, ପୁଷା-୯୦୭୨, ଓବିଜିଜି-୫୨, ଓୟୁଏମ୍‌୧୧-୫(କାମଦେବ), ସୁଜାତା ଓ ଧଉଳି, ଆଇପିଏମ୍-୦୨-୧୪ ଏବଂ ଆଇପିଏମ୍-୦୨-୦୩ । ବିରିର ଉନ୍ନତ କିସମଗୁଡ଼ିକ ହେଲା ଟି-୯, ପନ୍ତ୍ ୟୁ-୩୦, ପନ୍ତ୍ ୟୁ-୩୫, ପ୍ରସାଦ, ଉଜ୍ଜ୍ୱଳା, ଶେଖର-୨, ସାରଳା ଏବଂ ମାହୁରି, ଶଶି । ମୁଗ, ବିରି, ମଟର, ବିଲଚଣା ଆଦିକୁ ଧାନ କାଟିବାର ୭ ଦିନ ପୂର୍ବରୁ ଅନୁମୋଦିତ ବିହନର ଦେଢ଼ଗୁଣ ପାଇରା ଫସଲ ପାଇଁ ଛଟାବୁଣା କରନ୍ତୁ । ଅଧିକ ଅମଳକ୍ଷମ ବୁଟ କିସମଗୁଡ଼ିକ ହେଉଛି : ରାଧେ, ଆନେଗିରି-୧, ମୋତି, ଆଇସିସିଭି-୨, ଆଇସିସିଭି -୧୦ ଏବଂ ପୁଷା-୩୭୨। ଉନ୍ନତ କିସମ ମସୁର ମଧ୍ୟରେ ରହିଛି ବି-୭୭, ପୁଷା-୮, କେ-୭୫, ପନ୍ତ ଏଲ୍-୪୦୬ ଏବଂ ପନ୍ତ ଏଲ୍-୬୩୯। ଉନ୍ନତ କିସମ ମଟର : ରଚନା, ଟି-୧୬୩, ଇସି-୩୩୮୬, ସ୍ୱର୍ଣ୍ଣରେଖା ଏବଂ ଅର୍କେଲ।

# ପ୍ରାଣୀସମ୍ପଦର ସୁରକ୍ଷା



ଡା. ବୀର କିଶୋର ପରିଡ଼ା

**ସା**ଧାରଣତଃ ପ୍ରାଣୀଙ୍କ ଉତ୍ପାଦନ ପ୍ରଣାଳୀରେ ୨ପ୍ରକାର ପ୍ରଭାବ ଜଳବାୟୁର ପରିବର୍ତ୍ତନ ବା ବାହ୍ୟ ଉତ୍ତାପ ବୃଦ୍ଧି ଯୋଗୁ ସୃଷ୍ଟି ହୋଇଥାଏ। ପ୍ରଥମଟି ହେଲା- ଏହା ସିଧାସଳଖ ପ୍ରାଣୀଙ୍କ ସ୍ୱାସ୍ଥ୍ୟ, ବୃଦ୍ଧିହେବା ପ୍ରକ୍ରିୟା, ପ୍ରଜନନ ଓ ପୁଷ୍ଟି ଉପରେ ପ୍ରଭାବ ଯୋଗୁ ଦୁର୍ବଳ କାର୍ଯ୍ୟଦକ୍ଷତା, ନୂଆ ନୂଆ ରୋଗର ପ୍ରାଦୁର୍ଭାବ, ପ୍ରାଣୀଙ୍କ ରୋଗ ବିସ୍ତାରରେ ପରିବର୍ତ୍ତନ ଓ କୀଟପତଙ୍ଗଙ୍କ ସଂଖ୍ୟା ବୃଦ୍ଧି ଆଦି ଦେଖାଦେଇଥାଏ। ଅନ୍ୟପକ୍ଷରେ ଉତ୍ତାପ ବୃଦ୍ଧି ପରୋକ୍ଷ ଭାବରେ ପ୍ରାଣୀଙ୍କ ଖାଦ୍ୟଶସ୍ୟର ଉପଲବ୍ଧତା, ତନ୍ତୁବହୁଳ ଘାସ ଓ ସବୁଜ ଘାସର ଅଭାବ, ଚାରଣଭୂମି ଉପରେ ପ୍ରଭାବ, ଶସ୍ୟଜାତୀୟ ଖାଦ୍ୟ ଉତ୍ପାଦନ, ଏହାର ଗୁଣାତ୍ମକ ମାନ ଓ ମୂଲ୍ୟ ଇତ୍ୟାଦି ଉପରେ ପ୍ରଭାବ ପକାଇଥାଏ। ଜଳବାୟୁ ପରିବର୍ତ୍ତନକୁ ଆଧାରକରି ଗୋସମ୍ପଦର ସୁରକ୍ଷା ନିମନ୍ତେ ବିଭିନ୍ନ ନିମ୍ନଲିଖିତ ପଦକ୍ଷେପ ଗ୍ରହଣ କରନ୍ତୁ।

➤ଅନବରତ ବିଦ୍ୟମାନ ରହିଥିବା କାର୍ଯ୍ୟକ୍ରମଗୁଡ଼ିକ ବଜାୟ ରଖିବା। ଉଦାହରଣ ଟିକାକରଣ, ସବୁଜ ଘାସଚାଷର ବିକାଶ, ଦକ୍ଷତା ଅଭିବୃଦ୍ଧି ନିମନ୍ତେ ପ୍ରଶିକ୍ଷଣ, ସ୍ଥାନୀୟ ଗୋସମ୍ପଦର ସଂରକ୍ଷଣ ଓ ବିକାଶ ଇତ୍ୟାଦି। ପ୍ରାଣୀଙ୍କୁ ନିୟମିତ ବ୍ୟବଧାନରେ ବିଭିନ୍ନ ସଂକ୍ରାମକ ରୋଗ ବିରୋଧରେ ଟିକାକରଣ କରିବା।

➤ଗୋବର ଗ୍ୟାସ୍ ଟ୍ୟାଙ୍କି ସହ ଗ୍ୟାସ୍ ସିଲିଣ୍ଡର ପ୍ୟାକିଂ କରିବା । ଚାଷୀଙ୍କ ଦ୍ୱାରଦେଶରେ ସହଜ ଓ ସୁଲଭ ଉପାୟରେ ମିଥେନ୍ ଗ୍ୟାସ୍ ଉତ୍ପାଦନ କରିବା। ଜଳବାୟୁ ପରିବର୍ତ୍ତନ ଭିତ୍ତିକ ରୋଗ ଉପରେ ପ୍ରାଣୀଙ୍କ ରକ୍ତ ପରୀକ୍ଷା ପୂର୍ବକ ସର୍ବେକ୍ଷଣ କରାଇବା। -ଉନ୍ନତ ପ୍ରଜାତି ପ୍ରାଣୀଙ୍କର ବିକାଶ ନିମନ୍ତେ ଜୈବପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ଓ ପ୍ରାଣୀ ପ୍ରଜନନ ଦକ୍ଷତା ଅଭିବୃଦ୍ଧି ନେଇ କାର୍ଯ୍ୟକରିବା। ପ୍ରାଣୀ ପାଳକମାନଙ୍କ ଦକ୍ଷତା ଅଭିବୃଦ୍ଧି ନିମନ୍ତେ ପ୍ରଶିକ୍ଷଣ - ଉଦାହରଣ ସବୁଜ ଘାସ ଉତ୍ପାଦନ, ଘାସ ସଂରକ୍ଷଣ, ଆବର୍ତ୍ତନୀୟ ଚରାଇବା ପଦ୍ଧତି, ବାୟୋଗ୍ୟାସ୍ ଉତ୍ପାଦନ ଇତ୍ୟାଦି।

➤ପ୍ରାଣୀଙ୍କ ସମ୍ପର୍କିତ ଆଗୁଆ ରୋଗ ସୂଚନା ନେଇ ଗବେଷଣା ଅବ୍ୟାହତ ରଖିବା ।

**ଗୋରୁଗାଈଙ୍କ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ପ୍ରଶମିତ କରିବା ନେଇ ବିଭିନ୍ନ ଉପାୟ :** ଗୋପାଳନ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ନେଇ ଗୋପାଳକ ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବା । ଗୋପାଳକ ତଥା ଚାଷୀମାନେ ପୁରାତନ ତଥା ଉନ୍ନତ ପ୍ରାଣୀ ପାଳନ ପଦ୍ଧତି ଅନୁସରଣ କରିବା ସହ ଜଳବାୟୁ ପରିବର୍ତ୍ତନକୁ ଆଧାରକରି ପ୍ରାଣୀ ପାଳନ କରିବା । ଚାଷୀମାନେ ପ୍ରାଣୀ ପାଳନକୁ ଅନ୍ୟାନ୍ୟ ଫାର୍ମିଂର ପରିପୂରକ ଭାବେ ଗ୍ରହଣ କରିବା ଏବଂ ଜୈବିକ ପଦ୍ଧତିରେ ଖାଦ୍ୟଶସ୍ୟ ଉତ୍ପାଦନ କ୍ଷେତ୍ରରେ ପ୍ରାଣୀ ପାଳନକୁ ଉପଯୋଗୀ କରିବା। ବୈଜ୍ଞାନିକ ପ୍ରଣାଳୀରେ ଗୋପାଳନ, ଅଣ ପାରମ୍ପରିକ ଉତ୍ପତ୍ତି ସ୍ଥଳ ବା ଉତ୍ସ, ସବୁଜ ଗୋଖାଦ୍ୟ ଆଦି ଉପରେ ସୂଚନା ବିଭିନ୍ନ ଗଣମାଧ୍ୟମରେ ଟୋଲ୍‌ଫ୍ରି ନମ୍ବରରେ ପ୍ରଦାନ କରାଇବା।

ଜୈବିକ କମ୍ପୋଷ୍ଟ ଖତ ପ୍ରସ୍ତୁତି ପ୍ରଣାଳୀକୁ ଅଧିକ ଲୋକପ୍ରିୟତା କରିବା । ଡାଏରୀ ଫାର୍ମ ନେଇ ସମସ୍ତ ଉପକରଣ ଯଥା - ଘାସକଟା ଯନ୍ତ୍ର, ବ୍ରସ୍ କଟର, ପ୍ରେସର ୱାସର ଆଦି ଉପରେ ସବ୍‌ସିଡି ବ୍ୟବସ୍ଥା । ଗୋପାଳନର ସଫଳ କାହାଣୀକୁ ଅଧିକ ଲୋକଲୋଚନକୁ ଆଣିବା । ପ୍ରାଣୀ ସ୍ୱାସ୍ଥ୍ୟ ସେବାର ବେଗ ଓ ଦକ୍ଷତା ବୃଦ୍ଧି କ୍ଷେତ୍ରରେ ଉନ୍ନତୀକରଣ କରାଇବା ଏବଂ ଗୋପାଳକ ମାନଙ୍କୁ ପ୍ରତିଷେଧକ ଟିକାକରଣ ଓ ପ୍ରାଣୀ ସ୍ୱାସ୍ଥ୍ୟର ଯତ୍ନ ନେଇ ଶିକ୍ଷା ପ୍ରଦାନ କରାଇବା । ସବୁଜ ଗୋଖାଦ୍ୟ ଫସଲ ଉତ୍ପାଦନ ନିମନ୍ତେ ପ୍ରୋତ୍ସାହନ ପ୍ରଦାନ କରିବା - ପ୍ରକୃତରେ କହିବାକୁ ଗଲେ ପହ୍ଣା ଅପେକ୍ଷା ଘାସରେ ଅଧିକ କ୍ଷୀର ମିଳିଥାଏ। ଫାର୍ମର ସମସ୍ତ ବର୍ଜ୍ୟ ବସ୍ତୁକୁ ଘାସରୂପକ ପଦାର୍ଥ ଭାବେ ବ୍ୟବହାର କରିବା ନେଇ ଅଧିକ ଗବେଷଣା କରିବା । ମହିଳାଙ୍କ ଆକାଉଣ୍ଟରେ ଦୁଗ୍ଧ ସଂଗ୍ରହ ପଇସା ଜମାକରି ଗୋପାଳନ ଦିଗରେ ସେମାନଙ୍କୁ ଉତ୍ସାହିତ କରିବା । ଗୁହାଳ ତିଆରି ନିମନ୍ତେ ଉତ୍ସୁକ ଗୋପାଳକମାନଙ୍କୁ ଋଣ ବ୍ୟବସ୍ଥା କରିବା। ପ୍ରତ୍ୟେକ ଗ୍ରାମ ନିକଟରେ ଚାରଣଭୂମି ସ୍ୱତନ୍ତ୍ର ଚିହ୍ନଟକରି ସୁରକ୍ଷିତ ରଖିବା । ଆଗ୍ରୋଫରେଷ୍ଟ୍ରି ଓ ଜଙ୍ଗଲଜମି ଅଞ୍ଚଳରେ ସବୁଜ ଘାସଚାଷ ବା ସିଲ୍‌ଭି ପାଷ୍ଟର କରାଇବା । ଜଙ୍ଗଲଜମିକୁ ଅନଧିକାର ବା ଜବରଦଖଲ ଉଚ୍ଛେଦ କରାଇବା । ଘରେ ଘରେ ବା ଅନୁଷ୍ଠାନଗୁଡ଼ିକରେ ବାୟୋଗ୍ୟାସ୍ ଓ ସୋଲାର ୟୁନିଟ୍‌ମାନ ସ୍ଥାପନ କରିବା । ଜୈବିକ ଚାଷ ଉପରେ ଗୁରୁତ୍ୱାରୋପ କରିବା ସହ ଗୋପାଳନକୁ ପ୍ରୋତ୍ସାହନ ଦେବା । ଅଧିକ ଉତ୍ପାଦନକ୍ଷମ ଦୁଧିଆଳୀ ଗାଈଙ୍କୁ ବୀମାଭୁକ୍ତ କରାଇବା। ପାରମ୍ପରିକ ରୀତିରେ ଗୋପାଳନ ସମ୍ପର୍କିତ ବୈଷୟିକ ଜ୍ଞାନକୌଶଳକୁ ତର୍ଜମା କରିବା ସହ ଡକୁମେଣ୍ଟେଶନ କରାଇବା। ପ୍ରାକୃତିକ ଭାବେ ବଢୁଥିବା ବହୁ ସ୍ଥାନୀୟ ବନ୍ୟଜାତୀୟ ଘାସର ଚିହ୍ନଟ, ସଂରକ୍ଷଣ ଓ ବିକାଶ କରାଇବା । ଜଙ୍ଗଲ ବୃଦ୍ଧି କରାଇବା ନେଇ ପ୍ରତି ଗ୍ରାମପଞ୍ଚାୟତ ସ୍ତରରେ ସ୍ଥାନୀୟ ଜାତିର ବୃକ୍ଷରୋପଣ କରାଇବା। ଗୋଚିକିତ୍ସା ନିମନ୍ତେ ଔଷଧୀୟ ଗଛ ଓ ସ୍ଥାନୀୟ ଗଛପତ୍ରର ଚେର ଆଦିର ବ୍ୟବହାର ନେଇ ପ୍ରମାଣପତ୍ର ବା ଡକୁମେଣ୍ଟଶନ ପ୍ରସ୍ତୁତ କରିବା । ଅଧିକ ବଳକା ଘାସ ସବୁଜ ଗୋଖାଦ୍ୟ ଫସଲର ଗଚ୍ଛିତ ନେଇ ଶୁଷ୍କ ଘାସ ବା ହେ, ସାଇଲେଜ୍ ଆଦି ପ୍ରସ୍ତୁତ କରିବା ସହ ସଂରକ୍ଷଣ କରିବା। ଜଳବାୟୁ ପରିବର୍ତ୍ତନ ନେଇ ଗୋରୁଙ୍କଠାରେ ଦେଖାଦେଉଥିବା ବିଭିନ୍ନ ରୋଗ ଯଥା ଚର୍ମବିଣ୍ଡି ରୋଗ, ରକ୍ତକୃମି ରୋଗ ଆଦି ଉପରେ ଗୋପାଳକଙ୍କ ଅବଗତି ନିମନ୍ତେ ପ୍ରଚାର ଓ ପ୍ରସାର କରିବା । ମରୁଡ଼ି ଦେଖାଦେବା ସମୟରେ ଗୋସମ୍ପଦର ସୁରକ୍ଷା ନେଇ ଅଧିକ ଯତ୍ନଶୀଳ ହେବା। ସଂକ୍ରାମକ ରୋଗ ବିରୋଧରେ ଟିକାକରଣ ନେଇ ଗୋପାଳକମାନେ ପଦକ୍ଷେପ ଗ୍ରହଣ କରିବା । ସ୍ଥାନୀୟ ପ୍ରଜାତିର ଗାଈ ଯଥା ବିଞ୍ଝାରପୁରୀ, ଘୁମୁସରୀ, ମୋଟୁ, ଖରିଆର୍, ଚିଲିକା ମଇଁଷି, କଳାହାଣ୍ଡି ମଇଁଷି ଆଦିର ସଂରକ୍ଷଣ ଓ ବିକାଶ କରାଇବା। ଜଳବାୟୁ ପରିବର୍ତ୍ତନ ଯୋଗୁ ଅତ୍ୟଧିକ ଉତ୍ତାପ ବୃଦ୍ଧି, ଅନିୟମିତତା ବର୍ଷା ବା ସ୍ୱଳ୍ପବର୍ଷା, ବନ୍ୟା, ଝଡ଼ତୋଫାନ, ଲଗାଣବର୍ଷା, ଅଧିକ ଶୀତ ଦାଉରୁ ଗୋରଙ୍କୁ ସୁରକ୍ଷା ପ୍ରଦାନ ନିମନ୍ତେ ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାରକରି ଗୁହାଳ ନିର୍ମାଣ କରିବା। ମରୁଡ଼ି ସହନଶୀଳ ଘାସ ତଥା ହିମିଡ଼ିକୋଲା, କଙ୍ଗୋସିଗ୍‌ନାଲ୍ ଆଦି ଘାସ ଚାଷ କରାଇବା। ଜନସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଅଧିକ ଉତ୍ପାଦନକ୍ଷମ ଉନ୍ନତ ଗୋପାଳନ ନିମନ୍ତେ ପ୍ରାଧାନ୍ୟ ଦେବା। ବିଭିନ୍ନ କୀଟ ଯଥା ମଶା, ଡାଆଁଶ, ଟିଙ୍କ, ଉଣ୍ଟୁଣି ଆଦି ଦାଉରୁ ଗୋରୁଙ୍କୁ ମୁକ୍ତ ରଖିବା। ବିଭିନ୍ନ ନୂଆ ନୂଆ ରୋଗ ଯଥା - ଚର୍ମବିଣ୍ଡି ରୋଗ ସହ ରକ୍ତ କୃମିଜନିତ ରୋଗ ଯଥା - ଥାଇଲେରିଆ, ଟ୍ରିପାନୋସୋମିଆ, ରକ୍ତ ପରିସ୍ରା ବା ବେବିସିଓସିସ୍ ଆଦି ରୋଗର ତୁରନ୍ତ ଚିହ୍ନଟ, ଚିକିତ୍ସା ଓ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା। ସମନ୍ୱିତ ଚାଷ ସହ ଗୋପାଳନ, ଛେଳିମେଣ୍ଢା, ଘୁଷୁରି, କୁକୁଡ଼ା, ବତକ ପାଳନ ଆଦି ଗ୍ରହଣ କରିବା।



-ଅତିରିକ୍ତ ନିର୍ଦ୍ଦେଶକ (ପ୍ରାଣୀ ସମ୍ପଦ ବିକାଶ ), ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ
ମୋ : ୯୪୩୭୬୦୭୩୧୨

## ଚାଷୀଙ୍କ ପାଇଁ...



➤ଉନ୍ନତ କିସମ ସୂର୍ଯ୍ୟମୁଖୀ ଯଥା- ମଡର୍ନ, ଇ.ସି.-୬୮୪୧୪, ଇ.ସି.-୬୮୪୧୫ ହେକ୍ଟର ପ୍ରତି ୧୦ କି.ଗ୍ରା. ଓ ସଙ୍କର ଜାତୀୟ ପିଏସି-୩୬, କେବିଏସ୍‌ଏଚ୍-୧, କେବିଏସ୍‌ଏଚ୍-୪୪ ଓ ଏମ୍‌ଏସ୍‌ଏଫ୍‌ଏଚ୍-୮ କିସମ ୭.୫ କି.ଗ୍ରା. ବିହନ ବ୍ୟବହାର କରନ୍ତୁ ।

➤ମକାର ଚୋପା ହଳଦିଆ ପଡ଼ି ଦାନା ପାକଳ ହେଲେ ଅମଳ କରନ୍ତୁ। ମକାର ଚୋପା ଛଡ଼ାଇ ୭-୮ ଦିନ ଖରାରେ ଶୁଖାଇ ମଞ୍ଜି ବାହାର କରନ୍ତୁ। ଏଥିପାଇଁ ହସ୍ତଚାଳିତ ବା ଶକ୍ତିଚାଳିତ ମକାଛଡ଼ା ଯନ୍ତ୍ର ବ୍ୟବହାର କରନ୍ତୁ ।

➤ମାଣ୍ଡିଆ କେଣ୍ଡାଗୁଡ଼ିକ ଧୂସର ବର୍ଣ୍ଣ ହୋଇଗଲେ ୨ ରୁ ୩ ଥରରେ କେଣ୍ଡାକାଟି ଅମଳ କରନ୍ତୁ ଓ ମୂଳରୁ ଗଛ କାଟି ଗୋଖାଦ୍ୟ ରୂପେ ବ୍ୟବହାର କରନ୍ତୁ । କେଣ୍ଡାଗୁଡ଼ିକ ୩-୪ ଦିନ ଖରାରେ ଶୁଖାଇ ଅମଳ କରନ୍ତୁ ।

➤ଗହମ ବୁଣିବା ପାଇଁ ଜମିକୁ ଗୁଣ୍ଡଚାଷ କରନ୍ତୁ ଓ ମୂଳି ସଫାକରି ପଟାଳି ପ୍ରସ୍ତୁତ କରନ୍ତୁ । ଉନ୍ନତ ବିହନ ଯଥା: ସାଗରିକା, ଉତ୍କଳିକା, କଲ୍ୟାଣ ସୋନା, ୟୁପି-୨୬୨ ସଂଗ୍ରହ କରନ୍ତୁ ।

➤ଖରିଫ ଚିନାବାଦାମ ମଞ୍ଜି ଗଛରେ ପାକଳ ହୋଇଯାଇଥିଲେ ଅମଳକରି ତିନି ଚାରୋଟି ଟାଣଖରାରେ ଶୁଖାଇ ସାଇତି ରଖନ୍ତୁ । ନଦୀପଠା ଜମିରେ ହେକ୍ଟର ପ୍ରତି ୧୮୭ କି.ଗ୍ରା. ଚିନାବାଦାମ ବିହନ ଅର୍ଥାତ୍ ୧୨୫ କି.ଗ୍ରା. ଚିନାବାଦାମ ମଞ୍ଜି ସହ ରାଇଜୋବିୟମ୍ ଜୀବାଣୁ କଲ୍‌ଚର ବ୍ୟବହାର କରି ଧାଡ଼ିକୁ ଧାଡ଼ି ୨୫ ସେ.ମି ଓ ଗଛକୁ ଗଛ ୧୦ ସେ.ମି. ବ୍ୟବଧାନରେ ଲଗାନ୍ତୁ । ସ୍ମୃତି, ଦେବୀ, ଧରଣୀ, ଟି.ଜି.-୩୮, ଟି.ଏସ୍.ଭି.-୨ ଓ କାଦିରୀ-୬ ଦେବୀ କିସମ ବିହନ ବ୍ୟବହାର କରନ୍ତୁ ।

## ରାଶି ବୁଣିବା ପୂର୍ବରୁ...



**ଢି**ପଜମିରେ ଧାନ ଅମଳ ପରେ ଜମିର ବତର ଦେଖି ସଅଳ କିସମ ରାଶି ବୁଣନ୍ତୁ। ରାଶିର ଉନ୍ନତ ବିହନ କିସମଗୁଡ଼ିକ ହେଲା - ବିନାୟକ, କନକ, କାଳିକା, ପ୍ରାଚୀ, ନିର୍ମଳା, ଉମା, ଉଷା, ଅମ୍ରିତ୍, ସ୍ମାରକ ଓ ଶୁଭ୍ରା । ହେକ୍ଟର ପ୍ରତି ୭.୫-୧୦ କିଲୋଗ୍ରାମ୍ ବିହନ ବ୍ୟବହାର କରନ୍ତୁ । ପ୍ରତି କିଲୋଗ୍ରାମ୍ ବିହନରେ କାର୍ବୋକ୍ସିନ୍ + ଥିରାମ୍ ୨ ଗ୍ରାମ୍ ଗୋଳାଇ ବିଶୋଧନ କରନ୍ତୁ । ବିହନ ସହ ସମାନ ପରିମାଣରେ ବାଲି ମିଶାଇ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନରେ ୧ ସେ.ମି. ଗଭୀରରେ ବିହନ ବୁଣନ୍ତୁ ।

## ଆଖୁ କିଆରିରୁ ପାଣି ନିଷ୍କାସନ

**ଆ**ଖୁ କିଆରିରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ଅଗବିନ୍ଧା ପୋକର ଦମନ ପାଇଁ ଟ୍ରାଇକୋଗ୍ରାମା ଜାପୋନିକମ୍ ନାମକ ପରାଶ୍ରୟୀ କୀଟ ହେକ୍ଟର ପ୍ରତି ୫୦ ହଜାର ହିସାବରେ ୧୦ ଦିନ ବ୍ୟବଧାନରେ ୩-୪ ଥର ଛାଡ଼ନ୍ତୁ। ଏହା ବ୍ୟତୀତ ଆଲୋକ ଯନ୍ତା ବସାଇ ପୂର୍ଣ୍ଣାଙ୍ଗ କୀଟଗୁଡ଼ିକୁ ଧରି ମାରି ଦିଅନ୍ତୁ। ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ କୁଇନାଲ୍‌ଫସ୍ କିମ୍ବା ୨ ଗ୍ରାମ୍ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୫୦ ଏସ୍‌ପି ସିଞ୍ଚନ କରନ୍ତୁ । ପତ୍ରକନ୍ଦାରେ ଦାନାଦାର ବିଷ ପକାଇ ଏହି ପୋକକୁ ନିୟନ୍ତ୍ରଣ କରାଯାଇପାରେ। ଜାହାଜ ପୋକ ଦେଖାଗଲେ ହେକ୍ଟର ପ୍ରତି ଇପିରିକାନିଆ ମେଲାନୋଲିଉକା ପରଜୀବୀର ୫୦୦୦ କୋଷା କିମ୍ବା ୪ ରୁ ୫ ଲକ୍ଷ ଅଣ୍ଡା ଅନ୍ୟ ଚାଷୀଭାଇଙ୍କ କ୍ଷେତରୁ ସଂଗ୍ରହ କରି ଜମିରେ ଛାଡ଼ନ୍ତୁ । ଏହାଛଡ଼ା ସନ୍ଧ୍ୟାରେ ଜମିରେ ଧୂଆଁ ଦେବାର ବ୍ୟବସ୍ଥା କରନ୍ତୁ। ଦହିଆ ପୋକର ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୨୫ ଗ୍ରାମ୍ ହିସାବରେ ଥାଇଓମିଥୋକ୍‌ଜାମ୍ ୨୫% ଡବ୍ଲୁପି କିମ୍ବା ୨ ମି.ଲି. ପ୍ରୋଫେନୋଫସ୍ ୫୦ ଇ.ସି. ମିଶାଇ ସିଞ୍ଚନ କରନ୍ତୁ । ନାଲିଶଢ଼ା ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୧.୫ ଗ୍ରାମ୍ ଥାୟୋଫେନେଟ୍ ମିଥାଇଲ୍ ମିଶାଇ ମାଟିଭିଜା କରନ୍ତୁ । ଆକ୍ରାନ୍ତ ହୋଇଥିବା ବୁଦା ଉପାଡ଼ି ଦେଇ ନଷ୍ଟ କରିଦିଅନ୍ତୁ ।



## ଧାନଚାଷରେ ରୋଗପୋକ ପରିଚାଳନା

**ଧା**ନଚାଷରେ ମାଟିଆଗୁଣ୍ଡିର ପୂର୍ଣ୍ଣାଙ୍ଗ ପୋକ କିମ୍ବା ଅର୍ଭକ ଦେଖାଦେଲେ ନିମ୍ନଲିଖିତ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ। ପ୍ରଥମେ ଆକ୍ରାନ୍ତ କିଆରିରୁ ଠିଆପାଣି ନିଷ୍କାସନ କରନ୍ତୁ ଓ ଜମିକୁ ଶୁଷ୍କ ରଖନ୍ତୁ। ଅଦଳବଦଳ କରି ଜମିରେ ପାଣି ମଡ଼ାନ୍ତୁ ଓ ଜମିରୁ ପାଣି ନିଷ୍କାସନ କରନ୍ତୁ। ପ୍ରତି ୬ ଫୁଟ ଅନ୍ତରରେ କନ୍ଦି/ ପାହି ତିଆରି କରିଦିଅନ୍ତୁ। ଏହାଦ୍ୱାରା ବୁଦାମୂଳକୁ ଆଲୋକ ଓ ବାୟୁ ଚଳାଚଳ ସହଜ ହୋଇଥାଏ ଓ କୀଟନାଶକ ପ୍ରୟୋଗ କରିବା ସୁବିଧା ହୋଇଥାଏ। କୀଟନାଶକ ପ୍ରୟୋଗ ପୂର୍ବରୁ କନ୍ଦି / ପାହି ପ୍ରସ୍ତୁତ କରନ୍ତୁ। ନିଶ୍ଚୟ ଅନୁମୋଦିତ ମାତ୍ରାରେ କୀଟନାଶକ ପ୍ରୟୋଗ କରନ୍ତୁ। ସିଞ୍ଚନ ସମୟରେ ସ୍ପ୍ରେୟରର ନୋଜଲକୁ ବୁଦାମୂଳକୁ ଦେଖାଇ ସିଞ୍ଚନ କରନ୍ତୁ ଯେପରିକି ପୋକଗୁଡ଼ିକ କୀଟନାଶକ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିବେ। ଦରକାର ପଡ଼ିଲେ ୧୦ଦିନ ଅନ୍ତରରେ କୀଟନାଶକ ପରିବର୍ତ୍ତନ କରି ସିଞ୍ଚନ କରନ୍ତୁ। ଅର୍ଥାତ୍ ଏକା କୀଟନାଶକକୁ ଦ୍ୱିତୀୟ ବାର ସିଞ୍ଚନ କରନ୍ତୁ ନାହିଁ। କୀଟନାଶକ ପ୍ରୟୋଗ ସମୟରେ ସତର୍କତା ବିଧି ଅବଲମ୍ବନ କରନ୍ତୁ। କାଣ୍ଡବିନ୍ଧା ପୋକ ଦମନ ପାଇଁ ୧ବର୍ଗମିଟର ପ୍ରତି କେଣ୍ଡା ବାହାରିବା ପୂର୍ବରୁ ୧ଟି ପ୍ରଜାପତି ଦେଖାଗଲେ ପ୍ରୋଫେନୋଫସ୍ ୨ ମି.ଲି. କିମ୍ବା ଫିପ୍ରୋନିଲ୍ ୨ ମି.ଲି. କିମ୍ବା କାର୍ଟାଫ୍ ହାଇଡ୍ରୋକ୍ଲୋରାଇଡ୍ (୫୦%) ୨ ଗ୍ରାମ୍‌କୁ ପ୍ରତି ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ କିମ୍ବା ଫ୍ଲୁବେଣ୍ଡିଆମାଇଡ୍ ୨୦ ଡବ୍ଲ୍ୟୁଜି ଏକର ପ୍ରତି ୫୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶଇ ସିଞ୍ଚନ କରନ୍ତୁ। ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡକୁ ୫୦ କି.ଗ୍ରା. ଶୁଖିଲା ବାଲିରେ ଗୋଳାଇ ବିଲ ହିଡ଼ରେ ପ୍ରୟୋଗକଲେ ନିକଟବର୍ତ୍ତୀ ଆକ୍ରାନ୍ତ କିଆରିରୁ ଲେଡ଼ାପୋକର ଲାର୍ଭା ଆସିଲେ ବିଷ ସଂସ୍ପର୍ଶରେ ଆସି ମରିଯାଆନ୍ତି।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୧୮/୨୦୨୩ Bhubaneswar, Wednesday, October 18/ 2023

# କିଶୋରଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜାଭେଲିନ୍ ଥ୍ରୋ ତାରକା କିଶୋର ଜେନାଙ୍କୁ ଦେଢ଼କୋଟି ଟଙ୍କାର ଚେକ୍ ଦେଇ ସମ୍ବର୍ଦ୍ଧିତ କରୁଛନ୍ତି।

## ■ ଦେଢ଼କୋଟି ଟଙ୍କା ପୁରସ୍କାର ରାଶି ପ୍ରଦାନ କଲେ
## ■ ଅଲିମ୍ପିକ୍ସ ଯୋଗ୍ୟତା ପାଇଁ ଅଭିନନ୍ଦନ ଜଣାଇଲେ

ଭୁବନେଶ୍ୱର,୧୭।୧୦

(ଅନିଲ ଦାସ)

ନିକଟରେ ଚାଇନାର ହାଙ୍ଗଝୋଠାରେ ଶେଷ ହୋଇଥିବା ଏସୀୟ କ୍ରୀଡ଼ା-୨୦୨୩ରେ ଉଲ୍ଲେଖନୀୟ ପ୍ରଦର୍ଶନ କରି ରୌପ୍ୟ ପଦକ ହାସଲ ସହ ଆଗାମୀ ପ୍ୟାରିସ୍ ଅଲିମ୍ପିକ୍ସ-୨୦୨୪ରେ ନିଜର ସ୍ଥାନ ସୁନିଶ୍ଚିତ କରିଥିବା ଓଡ଼ିଶାର ଜାଭେଲିନ୍ ତାରକା କିଶୋର ଜେନାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଦେଢ଼ କୋଟି ଟଙ୍କାର ପୁରସ୍କାର ରାଶି ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। କିଶୋର ସେଠାରେ ବ୍ୟକ୍ତିଗତ ଶ୍ରେଷ୍ଠ ୮୭.୫୪ ମିଟର ଜାଭେଲିନ୍ ଥ୍ରୋ କରି ରୌପ୍ୟ ପଦକ ପାଇଥିଲେ। କିଶୋର ଓଡ଼ିଶା ପାଇଁ ଗୌରବର ଉତ୍ସ ବୋଲି ମୁଖ୍ୟମନ୍ତ୍ରୀ ଦୋହରାଇଛନ୍ତି ଏବଂ ଏହି ଐତିହାସିକ ସଫଳତା ପାଇଁ ତାଙ୍କୁ ପ୍ରଶଂସା କରିଛନ୍ତି। ଆଗାମୀ ଦିନରେ ସେ ରାଜ୍ୟ ପାଇଁ ଅଧିକ ଗୌରବ ଆଣିବେ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିବା ସହ ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ (୫-ଟି) ଭି. କେ. ପାଣ୍ଡିଆନ ଉପସ୍ଥିତ ରହି କିଶୋରଙ୍କ ଐତିହାସିକ ଯାତ୍ରା ପାଇଁ ଅଭିନନ୍ଦନ ଜଣାଇବା ସହ ଆଗାମୀ ପ୍ରତିଯୋଗିତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ତାଙ୍କ ପ୍ରୟାସ ଓ ସଫଳତାକୁ ସ୍ୱୀକୃତି ଦେଇଥିବାରୁ କିଶୋର ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏଥିସହ କ୍ରୀଡ଼ାବିତ୍‌ମାନେ ଯେପରି ନିଜ କ୍ରୀଡ଼ା ପ୍ରତି ଧ୍ୟାନ କେନ୍ଦ୍ରିତ କରିପାରିବେ ସେଥିନେଇ ରାଜ୍ୟ ସରକାର ସମସ୍ତ ପ୍ରକାର ସାହାଯ୍ୟ ଓ ପ୍ରୋତ୍ସାହନ ଯୋଗାଇ ଦେଉଥିବାରୁ ସେ ଓଡ଼ିଶା ସରକାରଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି ।

ବିଶ୍ୱ ଆଥ୍‌ଲେଟିକ୍ସ ଦୁନିଆରେ ପୁରୀର ଏହି ଜାଭେଲିନ୍ ତାରକା ଏକ ଜ୍ୱଳନ୍ତ ଉଦାହରଣ ପାଲଟିଛନ୍ତି। ଏହି ବର୍ଷଟି ତାଙ୍କ ପାଇଁ ଅନେକ ସଫଳତା ଆଣିଦେଇଛି । ଏସୀୟ କ୍ରୀଡ଼ା ପ୍ରସ୍ତୁତି ସମୟରେ ବୁଦାପେଷ୍ଟରେ ଅନୁଷ୍ଠିତ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପରେ ପଞ୍ଚମ ସ୍ଥାନ ଅଧିକାର କରି ସେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଥିବାରୁ ତାଙ୍କର ଏହି ସ୍ୱୀକୃତି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ୫୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଥିଲେ । କିଶୋର କ୍ରମାଗତ ଭାବରେ ନିଜର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନକୁ ଅତିକ୍ରମ କରିଛନ୍ତି ଏବଂ ଆଗାମୀ ପ୍ୟାରିସ ଅଲିମ୍ପିକ୍ସ ୨୦୨୪ରେ ଏହି ଧାରାକୁ ବଜାୟ ରଖିବା ନିମନ୍ତେ ଆଶା ରଖିଛନ୍ତି ।

# ଦୀପଙ୍କର ଓଡ଼ିଶା ହକି ପ୍ରମୋଶନ କାଉନସିଲ ନିର୍ଦ୍ଦେଶକ

ଭୁବନେଶ୍ୱର, ୧୭।୧୦

(ତପନ ସ୍ୱାଇଁ)

ଓଡ଼ିଶା ହକି ପ୍ରମୋଶନ କାଉନସିଲର ନିର୍ଦ୍ଦେଶକଭାବେ ଦୀପଙ୍କର ମହାପାତ୍ରଙ୍କୁ ରାଜ୍ୟ ସରକାର ନିଯୁକ୍ତ କରିଛନ୍ତି। ସେ ଓଡ଼ିଶା ହକି ପ୍ରମୋଶନ କାଉନ୍ସିଲର ପରିଚାଳନାକୁ ଓଭରଅଲ୍ ତଦାରଖ କରିବା ସହ ରାଜ୍ୟରେ କିପରି ହକି ଅଧିକ ଲୋକପ୍ରିୟ ହୋଇପାରିବ ସେ ଦିଗରେ କାର୍ଯ୍ୟ କରିବେ। ନିଯୁକ୍ତ ହେବାପରେ ସେ ରାଜ୍ୟ ହକି ଇକୋସିଷ୍ଟମ ସମ୍ପର୍କରେ ଅନୁଷ୍ଠାନର ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ସମସ୍ତେ ମିଶି ହକିର ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ସେ ଉତ୍ସାହିତ କରିଥିଲେ। ଓଡ଼ିଶା ଏବେ ହକିର ଗ୍ଲୋବାଲ ହବ୍‌ରେ ପରିଣତ ହୋଇଛି। ତାଙ୍କ ନେତୃତ୍ୱରେ ହକି ପ୍ରମୋଶନ କାଉନ୍‌ସିଲ ପ୍ରତିଭା ସମ୍ପନ୍ନ ଖେଳାଳିଙ୍କ ପାଇଁ ଅଧିକରୁ ଅଧିକ ସୁଯୋଗ ସୃଷ୍ଟି କରିବା ସହ ଜାତୀୟ ଦଳରେ ଯେପରି ଓଡ଼ିଶାର ଅଧିକ ପ୍ରତିନିଧିତ୍ୱ ରହିବ ସେ ଲକ୍ଷ୍ୟରେ କାର୍ଯ୍ୟ କରିବ।



ଦୀପଙ୍କର ମହାପାତ୍ର




# ପୁଣି ଚର୍ଚ୍ଚାରେ ସାନିଆ-ଶୋଏବ



**ମୁମ୍ବାଇ,୧୭।୧୦:** ଭାରତୀୟ ଟେନିସ୍ ଷ୍ଟାର ସାନିଆ ମିର୍ଜା ଓ ପାକିସ୍ତାନୀ କ୍ରିକେଟର ଶୋଏବ ମଲିକଙ୍କ ଡିଭୋର୍ସ ପୁଣି ଥରେ ଚର୍ଚ୍ଚାର ବିଷୟ ପାଲଟିଛି। ସାନିଆଙ୍କ ଇନ୍‌ଷ୍ଟାଗ୍ରାମ ଷ୍ଟୋରି ଏହି ଚର୍ଚ୍ଚାର ମୁଖ୍ୟ କାରଣ ପାଲଟିଛି। 'ଯଦି ମୁଁ କଥା ହେଉଛି ତେବେ ମୁଁ ତୁମ ବିଷୟରେ ଚିନ୍ତା କରୁଛି ମାତ୍ର ଯଦି ମୁଁ ନୀରବ ତେବେ ସମ୍ପର୍କ ଶେଷ' ବୋଲି ସାନିଆ ସୋମବାର ନିଜ ଇନ୍‌ଷ୍ଟାଗ୍ରାମରେ ଏକ ଷ୍ଟୋରି ରଖିଥିଲେ। ଉଭୟ ସାନିଆ ଓ ଶୋଏବ ବର୍ଷେରୁ ଅଧିକ ସମୟ ଧରି ଅଲଗା ରହୁଛନ୍ତି। ସାନିଆ ୫ ବର୍ଷର ପୁଅ ସହ ଦୁବାଇରେ ରହୁଥିବା ବେଳେ ଶୋଏବ ପାକିସ୍ତାନରେ ରହୁଛନ୍ତି। ସମୟ ସମୟରେ ସାନିଆ-ଶୋଏବଙ୍କ ଡିଭୋର୍ସକୁ ନେଇ ଚର୍ଚ୍ଚା ହେଉଥିବା ବେଳେ ଉଭୟ ସେଲିବ୍ରିଟି ଏହାକୁ ନେଇ କିଛି ପ୍ରତିକ୍ରିୟା ପ୍ରକାଶ କରିନାହାନ୍ତି। ନିକଟରେ ଅନ୍ତର୍ଜାତୀୟ ଟେନିସ୍‌ରୁ ଅବସର ଗ୍ରହଣ କରିଥିବା ସାନିଆଙ୍କ ଷ୍ଟୋରି ପରେ ସେ ଓ ଶୋଏବ ଅଲଗା ହେଉଥିବା ନେଇ ଫ୍ୟାନଙ୍କ ମଧ୍ୟରେ ଆଲୋଚନା ହେଉଛି।

କିଛି ଦିନ ପୂର୍ବରୁ ସାନିଆ ନିଜ ଇନ୍‌ଷ୍ଟାଗ୍ରାମରୁ ସବୁ ଫଟୋ ଡିଲିଟ୍ କରି ଦେଇଥିଲେ। ବର୍ତ୍ତମାନ ସାନିଆଙ୍କ ଆଇଡିରେ ଶୋଏବଙ୍କ ଗୋଟିଏ ବି ଫଟୋ ନାହିଁ। ଅନ୍ୟ ପକ୍ଷରେ ଶୋଏବ ମଧ୍ୟ ନିଜ ଇନଷ୍ଟା ବାୟୋ ପରିବର୍ତ୍ତନ କରିଛନ୍ତି। ପୂର୍ବରୁ ସେ ଜଣେ ସୁପର ଓମ୍ୟାନଙ୍କ ସ୍ୱାମୀ ବୋଲି ଲେଖିଥିବା ବେଳେ ବର୍ତ୍ତମାନ ଜଣେ ଚମତ୍କାର ଶିଶୁର ପିତା ବୋଲି ଲେଖିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ପାକିସ୍ତାନୀ ଅଭିନେତ୍ରୀ ଓ ମଡେଲ ଆୟେଶା ଓମାରଙ୍କ ସହିତ ଫଟୋଶୁଟ୍ ପରେ ଉଭୟଙ୍କ ସମ୍ପର୍କ ଖରାପ ହେବା ନେଇ ଆଲୋଚନା ହୋଇଥିଲା।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ